# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୧/୨୦୧୯ (୨୦ ପୃଷ୍ଠା) | Bhubaneswar, Monday, July 1/2019 | ★★★★★★

୪୫ଶ ଭାଗ ୨୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-






KP GROUP
Quality Since 1965
KAMLA PASAND
ନିଆରା ସ୍ୱାଦ
NEW PACK
KAMLA PASAND
Anokha Swad
PAN MASALA
Watch at:
YouTube
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ। 0% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ। ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଜୁଲାଇ ୧/୨୦୧୯ | Bhubaneswar, Monday, July 1/2019 | ପୃଷ୍ଠା-୧



**ପ୍ରଣବ ଦାସ ଡବ୍ଲ୍ୟୁସିଓ ନିର୍ଦ୍ଦେଶକ**

ପ୍ରଥମ ଓଡ଼ିଆ ଓ ଭାରତୀୟ ଭାବେ ଆଇଆର୍‌ଏସ୍ ଅଧିକାରୀ ପ୍ରଣବ ଦାସ ବିଶ୍ୱ ସୀମା ଶୁଳ୍କ ପ୍ରତିଷ୍ଠାନ (ଡବ୍ଲ୍ୟୁସିଓ)ର ନିର୍ଦ୍ଦେଶକ ନିର୍ବାଚିତ ହୋଇଛନ୍ତି।

୧୫ ୦୬

**ଧର୍ମ ପାଇଁ ଅଭିନୟ ଛାଡ଼ିଲେ ଜାୟରା**

'ଦଙ୍ଗଲ ଗର୍ଲ' ଜାୟରା ୱସିମ୍ ଧର୍ମ ପାଇଁ ଅଭିନୟ ଛାଡ଼ିଥିବା ରବିବାର ଏକ ଫେସ୍‌ବୁକ୍ ପୋଷ୍ଟରେ ଘୋଷଣା କରିଛନ୍ତି।








# ଉତ୍ତର କୋରିଆରେ ଟ୍ରମ୍ପ

**ଏଭଳି ପଦକ୍ଷେପ ନେବାରେ ପ୍ରଥମ ଆମେରିକା ରାଷ୍ଟ୍ରପତି**

ସିଓଲ/ପାନ୍‌ମୁନ୍‌ଜୋମ୍, ୩୦।୬ (ପି.ଟି./ ଆଇଏଏନ୍‌ଏସ୍)

ଏକ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ଘଟଣାକ୍ରମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରବିବାର ଉତ୍ତର କୋରିଆ ମାଟିରେ ପାଦ ଦେଇଛନ୍ତି। ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ସୀମା ବା ଅଣସାମରିକ ମଣ୍ଡଳ (ଡିଏମ୍‌ଜେଡ୍) ଅତିକ୍ରମ କରି ସେ ପ୍ୟୋଙ୍ଗ୍‌ୟାଙ୍ଗ୍ ଶାସକ କିମ୍ ଜଙ୍ଗ୍ ଉନ୍‌ଙ୍କୁ ସାକ୍ଷାତ୍ କରିଛନ୍ତି। ଏହାସହ ବିଶ୍ୱର ଶେଷ ଶୀତଳଯୁଦ୍ଧ ସୀମା ଅତିକ୍ରମ କରି ଉତ୍ତର କୋରିଆ ଯିବାରେ ଟ୍ରମ୍ପ୍ ଆମେରିକାର ପ୍ରଥମ ନେତା ଭାବେ ମାନ୍ୟତା ଲାଭ କରିଛନ୍ତି। ତାଙ୍କର ଏହି ପଦକ୍ଷେପକୁ କୂଟନୈତିକ ମହଲରେ ପ୍ରଶଂସା କରାଯାଉଛି।

ଡିଏମ୍‌ଜେଡ୍ ହେଉଛି ଅସ୍ତ୍ରବିରତି ଚୁକ୍ତି ଗ୍ରାମ ପାନ୍‌ମୁନ୍‌ଜୋମ୍‌କୁ ଦୁଇଭାଗରେ ବିଭକ୍ତ କରୁଥିବା ସୀମା, ଯାହାକୁ ଜଏଣ୍ଟ ସିକ୍ୟୁରିଟି ଏରିଆ ମଧ୍ୟ କୁହାଯାଏ। ଦୁଇଦିନିଆ ଦକ୍ଷିଣ କୋରିଆ ଗସ୍ତରେ ଥିବା ଟ୍ରମ୍ପ୍ ପ୍ରଥମେ ଏମ୍‌ଡିଏଲ୍ ଆଡ଼କୁ ଅଗ୍ରସର ହୋଇଥିଲେ। ଉତ୍ତର କୋରିଆ ନେତା କିମ୍ ଜଙ୍ଗ ଉନ୍ ସେଠାରେ ଟ୍ରମ୍ପଙ୍କୁ ଅପେକ୍ଷା କରିଥିଲେ। ଟ୍ରମ୍ପ୍ ଏହି ସୀମା ଡେଇଁ ଉତ୍ତର କୋରିଆ ମାଟିରେ ପାଦ ଦେବା ପରେ କିମ୍ ତାଙ୍କ ଆଡ଼କୁ ହାତ ବଢ଼ାଇଥିଲେ। ଉଭୟେ ଫଟୋ ପାଇଁ ପୋଜ୍ ଦେବା ପରେ ଦକ୍ଷିଣ କୋରିଆ ପଟକୁ ଚାଲି ଚାଲି ଯାଇଥିଲେ। ପରେ ଦୁଇନେତା ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜାଏ-ଇନ୍‌ଙ୍କ ସହ ମିଶି ଫ୍ରିଡମ୍ ହାଉସ୍‌କୁ ଯାଇଥିଲେ। ଟ୍ରମ୍ପ୍ ଓ କିମ୍ ଗଣମାଧ୍ୟମକୁ ସମ୍ବୋଧିତ କରିବା ପୂର୍ବରୁ ରୁଦ୍ଧଦ୍ୱାର ବୈଠକ କରିଥିଲେ। ଏହି ଅବସରରେ ଗଣମାଧ୍ୟମକୁ ଟ୍ରମ୍ପ୍ କହିଛନ୍ତି, ଡିଏମ୍‌ଜେଡ୍ ଅତିକ୍ରମ କରିବା ତାଙ୍କ ପାଇଁ ଏକ ବଡ଼ ସମ୍ମାନ। କିମ୍‌ଙ୍କ ସହ ପୁନଃ ଆଲୋଚନା ପାଇଁ ସେ ରାଜି ହୋଇଛନ୍ତି। ଆସନ୍ତା ଦୁଇରୁ ତିନି ସପ୍ତାହ ମଧ୍ୟରେ ଉଭୟ ପକ୍ଷର ଟିମ୍ କାର୍ଯ୍ୟ ଆରମ୍ଭ କରିବେ। ଆମେରିକା ପକ୍ଷରୁ ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଫେନ୍ ବିଏଗନ୍ ଏହାକୁ ଆଗକୁ ବଢ଼ାଇବେ। ସେହିପରି କିମ୍ ମଧ୍ୟ ଏହି ସାକ୍ଷାତ୍‌କୁ ଏକ 'ଐତିହାସିକ ମୁହୂର୍ତ୍ତ' ଭାବେ ଅଭିହିତ କରିଛନ୍ତି। ଏହି ସୀମା ଅତିକ୍ରମରୁ ପ୍ୟୋଙ୍ଗ୍‌ୟାଙ୍ଗ୍-ୱାଶିଂଟନ ସମ୍ପର୍କର ଏକ ନୂଆ ଭବିଷ୍ୟତ ପାଇଁ ତାଙ୍କର ନିଷ୍ପତ୍ତି ପ୍ରତିଫଳିତ ହୋଇଛି ବୋଲି ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଟ୍ରମ୍ପ୍ କିମ୍‌ଙ୍କୁ ୱାଶିଂଟନ୍‌କୁ ଆମନ୍ତ୍ରଣ କରିଥିଲେ। ହେଲେ କିମ୍ ଏହାକୁ ସ୍ୱୀକାର କରିଥିବା ନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ଆମନ୍ତ୍ରଣ ରକ୍ଷା କଲେ କିମ୍ ହେବେ ଆମେରିକା ଗସ୍ତ କରୁଥିବା ଉତ୍ତର କୋରିଆର ପ୍ରଥମ ନେତା।

ପ୍ରକାଶ ଯେ, ୧୯୫୩ରେ ଆର୍ମିଷ୍ଟାଇସ୍ ଚୁକ୍ତି ବଳରେ କୋରିଆ ଯୁଦ୍ଧର ଅବସାନ ହୋଇଥିଲା। ସେବେଠୁ ଦୁଇ ରାଷ୍ଟ୍ରର କୌଣସି ନେତା ପାନ୍‌ମୁନ୍‌ଜୋମ୍‌ରେ ଏକାଠି ହୋଇ ଆଲୋଚନା କରି ନ ଥିଲେ। ୨୦୧୭ରେ ଉତ୍ତର କୋରିଆ ପକ୍ଷରୁ ଏକାଧିକ ଆଣବିକ କ୍ଷେପଣାସ୍ତ୍ର ପରୀକ୍ଷଣ ପରେ ଆମେରିକା ସହ ଉତ୍ତେଜନା ବୃଦ୍ଧିପାଇଥିଲା। ଟ୍ରମ୍ପ୍ ଓ କିମ୍ ପରସ୍ପରକୁ ଯୁଦ୍ଧ ଧମକ ଦେଉଥିବାବେଳେ କୋରିଆ ଉପଦ୍ୱୀପ ଅଶାନ୍ତ ହୋଇଉଠିଥିଲା। ପରବର୍ତ୍ତୀ ସମୟରେ ଦୁଇନେତା ୨୦୧୮ ଜୁନ୍‌ରେ ସିଙ୍ଗାପୁରରେ ପ୍ରଥମଥର ପାଇଁ ପରସ୍ପରକୁ ଭେଟିଥିଲେ। ସେହିପରି ଭିଏତ୍‌ନାମର ହାନୋଇରେ ଗତ ଫେବୃୟାରୀରେ ଉଭୟଙ୍କ ମଧ୍ୟରେ ହୋଇଥିବା ସାକ୍ଷାତ୍ ଆଲୋଚନା ବିଫଳ ହୋଇଯାଇଥିଲା।



ଦୁଇ କୋରିଆର ସୀମାବର୍ତ୍ତୀ ପାନ୍‌ମୁଜୋମ୍ ଗ୍ରାମରେ ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍ ଉନ୍‌ଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।

- **କିମ୍‌ଙ୍କୁ ୱାଶିଂଟନ୍‌କୁ ଆମନ୍ତ୍ରଣ କଲେ ଟ୍ରମ୍ପ୍**
- **ପୁନଃ ଆଲୋଚନା ପାଇଁ ଦୁଇନେତାଙ୍କ ମଧ୍ୟରେ ସହମତି**

# ରାଜ୍ୟରେ ଲାଗୁହେବ 'ଏକ ଦେଶ, ଏକ ରାଶନ କାର୍ଡ'

- **ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ସୂଚନା**
- **ରାଜ୍ୟବାସୀଙ୍କ ସ୍ୱାର୍ଥକୁ ପ୍ରାଥମିକତା**

ଭୁବନେଶ୍ୱର,୩୦।୬(ବ୍ୟୁରୋ)

ଦେଶର ଯେକୌଣସି ସ୍ଥାନରେ ଖାଉଟିମାନେ ଶସ୍ତାରେ ରାଶନ ପାଇ ପାରିବା ପାଇଁ କେନ୍ଦ୍ର ସରକାର ଲାଗୁ କରିଛନ୍ତି 'ଏକ ଦେଶ, ଏକ ରାଶନ କାର୍ଡ' ଯୋଜନା। ଧାର୍ଯ୍ୟ ସମୟ ମଧ୍ୟରେ ଏହି ଯୋଜନାରେ ଓଡ଼ିଶା ଭଳି କେତେକ ରାଜ୍ୟ ସାମିଲ ହୋଇ ନ ଥିଲେ। କେନ୍ଦ୍ର ସରକାର ସାରା ଦେଶରେ ଏହି ଯୋଜନା ଲାଗୁ କରିବା ପାଇଁ ଶନିବାର ଏକ ବର୍ଷ ଅର୍ଥାତ୍ ୩୦ ଜୁନ୍ ୨୦୨୦ ପର୍ଯ୍ୟନ୍ତ ସମୟ ବଢ଼ାଇଥିଲେ। ରାଜ୍ୟବାସୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେବାକୁ ଯାଇ ଓଡ଼ିଶାରେ 'ଏକ ଦେଶ, ଏକ ରାଶନ କାର୍ଡ' ଯୋଜନା ଲାଗୁ କରାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରବିବାର କହିଛନ୍ତି।

ମନ୍ତ୍ରୀ ସ୍ୱାଇଁ କହିଛନ୍ତି ଯେ, କେନ୍ଦ୍ର ଦ୍ୱାରା ପ୍ରସ୍ତାବିତ କୌଣସି ଗଠନ ଓ ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ବିରୋଧ କରାଯିବ ନାହିଁ। ହେଲେ ସମସ୍ତ ଯୋଜନାରେ ରାଜ୍ୟର ସ୍ୱାର୍ଥକୁ ସର୍ବାଧିକ ପ୍ରାଥମିକତା ଦିଆଯିବ। ରାଜ୍ୟ ବାହାରେ ରହୁଥିବା ଓଡ଼ିଆମାନେ ଯେପରି ଖାଦ୍ୟ ସୁରକ୍ଷା ଯୋଜନାରୁ ସହାୟତା ପାଇପାରିବେ, ସେ ଦିଗରେ ଧ୍ୟାନ ଦିଆଯିବ ବୋଲି ମନ୍ତ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି।

ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଜଣେ ହିତାଧିକାରୀ ଖାଦ୍ୟ ପାଇବାକୁ ହକ୍‌ଦାର। ଯଦି ଏହା ହେଉନାହିଁ, ତେବେ ସେହି ଅନୁପାତରେ ରାଜ୍ୟ ସରକାର ତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାର ନିୟମ ରହିଛି। ଯଦି ଓଡ଼ିଶାର ଜଣେ ବ୍ୟକ୍ତି ଅନ୍ୟ ରାଜ୍ୟକୁ ଯାଆନ୍ତି ତାହାହେଲେ ସେଠାରେ ନୂଆ ରାଶନ କାର୍ଡ ଆବେଦନ କରିବା ଭଳି ସମସ୍ୟାରୁ 'ଏକ ଦେଶ, ଏକ ରାଶନ କାର୍ଡ' ଯୋଜନା ମୁକ୍ତି ଦେବ। ଗ୍ୟାସ ସଂଯୋଗୀକରଣ କ୍ଷେତ୍ରରେ ଉପଭୋକ୍ତାଙ୍କୁ ଯେଭଳି ନିଜର ଡିଲର ପରିବର୍ତ୍ତନ କରିବାକୁ ପଡିଥାଏ ରାଶନ କାର୍ଡରେ ମଧ୍ୟ ସେହିଭଳି ବ୍ୟବସ୍ଥା ରହିବ ବୋଲି ହରିଚନ୍ଦନ କହିଛନ୍ତି।

କଂଗ୍ରେସ ନେତା ରାମଚନ୍ଦ୍ର ଖୁଣ୍ଟିଆ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିବା ସହ କାର୍ଯ୍ୟକାରିତାକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ରାମଚନ୍ଦ୍ର କହିଛନ୍ତି ଯେ, କେନ୍ଦ୍ରରେ କ୍ଷମତାସୀନ ଏନ୍‌ଡିଏ ସରକାର ଲୋକଙ୍କୁ ଅତୀତରେ ଠକିଥିବାର ବହୁ ଉଦାହରଣ ରହିଛି। ବାହାର ରାଜ୍ୟରେ କାମ କରୁଥିବା ବହୁତ ଓଡ଼ିଆ ଏବେସୁଦ୍ଧା ରାଶନ କାର୍ଡ ପାଇନାହାନ୍ତି।






**ମହିଳା ଫରେଷ୍ଟ ଅଫିସରଙ୍କୁ ଟିଆର୍‌ଏସ୍ ସମର୍ଥକଙ୍କ ମାଡ଼**

........୨........

**ଆଜିର ସମ୍ପାଦକୀୟ**

**ନ୍ୟାୟ୍ୟ ଉଡାନ**

**ଆଜିର ମନ୍ତବ୍ୟ**

"କେନ୍ଦ୍ରର 'ଏକ ଦେଶ, ଏକ ରାଶନ୍ କାର୍ଡ' ଯୋଜନା ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ।

-ଏମ୍.କେ. ଷ୍ଟାଲିନ୍, ଡିଏମ୍‌କେ ଅଧ୍ୟକ୍ଷ

**କିଛି ତଥ୍ୟ**

ଚଳିତ ବର୍ଷ ଜୁନ ମାସରେ ଦେଶର ପୁଞ୍ଜି ବଜାରରେ ବିଦେଶୀ ନିବେଶକମାନେ ୧୦,୩୮୪ କୋଟି ଟଙ୍କା ନିବେଶ କରିଛନ୍ତି।

- ଷ୍ଟକ ବଜାର ଡିପୋଜିଟୋରୀ ଡାଟା


NECC NATIONAL EGG CO-ORDINATION COMMITTEE | 30.06.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 104 | 163 | 173 |
| CTC | 104 | 163 | 173 |
| DKL | 104 | 163 | 173 |
| BDK | 102 | 161 | 171 |
| BLS | 102 | 161 | 171 |
| ANG | 104 | 163 | 173 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers


# ଭାରତକୁ ପ୍ରଥମ ଝଟ୍‌କା

**ଆଇସିସି ବିଶ୍ୱକପ୍**

ବର୍ମିଂହାମ, ୩୦।୬

ଚଳିତ କ୍ରିକେଟ ବିଶ୍ୱକପରେ ଭାରତକୁ ପ୍ରଥମ ଝଟ୍‌କା ଲାଗିଛି। କ୍ରମାଗତ ୫ ବିଜୟ ପରେ ରବିବାର ପ୍ରଥମ ପରାଜୟ ବରଣ କରିଛି ବିରାଟ ବାହିନୀ। ହାଇସ୍କୋରିଂ ମ୍ୟାଚରେ ଟିମ୍‌ଇଣ୍ଡିଆ ଇଂଲଣ୍ଡଠାରୁ ୩୧ ରନରେ ପରାଜୟ ବରଣ କରିଛି। ଜନି ବେୟାରଷ୍ଟୋ(୧୧୧ ରନ)ଙ୍କ ଶତକ ସହାୟତାରେ ଇଂଲଣ୍ଡ ୫୦ ଓଭରରେ ୭ ଉଇକେଟ ହରାଇ ୩୩୭ ରନ ସଂଗ୍ରହ କରିଥିଲା। ଜବାବରେ ରୋହିତ ଶର୍ମା(୧୦୨)ଙ୍କ ଶତକ ସତ୍ତ୍ୱେ ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୦୬ ରନ କରିବାକୁ ସକ୍ଷମ ହୋଇଛି। ପରାଜୟ ସତ୍ତ୍ୱେ ଭାରତ ୭ ମ୍ୟାଚରୁ ୧୧ ପଏଣ୍ଟ ସହିତ ଟେବୁଲର ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ଏହି ବିଜୟ ଆୟୋଜକ ଇଂଲଣ୍ଡ ପାଇଁ ନୂଆ ଜୀବନ ସଦୃଶ ହୋଇଛି। ଦଳ ୮ ମ୍ୟାଚରୁ ୫ମ ବିଜୟ ସହ ୧୦ ପଏଣ୍ଟ ପାଇ ଟେବୁଲର ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇ ସେମିଫାଇନାଲ ପ୍ରବେଶ ଆଶା ଉଜ୍ଜୀବିତ କରିଛି। ଇଂଲଣ୍ଡର ଏହି ବିଜୟ ପାକିସ୍ତାନର ଚିନ୍ତାକୁ କିନ୍ତୁ ବଢ଼ାଇ ଦେଇଛି। କାରଣ ପାକିସ୍ତାନ ୮ ମ୍ୟାଚରୁ ୯ ପଏଣ୍ଟ ପାଇଥିବାରୁ ୫ମ ସ୍ଥାନକୁ ଖସିଛି। ଇଂଲଣ୍ଡ ଜୁଲାଇ ୩ରେ ଏହାର ଶେଷ ଲିଗ୍ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ଏବଂ ପାକିସ୍ତାନ ୫ରେ ବାଂଲାଦେଶକୁ ଭେଟିବ। ଏହି ମ୍ୟାଚର ଫଳାଫଳ ଅନେକାଂଶରେ ଦୁଇ ଦଳର ଭାଗ୍ୟ ନିର୍ଣ୍ଣୟ କରିବ। ଭାରତ ଏହାର ଶେଷ ୨ ଲିଗ୍ ମ୍ୟାଚ ଜୁଲାଇ ୨ରେ ବାଂଲାଦେଶ ଏବଂ ୬ରେ ଶ୍ରୀଲଙ୍କା ବିପକ୍ଷରେ ଖେଳିବ। ଏଥିରୁ ଗୋଟିଏରେ ବିଜୟୀ ହେଲେ ସେମିଫାଇନାଲରେ ପ୍ରବେଶ କରିବ।

(ଅଧିକ ରିପୋର୍ଟ ଖେଳ ପୃଷ୍ଠାରେ)



**ଜନି ବେୟାରଷ୍ଟୋ**
- ରନ: ୧୧୧
- ବଲ: ୧୦୯
- ଚୌକା:୧୦
- ଛକା:୬

- ଇଂଲଣ୍ଡ ୫୦ ଓଭରରେ ୩୩୭/୭
- ଭାରତ ୫୦ ଓଭରରେ ୩୦୬/୫



ବିହାର ପରେ ଏବେ ଆସାମରେ ଏନ୍‌ସେଫାଲାଇଟିସ୍ ଆତଙ୍କ ଦେଖାଦେଇଛି। ଏଠାରେ ମୃତ୍ୟୁସଂଖ୍ୟା ୧୨ରେ ପହଞ୍ଚିଛି। ଜୋରହାଟରେ ଗୋଟିଏ ରାତିରେ ୬ ଜଣଙ୍କ ଜୀବନହାନି ଘଟିବା ପରେ କେନ୍ଦ୍ର ସରକାର ପରିସ୍ଥିତି ସମୀକ୍ଷା ଲାଗି ଏକ ଟିମ୍ ପଠାଇଛନ୍ତି। ପ୍ରକାଶଥାଉ କି, ଏଠାରେ ଏଇଏସ୍‌ରେ ୪୮ ଓ ୧୭ ଜେଇ ପଜିଟିଭ୍ ଚିହ୍ନଟ କରାଯାଇଛି। ସ୍ଥିତି ଉପରେ କାବୁ ପାଇବା ଲାଗି ପ୍ରଶାସନିକ ତତ୍ପରତା ବୃଦ୍ଧି ପାଇଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ................................

ବୟସ:................................

ଜନ୍ମ ତାରିଖ: ..............................



ପ୍ରଜ୍ଞା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମହିଳା ଫରେଷ୍ଟ ଅଫିସରଙ୍କୁ ଟିଆର୍‌ଏସ୍ ସମର୍ଥକଙ୍କ ମାଡ଼

**ବିଧାୟକଙ୍କ ଭାଇ ସମେତ ୧୬ ଗିରଫ**

**ହାଇଦ୍ରାବାଦ, ୩୦।୬**

ତେଲେଙ୍ଗାନାର କୋମାରାମ ଭୀମ ଆସିଫାବାଦ ଜିଲାର ସିର୍‌ପୁର କାଗଜନଗର ବ୍ଲକରେ ମହିଳା ଫରେଷ୍ଟ ଅଫିସର ସି. ଅନୀତାଙ୍କୁ ରବିବାର ଶାସକ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍)ର ସମର୍ଥକମାନେ ନିସ୍ତୁକ ମାଡ଼ ମାରିଛନ୍ତି। ଏଠାରେ ଥିବା ଏକ ୨୦ ହେକ୍ଟର ଜଙ୍ଗଲ ଜମିରେ ବୃକ୍ଷରୋପଣ କରାଯିବାର ଥିଲା। ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଉଥିଲେ ଅନୀତା। ରାଜ୍ୟ ସରକାରଙ୍କ କାଲେଶ୍ୱରମ୍ ଜଳସେଚନ ପ୍ରକଳ୍ପର ଏହା ଏକ ଅଂଶବିଶେଷ ଥିଲା। ସ୍ଥାନୀୟ ଲୋକମାନେ ଏହି ଜମିରେ ବେଆଇନ ଚାଷ କରିଆସୁଥିବାରୁ ଏଭଳି କାର୍ଯ୍ୟକୁ ବିରୋଧ କରିଥିଲେ। ମହିଳା ଫରେଷ୍ଟ ଅଫିସର ଅନୀତା ୩୦ଜଣ ପୋଲିସ ଓ ୩୦ଜଣ ଫରେଷ୍ଟ ଗାର୍ଡଙ୍କ ସହ ସେଠାକୁ ଯାଇ ବୃକ୍ଷରୋପଣ ଆରମ୍ଭ କରିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ଉତ୍ତେଜନା ବୃଦ୍ଧି ପାଇବା ସହ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା।

ଆକ୍ରମଣ ବେଳେ ମହିଳା ଅଫିସର ଜଣକ ଅସହାୟ ଅବସ୍ଥାରେ ଏକ ଟ୍ରାକ୍ଟର ଉପରେ ଚଢିଯାଇଥିଲେ।



ମହିଳା ଫରେଷ୍ଟରଙ୍କୁ ଟିଏମ୍‌ସି କର୍ମୀମାନେ ଆକ୍ରମଣ କରୁଛନ୍ତି।

କିନ୍ତୁ ଟିଆର୍‌ଏସ୍ ସମର୍ଥକ ଓ ସ୍ଥାନୀୟ ଲୋକମାନେ ସଂଘବଦ୍ଧ ହୋଇ ଚାରିପଟୁ ଘେରିଯିବା ସହ ଲାଠିରେ ମରଣାନ୍ତକ ଆକ୍ରମଣ କରିଥିଲେ। ସେ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଆକ୍ରମଣର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏହି ଘଟଣାରେ ଜଣେ ଟିଆର୍‌ଏସ୍ ବିଧାୟକଙ୍କ ଭାଇ ସମେତ ପୋଲିସ ୧୬ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

ଆକ୍ରମଣକାରୀଙ୍କ ମଧ୍ୟରେ ଜିଲା ପରିଷଦ ଉପାଧ୍ୟକ୍ଷ କୋନେରୁ କ୍ରିଷ୍ଣା ଓ ସିର୍‌ପୁର ବିଧାୟକ କୋନେରୁ କୋନାପ୍ପାଙ୍କ ଭାଇ ସାମିଲ ଥିଲେ। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି, ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଥିବା ଜଣେ ମହିଳା ଫରେଷ୍ଟ ଅଫିସରଙ୍କୁ ଏଭଳି ମରଣାନ୍ତକ ଆକ୍ରମଣ କରାଯାଇଛି। ପୋଲିସ ଅଧିକାରୀମାନେ ତାଙ୍କୁ ସୁରକ୍ଷା ଦେବାକୁ ଚେଷ୍ଟା କରିଥିଲେ ହେଁ ସେମାନଙ୍କ ଉଦ୍ୟମ ବ୍ୟର୍ଥ ଯାଇଥିଲା। କେତେକ ଫରେଷ୍ଟ ଗାର୍ଡ ଓ ପୋଲିସ କର୍ମଚାରୀ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣର ମଧ୍ୟ ଶିକାର ହୋଇଥିଲେ। ଏନେଇ ତଦନ୍ତ ଆରମ୍ଭ ହୋଇଥିବା ଜିଲା ପୋଲିସ ମୁଖ୍ୟ ମାଲ୍ଲା ରେଡ୍ଡୀ ପ୍ରକାଶ କରିଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ଲାଗି ଉଦ୍ୟମ କରାଯାଉଥିବା ସେ କହିଛନ୍ତି।

# ଚଳଚ୍ଚିତ୍ର ପ୍ରଯୋଜକ କେଶବ ଚନ୍ଦ୍ର ରାଉତଙ୍କ ପରଲୋକ

**କଟକ ଅଫିସ,୩୦।୬**



ଓଡ଼ିଆ ସିନେଜଗତର ଖ୍ୟାତନାମା ପ୍ରଯୋଜକ ତଥା ବରିଷ୍ଠ କଂଗ୍ରେସ ନେତା କେଶବ ଚନ୍ଦ୍ର ରାଉତ(୬୫)ଙ୍କ ରବିବାର ପୂର୍ବାହ୍ନରେ ହୃଦ୍‌ଘାତରେ ପରଲୋକ ଘଟିଛି। କଟକ ଜିଲା ଶଙ୍କରପୁରର ପରିଡ଼ାସାହିସ୍ଥିତ ବାସଭବନରେ ପୂର୍ବାହ୍ନ ପ୍ରାୟ ୧୦ଟାରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡ଼ିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ମରଶରୀର ବାସଭବନରେ ପହଞ୍ଚିଥିଲା। ସେଠାରେ ସହରର ଅନେକ ବରିଷ୍ଠ ବ୍ୟକ୍ତିବିଶେଷ, କଳାକାର, ସିନେପ୍ରେମୀ ତାଙ୍କର ଶେଷଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ମୀନା ରାଉତ, ପୁଅ ରଶ୍ମିରଞ୍ଜନ, ସ୍ମୃତିରଞ୍ଜନ, ଝିଅ ସସ୍ମିତା, ପୁଷ୍ପିତା, ଇତିଶ୍ରୀ, ପୁତ୍ରବଧୂ, ନାତିନାତୁଣୀ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ରଶ୍ମିରଞ୍ଜନ ମୁଖାଗ୍ନି ଦେଇଥିଲେ। କେଶବଙ୍କ ମୃତ୍ୟୁରେ ସିନେଜଗତରେ ଶୋକର ଛାୟା ଖେଳିଯାଇଛି।

ସିନେମା ପ୍ରତି ଭଲପାଇବା ହିଁ କେଶବଙ୍କୁ ଟାଣି ଆଣିଥିଲା ସିନେ ଦୁନିଆକୁ। ପିଲାବେଳୁ ଏହି ରଙ୍ଗିନ ଦୁନିଆ ପ୍ରତି ତାଙ୍କର ଦୁର୍ବଳତା ଥିଲା। ଘରୁ ଲୁଚିଲୁଚି ସାଙ୍ଗମାନଙ୍କ ସହ ସିନେମା ଦେଖିବାକୁ ଯାଉଥିବା କେଶବ ପ୍ରଥମେ ସିନେ ବିତରକ ଭାବେ କାର୍ଯ୍ୟାରମ୍ଭ କରିଥିଲେ। ୧୯୮୭ରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଚଳଚ୍ଚିତ୍ର 'ମାନିନୀ'। ସଙ୍ଗମ ହଲରେ ଏହି ଫିଲ୍ମକୁ ଦେଖିବା ପରେ ନିଜେ ସିନେମା ପ୍ରଯୋଜନା କରିବେ ବୋଲି ମନସ୍ଥ କରିଥିଲେ କେଶବ। ହଲ୍‌ରୁ ବାହାରିବା ପରେ ମାନିନୀ ଚଳଚ୍ଚିତ୍ରର ନିର୍ଦ୍ଦେଶକ ରବି କିନାଗୀଙ୍କୁ ଭେଟି ନିଜ ମନକଥା ଜଣାଇଥିଲେ। ନିର୍ଦ୍ଦେଶକ ରବି ଓ ତାଙ୍କ ଭାଇ ତଥା କ୍ୟାମେରାମ୍ୟାନ ରାଜ କିନାଗୀଙ୍କ ସହଯୋଗରେ କ୍ୟାରିୟରର ପ୍ରଥମ ଚଳଚ୍ଚିତ୍ର ନିର୍ମାଣ କରିଥିଲେ କେଶବ। ଚଳଚ୍ଚିତ୍ରର ନାଁ ଥିଲା ସୁନା ଚଢ଼େଇ। ୧୯୮୮ରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ର ଏବେ ବି ରାଜ୍ୟ ସିନେଜଗତ ପାଇଁ ଏକ ମାଇଲଖୁଣ୍ଟ। ଏହି ଚଳଚ୍ଚିତ୍ରରେ ସୁପରହିଟ୍‌ର ମୋହର ବାଜିବା ପରେ କେଶବ ପଛକୁ ବୁଲି ଚାହିଁନାହାନ୍ତି। ଭୀଷ୍ମ ପ୍ରତିଜ୍ଞା, ସୁନା ସଂସାର, ସୁନା ହରିଣୀ, ଜୀବନସାଥୀ ଭଳି ଅନେକ ସୁପରହିଟ୍ ଓଡ଼ିଆ ଚଳଚ୍ଚିତ୍ର ଏହି ପ୍ରଯୋଜକଙ୍କର ଅବଦାନ। ତେବେ କଳାକୁ ଭଲ ପାଉଥିବା କେଶବ ନିଜେ ମଧ୍ୟ କିଛି ଚଳଚ୍ଚିତ୍ରରେ ଅଭିନୟ କରି କଳାକାର ଭାବେ ନିଜକୁ ପ୍ରତିପାଦିତ କରିଛନ୍ତି। ଟେଲିଭିଜନ ଦୁନିଆରେ ମଧ୍ୟ କେଶବ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି। ଯେତେବେଳେ ଓଡ଼ିଆ ସିନେଜଗତ ଦୁର୍ଦ୍ଦିନରେ ଗତି କରିବ ବୋଲି ସାଧାରଣରେ କୁହାଯାଉଥିଲା ସେତେବେଳେ ଏହି ପ୍ରଯୋଜକ ଜଣକ ସିନେମା ପ୍ରସ୍ତୁତ କରି କଳାକୁ ବଞ୍ଚାଇ ରଖିବାରେ ଅଦମ୍ୟ ସାହସ ଦେଖାଇଥିଲେ ବୋଲି ଅନେକ ପୁରୁଖା ସିନେପ୍ରେମୀ ମତବ୍ୟକ୍ତ କରିଛନ୍ତି। କେଶବ ୩ଥର କାଉନସିଲର ଭାବେ ନିର୍ବାଚିତ ମଧ୍ୟ ହୋଇଛନ୍ତି।

# ପୂର୍ବ ଶତ୍ରୁତାରୁ ରମ୍ଭା କଲେଜ ଡେମୋନଷ୍ଟ୍ରେଟରଙ୍କୁ ହତ୍ୟା

**ଗଞ୍ଜାମ,୩୦।୬(ଡି.ଏନ.ଏ.)**

ଗଞ୍ଜାମ ଜିଲା ରମ୍ଭା ଥାନା ବିରୁଳିଗଡ଼ ରାସ୍ତା ପଣସଡ଼ିଅ ସାଉକାର ପୋଖରୀ ନିକଟ ରାସ୍ତା କଡ଼ରୁ ରବିବାର ପୋଲିସ ଏକ ମୃତଦେହ ଉଦ୍ଧାର କରିଛି। ସେ ହେଲେ ଖଲ୍ଲିକୋଟ ଥାନା କୁସିଢ଼େପା ଗ୍ରାମର ଅଶ୍ୱିନ କୁମାର ମିଶ୍ର (୫୧)। ସେ ରମ୍ଭା ଜଗନ୍ନାଥ ମହାବିଦ୍ୟାଳୟରେ ଡେମୋନଷ୍ଟ୍ରେଟର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମୁଣ୍ଡ ପଛ ପାଖ ଏବଂ ମୁହଁରେ କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଛି। ମୃତକଙ୍କ ଭାଇ ରେବନ୍‌ଙ୍କ ଏତଲାକ୍ରମେ ପୋଲିସ ନଂ. ୧୨୭/୧୯ରେ ମାମଲା ରୁଜୁ କରିଛି। ଛତ୍ରପୁର ଏସ୍‌ଡିପିଓ ଉତ୍କଳ କେଶରୀ ଦାସ, ଛତ୍ରପୁର ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାଏ ଓ ରମ୍ଭା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ। ପରେ ପୋଲିସ ସାଇଣ୍ଟିଫିକ୍ ଟିମର ଏ.କେ. ସାମଲ, ମୌସୁମୀ ଦଳାଇ ଏବଂ ଡଗ୍ ମାଷ୍ଟର ଏ. ବାଳକ୍ରିଷ୍ଣା ରାଏ ସନ୍ଧାନୀ କୁକୁର ସହାୟତାରେ ଘଟଣାର ଖୋଳତାଡ଼ ଆରମ୍ଭ କରିଛନ୍ତି।

ପ୍ରକାଶ ଯେ, ରାସ୍ତାପାର୍ଶ୍ୱରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତକଙ୍କ ପକେଟରୁ ଏକ ପର୍ସ, ଦିଆସିଲି ଓ ଚାବି ସହ ବାଇକ୍ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ଅନ୍ୟ ସ୍ଥାନରେ ହତ୍ୟା କରି ସେଠାରେ ଗାଡ଼ି ସହ ମୃତଦେହ ଫୋପାଡ଼ି ଦୁର୍ଘଟଣାର ରୂପ ଦେବା ପାଇଁ ଅଭିଯୁକ୍ତମାନେ ଚେଷ୍ଟା କରିଛନ୍ତି ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜାଣାପଡ଼ିଛି। ଅନ୍ୟପଟେ ମୃତ ମିଶ୍ର ରମ୍ଭା ପାଣ୍ଡ ନିବାସ ନିକଟରେ ଭଡ଼ା ଘର ନେଇ ଏକୁଟିଆ ରହୁଥିଲେ। ଏକ ମାସ ପୂର୍ବେ ତାଙ୍କ ସହ ସ୍ଥାନୀୟ ଅଞ୍ଚଳର କେତେକ ବ୍ୟକ୍ତିଙ୍କ ଝଗଡ଼ା ହୋଇଥିଲା। ଏହାକୁ କେନ୍ଦ୍ରକରି ଏଭଳି ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି। ଏହି ହତ୍ୟା ଘଟଣାରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ସମ୍ପୃକ୍ତି ଥିବା ସନ୍ଦେହରେ ପୋଲିସ ତାଙ୍କୁ ଥାନାରେ ଅଟକ ରଖି ପଚାରା ଉଚରା କରୁଥିଲା। ଅଟକ ବ୍ୟକ୍ତି ହଠାତ୍ ଅସୁସ୍ଥ ହୋଇଯିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ କରାଯାଉଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। କିନ୍ତୁ ଏ ସମ୍ପର୍କରେ ଛତ୍ରପୁର ଏସ୍‌ଡିପିଓ ଦାସ ଏହାକୁ ଖଣ୍ଡନ କରିଛନ୍ତି।

## ■ ଗଣଶିକ୍ଷା ବିଭାଗର କଡ଼ା ଆଭିମୁଖ୍ୟ

# ଶିକ୍ଷକଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ ହେବ

**ଭୁବନେଶ୍ୱର,୩୦।୬(ବ୍ୟୁରୋ)**

- ପ୍ରମାଣ ମିଳିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ଆବଶ୍ୟକସ୍ଥଳେ ଚାକିରିରୁ ବହିଷ୍କାର
- ଅକ୍ଟୋବର ୧୫ ସୁଦ୍ଧା ରିପୋର୍ଟ ଦେବାକୁ ଡିପିସି, ବିଇଓଙ୍କୁ ନିର୍ଦ୍ଦେଶ

ଏଣିକି ଜୁନିୟର ବା ଠିକା ଶିକ୍ଷକଙ୍କ ଶିକ୍ଷାଗତ ପ୍ରମାଣପତ୍ର କଡାକଡି ଯାଞ୍ଚ କରାଯିବ। କେତେଜଣ ଶିକ୍ଷକ ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର ଦେଇଥିବା ଅଭିଯୋଗ ଆସିବା ପରେ କଡ଼ା ଆଭିମୁଖ୍ୟ ପୋଷଣ କରିଛି ସ୍କୁଲ ଓ ଗଣଶିକ୍ଷା ବିଭାଗ। ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଗାଇଡ୍ ଲାଇନ୍ ଜାରି କରାଯାଇଥିବାବେଳେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ରାଜ୍ୟର ସମସ୍ତ ଜିଲା ଶିକ୍ଷା ଅଧିକାରୀମାନଙ୍କୁ ପତ୍ର ଲେଖି ଜଣାଇଛନ୍ତି। ଜାଲ୍ ପ୍ରମାଣପତ୍ର ଦେଇଥିବା ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ଆବଶ୍ୟକ ପଡ଼ିଲେ ସେହି ଅଯୋଗ୍ୟ ଶିକ୍ଷକମାନଙ୍କୁ ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ କାଢ଼ି ଦେବାକୁ ନିର୍ଦ୍ଦେଶ ଦେଇଛି ବିଭାଗ।

ନିଯୁକ୍ତି ସମୟରେ କେତେଜଣ ଶିକ୍ଷକ ଜାଲ୍ ପ୍ରମାଣପତ୍ର ଦେଇଥିବାବେଳେ ଆଉ କେତେଜଣ ଶିକ୍ଷା ସହାୟକରୁ ନିୟମିତ ଶିକ୍ଷକକୁ ପଦୋନ୍ନତି ହେବାବେଳେ ଏଭଳି କାଗଜପତ୍ର ଦାଖଲ କରିଥିବା ଅଭିଯୋଗ ହୋଇଛି। ଏହାକୁ ନଜରରେ ରଖି ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେବ। ଜିଲା ପ୍ରକଳ୍ପ ସଂଯୋଜକ(ଡିପିସି) ଏବଂ ବ୍ଲକ୍ ଶିକ୍ଷା ଅଧିକାରୀ(ବିଇଓ) ଏହି ଯାଞ୍ଚ ପ୍ରକ୍ରିୟାରେ ସାମିଲ ହେବେ। ପ୍ରାଥମିକ ପର୍ଯ୍ୟାୟରେ ଶିକ୍ଷକଙ୍କ ଶିକ୍ଷାଗତ ସହ ଟ୍ରେନିଂ ସାର୍ଟିଫିକେଟ ଯାଞ୍ଚ କରାଯିବ। ୨୦୧୧ ଜାନୁୟାରୀ ୧ରୁ ନିଯୁକ୍ତ ତଥା ନିୟମିତ ହୋଇଥିବା ଶିକ୍ଷକ ଓ ଠିକା ଶିକ୍ଷକଙ୍କର ପ୍ରଥମ ପର୍ଯ୍ୟାୟରେ ସାର୍ଟିଫିକେଟ ଯାଞ୍ଚ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକମାନେ କନିଷ୍ଠ ବା ଠିକା ଶିକ୍ଷକଙ୍କର ସାର୍ଟିଫିକେଟ ସହ ମାର୍କଶିଟ୍ ଯାଞ୍ଚ କରିବେ। ସେହିଭଳି ନିୟମିତ ଏବଂ ଏକ୍ସ କ୍ୟାଡର୍ ବା ଲେଭଲ୍ ୫ ଶିକ୍ଷକମାନଙ୍କର ସାର୍ଟିଫିକେଟ ଯାଞ୍ଚ ଦାୟିତ୍ୱ ବିଇଓ ନେବେ। ଯାଞ୍ଚ ପରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ସେମାନେ ରିପୋର୍ଟ ପ୍ରଦାନ କରିବେ। ଏଥିପାଇଁ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇ ନଜର ରଖାଯିବ ଓ ଆବଶ୍ୟକ ପଡ଼ିଲେ ସାର୍ଟିଫିକେଟର ସତ୍ୟତା ଜାଣିବାକୁ ଏକ ଟିମ୍ ରାଜ୍ୟ ବାହାରେ ଥିବା ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟକୁ ଯିବେ। ସେହିଭଳି ଅଭିଯୋଗ ଆସିଲେ ୨୦୧୧ ପୂର୍ବରୁ ନିଯୁକ୍ତ ତଥା ନିୟମିତ ପଦବୀ ପାଇଥିବା ଶିକ୍ଷକମାନଙ୍କର ସାର୍ଟିଫିକେଟ ମଧ୍ୟ ଯାଞ୍ଚ କରାଯିବ। ଜାଲ୍ ସାର୍ଟିଫିକେଟର ପ୍ରମାଣ ମିଳିଲେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଏଫ୍‌ଆଇଆର୍ ଦିଆଯିବା ସହ ଚାକିରିରୁ ବହିଷ୍କାର କରାଯିବ। ଉଭୟ ଡିପିସି ଏବଂ ବିଇଓମାନଙ୍କୁ ସେପ୍ଟେମ୍ବର ୩୦ ସୁଦ୍ଧା ଯାଞ୍ଚ ପ୍ରକ୍ରିୟା ଶେଷ କରି ଅକ୍ଟୋବର ୧୫ ସୁଦ୍ଧା ଗଣଶିକ୍ଷା ବିଭାଗକୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ରୋହିଣୀ ନକ୍ଷତ୍ରସ୍ଥ ଚନ୍ଦ୍ର ଅର୍ଥଲାଭ,ସାମାଜିକ ସମ୍ମାନ ସହ କାର୍ଯ୍ୟସିଦ୍ଧି କରାଇବ। ଦୀର୍ଘଦିନ ହେଲା ଯାହା ହୋଇପାରିନି ତାହା ପୂର୍ଣ୍ଣତା ଲାଭ କରିବା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଯିବ। ଶିକ୍ଷା କ୍ଷେତ୍ରରେ ସୁନାମ, ପିଲାମାନଙ୍କ ସଫଳତା, ନୂତନ ବନ୍ଧୁସମ୍ପର୍କ ମାନସିକ ସ୍ଥିତିକୁ ହର୍ଷିତ କରିପାରେ।

**ବୃଷ**
ଶନି ଓ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତି କାର୍ଯ୍ୟ ହାସଲରେ ବିଜାତୀୟ ବ୍ୟକ୍ତିଙ୍କ ପ୍ରତିବାଦର ସ୍ୱରକୁ ତୀବ୍ର କରିପାରେ। ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇଲେ ଅପଦସ୍ଥ ହୋଇପାରନ୍ତି। ଜମିଜମା କାରବାର, ନୂତନ ଘର ତିଆରି, ଯାନବାହନ ମରାମତି, ଦୋକାନର ଉନ୍ନତୀକରଣ ଦିଗରେ ମନୋନିବେଶ କରିପାରନ୍ତି।

**ମିଥୁନ**
ଧନ ସ୍ଥାନରେ ବୁଧଯୁକ୍ତ ମଙ୍ଗଳ ବନ୍ଧୁଙ୍କ ସହ କଳହର ସୂତ୍ରପାତ କରାଇପାରନ୍ତି। ଆଶା କରିଥିବା ସ୍ଥାନରୁ ଅର୍ଥ ପାଇବାରେ କୌଣସି ଅସୁବିଧା ହେବନାହିଁ। ଘର କିମ୍ବା ଜମିଜମା, ପୁରୁଣା ଗାଡ଼ି ଓ ଯାନ୍ତ୍ରିକ ଜିନିଷ କ୍ରୟବିକ୍ରୟ କ୍ଷେତ୍ରରେ ଦ୍ୱନ୍ଦ୍ୱଯୁକ୍ତ ହୋଇପାରନ୍ତି। ଆଜିର ଯାତ୍ରା, କଚେରି ମାମଲା, ମନୋରଞ୍ଜନ କାର୍ଯ୍ୟକ୍ରମ ଦିଗରୁ ଉପକୃତ ହେବେ।

**କର୍କଟ**
ରାଶ୍ୟାଧିପତିଙ୍କ ଉଚ୍ଚାବସ୍ଥାନ କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। କର୍ମକ୍ଷେତ୍ରରେ ଦୃଢ଼ ମନୋବଳ ନେଇ କୌଣସି କଥାକୁ ଖାତିର ନ କରି ଆଗକୁ ମାଡ଼ିଚାଲିବେ। ପରୋକ୍ଷ ଶତ୍ରୁତାଜନିତ ଟେନ୍‌ସନ ଲାଗି ରହିବା ଯୋଗୁ ସାମୟିକ ଆନମନା ରହିପାରନ୍ତି। ସହକର୍ମୀ, ପାଖପଡ଼ୋଶୀ କିମ୍ବା ନବାଗତ ବନ୍ଧୁଙ୍କ ସହ ଆଳାପ ଆଲୋଚନା ବେଶ୍ ଜମିପାରେ।

**ସିଂହ**
ଲାଭ ଭାବରେ ଏକାଧିକ ଗ୍ରହଙ୍କ ସ୍ଥିତି ଆପଣଙ୍କ ଆଶା ପୂରଣ କରିବାରେ ସମର୍ଥ ହେବ। ପାରିବାରିକ କ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ବାଣିଜ୍ୟ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବା ହେତୁ ଚିନ୍ତାଗ୍ରସ୍ତ ହୋଇପାରନ୍ତି। ପର ଉପରେ ନିର୍ଭର କରିବା କାରଣରୁ କେତେକ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେଇପାରେ।

**କନ୍ୟା**
ଶନି ଓ ବୃହସ୍ପତିଙ୍କ ସ୍ଥିତି ପରିବାର, ଲୋକସମ୍ପର୍କ, ଯାନବାହନ, ସଭାସମିତି ତଥା ସାମୂହିକ କାମରେ ସମସ୍ୟା ସୃଷ୍ଟି କରିପାରେ। କର୍ମାଧିପତି ଏକାଦଶସ୍ଥ ହୋଇ ଅଷ୍ଟମାଧିପତି ସହ ମିଳିତ ହୋଇଥିବାରୁ ଅଭିଳଷିତ ଜିନିଷର ପ୍ରାପ୍ତି ଆଶା ନିରର୍ଥକ ହୋଇପାରେ। ପ୍ରଶାସନ, କଳା, ସାହିତ୍ୟ, ପ୍ରକାଶନ ଓ ପରିବହନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା**
କର୍ମ ସ୍ଥାନରେ ବୁଧ ଓ ମଙ୍ଗଳଙ୍କ ସ୍ଥିତି କାରଣରୁ ଆପଣଙ୍କ ଯାତ୍ରା ପ୍ରୀତିପ୍ରଦ ରହିବ। ଆନୁଷଙ୍ଗିକ ଆର୍ଥିକ ସାହାଯ୍ୟ ଓ ବ୍ୟକ୍ତିଗତ ସହଯୋଗ ଲାଭକରି କାମ ହାସଲ କରିବାରେ କୌଣସି ଅସୁବିଧା ହେବ ନାହିଁ। ଆନୁଷ୍ଠାନିକ କାମରେ ଗଠନମୂଳକ ପରାମର୍ଶ ଦେଇ ବନ୍ଧୁ ତଥା ସହକର୍ମୀମାନଙ୍କ ପ୍ରିୟପାତ୍ର ହେବେ।

**ବିଚ୍ଛା**
ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ର ଆପଣଙ୍କ ନୂତନ କର୍ମାରମ୍ଭ, ଅଭିଳଷିତ ଦ୍ରବ୍ୟପ୍ରାପ୍ତି ଓ ବନ୍ଧୁମିଳନ ପାଇଁ ଅପୂର୍ବ ସୁଯୋଗ ସୃଷ୍ଟି କରିବ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଆନୁଷ୍ଠାନିକ କାମ, ସାମୂହିକ ଆଲୋଚନା, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ।

**ଧନୁ**
ଅଷ୍ଟମାଧିପତି ଚନ୍ଦ୍ର ଧନାଧିପତିଙ୍କ ସହ ଷଷ୍ଠାଷ୍ଟମ ସ୍ଥିତିରେ ରହିଥିବାରୁ ଆପଣଙ୍କ ବିବାଦୀୟ ମନ୍ତବ୍ୟ ଯୋଗୁ ଅପ୍ରିୟତା ଅର୍ଜନ କରିପାରନ୍ତି। ପାରିବାରିକ ଅଶାନ୍ତି କେତେକାଂଶରେ ଥମିଯିବା କାରଣରୁ ପୂର୍ବାଷାଢ଼ ନକ୍ଷତ୍ର ଆଶ୍ୱସ୍ତି ଲାଭ କରିବେ। ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବା ଫଳରେ ସମାଧାନ ବିଳମ୍ବିତ ହୋଇପାରେ।

**ମକର**
ଗ୍ରହମାନଙ୍କ ଅନୁକୂଳତା କାରଣରୁ ଯିଏ ଯାହା କହୁନା କାହିଁକି, ଆପଣ ଯେମିତି ଭାବୁଛନ୍ତି ସେମିତି କରିବା ମନ୍ଦ ହେବନି। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ର, ରାଜନୀତି, ସାଂସ୍କୃତିକ କାମରେ ପ୍ରଶଂସିତ ହେବେ। ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ।

**କୁମ୍ଭ**
କର୍ମାଧିପଙ୍କ ବଳହୀନ ହେଲେ ମଧ୍ୟ ଶନିଙ୍କ ଧୈର୍ଯ୍ୟ ଓ ସହନଶୀଳତା ଦ୍ୱାରା ଆପଣଙ୍କ ସମସ୍ତ ଚେଷ୍ଟା ଓ ପରିଶ୍ରମ ମୂଲ୍ୟହୀନ ହୋଇ ନ ପାରେ। କେତେକ ଆକସ୍ମିକ ସମସ୍ୟାକୁ ନେଇ ଯାତ୍ରା, କର୍ମାରମ୍ଭ କିମ୍ବା ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ପୂର୍ବ ପରିକଳ୍ପିତ ନୂଆ ଯୋଜନା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେକରିବେ।

**ମୀନ**
ଚନ୍ଦ୍ରଙ୍କ କେନ୍ଦ୍ରସ୍ଥାନରେ ବୃହସ୍ପତି ଅପୂର୍ବ ଯୋଗ ସୃଷ୍ଟିକରି ଆପଣଙ୍କ ଶ୍ରମ ସାର୍ଥକ କରାଇବେ। କିନ୍ତୁ ପାପଗ୍ରହ ମଧ୍ୟସ୍ଥ ଗୁରୁ ଓ ଚନ୍ଦ୍ର ଯୋଗୁ ମନର ଅସ୍ଥିରତା ସାଙ୍ଗକୁ ଶାରୀରିକ ସୁସ୍ଥତା ନ ରହିବା ହେତୁ କୌଣସି କାମ ଉତ୍ସାହପ୍ରଦ ହେବନାହିଁ। କର୍ମକ୍ଷେତ୍ର, ସଭାସମିତି, ରାଜନୈତିକ ତଥା ବ୍ୟବସାୟ କ୍ଷେତ୍ରରେ ସ୍ଥିରତା ଫେରିଆସିବ।

ଆଜି ଆଷାଢ଼ କୃଷ୍ଣ ଚତୁର୍ଦ୍ଦଶୀ ସୋମବାର, ଶ୍ରୀମନ୍ଦିରରେ ଅଣସର ଚତୁର୍ଦ୍ଦଶୀ, ଚକା ଅପସାରଣ, ଚିକିତ୍ସକ ଦିବସ, ଜିଏସ୍‌ଟି ଦିବସ, ବନ ମହୋତ୍ସବ ସପ୍ତାହ ଆରମ୍ଭ, ଜୁଲାଇ ୧ ତାରିଖ, ରାଶି ନକ୍ଷତ୍ର-ରୋହିଣୀ/ବୃଷ, ମିଥୁନ ରାଶିର ଘାତବାର, ଦିବା ଘ୧୦।୨୭ମି.ରେ ମୃଗଶିରା ନକ୍ଷତ୍ର ହେବ। ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଦିବା ଘ୬।୪୯ମି. ମଧ୍ୟେ, ଘ୧।୦୪ମି. ଗତେ ଘ୨।୪୩ମି. ମଧ୍ୟେ, ଘ୪।୪୨ମି. ଗତେ ଘ୬।୨୧ମି. ମଧ୍ୟେ ଅମୃତବେଳା।


**classifieds Everyday 0674-2580101, 2549302**

**real estate**

**SALE**

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931. D-66705

ଖୋର୍ଦ୍ଧା townରୁ 7k.m ନବୋଦୟ school ପାଖରେ Govt. ପିଚୁରୋଡ଼କୁ ଲାଗି ଘରବାରି boundary commercial/ residential plot sqft 850/-ରେ ନେଇ ଘରକରନ୍ତୁ। 8480281029. D-66709

୨୦୦ ଫୁଟ ରାସ୍ତାକୁ ଲାଗି ଜାଗାବିକ୍ରି ହେଉଛି। ବର୍ଗଫୁଟର ମୂଲ୍ୟ ୧୬୦/- ଟଙ୍କା। Contact: 9668135813. D-59932

ଭୁବନେଶ୍ୱର ସୁଧାନନ୍ଦ କଲେଜ ପାଖରେ ପିଚୁରୋଡ଼କୁ ଲାଗି ଘରବାରି ପ୍ଲଟ ବିକ୍ରି ହେବ। **9583725970.** D-66721

Bhubaneswar Patia new Railway station ଠାରେ ସ୍ଥିତିବାନ demarcated plot sqft 500/-, 700/-. 9938501324, 7064471511. D-66706

Ready 2BHK/3BHK flats sales at Chandrasekharpur, Patia. 7008346486, 9937009250. D-66583

ଭୁବନେଶ୍ୱର KEC, ଗୁଡିଆ-ପୋଖରୀଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-13113

**BDAର Southcityରେ ନିର୍ମିତ ବୃହତ୍ତମ IIT Arugulଠାରେ ପିଚୁରାସ୍ତା ଏବଂ Electric ସୁବିଧାଥାଇ ଘରବାରି plot ଶସ୍ତାରେ କିଣନ୍ତୁ। 7978773097.** D-66719

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଛାରୁ ବିକ୍ରିହେବ। 9178660666. D-66584

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନବନିର୍ମିତ **Grandbazar** ସମ୍ମୁଖରେ ଘରବାରି **plot** କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ। **9438525948.** D-66717

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

**Schedule caste ଘରବାରି ପାଚେରି ପ୍ଲଟ ପିଚୁରୋଡ sideରେ ଅରଗୁଳ Railway Station and Spintonic college 4400sqft. 8,80,000/-. 9439006524.** D-66720

ଭୁବନେଶ୍ୱର CV Raman College front ରେ developed plot 10,00,000/- ରେ ପାଚେରି ସହିତ ବିକ୍ରିହେବ। 9178217222. D-66723

ଫୁଲନଖରାସ୍ଥିତ **Delhi Public School**କୁ ଲାଗି ଘରବାରି **plot** ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହନିର୍ମାଣ କରନ୍ତୁ। **9438432164.** D-66718

ପୁରୀ ମଙ୍ଗଳା ଘାଟ ବାଏପାସ୍‌ରେ SC, ST ସ୍ଥିତିବାନ୍ ପ୍ଲଟ ବିକ୍ରୟ ହେବ। Mob no: 9861960700, 7978041062. D-63780

**ଘରବାରୀ demarcation plot sale ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରାସ୍ତାକଡ଼ରେ 2400sqft. 13,20,000/-9437306208.** D-66722

**healthcare**

Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Full body massage with refreshment, expert therapist. 7381239385, 0674-2540855. D-66573

Experience full body massage with us (expert). Call: 7377048581, 0674-2597822. D-66574

Herbal full body massage by smart/expert therapist. Contact: 8338067247. D-66575

Newly opening ayur-vedic body massage smart therapist, Shree herbal. 7750020754. D-66576

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କଂଗ୍ରେସ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ସୋମବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଭେଟିବେ। ଦଳୀୟ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବା ଲାଗି ଅଡ଼ି ବସିଥିବା ରାହୁଲ ସେମାନଙ୍କ ସହ ଦଳର ସଙ୍ଗଠନ ଓ ନେତୃତ୍ୱ ନେଇ ଆଲୋଚନା କରିବେ। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ,ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲା ଓ ପଣ୍ଡିଚେରି ମୁଖ୍ୟମନ୍ତ୍ରୀ ଭି. ନାରାୟଣସାମି ଯୋଗଦେବେ।



## ସଂକ୍ଷେପରେ

ଜଗତ୍‌ସିଂହପୁର: ଜିଲା ମୁଖ୍ୟଚିକିତ୍ସାଳୟରେ ମଦ ମିଳିବା ଘଟଣା

### ୩ ଦିନ ମଧ୍ୟରେ ତଦନ୍ତ ସାରି ରିପୋର୍ଟ ଦେବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୩୦।୬(ବ୍ୟୁରୋ):** ଜଗତସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ମଦ ମିଳିବା ଘଟଣାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ରବିବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ଏବଂ ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୩ ଦିନ ମଧ୍ୟରେ ଘଟଣାର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରି ବିଭାଗକୁ ତଦନ୍ତ ରିପୋର୍ଟ ଦେବା ପାଇଁ କୁହାଯାଇଛି। ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ସିକ୍ୟୁରିଟି ରୁମ୍‌ରୁ ମଦ ମିଳିଥିବା ଅଭିଯୋଗ ହୋଇଥିଲା। ଏମିତି କି ହସ୍ପିଟାଲ ସହ ସମ୍ପର୍କ ଥିବା କେତେକ ବ୍ୟକ୍ତି ବିଶେଷ ସ୍ୱାସ୍ଥ୍ୟାନୁଷ୍ଠାନ ପରିସରରେ ବେଆଇନ ମଦ କାରବାର କରୁଥିବା ସନ୍ଦେହ କରାଯାଉଛି। ସ୍ଥାନୀୟ ପୋଲିସ ପ୍ରଶାସନ ପ୍ରାଥମିକ ତଦନ୍ତ କରିଥିଲେ ମଧ୍ୟ ପ୍ରକୃତ ତଥ୍ୟ ଏଯାବତ୍ ପଦାକୁ ଆସିନାହିଁ। ପୋଲିସ ପକ୍ଷରୁ ଏ ନେଇ ଏକାଧିକ କର୍ମଚାରୀଙ୍କୁ ପଚରାଉଚରା ଜାରି ରହିଛି।

ଉଦ୍ଧବ ଠାକ୍‌ରେ-ଧର୍ମେନ୍ଦ୍ର ସାକ୍ଷାତ

### ‘ମହାରାଷ୍ଟ୍ରର ବିକାଶ ଉପରେ ଲକ୍ଷ୍ୟ’

**ଭୁବନେଶ୍ୱର, ୩୦।୬(ବ୍ୟୁରୋ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଶିବସେନାର ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କୁ ସାକ୍ଷାତ କରିଛନ୍ତି। ଠାକ୍‌ରେଙ୍କ ସହ ସାକ୍ଷାତ କରିବାପରେ ଧର୍ମେନ୍ଦ୍ର ଏହାକୁ ଟୁଇଟ୍ କରି ଜଣାଇଛନ୍ତି। ଟୁଇଟ୍ ଜରିଆରେ ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି ଯେ, ମହାରାଷ୍ଟ୍ରର ବିକାଶ ପାଇଁ ଠାକ୍‌ରେଙ୍କ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା ହୋଇଛି। କେନ୍ଦ୍ର ସରକାରଙ୍କ ସହ ହାତ ମିଶାଇ କିଭଳି ମହାରାଷ୍ଟ୍ର ବିକାଶ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯିବ ସେ ନେଇ ଆଲୋଚନା କରିଛୁ। ବିଶେଷଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟକୁ ପୂରଣ କରିବାରେ ମହାରାଷ୍ଟ୍ର ସରକାର କିଭଳି ସହଯୋଗ କରିବ ଏହା ଉପରେ ବିଶେଷ ଫୋକସ ରହିଥିଲା। ଏହାସହ ଭାରତର ଅର୍ଥନୈତିକ ଉନ୍ନତି ପାଇଁ ମଧ୍ୟ ଆଲୋଚନା କରାଯାଇଛି। ଭାରତକୁ ୫ ଟ୍ରିଲିୟନ ଡଲାର ବିଶିଷ୍ଟ ଅର୍ଥନୀତି କରିବାକୁ ପ୍ରଧାନମନ୍ତ୍ରୀ ଲକ୍ଷ୍ୟ ରଖିଥିବା ସମ୍ପର୍କରେ ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି।

### ମଣ୍ଡି ଖୋଲୁନି, ପଡ଼ି ରହିଲାଣି ଧାନ

**ଭୁବନେଶ୍ୱର, ୩୦।୬(ବ୍ୟୁରୋ):** ରାଜ୍ୟରେ ଧାନ ସଂଗ୍ରହ ସରିଛି କହି ଶନିବାରଠାରୁ ରାଜ୍ୟ ସରକାର ଧାନମଣ୍ଡିଗୁଡ଼ିକୁ ବନ୍ଦ କରିଛନ୍ତି। କିନ୍ତୁ ବର୍ତ୍ତମାନ ମଧ୍ୟ ଅନେକ ସ୍ଥାନରେ ହଜାର ହଜାର କୁଇଣ୍ଟାଲ ଧାନ ପଡିରହିଛି। ରବି ଧାନ ଚାଷ କରିଥିବା ଚାଷୀମାନଙ୍କ ପାଇଁ ଏ ପର୍ଯ୍ୟନ୍ତ ମଣ୍ଡି ଖୋଲିନାହିଁ। ଧାନ ଅମଳ ସରିବାପରେ ସୁଦ୍ଧା ଚାଷୀ ଧାନ ବିକ୍ରି କରିପାରୁନାହିଁ। ମଣ୍ଡି ନ ଖୋଲିବା ଯୋଗୁ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି ବୋଲି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତି କହିଛନ୍ତି। ଶିବାଜୀ କହିଛନ୍ତି ଯେ, ରାଜ୍ୟ ସରକାର ତାଙ୍କ ଅପାରଗତାକୁ ଲୁଚାଇବାକୁ ଯାଇ ନିଜ ପିଠି ଥାପୁଡାଇ ବାହାବା ନେଉଛନ୍ତି। ରାଜ୍ୟରେ ମୌସୁମୀ ସକ୍ରିୟ ହେବାପରେ ମଧ୍ୟ ସରକାର ଏବଂ କୃଷି ବିଭାଗର ଏ ପର୍ଯ୍ୟନ୍ତ ନିଦ ଭାଙ୍ଗିନାହିଁ। ମଣ୍ଡି ଆଗରେ ଧାନବସ୍ତା ପଡିରହିଥିବା ବେଳେ ହଠାତ୍ ରାଜ୍ୟ ସରକାର ଧାନ ସଂଗ୍ରହ ଅବଧି ଶେଷ ହୋଇଛି କହି ଦାୟିତ୍ୱ ନିଜ ମୁଣ୍ଡରୁ ଖସାଇବାକୁ ବସିଛନ୍ତି। ଚାଷୀ ମଣ୍ଡିରେ ଧାନ ବିକ୍ରି କରି ନ ପାରି ଅସାଧୁ ମିଲରମାନଙ୍କୁ କୁଇଣ୍ଟାଲ ପିଛା ୯ଶହରୁ ୧ହଜାର ଟଙ୍କାରେ ବିକ୍ରି କରିବାକୁ ବାଧ ହେଉଛି। ରାଜ୍ୟ ସରକାରଙ୍କ ଚାଷୀ ବିରୋଧୀ ମନୋଭାବ ଯୋଗୁ ହଜାର ହଜାର ବସ୍ତା ଧାନ ମଣ୍ଡି ଆଗରେ ଖତ ଖାଇବାକୁ ବସିଛି। ସମ୍ବଲପୁର, ବରଗଡ, ସୁବର୍ଣ୍ଣପୁର, କଳାହାଣ୍ଡି ଜିଲାଗୁଡିକରେ ଧାନମଣ୍ଡି ଖୋଲିନାହିଁ। ରାଜ୍ୟ ସରକାର ଏବଂ କୃଷିମନ୍ତ୍ରୀ ବାସ୍ତବ ସ୍ଥିତି ଉପରେ ଅବଗତ ନାହାନ୍ତି। ବରଗଡ ଜିଲାର ମହାଡ, ଅଗଲପୁର, ବରପାଲି ଓ ରେମଟା ଆଦି ମଣ୍ଡିରେ ୨୫ ହଜାରରୁ ଅଧିକ କୁଇଣ୍ଟାଲ ଧାନ ପଡିରହିଛି। କଳାହାଣ୍ଡି ଜିଲାରେ ଗତ ୧୮ରୁ ଧାନ କିଣା ସରିଲା କହି ଚାଷୀମାନଙ୍କୁ ଟୋକନ ଇସ୍ୟୁ କରାଯାଉନାହିଁ। ବରଗଡ ଜିଲାର ବରପାଲି ମଣ୍ଡି, ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ମଣ୍ଡିରେ ଦୀର୍ଘଦିନ ଧରି ପଡିରହିଥିବା ଧାନ ଗଜା ହେବାକୁ ବସିଲାଣି। ଏହାକୁ ଦୃଷ୍ଟିରେ ରଖି ସରକାର ଚାଷୀଙ୍କ ହିତ ପାଇଁ ଧାନମଣ୍ଡି ବନ୍ଦ କରିବା ନିଷ୍ପତ୍ତିକୁ ସ୍ଥଗିତ ରଖିବା ସହ ଧାନ କ୍ରୟ ନ ସରିବା ପର୍ଯ୍ୟନ୍ତ ମଣ୍ଡି ଖୋଲା ରଖିବାକୁ ଶିବାଜୀ ଦାବି କରିଛନ୍ତି।

# ମହାପ୍ରଭୁ ସୁସ୍ଥ ହେବା ଖବର ଜାଣିଲେ ଗଜପତି

## ରାଜପ୍ରସାଦ ବିଜେ

**ପୁରୀ ଅଫିସ, ୩୦।୬**

ପବିତ୍ର ସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡ଼ୁ ଜଳରେ ସ୍ନାନ ପରେ ଜ୍ୱରରେ ପଡ଼ିଥିଲେ ମହାପ୍ରଭୁ। ଅଣସର ଘରେ ଠାକୁରଙ୍କ ଗୁପ୍ତସେବା ଚାଲିଥିଲା। ଫୁଲୁରୀ ତେଲ ଓ ଓଷୁଅ ଲାଗି ପରେ ଏକାଦଶୀରେ ଦଶମୂଳ ମୋଦକ ଖାଇ ମହାପ୍ରଭୁ ସୁସ୍ଥ ହୋଇଛନ୍ତି। ଦଇତାପତି ସେବକମାନେ ଶ୍ରୀନଅରକୁ ଯାଇ ଦାରୁବିଗ୍ରହଙ୍କ ସୁସ୍ଥ ହେବା ଖବର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଜଣାଇଛନ୍ତି। ଏହାସହିତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ପ୍ରସାଦ ପ୍ରଦାନ କରିଛନ୍ତି। ଏହାକୁ ରାଜପ୍ରସାଦ ବିଜେ କୁହାଯାଏ।

ଆଷାଢ଼ କୃଷ୍ଣ ଦ୍ୱାଦଶୀ ତିଥିରେ ଅଣସରରେ ଥିବା ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ପ୍ରସାଦ ରାଜପ୍ରସାଦକୁ ବିଜେ ହେବାର ପରମ୍ପରା ରହିଛି। ରବିବାର ଶ୍ରୀମନ୍ଦିରରେ ଭୋଗମଣ୍ଡପ ନୀତି ସମ୍ପନ୍ନ ହେବା ପରେ ଦଇତାପତି ଅଣସର ଘର ଖୋଲି ଭିତରକୁ ଯାଇଥିଲେ। ଭଣ୍ଡାର ମେକାପ ଦେଇଥିବା ପାଟବସ୍ତ୍ର ପଡିଥିବା ରୂପାଥାଳି ଅଣସର ଘରକୁ ନେଇ ଠାକୁରଙ୍କ ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, କରାଳ, ପାଟଡୋରି ସଜେଇ କରି ରଖିଥିଲେ। ବେହେରଣ ଦ୍ୱାରରେ ଆସ୍ଥାନ ପଢିଆରୀ ପକାଇଥିବା ପାହାଡା (କପଡ଼ା) ଉପରେ ଏହି ଥାଳିକୁ ସଜାଇ ରଖିଥିଲେ। ଘଣ୍ଟ, ଛତା, କାହାଳୀ ସହ ଥାଳିଗୁଡ଼ିକୁ ଦଇତାପତିମାନେ ଗଜପତି ମହାରାଜାଙ୍କ ଉଦ୍ଦେଶ୍ୟରେ ଶ୍ରୀନଅରକୁ ନେଇ ଯାଇଥିଲେ। ଶ୍ରୀନଅର ରାଜବାଟୀରେ ପଡିଥିବା ଚାରିବାଡ଼ର ପାହାଡ଼ା ଉପରେ ଥାଳିମାନ ରଖିଥିଲେ। ରାଜଗୁରୁଙ୍କ ସହିତ ଗଜପତି ମହାରାଜା ଆସିଥିଲେ। ଏହାପରେ ଥାଳିଗୁଡ଼ିକୁ ସଂସ୍କାର କରି ରାଜଗୁରୁ ଗଜପତି ମହାରାଜାଙ୍କ ମୁଣ୍ଡରେ ଲଗାଇଥିଲେ। ଗଜପତି ମହାରାଜା ଦଇତାପତିମାନଙ୍କୁ ଶାଢି ବନ୍ଧେଇବା ଲାଗି ରାଜଗୁରୁଙ୍କୁ ଆଜ୍ଞା ପ୍ରଦାନ କରିଥିଲେ। ଦଇତାପତିମାନେ ଶାଢି ବନ୍ଧାଇବା ପରେ ଗଜପତିଙ୍କ ସହ ଠାକୁରଙ୍କ ଅଣସର ଘର କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଏଥିସହ ଠାକୁରଙ୍କ ସୁସ୍ଥ ହେବା ଖବର ମଧ୍ୟ ଦେଇଥିଲେ। ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ଶେଷ ହେବ ସେ ବିଷୟରେ ମଧ ଗଜପତି ଦଇତାପତିମାନଙ୍କ ସହ ଆଲୋଚନା କରିଥିଲେ।

**ଆଜି ଘଣା ଲାଗି**

ଅଣସର ଘରେ ଏବେ ମହାପ୍ରଭୁଙ୍କ ଶ୍ରୀଅଙ୍ଗର ସପ୍ତାବରଣ କାର୍ଯ୍ୟ ଚାଲିଛି। ସେଥିମଧ୍ୟରେ ରବିବାର ଘଣାକଟା ହୋଇଛି। ସୋମବାର ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ଲାଗି ଘଣାଲାଗି କରାଯିବ। ଘଣାଲାଗି କାର୍ଯ୍ୟ ସରିବା ପରେ ଜୟ ବିଜୟ ଦ୍ୱାର ଫିଟି ପଟିଦିଅଁଙ୍କର ମଙ୍ଗଳ ଆଳତି ହେବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ, ସୋମବାର ସନ୍ଧ୍ୟା ୬ଟାରେ ଖଳି ବିଜେ ହୋଇ ରାତ୍ର ୧୦ଟା ସୁଦ୍ଧା ଘଣାଲାଗି ସରିବ। ଏହାପରେ ଜୟବିଜୟ ଦ୍ୱାର ଫିଟି ରାତ୍ର ସାଢେ ୧୦ଟାରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ବଢିବ।



ଦଇତାପତି ସେବକମାନେ ଗଜପତି ମହାରାଜାଙ୍କୁ ଦାରୁ ବିଗ୍ରହ ସୁସ୍ଥ ହେବା ଖବର ଜଣାଉଛନ୍ତି।



## ଜିଲା ଚିଠି
### ବାଲେଶ୍ୱର

## ନାଁକୁ ଆଦର୍ଶ ଗାଁ

ବାଲେଶ୍ୱର ଜିଲା ବସ୍ତା ବ୍ଲକରେ ପ୍ରଥମ ଆଦର୍ଶ ଗାଁର ପରିଚୟ ପାଇଥିଲା ଆଗରପଡ଼ା। ମାତ୍ର ଯୋଜନା ଓ ବାସ୍ତବତା ଭିତରେ କିଭଳି ଫରକ ତାହା ଏହି ଗାଁକୁ ଦେଖିଲେ ବାରି ହୋଇପଡ଼େ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସହିତ ସୁନ୍ଦର ଓ ସ୍ୱଚ୍ଛ ପରିବେଶ ପାଇଁ କୌଣସି ଗାଁକୁ ଆଦର୍ଶ ମାନ୍ୟତା ମିଳିଥାଏ। କିନ୍ତୁ ଆଗରପଡ଼ା ଭିନ୍ନ ବ୍ୟତିକ୍ରମ। ଏଠି ଲୋକଙ୍କ ପାଖରେ ପହଞ୍ଚିପାରିନି ମୌଳିକ ସୁବିଧା। ୨୦୧୪-୧୫ ଆର୍ଥିକ ବର୍ଷରେ ଆଗରପଡ଼ାକୁ ଆଦର୍ଶ ଗାଁ ମାନ୍ୟତା ମିଳିବା ପରେ ଲୋକେ କେତେ କ'ଣ ସ୍ୱପ୍ନ ଦେଖିଥିଲେ। ସମସ୍ତଙ୍କୁ ପକ୍କା ଘର ମିଳିବ, ପକ୍କା ସଡ଼କ ହେବ, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ କୃଷିର ବିକାଶ ଘଟିବ ଏମିତି ଅନେକ ପ୍ରତିଶ୍ରୁତି ମିଳିଥିଲା। ପ୍ରଶାସନିକ ଅଧିକାରୀ ଓ ରାଜନୈତିକ ନେତୃବର୍ଗ ଆଦର୍ଶ ଗାଁର ବିକାଶ ପାଇଁ ଯୋଜନା ଠିଆ ପ୍ରସ୍ତୁତ ହୋଇଥିବା କହିଥିଲେ। ପରେ ପାନୀୟଜଳ ଭଳି ପ୍ରକଳ୍ପ କାମ ଆରମ୍ଭ ହୋଇଥିଲେ ବି ଏସବୁ ଅଧାପନ୍ତରିଆ ହୋଇପଡ଼ିଛି। ଆଦର୍ଶ ଗାଁର ମାନ୍ୟତା କାଗଜପତ୍ର ଅଳନ୍ଧୁରେ ହଜିଯାଇଛି।

ବାଲେଶ୍ୱର ଜିଲା ମାନଚିତ୍ରରେ ଆଗରପଡ଼ା ସମୁଦ୍ର ଉପକୂଳ ଅଞ୍ଚଳରେ ଥିବା ଏକ ବନ୍ୟା ପ୍ରଭାବିତ ଗାଁ। ସୁବର୍ଣ୍ଣରେଖାରେ ବନ୍ୟା ଆସିଲେ ଗାଁର ରାସ୍ତାଘାଟ, ଘରଦ୍ୱାର ଧୋଇ ନେଇଯାଏ। ସାହାଡ଼ା ପଞ୍ଚାୟତ ଅଧୀନ ଏହି ଗାଁରେ ୧୭୫ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ଲୋକସଂଖ୍ୟା ୮୦୦ରୁ ଅଧିକ। ସେମାନେ ଚାଷ କାର୍ଯ୍ୟ କରିବା ସହ ସମୁଦ୍ରରୁ ମାଛ ଧରି ଜୀବିକା ନିର୍ବାହ କରିଥାନ୍ତି। ବିଗତ କିଛି ବର୍ଷ ମଧ୍ୟରେ ଅନେକ ଗ୍ରାମବାସୀ ଝିଲ୍ଲରେ ଚିଙ୍ଗୁଡ଼ି ଚାଷ କରୁଛନ୍ତି। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗାଁର ୭୦ ପ୍ରତିଶତ ଲୋକ ଏବେ ମଧ୍ୟ ଚାଳ ଘରେ ବସବାସ କରୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋ କୁଡ଼ିଆ ଓ ବିଜୁ ପକ୍କା ଘର ଆଦି ଯୋଜନାରେ ୩୦ରୁ ଅଧିକ ପରିବାରକୁ ମିଳିଛି ପକ୍କା ଘର। ଗାଁ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଅର୍ଥ ମଞ୍ଜୁରୀ ହୋଇଥିଲେ ମଧ୍ୟ ଆବଶ୍ୟକ ପାଇଖାନା ନିର୍ମାଣ ହୋଇପାରିନାହିଁ। ୫୦ରୁ ଅଧିକ ଯୋଗ୍ୟ ପରିବାରକୁ ନା ମିଳିଛି ଘର ନା ପାଇଖାନା। ଆଗଭଳି ଲୋକେ ଖୋଲାପଡ଼ିଆକୁ ଶୌଚାଳୟ ଭାବେ ବ୍ୟବହାର କରୁଛନ୍ତି। ପ୍ରଦୂଷିତ ପରିବେଶ ଯୋଗୁ ବିଭିନ୍ନ ସମୟରେ ଗାଁରେ ଝାଡ଼ାବାନ୍ତି, ମ୍ୟାଲେରିଆ ଭଳି ରୋଗ ଦାଉ ସାଧୁଛି। ବ୍ଲକ କାର୍ଯ୍ୟାଳୟଠାରୁ ସଡ଼କପଥରେ ୭ କି.ମି. ଦୂର ଗଲେ ପଡ଼େ ଏହି ଗାଁ। ମୁଖ୍ୟ ରାସ୍ତାଠାରୁ ପ୍ରାୟ ୧ କି.ମି. ଦୂର ଯାଏ କଚ୍ଚା ରାସ୍ତା ଉପରେ ନିର୍ଭର କରି ଲୋକେ ଯାତାୟାତ କରୁଛନ୍ତି। ବନ୍ୟା ପରେ ଗାଁ ରାସ୍ତା ଦୁର୍ଗମ ପାଲଟିଯାଉଥିଲେ ମଧ୍ୟ ଏହାର ପ୍ରତିକାର କରାଯାଉନାହିଁ। ସମୁଦ୍ର ଜୁଆର ପ୍ରଭାବରେ ଭୂତଳ ଜଳସ୍ତର ଲବଣାକ୍ତ ହେଉଥିବାରୁ ମଧୁର ଜଳ ମିଳେନାହିଁ। ଗାଁରେ ଥିବା ୫ ନଳକୂପରୁ ୨ଟି ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଛି। ଅନ୍ୟ ୩ ନଳକୂପ ଉପରେ ଲୋକେ ନିର୍ଭର କରି ଚଳୁଛନ୍ତି। ପାନୀୟଜଳ ପ୍ରକଳ୍ପ ଅଧାପନ୍ତରିଆ ହୋଇ ରହିଥିଲେ ମଧ୍ୟ ଏହାକୁ ପୂର୍ଣ୍ଣାଙ୍ଗ କରାଯାଉନାହିଁ। ଶିକ୍ଷା ବ୍ୟବସ୍ଥା ଲାଗି ଗାଁରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଏବଂ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ଭିତ୍ତିଭୂମି ଅଭାବରୁ ଏଠି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଉଧେଇ ପାରୁନାହିଁ। ୩୦ରୁ ଅଧିକ ହିତାଧିକାରୀଙ୍କୁ ବିକଳାଙ୍ଗ ଓ ବିଧବା ଭତ୍ତା ମିଳିନାହିଁ। ଆଦର୍ଶ ଗାଁ ଘୋଷଣା ହେବାର ୪ ବର୍ଷ ବିତିଥିଲେ ବି କଂକ୍ରିଟ୍ ରାସ୍ତା ନିର୍ମାଣ ହୋଇପାରି ନ ଥିବାରୁ ଗାଁର ଭାଗ୍ୟ ବଦଳି ନାହିଁ କି ଲୋକଙ୍କ ସ୍ଥିତି ସୁଧୁରିନାହିଁ। କେବଳ ସରକାରୀ ନଥିପତ୍ରରେ ଏହାକୁ ଆଦର୍ଶ ଗାଁର ମାନ୍ୟତା ମିଳିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

– ମାନସ ବିଶ୍ୱାଳ

# ପ୍ରବଳ ବର୍ଷିବ, ୮ ଜିଲାକୁ ରେଡ୍ ଆଲର୍ଟ

**ଭୁବନେଶ୍ୱର,୩୦।୬(ବ୍ୟୁରୋ)**

- ରାଜ୍ୟକୁ ସତର୍କ କଲା ଭାରତୀୟ ପାଣିପାଗ ବିଭାଗ
- ୧୪ ଜିଲାରେ ସାମାନ୍ୟରୁ ମଧ୍ୟମ ବର୍ଷା
- ମାଲକାନଗିରିରେ ସର୍ବାଧିକ ୭ମିମି ରେକର୍ଡ
- ୨ ତାରିଖ ପର୍ଯ୍ୟନ୍ତ ଲାଗି ରହିବ ବର୍ଷା

ଉତ୍ତର ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଲଘୁଚାପର ରୂପ ନେଇଛି। ଏହାର ପ୍ରଭାବରେ ରବିବାରଠାରୁ ରାଜ୍ୟରେ ବର୍ଷା ଆରମ୍ଭ ହୋଇଯାଇଥିବାବେଳେ ସୋମବାରଠାରୁ ପ୍ରବଳ ବର୍ଷିବ। ତେବେ ୮ଟି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସେହିଭଳି ୧୪ ଜିଲାରେ ମଧ୍ୟମରୁ ସାମାନ୍ୟ ଧରଣର ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟକୁ ସତର୍କ ସୂଚନା ଜାରି କରିଛି ଭାରତୀୟ ପାଣି ପାଗ ବିଭାଗ (ଆଇଏମ୍‌ଡି)। ଲଘୁଚାପ ଅବପାତର ରୂପ ନେଇ ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନ ସହ ପଶ୍ଚିମ ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ଆଇଏମଡି ପୂର୍ବାନୁମାନ କରିଛି। ସମ୍ବଲପୁର, ଦେବଗଡ଼, ସୋନପୁର, ଅନୁଗୋଳ, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ଢେଙ୍କାନାଳ ଜିଲାରେ ସବୁଠାରୁ ଅଧିକ ବର୍ଷା ହେବ। ତେଣୁ ଏସବୁ ଜିଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ ଓ ନବରଙ୍ଗପୁର ଜିଲାରେ ମଧ୍ୟମରୁ ସାମାନ୍ୟ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହାବ୍ୟତୀତ ରାଜ୍ୟର ଅନ୍ୟ ସମସ୍ତ ସ୍ଥାନରେ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। କେତେକ ସ୍ଥାନରେ ୪୦ରୁ ୫୦ କିମି ବେଗରେ ପବନ ବହିବା ସହ ବିଜୁଳି ଓ ଘଡ଼ଘଡ଼ି ହେବାନେଇ ସତର୍କ କରିଛି ପାଣିପାଗ ବିଭାଗ।

ମିଳିଥିବା ରିପୋର୍ଟ ମୁତାବକ, ରବିବାର ସନ୍ଧ୍ୟାସୁଦ୍ଧା ମାଲକାନଗିରି ଜିଲାରେ ସର୍ବାଧିକ ୭ ମିମି ବର୍ଷା ରେକର୍ଡ କରାଯାଇଛି। ସେହିଭଳି ଦାରିଙ୍ଗବାଡ଼ିରେ ୪ ମିମି, କୋରାପୁଟରେ ୩.୪ ମିମି, ବାଲେଶ୍ୱରରେ ୧.୨ ମିମି ବର୍ଷା ହୋଇଛି। ଭଦ୍ରକ, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଢେଙ୍କାନାଳ, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା, ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ସମ୍ବଲପୁର, ଅନୁଗୋଳ, ଗଞ୍ଜାମ, ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ହୋଇଛି। ତେବେ ମୌସୁମୀ ଓଡ଼ିଶା ଛୁଇଁବା ପରେ ପ୍ରଥମଦିନ ଅଳ୍ପ ବର୍ଷା ହୋଇ କିଛିଦିନ ପାଇଁ ଉଭାନ ହୋଇଯାଇଥିଲା। ଏହା ଭିତରେ ପ୍ରବଳ ଖରା ଓ ଗୁଳୁଗୁଳିରେ ଛଟପଟ ହେଉଥିଲା ସାରା ଓଡ଼ିଶା। ବିଶେଷକରି ମୌସୁମୀ ଆଗମନକୁ ଦେଖି ଚାଷ ପାଇଁ ପ୍ରସ୍ତୁତ ଚାଷୀ ବର୍ଷା ଉଭେଇଯିବା ଦେଖି ହତାଶ ହୋଇପଡିଥିଲା। ଏବେ ବର୍ଷା ଆଶ୍ୱସ୍ତି ଆଣିଛି।

### ଜୁଲାଇ ୨୧ରେ ସ୍ୱତନ୍ତ୍ର ଓଜେଇଇ

**ଭୁବନେଶ୍ୱର,୩୦।୬(ବ୍ୟୁରୋ)**

ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ ଦ୍ୱିତୀୟ ସ୍ୱତନ୍ତ୍ର ଓଜେଇଇ। ଏଥିଲାଗି ରବିବାରଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଛାତ୍ରୀଛାତ୍ରମାନେ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ଏହି ଦ୍ୱିତୀୟ ପର୍ଯ୍ୟାୟ ଓଜେଇଇ ପାଇଁ ଆବେଦନ କରିପାରିବେ। ବିଟେକ୍ ସହ ବିଟେକ୍ ଲାଟେରାଲ୍ ଏଣ୍ଟ୍ରି, ଏମ୍‌ବିଏ, ଏମ୍‌ସିଏ ଏବଂ ଏମ୍‌ସିଏ ଲାଟେରାଲ୍ ଏଣ୍ଟ୍ରିରେ ନାମଲେଖା ପାଇଁ ଏହି ପରୀକ୍ଷା ହେବ। ଓଜେଇଇ ଭଳି ସମାନ ଢାଞ୍ଚାରେ ସ୍ୱତନ୍ତ୍ର ଓଜେଇଇ ହେବ। ପରୀକ୍ଷା ପାଇଁ ଆବେଦନ କରିଥିବା ଛାତ୍ରୀଛାତ୍ରମାନେ ଜୁଲାଇ ୧୫ରୁ ଆଡମିଟ୍ କାର୍ଡ ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରିପାରିବେ। ୨୧ ତାରିଖ ପୂର୍ବାହ୍ନ ୧୦ଟାରୁ ୧୧ ପର୍ଯ୍ୟନ୍ତ ୧ ଘଣ୍ଟା ଧରି ପରୀକ୍ଷା ଅନୁଷ୍ଠିତ ହେବ। ଜୁଲାଇ ୨୫ରେ ପରୀକ୍ଷା ଫଳ ପ୍ରକାଶ ପାଇବ। ଯେଉଁ ଛାତ୍ରୀଛାତ୍ରମାନେ ଓଜେଇଇରେ ର୍‍ୟାଙ୍କ୍ ପାଇଛନ୍ତି ସେମାନେ ଏହି ପରୀକ୍ଷା ଦେବା ଆବଶ୍ୟକ ନାହିଁ ବୋଲି ଓଜେଇଇ ପକ୍ଷରୁ କୁହାଯାଇଛି।

### ପଥରରେ ଛେଚି ୨ ଯୁବକଙ୍କୁ ହତ୍ୟା

**ପାରାଦୀପ,୩୦।୬(ସ୍ୱ.ପ୍ର.)**

ପାରାଦୀପ ସାମୁଦ୍ରିକ ଥାନାଠାରୁ ମାତ୍ର ୧୦୦ମିଟର ଦୂରତାରେ ରବିବାର ୨ଜଣ ଯୁବକଙ୍କୁ ପଥରରେ ଛେଚି ବିଭତ୍ସ ଭାବେ ହତ୍ୟା କରାଯାଇଛି। ଉଭୟଙ୍କ ପରିଚୟ ମିଳି ନ ଥିବାବେଳେ ପୋଲିସ ସେମାନଙ୍କୁ ମାନସିକ ବିକାରଗ୍ରସ୍ତ ବୋଲି କହିଛି। ହତ୍ୟାର କାରଣ ଜଣାପଡିନାହିଁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ନଂ ୨/୧୯ ରୁଜୁ କରି ତଦନ୍ତ ଚଳାଇଛି। ନେହେରୁ ବଙ୍ଗଳା ଭଳି ଶାନ୍ତ ଓ ଉପାନ୍ତ ଅଞ୍ଚଳରେ ଏଭଳି ହତ୍ୟାକାଣ୍ଡ ଘଟିବା ସମସ୍ତଙ୍କୁ ବିସ୍ମିତ କରିଛି। ଦୁଇ ମୃତଦେହକୁ ପ୍ରାୟ ୧୦୦ ମିଟର ବ୍ୟବଧାନରୁ ଉଦ୍ଧାର କରାଯାଇଛି। ଗୋଟିଏ ନେହେରୁ ବଙ୍ଗଳା ବଜାର ପାଖ ରାସ୍ତା କଡ଼ରେ ପଡିଥିବାବେଳେ ଅନ୍ୟଟି ଥାନା ସମ୍ମୁଖରେ ଥିବା ମତ୍ସ୍ୟକନ୍ୟା ମୂର୍ତ୍ତି ନିକଟରେ ପଡିଥିଲା। ୨ ଜଣଙ୍କୁ ହତ୍ୟା ପରେ କିଛି ଦୂରକୁ ଘୋଷାଡ଼ି ନେଇ ପକାଯାଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡିଛି। ହତ୍ୟାସ୍ଥଳରୁ ମୃତଦେହ ପଡିଥିବା ସ୍ଥାନ ପର୍ଯ୍ୟନ୍ତ ରକ୍ତ ଧାର ଲାଗିଥିବା ଦେଖିବାକୁ ମିଳିଛି। ଦୁଇ ହତ୍ୟାକାଣ୍ଡ ସ୍ଥାନ ନିକଟରେ ୨ଟି ମଦ ଦୋକାନ ରହିଛି। ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରଦ୍ୟୁମ୍ନ କୁମାର ବେହେରା କହିଛନ୍ତି ଯେ, ମୃତବ୍ୟକ୍ତି ଦ୍ୱୟ ମାନସିକ ବିକାରଗ୍ରସ୍ତ ଭଳି ଜଣାପଡୁଛନ୍ତି। ଘଟଣାର ତଦନ୍ତ ଚାଲିଛି। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଠାବ କରାଯିବ ବୋଲି ଥାନା ଅଧିକାରୀ ବେହେରା କହିଛନ୍ତି।

ଗୁଣିଗାରେଡ଼ି ସନ୍ଦେହ

### ଦମ୍ପତିଙ୍କୁ ଖୁଣ୍ଟରେ ବାନ୍ଧି ବିଷ୍ଠା ଖୁଆଇଲେ

**ପୁରୁଷୋତ୍ତମପୁର,୩୦।୬(ଡି.ଏନ.ଏ.)**

- ଉଦ୍ଧାର କଲା ପୋଲିସ
- ଉଭୟ ପକ୍ଷଙ୍କୁ ଅଟକ ରଖି ତଦନ୍ତ

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ରାଣୀଗାଁରେ ଗୁଣିଗାରେଡି ସନ୍ଦେହରେ କେତେଜଣ ଲୋକେ ରବିବାର ଜଣୈକ ବ୍ୟକ୍ତିଙ୍କ ଘରେ ପଶି ଭଙ୍ଗାରୁଜା ସହ ସ୍ୱାମୀ, ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ପରେ ଉଭୟଙ୍କୁ ଗାଁ ଦାଣ୍ଡରେ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ମାଡମାରି ଦାନ୍ତ ଭାଙ୍ଗି ବିଷ୍ଠା ଖୁଆଇଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦମ୍ପତିଙ୍କୁ ଉଦ୍ଧାର କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ଏଥିରେ ସମ୍ପୃକ୍ତ ୫ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଦମ୍ପତିଙ୍କ ପୁଅଙ୍କ ଅଭିଯୋଗକ୍ରମେ ନଂ.୧୪୯/୧୯ ଓ ପଡୋଶୀ ବ୍ୟକ୍ତିଙ୍କ ଅଭିଯୋଗକ୍ରମେ ନଂ.୧୫୦/୧୯ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ଆଇଆଇସି ଜଗନ୍ନାଥ ମଲ୍ଲିକ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୭ ଜୁଲାଇ ୫ରେ ଗୁଣିଗାରେଡି ସନ୍ଦେହରେ ଏହି ପରିବାର ଉପରେ ଗାଁ ଲୋକେ ନିର୍ଯାତନା ଦେଇଥିଲେ। ଏହା ସହ୍ୟ କରି ନ ପାରି ପରିବାରର ସମସ୍ତେ ଗାଁ ଛାଡ଼ି ୧୦ କିମି ଦୂର ରଣଝାଲି ପଞ୍ଚାୟତର ମୁକୁନ୍ଦପୁରରେ ଆଶ୍ରୟ ନେଇଥିଲେ। ନ୍ୟାୟ ଲାଗି ୨୦୧୭ ଜୁଲାଇ ୧୬ରେ ପୁରୁଷୋତ୍ତମପୁର ପୋଲିସ ଓ ୨୦୧୭ ଜୁଲାଇ ୧୭ରେ ଛତ୍ରପୁର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଓ ପ୍ରଶାସନ ୨୦୧୭ ଜୁଲାଇ ୨୨ରେ ସମ୍ପୃକ୍ତ ପରିବାର ଓ ଗ୍ରାମର କେତେଜଣ ବ୍ୟକ୍ତିଙ୍କୁ ନେଇ ଥାନାରେ ବୈଠକ କରି ଶାନ୍ତି କମିଟି ଗଠନ କରାଯାଇଥିଲା। ବୁଝାଶୁଝା ପରେ ସମ୍ପୃକ୍ତ ପରିବାର ଗ୍ରାମକୁ ଫେରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସାହିବାସୀ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଗ୍ରାମବାସୀ ଗୁଣିଆ ସନ୍ଦେହ କରୁଥିବା ପରିବାରର ସ୍ୱାମୀ, ସ୍ତ୍ରୀ ଭୟରେ ଗାଁ ଛାଡି ଭୀମପୁର ପଞ୍ଚାୟତ ଚାଟମୁଣ୍ଡୁଳିରେ ବର୍ଷେ ହେଲା ରହୁଥିଲେ। ଗ୍ରାମରେ କେବଳ ତାଙ୍କ ବୃଦ୍ଧା ମା, ଭଉଣୀ ଓ ପୁଅବୋହୂ ରହୁଥିଲେ। ରବିବାର ସମ୍ପୃକ୍ତ ପରିବାରର ଏକ କୁକୁଡା ଜଣେ ବ୍ୟକ୍ତିଙ୍କ ଘର ନିକଟକୁ ଚାଲିଯିବାରୁ ତାଙ୍କ ବୃଦ୍ଧା ମା’ ଓ ଝିଅଙ୍କୁ ସେହିବ୍ୟକ୍ତି ମାଡ ମାରିଥିଲେ। ଖବର ପାଇ ଚାଟମୁଣ୍ଡୁଳିରେ ରହୁଥିବା ଦମ୍ପତି ଗାଁକୁ ଆସିଥିଲେ। ଘରେ ତାଙ୍କ ମା’ଙ୍କ ସହ କଥା ହେଉଥିବାବେଳେ ସାହିର କେତେଜଣ ବ୍ୟକ୍ତି ଘରେ ପଶି ସଂଘବଦ୍ଧ ଆକ୍ରମଣ କରିଥିଲେ। ପରେ ଗାଁ ଦାଣ୍ଡକୁ ଟାଣିଆଣି ସମ୍ପୃକ୍ତ ଦମ୍ପତିଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଦାନ୍ତ ଭାଙ୍ଗି ଦେବା ସହ ବିଷ୍ଠା ଖୁଆଇଥିବା ଦମ୍ପତି ଅଭିଯୋଗ କରିଛନ୍ତି। ମାତ୍ର ସାହିଲୋକେ ଏହାକୁ ଅସ୍ୱୀକାର କରିବା ସହ ସମ୍ପୃକ୍ତ ଦମ୍ପତିଙ୍କ ପୁଅ ଆକ୍ରମଣ କରିଥିବା ପାଲଟା ଅଭିଯୋଗ କରିଛନ୍ତି।

ସୁଇସ୍ ବ୍ୟାଙ୍କରେ ଧନ ସ୍ଥିତି

## ଭାରତର ର୍‍ୟାଙ୍କ ଖସିଲା

**ନୂଆଦିଲ୍ଲୀ,୩୦।୬**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର କଳାଧନ ପ୍ରତି କଡ଼ା ମନୋଭାବ ଆପଣାଇଛନ୍ତି। ଫଳରେ ଭାରତୀୟମାନେ ଭୟଭୀତ ହୋଇ ସୁଇସ୍ ବ୍ୟାଙ୍କରୁ ଅର୍ଥ ଉଠାଇବା ଆରମ୍ଭ କଲେଣି। ସୁଇସ୍ ନ୍ୟାଶନାଲ ବ୍ୟାଙ୍କ ପକ୍ଷରୁ ଜାରି ଧନ ସଂକ୍ରାନ୍ତ ସଦ୍ୟତମ ସ୍ଥିତି ରିପୋର୍ଟ ଅନୁଯାୟୀ, କଳାଧନ ଜମା କରିବାରେ ଭାରତ ୭୪ ତମ ସ୍ଥାନରେ ରହିଛି। ଗତବର୍ଷ ଭାରତ ୭୩ ତମ ସ୍ଥାନରେ ଥିଲା ବେଳେ ଚଳିତବର୍ଷ ଆଉ ପାଦେ ଖସିଛି।

କଳାଧନ ସମ୍ପର୍କରେ ତଥ୍ୟ ପ୍ରଦାନ ନେଇ ମୋଦି ଓ ସୁଇସ୍ ସରକାରଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହେବା ପରେ ଭାରତୀୟମାନେ ଭୟଭୀତ ହୋଇଛନ୍ତି। ଗତବର୍ଷ ଭାରତ ୧୫ ପାଦ ଉପରକୁ ଉଠି ୭୩ତମ ସ୍ଥାନରେ ପହଞ୍ଚିଯାଇଥିଲା। ଅର୍ଥାତ୍ ଭାରତୀୟଙ୍କ କଳାଧନ ପରିମାଣ ଯଥେଷ୍ଟ ହ୍ରାସ ପାଇଥିଲା। ସଦ୍ୟତମ ର୍‍ୟାଙ୍କିଙ୍ଗ ବିଶ୍ଳେଷଣରୁ ଏହା ସ୍ପଷ୍ଟ ହୋଇଛି ଯେ, ସୁଇସ୍ ବ୍ୟାଙ୍କରେ କଳାଧନ ଜମା କରିବାରେ ବର୍ତ୍ତମାନ ଭାରତ ପଛରେ ପଡିଯାଇଛି। ଏହି ବ୍ୟାଙ୍କଗୁଡ଼ିକରେ ବିଦେଶୀଙ୍କ ଦ୍ୱାରା ଜମା କରାଯାଇଥିବା ମୋଟ କଳାଧନର ମାତ୍ର ୦.୦୭ ପ୍ରତିଶତ ଭାରତୀୟଙ୍କର ବୋଲି ଜଣାପଡିଛି। ଏହି ମାମଲାରେ ବ୍ରିଟେନ ସର୍ବାଗ୍ରେ ରହିଛି। ୨୦୧୮ ଶେଷ ସୁଦ୍ଧା ସୁଇସ୍ ବ୍ୟାଙ୍କରେ ବ୍ରିଟେନବାସୀଙ୍କ କଳାଧନ ଜମା ପରିମାଣ ୨୬% ରହିଥିଲା। ସୁଇସ୍ ବ୍ୟାଙ୍କରେ କଳାଧନ ଜମା କରିବାରେ ଦ୍ୱିତୀୟ ସ୍ଥାନରେ ଆମେରିକା ରହିଥିବା ବେଳେ ତୃତୀୟ ସ୍ଥାନରେ ୱେଷ୍ଟ ଇଣ୍ଡିଜ, ଚତୁର୍ଥରେ ଫ୍ରାନ୍ସ ଏବଂ ପଞ୍ଚମରେ ହଂକଂ ରହିଛି। ଏହି ବ୍ୟାଙ୍କରେ ଜମା ପରିମାଣର ୫୦%ରୁ ଅଧିକ ଅର୍ଥ ଉକ୍ତ ୫ ଦେଶର ଲୋକଙ୍କର ବୋଲି ଜଣାପଡିଛି। ଶୀର୍ଷ ୧୦ ଦେଶର ଲୋକଙ୍କ ଦ୍ୱାରା ଏହି ବ୍ୟାଙ୍କରେ ଦୁଇ ତୃତୀୟାଂଶ ଅର୍ଥ ଜମା କରାଯାଇଛି। ଶ୍ରେଷ୍ଠ୧୦ ଦେଶ ମଧ୍ୟରେ ଥିବା ପ୍ରମୁଖ ରାଷ୍ଟ୍ର ହେଲେ ବାହାମାସ୍, ଜର୍ମାନୀ, ଲକ୍‌ଜମବର୍ଗ, କାୟମାନ ଆଇଲାଣ୍ଡ ଓ ସିଙ୍ଗାପୁର। ସେହିପରି ଏହି ବ୍ୟାଙ୍କରେ ଜମା ରାଶିର ୭୫% ଶୀର୍ଷ ୧୫ ଦେଶର ଲୋକଙ୍କର ହୋଇଥିବା ବେଳେ ଶୀର୍ଷ ୩୦ ଦେଶର ଲୋକଙ୍କର ୯୦ ପ୍ରତିଶତ ଜମା ଏଠାରେ ରହିଛି। ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ଭାରତ ସର୍ବନିମ୍ନ ର୍‍ୟାଙ୍କରେ ରହିଛି। ଏହି ର୍‍ୟାଙ୍କରେ ରୁଷ୍ ସର୍ବାଗ୍ରେ ରହିଥିବା ବେଳେ ଚାଇନା(୨୨ତମ),ଦକ୍ଷିଣ ଆଫ୍ରିକା(୬୦ତମ), ବ୍ରାଜିଲ(୬୫ ତମ) ରହିଛି। ତାଲିକାରେ ମରିସସ୍(୭୧ତମ), ନ୍ୟୁଜିଲାଣ୍ଡ(୫୯), ଫିଲିପାଇନ୍ସ(୫୪ତମ), ଭେନେଜୁଏଲା(୫୩ତମ), ସିସେଲ୍ସ(୫୨ତମ), ଥାଇଲାଣ୍ଡ(୩୯ତମ), କାନାଡା(୩୬ତମ), ତୁର୍କି(୩୦ତମ), ଇସ୍ରାଏଲ(୨୮ତମ), ସୌଦି ଆରବ(୨୧ତମ), ପାନାମା(୧୮ତମ), ଜାପାନ(୧୬ତମ), ଇଟାଲୀ(୧୫ତମ), ଅଷ୍ଟ୍ରେଲିଆ(୧୩ତମ), ସଂଯୁକ୍ତ ଆରବ ଏମିରାଟ(୧୨ତମ) ସାମିଲ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ମୋଦି ସରକାର ୨୦୧୪ ରେ ପ୍ରଥମେ କ୍ଷମତାକୁ ଆସିବା ପରେ କଳାଧନ ବିରୋଧରେ ଲଢ଼େଇ ଆରମ୍ଭ କରିଥିଲେ। ସୁଇସ୍ ନ୍ୟାଶନାଲ ବ୍ୟାଙ୍କ ତଥ୍ୟ ଅନୁଯାୟୀ, ୨୦୧୪ରେ ପ୍ରଥମେ ଭାରତର ସ୍ଥାନ ୬୧ରେ ଥିବା ବେଳେ ୨୦୧୫ରେ ଏଥିରେ ଉନ୍ନତି ଆସି ୭୫ତମ ଥିଲା। ୨୦୦୭ ସୁଦ୍ଧା କଳାଧନ ଜମା କରିବାରେ ଭାରତ ଶୀର୍ଷ ୫୦ ଦେଶ ଭିତରେ ଥିଲା। ୨୦୦୪ରେ ଦେଶର ର୍‍ୟାଙ୍କ ୩୭ ତମ ରହିଥିଲା। ଇତିମଧ୍ୟରେ ସୁଇଜରଲାଣ୍ଡ ସରକାରଙ୍କ ପକ୍ଷରୁ ୫୦ ଭାରତୀୟଙ୍କୁ ନୋଟିସ ଜାରି କରାଯାଇଛି। ନିୟମ ଅନୁଯାୟୀ ଭାରତକୁ ତଥ୍ୟ ପ୍ରଦାନ ପୂର୍ବରୁ ସେମାନଙ୍କୁ ଗୋଟିଏ ଥର ଅପିଲ୍ କରିବାକୁ ସୁଯୋଗ ଦିଆଯାଇଛି। ସେମାନଙ୍କ ତଥ୍ୟ ଯଥେଷ୍ଟ ଭରସାଯୋଗ୍ୟ ନ ହେଲେ ଭାରତକୁ ସୁଇସ୍ ସରକାର ତଥ୍ୟ ପ୍ରଦାନ କରିବେ। ଏଥିପୂର୍ବରୁ ସେ ଦେଶ ସରକାରଙ୍କ ପକ୍ଷରୁ ଭାରତକୁ ୧୦୦ ଜଣ ଭାରତୀୟଙ୍କ ଆକାଉଣ୍ଟ ତଥ୍ୟ ଦିଆଯାଇସାରିଛି। ତେବେ ଏହା ଅନୌପଚାରିକ ଭାବେ ପ୍ରଦାନ କରାଯାଉଛି। ଚୁକ୍ତି ଅନୁଯାୟୀ ସୁଇସ୍ ସରକାର ଚଳିତବର୍ଷ ଠାରୁ ଔପଚାରକ ଭାବେ ଭାରତକୁ ବ୍ୟାଙ୍କ ତଥ୍ୟ ପ୍ରଦାନ କରିବା ଆରମ୍ଭ କରିବେ। ଇତିମଧ୍ୟରେ କେତେଜଣଙ୍କ ନାମ ମଧ୍ୟ ପ୍ରକାଶ ହୋଇସାରିଛି। ଆଗକୁ ମଧ୍ୟ ଗେଜେଟ ମାଧ୍ୟମରେ ବ୍ୟକ୍ତିବିଶେଷଙ୍କ ନାମ ସମ୍ପର୍କିତ ତଥ୍ୟ ପ୍ରକାଶ କରାଯିବ ବୋଲି ସୁଇଜରଲାଣ୍ଡ ସରକାର କହିସାରିଛନ୍ତି।



ବିଶୃଙ୍ଖଳା ଓ ଅନ୍ଧକାର ମଧ୍ୟରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ସଂପୂର୍ଣ୍ଣ ଭାବେ ଶାନ୍ତ ଓ ଧୀରସ୍ଥିର ହୋଇ ରହିବା। ଏବଂ ଝଡ଼ଝଞ୍ଜାକୁ ବାଟ ଛାଡ଼ିଦେବା।
– ଶ୍ରୀମା

# ନ୍ୟାୟ ଉଭାନ

ଭାରତରେ ଆଇନ ପ୍ରଣୟନ ଓ ବିଶେଷକରି ପୋଲିସ ବ୍ୟବସ୍ଥା କେତେ ବିପର୍ଯ୍ୟସ୍ତ ହୋଇପଡ଼ିଛି, ତାହାର ଜ୍ୱଳନ୍ତ ଉଦାହରଣ ପେହଲୁ ଖାନ୍ ହତ୍ୟା ପରବର୍ତ୍ତୀ ଅଭିଯୋଗପର୍ଦ୍ଧ ଘଟଣାକୁ ଦେଖିଲେ ଜଣାପଡୁଛି। ଗୋରୁ ଚୋରାଚାଲାଣ ଅଭିଯୋଗରେ ରାଜସ୍ଥାନର ଅଲ୍‌ୱାରଠାରେ ୨୦୧୭ ଏପ୍ରିଲରେ ପେହଲୁ ଖାନ୍‌ଙ୍କୁ ତଥାକଥିତ ଗୋରକ୍ଷକମାନେ ପିଟି ମାରି ଦେଇଥିଲେ। ଆକ୍ରମଣ ସମୟର ଭିଡିଓ ସେତେବେଳେ ଭାଇରାଲ ହେବା ପରେ ଦେଶବ୍ୟାପୀ ଏହାକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଦୋଷୀଙ୍କୁ ଦଣ୍ଡ ଦେବା ଲାଗି ସବୁଆଡୁ ଚାପ ପଡ଼ିଥିଲା। ହେଲେ ୮ ଅଭିଯୁକ୍ତ ଜେଲରେ ରହିବା ପରେ ମୁକ୍ତ ହୋଇ ବୁଲୁଥିବା ଦେଖିବାକୁ ମିଳୁଛି। ପରିତାପର ବିଷୟ, ମୃତ ପେହଲୁଙ୍କ ନାମରେ ରାଜସ୍ଥାନ ପଶୁହତ୍ୟା ନିରାକରଣ ଓ ଚାଲାଣ ନିୟନ୍ତ୍ରଣ ଆଇନର ଧାରା ୬ରେ ଚାର୍ଜଶିଟ୍ ହୋଇଥିବା ବେଳେ ତାଙ୍କ ପୁଅ ଇର୍ସାଦ ଓ ଅରିଫ୍‌ଙ୍କ ବିରୋଧରେ ଅଭିଯୋଗପର୍ଦ୍ଧ ଦାଏର ହୋଇଛି। ୨୯ ଜୁନ୍‌ରେ ଏ ସଂକ୍ରାନ୍ତ ଖବର ପ୍ରସାରିତ ହେବା ପରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ କହିଛନ୍ତି, ଉକ୍ତ ଚାର୍ଜଶିଟ୍‌ରେ ପେହଲୁଙ୍କ ନାମ ନାହିଁ। ଘଟଣା ପ୍ରଘଟ ପରେ ମୁଖ୍ୟମନ୍ତ୍ରୀ ତତ୍‌କ୍ଷଣାତ୍ ଏଭଳି ମତ ରଖିବା ସନ୍ଦେହ ସୃଷ୍ଟି କରିଛି।

ଜଣେ ବ୍ୟକ୍ତିଙ୍କୁ ପିଟି ପିଟି ମାରି ଦିଆଯିବା ପରେ ତାଙ୍କ ବିରୋଧରେ ପୁନଶ୍ଚ ଚାର୍ଜଶିଟ୍ ଦାଖଲ ହେବା ନିଶ୍ଚିତ ଭାବେ ଏକ ବିଷମ ଦିଗକୁ ଇଙ୍ଗିତ କରୁଛି। ପେହଲୁଙ୍କ ବିରୋଧରେ ଯେଉଁଭଳି ଅଭିଯୋଗ ଅଣାଯାଇଛି, ତାହାକୁ ମରଣୋତ୍ତର ଚାର୍ଜଶିଟ୍ ଭାବେ ଅଭିହିତ କରାଯାଇପାରେ। ସୂଚନା ମିଳିଛି ଯେ, ରାଜସ୍ଥାନରେ ଅଶୋକ ଗେହଲଟ୍‌ଙ୍କ ସରକାର ଗଠନ ହେବାର ୧୩ ଦିନ ପରେ ଅର୍ଥାତ୍ ୨୦୧୮ ଡିସେମ୍ବର ୩୦ରେ ଉକ୍ତ ଚାର୍ଜଶିଟ୍ ପ୍ରସ୍ତୁତ ହୋଇଥିଲା। ଏବେ ଗେହଲଟ୍ ନିଜ ଶାସନରେ ଦେଖାଦେଇଥିବା ଛିଦ୍ରକୁ ଲୁଚାଇବାକୁ ଯାଇ ପୂର୍ବର ଭାଜପା ସରକାର ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। କିନ୍ତୁ ଚାର୍ଜଶିଟ୍ ଦାଖଲ ହେବା ଘଟଣା କଂଗ୍ରେସର ମୁଖା ଖୋଲିଦେଇଛି। ସାଧାରଣରେ ବିଶ୍ୱାସ ସୃଷ୍ଟି ହୋଇଛି ଯେ, ଭାଜପାର କଠୋର ହିନ୍ଦୁତ୍ୱ ମାଧ୍ୟମରେ ନିର୍ବାଚନୀ ସଫଳତାକୁ ଅନୁକରଣ କରିବାକୁ ଯାଇ କଂଗ୍ରେସ ଏକ ନରମ ହିନ୍ଦୁତ୍ୱର ପନ୍ଥା ଆପଣାଇଛି, ଯେଉଁଥିପାଇଁ ମୃତ ପେହଲୁଙ୍କ ପରିବାରକୁ ଏବେ ମଧ୍ୟ ନ୍ୟାୟ ନ ମିଳିବାର ଆଶଙ୍କା ସୃଷ୍ଟି ହେଲାଣି। ତେଣୁ ତତ୍କାଳୀନ ଭାଜପା ସରକାର ସମୟରେ ହୋଇଥିବା ତଦନ୍ତ ଆଧାରରେ ଅଭିଯୋଗପର୍ଦ୍ଧ ତିଆରି ହୋଇଥିବା ନେଇ ଗେହଲଟ୍‌ଙ୍କ ସଫେଇକୁ ସାଧାରଣରେ ଗ୍ରହଣ କରାଯାଇପାରିବ ନାହିଁ। ତଦନ୍ତ ଏବଂ ବ୍ୟବସ୍ଥାରେ ତ୍ରୁଟି କେଉଁଠାରେ ରହିଛି, ତାହା ଦେଖିବା ହେଉଛି ସରକାରଙ୍କ କାର୍ଯ୍ୟ। ପେହଲୁ ହତ୍ୟା ଭଳି ସମ୍ବେଦନଶୀଳ ମାମଲାରେ ପୋଲିସ ଅତ୍ୟଧିକ ସକ୍ରିୟ ରହିବା କଥା। ହେଲେ ଏଠାରେ ଆଇନକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଛି। ପେହଲୁଙ୍କ ପରିବାର ପ୍ରତି ନ୍ୟାୟ ଦିଆଯିବା ତ ଦୂରର କଥା, ବରଂ ପୁତ୍ରମାନଙ୍କ ସହ ପରଲୋକଗତ ପିତାଙ୍କ ନାମରେ ଅଭିଯୋଗପର୍ଦ୍ଧ ଅଣାଯିବା ଦ୍ୱାରା ଅନ୍ୟାୟ ଶେଷ ସୀମାରେ ପହଞ୍ଚିଛି ବୋଲି କୁହାଯାଇପାରେ। ବିଶେଷକରି ହତ୍ୟାକାରୀ ମୁକ୍ତ ଭାବେ ବୁଲିବା ଏହି ଚିନ୍ତାକୁ ସୁଦୃଢ଼ କରୁଛି। ଅଲ୍‌ୱାର ନିକଟସ୍ଥ ଜୟପୁର-ଦିଲ୍ଲୀ ରାଜପଥରେ ଗୋରକ୍ଷକ କହୁଥିବା ସ୍ଥାନୀୟ ଲୋକେ ପେହଲୁଙ୍କୁ ପିଟି ମାରିବାର ଭିଡିଓ ପ୍ରମାଣ ମିଳିବା ସତ୍ତ୍ୱେ ୮ ଅଭିଯୁକ୍ତ ଜାମିନରେ ଆସି ବୁଲିବା ନେଇ କେଉଁଆଡୁ ବିରୋଧ ନ ହେବା ଏ ବ୍ୟବସ୍ଥା କେତେ ସ୍ଥାଣୁ ହୋଇଯାଇଛି ବୁଝାପଡୁଛି। ଅଭିଯୁକ୍ତଙ୍କୁ କ୍ଷମା ଓ ହତ୍ୟାର ଶିକାର ହୋଇଥିବା ବ୍ୟକ୍ତିଙ୍କ ପରିବାର ପ୍ରତି ପୋଲିସର ବ୍ୟବହାର ଦେଖିଲେ ବ୍ୟବସ୍ଥା କେତେ ପକ୍ଷପାତିତା କରୁଛି, ତାହା ସ୍ପଷ୍ଟ ଜଣାପଡୁଛି। ଏହା ଅତ୍ୟନ୍ତ ଉଦ୍‌ବେଗର ବିଷୟ। କାରଣ ପୋଲିସର ଏଭଳି ଆଚରଣ କେବଳ ରାଜସ୍ଥାନ କିମ୍ବା ପେହଲୁ ଘଟଣାରେ ସୀମିତ ରହୁନାହିଁ। ଆଜି ଭାରତବ୍ୟାପୀ ସବୁ ରାଜ୍ୟର ପୋଲିସ ବାହିନୀର ଆଭିମୁଖ୍ୟ ସମ୍ପୂର୍ଣ୍ଣ ଭାବେ ଘୋର ଜନବିରୋଧୀ ହେବା ସହିତ ଆଇନକୁ ମନଇଚ୍ଛା କାର୍ଯ୍ୟକାରୀ କରାଇବାର ଉଦାହରଣ ଦେଖିବାକୁ ମିଳୁଛି। ରାଜନେତାମାନେ ଏଭଳି ପରିସ୍ଥିତିକୁ ଜାଣିଶୁଣି ଅଣଦେଖା କରୁଥିବା ବେଳେ ନ୍ୟାୟାଧୀଶମାନେ ଏହି ମାନସିକତାକୁ ସକ୍ରିୟ ସହଯୋଗ କରୁଥିବା ହେତୁ ଦେଶର ଭବିଷ୍ୟତ ଅଧିକ ଜଟିଳ ହେବାର ସବୁ ଆଶଙ୍କା ରହିଛି।

## ଚିରନ୍ତନୀ

କିଣିଥିଲା ଛଡାଟିଏ ପିଲାଏ ଖାଇବେ ଦୁଧ
ମହାଜନ ଦେଖି ତାହା ତାଗଦା କରିଛି ସୁଧ!
ଜମିଦାର ପିଆଦାକୁ ଆଠଣା ଦେଇଛି କାଲି
ଏ ବରଷ ଖଜଣାଟା ସତାରିବ ମାସେ ଖାଲି!
(ଚାଷୀର ଭାଗ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 2 | | 6 | | D | E | B | | | | | | | |
| E | | | | | 1 | | | | | 2 | | | C | 6 |
| | | | | | C | | 7 | | | 9 | E | 1 | | 4 |
| | | | | | | 8 | | 9 | A | | | D | | |
| 0 | | D | | A | 4 | 1 | | | | 7 | | 3 | | 5 |
| | 4 | | | 3 | | | | | 7 | | | | | |
| 1 | 7 | | | 8 | 0 | D | | | C | | | A | | 3 |
| 8 | 6 | | D | | 0 | A | | | 2 | | 9 | | 5 | |
| | C | | 2 | | | | | | 6 | | 3 | | | |
| | D | | | | A | 5 | | | | | 0 | 7 | | |
| A | | | | B | 5 | | | 3 | | 6 | | | | |
| | | 1 | 0 | | | | | | | | | 4 | | C |
| 9 | | | | | 3 | B | | | 4 | | A | | | |
| | E | | A | 4 | 8 | 6 | | | | | | 9 | B | |
| | | | | | E | 9 | | 7 | | | 1 | 6 | | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | D | 6 | 7 | 9 | 1 | E | A | C | 0 | 2 | B | 5 | 4 | 8 |
| 4 | 1 | 0 | E | 2 | A | 7 | 9 | 5 | D | 8 | 3 | B | 6 | C |
| 5 | 7 | 9 | D | 8 | C | B | 4 | 2 | E | 6 | 1 | 3 | 0 | A |
| C | E | 8 | 4 | B | 0 | 1 | 6 | 3 | 7 | A | 5 | D | 9 | 2 |
| A | B | 2 | 3 | 5 | 6 | 0 | 8 | D | 4 | 9 | C | 7 | 1 | E |
| 2 | 8 | 5 | C | E | 7 | 4 | 0 | A | 3 | D | 6 | 9 | B | 1 |
| 0 | 9 | E | 8 | A | 2 | C | D | B | 1 | 5 | 4 | 6 | 7 | 3 |
| 7 | 6 | 4 | B | 3 | 9 | 2 | 5 | 1 | A | C | 0 | 8 | E | D |
| B | C | A | 5 | 1 | D | 3 | E | 6 | 9 | 7 | 8 | 0 | 2 | 4 |
| D | 3 | 1 | 6 | 0 | 4 | 8 | 7 | 9 | 2 | B | E | A | C | 5 |
| 6 | 4 | 7 | A | C | 3 | 5 | 2 | 8 | B | E | 9 | 1 | D | 0 |
| 9 | 2 | D | 1 | 7 | E | 6 | 3 | 4 | 5 | 0 | A | C | 8 | B |
| E | 5 | B | 0 | D | 8 | 9 | 1 | 7 | C | 3 | 2 | 4 | A | 6 |
| 1 | A | C | 2 | 6 | 5 | D | B | 0 | 8 | 4 | 7 | E | 3 | 9 |
| 8 | 0 | 3 | 9 | 4 | B | A | C | E | 6 | 1 | D | 2 | 5 | 7 |

ଗତକାଲିର ଉତ୍ତର

# ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଅଣସର



ଡା. ଅଂଶୁମାନ୍ କର

ପିଲାଟି ଦିନୁ ପ୍ରତି ଓଡ଼ିଆର ପ୍ରାଣର ବିନ୍ଦୁ ଭାବେ ଯେଉଁ ଜଗନ୍ନାଥଙ୍କୁ ଏ ଜାତି ଜାଣିଛି, ସେଇ ଜଗନ୍ନାଥ ହେଉଛନ୍ତି ଏ ଜାତିର ପ୍ରତିଟି ଘରର ଏକ ସଦସ୍ୟ। ଶ୍ରାଦ୍ଧ କଲା ସମୟରେ ଯଦି ପିତୃପୁରୁଷଙ୍କ ବଂଶାବଳୀ ଜ୍ଞାତ ନ ଥାଏ ତେବେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ନାମରେ ପିଣ୍ଡଦାନ କରି ପ୍ରତିଟି ଓଡ଼ିଆ ସନ୍ତାନ ନିଜର କର୍ତ୍ତବ୍ୟ ପାଳନ କରେ। ଏତେ ମାନବୀୟ ପ୍ରଭୁଙ୍କ ପାଖରେ ମଧ୍ୟ କଳିଯୁଗର ପରମ ସତ୍ତା ଲୁଚିରହିଛି, ତାହା ବେଳେ ବେଳେ ଆଶ୍ଚର୍ଯ୍ୟ ଲାଗେ। ୧୦୮ ଗରା ଜଳରେ ସ୍ନାନ କରି ଯେଉଁ ଠାକୁର ଜ୍ୱରାକ୍ରାନ୍ତ ହୋଇ କେବଳ ପଣା-ପାଣି ଗ୍ରହଣ କରନ୍ତି, ସେଇ ପ୍ରଭୁ ପୁଣି 'ବଲ୍ଲଭ ପିଣ୍ଡି'ର ତାଟିରେ ଲାଗିଥିବା ପୂର୍ଣ୍ଣକାୟ ପଟିଦିଅଁଙ୍କ ରୂପରେ ଅନ୍ନ ଆଦି ବ୍ୟଞ୍ଜନର ମହାଭୋଗ ଗ୍ରହଣ କରନ୍ତି। ସାରଳା ଦାସ ମହାଭାରତରେ ଏହି ଦେବତାଙ୍କ ସମ୍ବନ୍ଧରେ ଲେଖିଛନ୍ତି-

''ବୋଲନ୍ତି ମାଧବ ସାବଧାନେ ଶୁଣ,
ମୁହିଁ ଯେ ଅନାଦି ନାଥ ଶବରୀ ନାରାୟଣ।''

ଶବରମାନେ ବୃକ୍ଷକୁ 'ଜଗନ୍ତ' ଭାବେ ପୂଜା କରୁଥିଲେ। ଜଗନ୍ତ ଅର୍ଥାତ୍ ଜଗତ ଦେବତା। ସ୍କନ୍ଦ ପୁରାଣ ଅନୁସାରେ ପରବର୍ତ୍ତୀ ସମୟରେ ଶବରମାନେ ଜଗନ୍ନାଥଙ୍କୁ ଶବରୀ ନାରାୟଣ ଭାବେ ଆରାଧନା କରିଛନ୍ତି। ଜଗତରେ ଯେତେ ରୂପ ଅଛି, ସେ ମଧ୍ୟରୁ ଯଦି କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ରୂପ ଗ୍ରହଣ କରିଥାନ୍ତେ, ତେବେ ମହାପ୍ରଭୁ ଜଗନ୍ନାଥ ବୋଲାଇ ପାରି ନ ଥାନ୍ତେ। ସୃଷ୍ଟିକର୍ତ୍ତା ହିଁ ଜଗନ୍ନାଥ ବୋଲି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ କହିଛନ୍ତି-

''ବନ୍ଦଇ ଦୀନବାନ୍ଧବ ହରି
ଯେ ତମଚକ୍ର ଖଣ୍ଡନକାରୀ
ସଦା କମଳାନନ୍ଦ ବିସ୍ତାରି
ସ୍ୱଭାବେ ଇନ ଯେ।''
(ବୈଦେହୀଶ ବିଳାସ)

ରାଜା ଇନ୍ଦ୍ରଭୁତି ତାଙ୍କ ଜ୍ଞାନସିଦ୍ଧି ଗ୍ରନ୍ଥରେ ଜଗନ୍ନାଥଙ୍କୁ ସର୍ବଜୀନ ଓ ବୁଦ୍ଧମୟ କହି ଲେଖିଛନ୍ତି-

''ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜୀନ ବରାର୍ଚ୍ଚିତଂ।
ସର୍ବବୁଦ୍ଧିମୟଂ ସିଦ୍ଧିଂ ବ୍ୟାପିନୋ ଗଗନୋପମ।''

ତାନ୍ତ୍ରିକମାନଙ୍କ ଅନୁସାରେ, ''ନୀଳାଚଳେ ଜଗନ୍ନାଥଃ ସ୍ୱୟଂ ଦକ୍ଷିଣକାଳିକା' ପୁଣି ତନ୍ତ୍ରଶାସ୍ତ୍ରରେ ମଧ୍ୟ ସେଇ ଜଗନ୍ନାଥଙ୍କୁ କୁହାଗଲା- ''ଉତ୍କଳେ ନାଭିଦେଶଶ୍ଚ ବିରଜାକ୍ଷେତ୍ରମୁଚ୍ୟତେ। ବିମଳା ସା ମହାଦେବୀ ଜଗନ୍ନାଥସ୍ତୁ ଭୈରବଃ।''

ଜଗନ୍ନାଥଙ୍କୁ ଅବତାରୀ ଭାବେ ବଳରାମ ଦାସ ତାଙ୍କର 'ବେଦାନ୍ତସାର ଗୁପ୍ତଗୀତା'ରେ ଲେଖିଛନ୍ତି- ''ସର୍ବଦା ନୀଳାଦ୍ରିରେ ସ୍ଥିତି। ଏଥୁ ସକଳ ଜାତ ହୋନ୍ତି।। ସମସ୍ତ ଅବତାର ମାନ। ଜାତ ହୋଇଣ ପଶେ ପୁଣ।।''

ପତିତମାନଙ୍କ କଲ୍ୟାଣ କରିବାକୁ ହେଲେ ପ୍ରଭୁଙ୍କୁ ସ୍ୱୟଂ ପତିତମାନଙ୍କ ସ୍ତରକୁ ଆସି ସମସ୍ୟା ବୁଝିବାକୁ ହେବ। ଜଗନ୍ନାଥ ତେଣୁ ଖରାରେ ବ୍ୟତିବ୍ୟସ୍ତ ହୋଇ ୧୦୮ ଗରା ଥଣ୍ଡା ଜଳରେ ସ୍ନାନ କରନ୍ତି। ଅଧିକ ଥଣ୍ଡା ଜଳରେ ସ୍ନାନ କଲେ ସାଧାରଣ ବ୍ୟକ୍ତିଙ୍କୁ ଯେପରି ଜ୍ୱର ବା ଥଣ୍ଡା ହୁଏ ପ୍ରଭୁ ତାହାକୁ ମଧ୍ୟ ଭୋଗ କରନ୍ତି। ତେବେ ସ୍ନାନ ଓ ଶ୍ରୀଗୁଣ୍ଡିଚାର ମଧ୍ୟବର୍ତ୍ତିକାଳୀନ ଏକ ବିଧାନ ହେଉଛି ଅଣସର। ଜ୍ୟେଷ୍ଠ ପୂର୍ଣ୍ଣିମାଠାରୁ ନେତ୍ରୋତ୍ସବ ବା ଆଷାଢ଼ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦରଦିନ କାଳ ଠାକୁରମାନେ ଅଣସର ପିଣ୍ଡିରେ ବିଜେ କରନ୍ତି। ଏହି ସମୟରେ ଠାକୁର ଦର୍ଶନ ସର୍ବସାଧାରଣଙ୍କ ପାଇଁ ନିଷିଦ୍ଧ। ଏହି ପନ୍ଦର ଦିନ ପୂଜାରେ ବିଶ୍ୱାବସୁଙ୍କର ବଂଶଧର ଦଇତାପତିମାନଙ୍କର ଅଖଣ୍ଡ ଅଧିକାର। ମାତ୍ର ପ୍ରଭୁଙ୍କ ଲୀଳା ଯେମିତି ରହସ୍ୟମୟ ତାଙ୍କର ଏହି ଅଣସର ଅବକାଶ ମଧ୍ୟ ସେହିପରି ଲୀଳାମୟ। ଅଣସର ବା ଅନବସରର ତିନିଗୋଟି ମୌଳିକ ତାତ୍ପର୍ଯ୍ୟ ବିଦ୍ୟମାନ।

ପ୍ରଥମତଃ ପୌରାଣିକ ମତରେ ଭକ୍ତ ଶବର ବିଶ୍ୱାବସୁର ସ୍ମୃତିଚାରଣ ଏବଂ ତା' ବଂଶଧର ଦଇତାପତିମାନଙ୍କୁ ଏକ ବିଶେଷ ସେବା ଅଧିକାର ବା ପରିଚୟ ଦେବା ଲାଗି ଏହା ପ୍ରଭୁଙ୍କର ଏକ ଲୀଳା।

ଦ୍ୱିତୀୟତଃ ଅଣସର ସମୟର ଅନ୍ୟ ଏକ ପ୍ରାସଙ୍ଗିକ କାରଣ ହେଲା ଠାକୁରଙ୍କ ରଙ୍ଗ ବୋଳା ପାଇଁ ସମୟ ଓ ସୁଯୋଗ ସୃଷ୍ଟି କରିବା। ଦେବସ୍ନାନ ପୂର୍ଣ୍ଣିମା ଦିନ ୧୦୮ ଗରା ଜଳରେ ସ୍ନାନ କରାଯିବାରୁ ରଙ୍ଗ ସବୁ ଛାଡିଯାଏ। ତେଣୁ ନୀଳାଦ୍ରି ମହୋଦୟ ଅନୁଯାୟୀ ଅଣକ+ସର ବା ଅଣସର ପ୍ରଭୁଙ୍କୁ ଲାଗି କରାଯାଏ। ଅଣସରରେ ବିଦ୍ୟାପତି ବଂଶଧର ଶୁଦ୍ଧ ସୁଆରମାନେ ରୋଷଘରେ ମୁଗ ରଗଡି ଅଟକାଳି କରି ତାହାକୁ ଠାକୁରଙ୍କ ଶ୍ରୀଅଙ୍ଗରେ ଲେପନ କରନ୍ତି। ଏହି ମୁଗ ବାଟଣା ବା ଲେପ ଘଷିବା ଦ୍ୱାରା ପ୍ରଭୁଙ୍କ ଶ୍ରୀଅଙ୍ଗରେ ଏକ ବୋଳ (coating) ବସିଯାଏ, ଫଳରେ ପୂର୍ଣ୍ଣାଙ୍ଗ ରଙ୍ଗ କାମ କରିବା ପାଇଁ ସୁବିଧା ହୋଇଥାଏ। କୁହାଯାଏ ସ୍ନାନ ପରେ ଯେତେବେଳେ ପ୍ରଭୁଙ୍କ ଶ୍ରୀଅଙ୍ଗରୁ ସମସ୍ତ ବସନ ବାହାର କରାଯାଏ, ସଦା ଲୁକ୍କାୟିତ ଥିବା ପ୍ରଭୁଙ୍କ ଦିବ୍ୟ ମୂର୍ତ୍ତି ପରିଲକ୍ଷିତ ହୁଏ। ଉତ୍କଳରେ ପୁରାଣ ଓ ଗ୍ରନ୍ଥମାନେ ଏହି ଗୋପନୀୟ ମୂର୍ତ୍ତିଙ୍କୁ ନଗ୍ନ ଭାବରେ ଦେଖିବା ପାପ ବୋଲି କହିଛନ୍ତି।

''ନାନାଲଙ୍କାର ରୁଚିରାଂ ନାନା ଭଙ୍ଗି ବିଭାଗଶଃ।
ନିମ୍ବଦାରୁସ୍ୱରୂପେଣ ଦୃଷ୍ଟା ସ୍ୟୁଃ ପାପହେତବଃ।।''

ତେଣୁ ସ୍ନାନ ପୂର୍ଣ୍ଣିମାରେ ବଡ଼ଦେଉଳକୁ ଫେରି ଚନ୍ଦନ ଅର୍ଗଳି ନିକଟରେ ଅଣସର ପିଣ୍ଡି ବା ବଲ୍ଲଭ ପିଣ୍ଡିରେ ତ୍ରିମୂର୍ତ୍ତି ଅବସ୍ଥାନ କରନ୍ତି। ମୂର୍ତ୍ତିମାନଙ୍କୁ ଅଣସର ପଟି ବା ଡୋରା ଦ୍ୱାରା ଆବୃତ କରି ରଖାଯାଏ ଏବଂ ଚିତ୍ରକାରମାନେ ନେତ୍ରୋତ୍ସବ ପର୍ଯ୍ୟନ୍ତ ମୂର୍ତ୍ତିର ରଙ୍ଗ କରିଥାନ୍ତି। ତେବେ ଅଣସର ଅବକାଶର ଏହି କାରଣଟି ଅଧିକ ଯୁକ୍ତିଯୁକ୍ତ ଲାଗେ। ଏଥିରେ ବି କିମ୍ବଦନ୍ତୀ କହେ ଯେ ମୂର୍ତ୍ତିକାରମାନଙ୍କ ଦ୍ୱାରା ରଙ୍ଗଦାନ ପର୍ଯ୍ୟାୟଟି ଅତୀତର ଇନ୍ଦ୍ରଦ୍ୟୁମ୍ନ, ରାଣୀ ଗୁଣ୍ଡିଚା ଓ ବିଶ୍ୱକର୍ମାଙ୍କ ସ୍ମୃତିକୁ ମନେ ପକାଇ ଦେଇଥାଏ।

ତୃତୀୟତଃ ଲୋକଶ୍ରୁତି ଅନୁସାରେ ଗ୍ରୀଷ୍ମ ତାପରୁ ରକ୍ଷା ପାଇବା ପାଇଁ ଠାକୁରମାନେ ଅଜସ୍ର ସ୍ନାନ କରି ଜ୍ୱରାକ୍ରାନ୍ତ ହୁଅନ୍ତି। ତାଙ୍କ ରୋଗର ଉପଶମ ନିମନ୍ତେ ରାଜବୈଦ୍ୟଙ୍କ ନିର୍ଦ୍ଦେଶ କ୍ରମେ ଦଇତାପତିମାନେ ଦଶମୂଳ ପାଚନ ଓ ନାନାବିଧ ଚେରମୂଳି ଔଷଧ ପ୍ରୟୋଗ କରିଥାନ୍ତି। ୧୦ ପ୍ରକାରର ମୂଳ ଯଥା ବେଲ, ଗନ୍ଧଣା, ଠେଣଠେଣା, ଅଗିବଧୁ, ପାଟଳି, ଶାଳପତ୍ରି, କୃଷ୍ଣପତ୍ରି, ନବାଙ୍କୁଡ, ଅଙ୍କରାନ୍ତି ଓ ଗୋଖରା ଗଛର ଚେରକୁ ଏକତ୍ର ଛେଚି ମୋଦକ ପ୍ରସ୍ତୁତ କରାଯାଏ। ଏହି ଧନ୍ୱନ୍ତରୀ ବ୍ୟବସ୍ଥା ଓଡ଼ିଶାରେ ବହୁଦିନରୁ ପ୍ରଚଳିତ। ଏହି ସମୟରେ ବୈଦ୍ୟଙ୍କ ଆଦେଶ କ୍ରମେ ପ୍ରସ୍ତୁତ କରାଯାଇ ବା ଫୁଲୁରି ତେଲ ଯାହା ଏକବର୍ଷ କାଳ ମାଟିତଳେ ରଖାଯାଇଥାଏ, ତାହା ପ୍ରଭୁଙ୍କ ଶ୍ରୀଅଙ୍ଗର ପୀଡ଼ା ଦୂର କରିବାକୁ ଲଗାଯାଇଥାଏ। ତେବେ ଏହି ସମୟରେ ଶ୍ରୀଜୀଉଙ୍କ ପାଖରେ ଆମ୍ବ, ପଣସ, ଛେନା, କ୍ଷୀର, ସର, ରାବିଡ଼ି, ପଣା ଆଦି ଭୋଗ ଲାଗୁଥିବା ବେଳେ କୌଣସି ପ୍ରକାରର ଆଡମ୍ବରପୂର୍ଣ୍ଣ କାର୍ଯ୍ୟ କରାଯାଏ ନାହିଁ। ଭୋଗ ସମୟରେ ଘଣ୍ଟ ବାଜେ ନାହିଁ। ଅଣସର ଗୃହରେ ଠାକୁରମାନଙ୍କୁ ଧଳାବସ୍ତ୍ର, ସୁବାସହୀନ ଧଳାଫୁଲ ଲଗାଯାଏ ଏବଂ ଦଇତା ଓ ପତି ମହାପାତ୍ର ସେବକମାନେ ମଧ୍ୟ ଏକବସ୍ତ୍ରୀ ଧଳାବସ୍ତ୍ର ପରିଧାନ କରନ୍ତି। ଏହି ସମୟରେ ଅନ୍ୟ କୌଣସି ସେବକ ଅଣସର ଗୃହରେ ପ୍ରବେଶ କରିବା ନିଷେଧ। ତେଣୁ ଯଥାର୍ଥରେ କୁହାଗଲା-

''ସର୍ବରହସ୍ୟଂ ପୁରୁଷୋତ୍ତମସ୍ୟ
ଦେବା ନ ଜାନନ୍ତି କୁତୋ ମନୁଷ୍ୟାଃ।''

ଅର୍ଥାତ୍ ପୁରୁଷୋତ୍ତମଙ୍କର ସମସ୍ତ ରହସ୍ୟ ଦେବତାମାନେ ମଧ୍ୟ ଜାଣନ୍ତି ନାହିଁ, ମଣିଷ ବା କି ଛାର!

ଅଣସରର ପନ୍ଦରଦିନ ପ୍ରଭୁଙ୍କର ବର୍ଷାବଧି ଲାଗି ରହିଥିବା କାର୍ଯ୍ୟାବଳୀର ଏକ ଅନନ୍ୟ ଓ ଅତ୍ୟନ୍ତ ଗୂଢ଼ ବ୍ୟତିକ୍ରମ। ଦେବତାକୁ ମାନବ କରି ତା' ସହିତ ସୁଖଦୁଃଖରେ ଭାଗୀ ହେବା ଲାଗି ଭକ୍ତ ପାଇଥାଏ ଏକ ଚରମ ସୁଯୋଗ। ପ୍ରତି ଓଡ଼ିଆର ଚଳନ୍ତି ବିଷ୍ଣୁ ବିଶ୍ୱଦେବତା ହେବା ଲାଗି ସୁଯୋଗ ଏଥିରେ ସୃଷ୍ଟି ହୋଇଥାଏ। ତେବେ ଅଣସର ସମୟରେ ବିଶ୍ରାମ କରିବା ଉଦ୍ଦେଶ୍ୟରେ ହେଉ ଅବା ବିଶ୍ୱାବସୁର ଅମର ଭକ୍ତିର ଜୟଗୀତିର ସ୍ମୃତି ହେଉ ବା ସ୍ନାନରେ ଲିଭି ଯାଇଥିବା ରଙ୍ଗକୁ ପୂର୍ଣ୍ଣାଙ୍ଗ କରିବା ଉଦ୍ଦେଶ୍ୟରେ ହେଉ ପ୍ରଭୁ ନିଜକୁ ମାନବର ଅତି ନିକଟତର କରି ପାରୁଛନ୍ତି। ସେ ପ୍ରଭୁଙ୍କ ଲୀଳା ଅପାର। ଜଗନ୍ନାଥ ଦାସ ଭାଗବତରେ ଲେଖିଛନ୍ତି-

ନମସ୍ତେ ପ୍ରଭୁ ଜଗନ୍ନାଥ। ଅନାଥ ଲୋକଙ୍କର ନାଥ।।
ନମସ୍ତେ ପ୍ରଭୁ ବାସୁଦେବ। ଭକତ ଜନଙ୍କ ବାନ୍ଧବ।।
ନମସ୍ତେ ପ୍ରଭୁ ହୃଷୀକେଶ। ଭକତ ଜନଙ୍କ ବିଶ୍ୱାସ।।
ନମସ୍ତେ ପ୍ରଭୁ ବିଶ୍ୱରୂପୀ। ସକଳ ହୃଦେ ଅଛୁ ବ୍ୟାପି।।

ଏ-୧/୧୮୩, ନୂଆପଲ୍ଲୀ, ଭୁବନେଶ୍ୱର,
ମୋ-୯୭୭୮୦୩୦୪୯୪

# ପାଲା ସନ୍ଧ୍ୟା

ରମେଶ ନନ୍ଦ

ରାମହରିପୁରରେ ବାର୍ଷିକ ମହୋତ୍ସବ। ଯଜ୍ଞାନୁଷ୍ଠାନ ଚାଲିଛି। ସନ୍ଧ୍ୟା ବେଳକୁ ବାଦୀ ପାଲା। ଆଜିର ପାଲା ସନ୍ଧ୍ୟାରେ ଓଡ଼ିଶାର ବିଶିଷ୍ଟ ଗାୟକ ଶାର୍ଦ୍ଦୁଳ କେଶରୀ ପାଲା ପରିବେଷଣ କରିବେ ଓ ତାଙ୍କ ପରେ ରାତି ନଅଟା ବେଳକୁ ଗାୟକ କଲ୍ଲୋଳ ମଧ୍ୟ ଉପସ୍ଥିତ ଅଛନ୍ତି। ପାଲା ଜମିବ।

ପାଲା ଆରମ୍ଭ ହେଲା। ବିଷୟବସ୍ତୁ ହେଉଛି ବୈଦେହୀଶ ବିଳାସ। ପାଲା ଗାୟକ ମଙ୍ଗଳାଚରଣ ସାରି ଗୁରୁ ବନ୍ଦନା କଲେ। 'ବଧିର ନୁହଇ ବୀର' କହିଲା ବେଳକୁ ସନିଆ ଠିଆ ହେଲା। ସନିଆକୁ ପାଞ୍ଚଦଶ ଖଣ୍ଡ ମୌଜାରେ ସମସ୍ତେ ଜାଣିଛନ୍ତି। ସନିଆ ବାଣ ମାରିବାରେ ଧୁରନ୍ଧର। ତା'ର ପ୍ରଶ୍ନବାଣ ଆଗରେ କେଡ଼େ କେଡ଼େ ଗାୟକ ହାର ମାନିଛନ୍ତି। ଥରେ ସେ ଜଣେ ବିଶିଷ୍ଟ ପାଲାକାରଙ୍କୁ ପ୍ରଶ୍ନବାଣରେ ମୁହଁତୋଡ ଜବାବ ଦେଇଥିଲା। ସନିଆର ସେ ପ୍ରଶ୍ନରେ ଗାୟକ ସିଂହାରୀ ହଡବଡେଇ ଗଲେ। ପ୍ରଶ୍ନଟା ଥିଲା ନିହାତି ମାମୁଲି। ସନିଆ କହିଥିଲା, ମୁଁ ଆଜ୍ଞା ବିଡ଼ି ଟାଣେ। ଅନେକ ଲୋକ ବି ବିଡ଼ି ଟାଣନ୍ତି। ଧରନ୍ତୁ ମୁଁ ହଳ କରୁଛି ବିଲରେ। ବିଡ଼ିଟା ଅଧାରୁ ଲିଭିଗଲା। ପୂରା ବିଡ଼ି ପାଇଁ ମୁଁ ପଇସା ଦେଇସାରିଛି। ଏଇ ଅବସ୍ଥାରେ ବିଲରେ ହେଉ କି ଅଲଗା ସ୍ଥାନରେ ବିଡ଼ିଟାକୁ ମୁଁ କୋଉଠି ଥୋଇବି। ଏ ପ୍ରଶ୍ନର ଠିକ୍ ଜବାବ ଆଶାରେ ସେ ପାଞ୍ଚ ପାଞ୍ଚ ଜଣ ପୁରୁଖା ଗାୟକଙ୍କୁ ଚିତ୍‌ପଟାଙ୍ଗ କରିଦେଇଥିଲା। ଯେଉଁଦିନ ସେ ଏଇ ପ୍ରଶ୍ନ ଷଷ୍ଠ ଗାୟକ ଗାୟକମଞ୍ଜୁଳଙ୍କ ଆଗରେ ଉପସ୍ଥାପନ କଲା, ସେ ଦିନ ଗାୟକମଞ୍ଜୁଳ ତତକ୍ଷଣାତ୍ କହିଲେ, ଆରେ ମୂର୍ଖ ଯଦି ବିଡ଼ିଟା ଅଧାରୁ ଲିଭିଗଲା, ତେବେ ତୁ ପୂରା ବିଡ଼ି ପାଇଁ ପଇସା ଦେଇସାରିଛୁ। ଏଣୁ ଅଇଁଠା ବିଡ଼ିଟାକୁ କାନରେ ଖୋସିଦବୁ। ଏହି ଉତ୍ତରକୁ ପ୍ରବଳ ଜନସମର୍ଥନ ମିଳିଗଲା ଓ ସନିଆ ଖୁସ୍ ହେଲା। ଏଥର ପାଲା ସନ୍ଧ୍ୟାର ଗାୟକ ଶାର୍ଦ୍ଦୁଳ କେଶରୀଙ୍କୁ ଦଣ୍ଡପ୍ରଣାମ କରି ସନିଆ ଠିଆହେଲା। ସନିଆ ଜଣେ ଛୋଟ ଚାଷୀ। ନାମମାତ୍ର ଚାଷୀ। ଦେହରେ ତା'ର ଖଣ୍ଡେ ଧୋତି ଆଉ ଶାର୍ଟ। କାନ୍ଧରେ ଖୋର୍ଦ୍ଧା ନାଲି ଗାମୁଛା। ଏଇଟା ତା'ର ପାଲା ଆଟେଣ୍ଡ କରିବା ଡ୍ରେସ। ଶାର୍ଦ୍ଦୁଳ କେଶରୀଙ୍କୁ କରପତ୍ର ଯୋଡି ପ୍ରଣାମ କରିବା ପରେ ସନିଆ କହିଲା ଆଜ୍ଞା ମୋର ଗୋଟେ ଛୋଟ ପ୍ରଶ୍ନ ଅଛି। ଉତ୍ତର କହିବେ।

ଆଜ୍ଞା! ଆପଣ ଶୋଲେ ଫିଲ୍ମ ଦେଖିଥିବେ।

ହଁ। ଆଜ୍ଞା ଭଲ କରି ଦେଖିଛନ୍ତି?

ମୁଁ ଶୋଲେ ସିନେମା ଦଶଥର ଦେଖିଛି।

ଆଚ୍ଛା, ଆଜ୍ଞା! ସେଇ ସିନେମାଟିର ଖଳନାୟକ କିଏ?

ଗବର ସିଂ।

ଗବର ସିଂ ରୋଲ କିଏ କରୁଥିଲେ।

ଅମ୍‌ଜାଦ ଖାଁ।

ତା' ହେଲେ ଆପଣ ଫିଲ୍ମ ଦେଖିଛନ୍ତି। ଆଚ୍ଛା, ଗବର ସିଂ ଯେଉଁ ଖଇନି ହାତରେ ଦଳୁଥିଲେ, ଆପଣ ନିଶ୍ଚୟ ଦେଖିଥିବେ।

ହଁ।

ମୋର ଆଜ୍ଞା ଛୋଟିଆ ପ୍ରଶ୍ନ। ସେଇ ଖଇନି, ଯେଉଁଟା ଗବର ସିଂ ଖାଉଥିଲେ ସିନେମାରେ ସେଇଟା ପ୍ରକୃତରେ ରକେଟ ଖଇନି ନା ସ୍ୱାଗତ ଖଇନି, ନା ଅନ୍ୟ କେଉଁ କମ୍ପାନୀର ଖଇନି। ପାଲା ଗାୟକ ତତ୍‌କ୍ଷଣାତ୍ କହିଲେ, ଅମଜାଦ ଖାଁ ବା ଗବର ସିଂ ଯେତେବେଳେ ଖଇନି ସିନେମା ସେଟରେ ଖାଉଥିଲେ, ମୁଁ ସେତେବେଳେ ତାଙ୍କ ପାଖରେ ଠିଆ ହୋଇଥିଲି।

ଆପଣ କେମିତି ତାଙ୍କ ପାଖରେ ଠିଆ ହୋଇଥିଲେ?

ଏବେ ଯେମିତି ତୋ ପାଖରେ ଠିଆ ହୋଇଛି। ସେତେବେଳେ ସେମିତି ତାଙ୍କ ପାଖରେ ଠିଆ ହୋଇଥିଲି। ମୁଁ ସେଇ ରାମଗଡ଼ ଗାଁକୁ ପାଲା କରିବାକୁ ନିମନ୍ତ୍ରଣ ପାଇ ଯାଇଥିଲି। ଲୋକେ ମତେ ଫିଲ୍ମ ଶୁଟିଂ ହେଉଥିବାର କହିଲେ। ମୁଁ ଫିଲ୍ମ ଶୁଟିଂ ଦେଖିବାକୁ ଯାଇଥିଲି। ଗବର ସିଂ ମାନେ ଅମ୍‌ଜାଦ ଖାଁଙ୍କ ପାଖରେ ଲଗାଲଗି ହୋଇ ଠିଆ ହୋଇଥିଲି। ସିଏ ମତେ ପଚାରିଲେ, ଆପ୍ କହାଁସେ ଆୟେ ହେଁ।

ମୁଁ କହିଲି ମୁଁ ଜଗନ୍ନାଥ ଦେଶରୁ ଆସିଛି। ତା' ପରେ ସିଏ ମତେ ନମସ୍କାର କଲେ। ମୋ ଗୋଡ଼ଧୂଳି ନେଇ ମୁଣ୍ଡରେ ମାରିଲେ। ମତେ କହିଲେ, ଆପଣ ଭାଗ୍ୟବାନ ଲୋକ। ଏଇ ସମୟରେ ତାଙ୍କ ସହିତ ଧର୍ମେନ୍ଦ୍ର, ଅମିତାଭ ବଚ୍ଚନ, ହେମାମାଳିନୀ ପ୍ରମୁଖ ଥିଲେ। ଠିକ୍ ଏତିକିବେଳକୁ ଡାଇରେକ୍ଟର ସିପ୍‌ପୀ ସାହେବ ମତେ ମଧ୍ୟ ମୁଣ୍ଡିଆ ମାରି କୋଳାଗ୍ରତ କଲେ। ରେଡ୍ଡି ଷ୍ଟାର୍ଟ ବୋଲି ନିର୍ଦ୍ଦେଶକ କହିଲେ। ହଠାତ୍ ଗବର ସିଂ ମାନେ ଅମ୍‌ଜାଦ କହିଲେ, ଆଜ୍ଞା ଖଇନି ପାଖରେ ନାହିଁ। ତା' ପରେ ନିର୍ଦ୍ଦେଶକ ଗୋଟେ ସ୍ପଟ୍ ବୟ ସୁରେଶକୁ ଖଇନି ପକେଟ୍ ଆଣିବାକୁ ବାଇକ ଦେଇ ପଠେଇଲେ। ରାମଗଡ଼ ପାହାଡ଼ିଆ ଅପନ୍ତରା ଜାଗା। ବଜାର ଯିବାକୁ ୧୦-୨୦ କିଲୋମିଟର ଯିବାକୁ ହବ। ମୁଁ କହିଲି ମୋ ପାଖରେ ଖଇନି ଅଛି। ଆପଣମାନେ ଜାଣନ୍ତି ମୁଁ ଦକ୍ଷିଣୀ ଲୋକ। ଆମର ସିଆଡେ ନାସ ଚଳେ। ମୁଁ ନାସ ଖାଏ। ତେଣୁ ନାସ ପକେଟ୍‌ଟିକୁ ତାଙ୍କୁ ବଢ଼େଇଦେଲି। ନାସକୁ ହାତରେ ବାଡ଼େଇ ପାଟିରେ ପକେଇଲେ। ତା'ପରେ ତାଙ୍କର ଡାଏଲଗ କହିଲେ, 'ଅରେ ଓ ଶାମ୍ଭା... କିତ୍‌ନା ଇନାମ୍ ରଖିୟେ ସରକାର ନେ।' ଗାୟକଙ୍କ ଉପସ୍ଥିତ ବୁଦ୍ଧି ପ୍ରଶଂସନୀୟ ଥିଲା। ହେଲେ ଆଜିକାଲି ସେ ପାଲା ଯୁଗ ଆଉ ନାହିଁ। କାଁଭାଁ କେଉଁଠି ପାଲା ହେଉଛି। ସେଥିରେ ଖାଲି କେତେଜଣ ବୟସ୍କ ଶ୍ରୋତାଙ୍କ ଛଡ଼ା ଯୁବ ଦର୍ଶକ ନ ଥାନ୍ତି। ଧୀରେ ଧୀରେ ସେତକ ବି ଲୋପ ପାଇଯିବାର ଆଶଙ୍କା ଉପୁଜିଲାଣି।

ମୋ-୭୭୫୦୦୮୩୮୭୯

## ଏଇ ଭାରତରେ

ଗତ ୪ଶହ ବର୍ଷ ଧରି ମଧ୍ୟପ୍ରଦେଶର ରାଜଗଡ଼ ଜିଲ୍ଲା ସଙ୍କ୍ ଶ୍ୟାମ୍ ଜୀ ଗାଁରେ କୌଣସି ଶିଶୁଙ୍କ ଜନ୍ମ ହୋଇନି। ଭୋପାଳଠାରୁ ଏହି ଗାଁର ଦୂରତା ପ୍ରାୟ ୧୩୦ କିଲୋମିଟର। ପ୍ରସବ ସମୟ ହେଲେ ଗର୍ଭବତୀ ମହିଳାଙ୍କୁ ଗାଁ ବାହାରେ ଥିବା ଏକ ଘରକୁ ନିଆଯାଇଥାଏ, ଯାହାକି କେବଳ ପ୍ରସବ ପାଇଁ ନିର୍ମିତ ହୋଇଛି। ଗାଁ ଉପରେ ଏକ ଅଭିଶାପ ରହିଛି। ଏଠାରେ ପ୍ରସବ ହେଲେ ମା' କିମ୍ବା ଶିଶୁଙ୍କର ମୃତ୍ୟୁ ଘଟିଥାଏ। ନଚେତ୍ ଶିଶୁ ବିକଳାଙ୍ଗ ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କର ବିଶ୍ୱାସ ରହିଛି। ଏହା ପଛର ଅଜଣା ରହସ୍ୟ କ'ଣ ତାହା ଗ୍ରାମବାସୀଙ୍କୁ ଜଣାନାହିଁ। ତେବେ ଏଭଳି ଘଟଣା ୧୬୦୦ ମସିହାରୁ ବାରମ୍ବାର ଘଟିବାରୁ ଶେଷରେ ଗାଁରେ ପ୍ରସବକୁ ବାରଣ କରାଯାଇଛି। ଏହି ପରମ୍ପରା ଏବେ ଏଠାରେ ଜାରି ରହିଛି। ଗାଁର ୯୦ ପ୍ରତିଶତ ପ୍ରସବ ହସ୍ପିଟାଲରେ ହୋଇଥାଏ। ଅତି ଜରୁରୀ କ୍ଷେତ୍ରରେ ଗାଁ ବାହାରେ ଥିବା ପ୍ରସବ ଘରେ ଶିଶୁ ଜନ୍ମ ନେଇଥାନ୍ତି। ଗାଁରେ ଆମିଷ ଓ ମଦ୍ୟପାନକୁ ମଧ୍ୟ ବାରଣ କରାଯାଇଛି। ଅଜଣା ଅଭିଶାପ ଯୋଗୁ ତାଙ୍କ ଗାଁରେ କେହି ମଦ୍ୟ କିମ୍ବା ଧୂମପାନ କରି ନ ଥାନ୍ତି। ଏହା ଗାଁ ପାଇଁ ବରଦାନ ପାଲଟିଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ୨୫ ବର୍ଷ ତଳେ ଧରିତ୍ରୀ

୧ ଜୁଲାଇ ୧୯୯୪

- ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ ଓ ରୁଷିଆ ରାଷ୍ଟ୍ରପତି ବୋରିସ୍ ୟେଲଟସିନଙ୍କ ମଧ୍ୟରେ ୨ଟି ରାଜନୈତିକ ଘୋଷଣାନାମା ସ୍ୱାକ୍ଷରିତ।
- କଟକ ମଙ୍ଗଳାବାଗ ଥାନା ଅନ୍ତର୍ଗତ ମାଛୁଆ ବଜାର ସ୍ଥିତ ଆଖଡା ଲେନରେ ଏକ ଶକ୍ତିଶାଳୀ ବୋମା ବିସ୍ଫୋରଣରେ ୫ ଜଣଙ୍କ ମୃତ୍ୟୁ।

## ସାପ୍ତାହିକ ପଞ୍ଜିକା

ଜୁନ୍ ୨୩- ବିଏସ୍‌ପି ସୁପ୍ରିମୋ ମାୟାବତୀ ତାଙ୍କ ଭାଇ ଆନନ୍ଦ କୁମାରଙ୍କୁ ଦଳର ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି।

୨୪- ରିଜର୍ଭ ବ୍ୟାଙ୍କ ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ଆଉ ୬ ମାସ ବାକି ଥିବାବେଳେ ସେ ଅଚାନକ ଏହି ପଦରୁ ଇସ୍ତଫା ଦେଇଛନ୍ତି।

୨୫- ଭାରତମାତା ଜନହିତ ଟ୍ରଷ୍ଟ ମୁଖ୍ୟ ତଥା ବିଶିଷ୍ଟ ସନ୍ଥ ସ୍ୱାମୀ ସତ୍ୟମିତ୍ରାନନ୍ଦ ଗିରି ମହାରାଜଙ୍କର ୮୭ ବର୍ଷ ବୟସରେ ପରଲୋକ।

୨୬- ବରିଷ୍ଠ ଆଇପିଏସ୍ ଅଫିସର ବସନ୍ତ କୁମାର ଗୋୟଲଙ୍କୁ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) ମୁଖ୍ୟ ଏବଂ ଅରବିନ୍ଦ କୁମାରଙ୍କୁ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି।

୨୭- ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ କେନ୍ଦ୍ରର ୩ ନମ୍ବର ଉତ୍‌କ୍ଷେପଣ କେନ୍ଦ୍ରରୁ ପୃଥ୍ୱୀ-୨ କ୍ଷେପଣାସ୍ତ୍ରର ବ୍ୟାବହାରିକ ପରୀକ୍ଷଣ ସଫଳ ହୋଇଛି।

* ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ରାଜ୍ୟ ବିଧାନସଭାର ଉପବାଚସ୍ପତି ଭାବେ ନିର୍ବାଚିତ।

୨୮- ଥାଇଲାଣ୍ଡର ଇଂଲିଶ ଦୈନିକ 'ଦି ନେଶନ'ର ଶେଷ ମୁଦ୍ରିତ ସଂସ୍କରଣ ଆଜି ପ୍ରକାଶ ପାଇଛି, ଏହାପରଠାରୁ ଏହାର କେବଳ ଅନ୍‌ଲାଇନ ସଂସ୍କରଣ ହିଁ ପ୍ରକାଶ ପାଇବ।

## ଆମ ସମସ୍ୟା

### କୁଜଙ୍ଗରେ ଟ୍ରାଫିକ୍ ସମସ୍ୟା

ମହାଶୟ,

କୁଜଙ୍ଗରେ ଟ୍ରାଫିକ୍ ସମସ୍ୟା ବାସ୍ତବରେ ଚିନ୍ତାର ବିଷୟ। ଏଠାକୁ ଯେତେ ଭଲ ତହସିଲଦାର, ଭଲ ପୋଲିସ ଅଫିସର ଆସନ୍ତୁ, ଯେପର୍ଯ୍ୟନ୍ତ ଏଠିକାର ସ୍ଥାନୀୟ ନେତା ନ ଚାହିଁବେ ସମାଧାନ ହୋଇପାରିବ ନାହିଁ। ଦିନକୁ ଦିନ ବଜାର ବଢ଼ିଚାଲିଛି। ସ୍ଥାନର ଅଭାବ କିପରି ଦୂର ହେବ, ତାହା ପ୍ରତି ନଜର ଦେବା ଦରକାର। ମେଡିକାଲର ପୂର୍ବ ଏବଂ ପଶ୍ଚିମ ପଟରେ ସଙ୍କୀର୍ଣ୍ଣ ରାସ୍ତା ଅଛି। ଏହି ରାସ୍ତାରେ ଥିବା ବ୍ୟବସାୟୀଙ୍କୁ ହଟାଇବାକୁ ହେଲେ ସେମାନଙ୍କୁ ଥଇଥାନ ପାଇଁ ଏକମାତ୍ର ବିକଳ୍ପ ଥାନା ଛକଠାରୁ ସତ୍‌ସଙ୍ଗ ବିହାର ପର୍ଯ୍ୟନ୍ତ ତାଳଦଣ୍ଡା କେନାଲରେ ପୋଲ କରିବାକୁ ପଡିବ। ଦ୍ୱିତୀୟରେ କେତେକ ପରିତ୍ୟକ୍ତ ସ୍ଥାନ ଅଛି, ଯେପରି କୁଜଙ୍ଗ ହାଇସ୍କୁଲର ଉତ୍ତର ଦିଗରେ ଥିବା ପରିତ୍ୟକ୍ତ ପୋଖରୀକୁ ପୋତିଦେଲେ ଅନେକ ଜାଗା ମିଳିଯିବ, ଯାହା ସ୍ଥାନୀୟ ନେତାଙ୍କ ଦ୍ୱାରା ସମ୍ଭବ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ଗରିବ ଓବିସି ଛାତ୍ରୀଛାତ୍ରଙ୍କୁ ଉପେକ୍ଷା

ସର୍ବଭାରତୀୟ ମେଡିକାଲ କାଉନସେଲିଂ କମିଟି ଅନୁଯାୟୀ ଛାତ୍ରୀଛାତ୍ରଙ୍କ ନାମଲେଖା ନିମନ୍ତେ ସର୍ବଭାରତୀୟ ସ୍ତରରେ ହରିଜନ, ଆଦିବାସୀ, ପଛୁଆବର୍ଗ ଓ ଗରିବ ସାଧାରଣ ବର୍ଗ ପାଇଁ ସ୍ଥାନ ସଂରକ୍ଷଣ ହୋଇଥିବା ସ୍ଥଳେ ଓଡିଶାର ପଛୁଆବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ନାହିଁ। ଓଡିଶାରେ ସାଧାରଣବର୍ଗ ମଧ୍ୟରେ ପଛୁଆବର୍ଗ ଛାତ୍ରୀଛାତ୍ର ମିଶିକରି ତାଲିକା ପ୍ରକାଶ ପାଉଛି। କିନ୍ତୁ ମେଡିକାଲ କାଉନସେଲିଂ କମିଟି ଓଡିଶାରେ ଅନଲାଇନ ରେଜିଷ୍ଟ୍ରେସନରେ ୧୦% ସ୍ୱତନ୍ତ୍ର କୋଟା ସାଧାରଣବର୍ଗ ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ନିର୍ଦ୍ଧାରଣ କରିଛନ୍ତି। ଅଥଚ ଓଡିଶାରେ ଥିବା ପଛୁଆବର୍ଗ ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ନାହିଁ। ଏହି ପଛୁଆବର୍ଗ ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣ ନିମନ୍ତେ ଅଭିଭାବକଗଣ ଦାବି କରୁଛନ୍ତି।

କାର୍ତ୍ତିକ ଚନ୍ଦ୍ର ଦଳେଇ, ବାଇଗୁଣିଆଁ, ଭାପୁର, ନୟାଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


“ ବିହାରରେ ଏନ୍‌ସେଫାଲାଇଟିସ୍ ମୃତ୍ୟୁ ଲାଗି ନୀତୀଶ କୁମାର ହିଁ ଦାୟୀ। ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ଉଚିତ।

-ଉପେନ୍ଦ୍ର କୁଶୱାହ,
ରାଷ୍ଟ୍ରୀୟ ଲୋକ ସମ୍‌ତା ପାର୍ଟି ମୁଖ୍ୟ

# ରୁଷିଆରୁ ଟ୍ୟାଙ୍କବିଧ୍ୱଂସୀ କ୍ଷେପଣାସ୍ତ୍ର କିଣିବ ଭାରତ

## ୨୦୦ କୋଟିର ଚୁକ୍ତିନାମା ସ୍ୱାକ୍ଷର



**ନୂଆଦିଲ୍ଲୀ,୩୦।୬**

ବାଲାକୋଟ ଏୟାରଷ୍ଟ୍ରାଇକ୍ ଭଳି ପରିସ୍ଥିତିରେ ନିଜକୁ ପ୍ରସ୍ତୁତ ରଖିବା ଲାଗି ରୁଷିଆରୁ ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ର କିଣିବା ଲାଗି ଭାରତ ରାଜିନାମା ସ୍ୱାକ୍ଷର କରିଛି। ଷ୍ଟ୍ରମ୍ ଅଟାକା ନାମକ ଏହି କ୍ଷେପଣାସ୍ତ୍ର ଏମ୍‌ଆଇ-୩୫ ଲଢୁଆ ହେଲିକପ୍ଟରରେ ମୁତୟନ କରାଯିବ। ଜରୁରିକାଳୀନ ବ୍ୟବସ୍ଥା ଅନୁଯାୟୀ ଏହି ଚୁକ୍ତିନାମା ସ୍ୱାକ୍ଷର ହୋଇଥିବାରୁ ୩ ମାସ ମଧ୍ୟରେ ରୁଷିଆ ଉକ୍ତ କ୍ଷେପଣାସ୍ତ୍ର ଯୋଗାଇଦେବ ବୋଲି ସରକାରୀ ସୂତ୍ରରୁ ଜଣାପଡିଛି।

୨୦୦ କୋଟି ଟଙ୍କାରେ ହୋଇଥିବା ଏହି ଚୁକ୍ତିନାମା ଅନୁଯାୟୀ ଷ୍ଟ୍ରମ୍ ଅଟାକା କ୍ଷେପଣାସ୍ତ୍ର ମିଳିବା ପରେ ଏହା ଏମ୍‌ଆଇ-୩୫ ହେଲିକପ୍ଟରର ଆକ୍ରମଣ ସାମର୍ଥ୍ୟ ବୃଦ୍ଧି କରିବ। ଏହା ଶତ୍ରୁପକ୍ଷର ଟ୍ୟାଙ୍କ୍‌କୁ ଧ୍ୱଂସ କରିବାରେ ସକ୍ଷମ ହୋଇପାରିବ। ବାୟୁସେନାରେ ଥିବା ଲଢୁଆ ହେଲିକପ୍ଟର ଏମ୍‌ଆଇ-୩୫ ସ୍ଥାନରେ ଆମେରିକାରୁ ଅଣାଯିବାକୁ ଥିବା ଆପାଚେ ହେଲିକପ୍ଟରକୁ ସାମିଲ କରାଯିବାର ଯୋଜନା ରହିଛି। ଆସନ୍ତା ମାସରୁ ଏହି ହେଲିକପ୍ଟର ଆମେରିକା ଯୋଗାଇଦେବ। ଭାରତ ରୁଷିଆଠାରୁ ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ର କିଣିବାକୁ ଦୀର୍ଘଦିନରୁ ଉଦ୍ୟମ କରିଆସୁଥିଲା। ଗତ ସପ୍ତାହରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏ ସମ୍ପର୍କରେ ସୂଚନା ଦେଇଥିଲେ। ଜରୁରିକାଳୀନ ଆବଶ୍ୟକତା ଭିତ୍ତିରେ ଅସ୍ତ୍ର କିଣିବାରେ ଭାରତୀୟ ବାୟୁସେନା ଆଗରେ ରହିଛି। ଆକସ୍ମିକ ଯୁଦ୍ଧ ଲାଗି ନିଜକୁ ପ୍ରସ୍ତୁତ କରି ରଖିବାକୁ ବାୟୁସେନା ସ୍ପାଇସ୍-୨୦୦୦ ଯୁଦ୍ଧାସ୍ତ୍ର କିଣିବା ସହିତ ବିଭିନ୍ନ ଦେଶରୁ କ୍ଷେପଣାସ୍ତ୍ର କିଣିବା ଲାଗି ଚୁକ୍ତି ସ୍ୱାକ୍ଷର କରିଛି।

ସେନା ଫ୍ରାନ୍ସରୁ ସ୍ପାଇକ୍ ଟ୍ୟାଙ୍କବିଧ୍ୱଂସୀ ଗାଇଡେଡ୍ ମିସାଇଲ ଏବଂ ରୁଷିଆରୁ ଇଗ୍‌ଲା-ଏସ୍ ଏୟାର ଡିଫେନ୍ସ ମିସାଇଲ ଜରୁରିକାଳୀନ ବ୍ୟବସ୍ଥାରେ କିଣିବା ପ୍ରକ୍ରିୟାରେ ରହିଛି। ସରକାର ୩ ବାହିନୀକୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ୩୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଅସ୍ତ୍ରଶସ୍ତ୍ର ଓ ଯୁଦ୍ଧ ସରଞ୍ଜାମ କିଣିବା ଲାଗି କ୍ଷମତା ପ୍ରଦାନ କରିଛନ୍ତି। ଗତ ଫେବୃୟାରୀ ୧୪ରେ ପୁଲ୍‌ୱାମାରେ ଆତଙ୍କବାଦୀ ଆକ୍ରମଣ ପରେ ସରକାର ସେନାକୁ ଏହି ଜରୁରୀ କ୍ଷମତା ପ୍ରଦାନ କରିଥିଲେ। ପୁଲ୍‌ୱାମା ଆକ୍ରମଣରେ ୪୦ରୁ ଊର୍ଦ୍ଧ୍ୱ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ଏହା ପରଠାରୁ ପାକିସ୍ତାନ ସୀମା ଉପରେ ଭାରତ ତୀକ୍ଷ୍ଣ ନଜର ରଖିଛି।

# ୮ ନିର୍ବାଚନ କର୍ମଚାରୀଙ୍କୁ ହତ୍ୟା

**କାନ୍ଦାହାର,୩୦।୬(ଏଏଫ୍‌ପି)**

ଆଫଗାନିସ୍ତାନର ମାରୁଫ୍ ଜିଲାରେ ତାଲିବାନ ଆତଙ୍କବାଦୀ ଆକ୍ରମଣ କରି ନିର୍ବାଚନ କମିଶନଙ୍କ ୮ ଜଣ କର୍ମଚାରୀଙ୍କୁ ହତ୍ୟା କରିଛନ୍ତି। ଶନିବାର ରାତିରେ କାନ୍ଦାହାର ପ୍ରଦେଶର ମାରୁଫ ଜିଲା କେନ୍ଦ୍ର ଉପରେ ଆତଙ୍କବାଦୀ ବିସ୍ଫୋରକ ଭର୍ତ୍ତି ଗାଡ଼ି ଦ୍ୱାରା ଆକ୍ରମଣ କରିଥିଲେ। ସେହି ସମୟରେ ଭୋଟର ପଞ୍ଜୀକରଣ କାର୍ଯ୍ୟରେ ନିୟୋଜିତ କେତେଜଣ କର୍ମଚାରୀ କାର୍ଯ୍ୟାଳୟରେ ରହିଥିବାରୁ ସେମାନଙ୍କର ମୃତ୍ୟୁ ଘଟିଛି। ଆକ୍ରମଣରେ କେତେଜଣ ସୁରକ୍ଷା କର୍ମଚାରୀ ମଧ୍ୟ ନିହତ ହୋଇଛନ୍ତି। ଆକ୍ରମଣ ପାଇଁ ତାଲିବାନ ନିଜକୁ ଦାୟୀ କରିଛି।

# ୧୦୦ କୋଟିର ବ୍ରାଉନ୍ ସୁଗାର ଜବତ

**ଇମ୍ଫାଲ,୩୦।୬**

ମଣିପୁରର ଥୋଉବାଲ ଜିଲାରୁ ୧୧୧.୨ କେ.ଜି.ର ବ୍ରାଉନ୍ ସୁଗାର ଜବତ ହୋଇଛି। ଲିଲୋଙ୍ଗ ଗ୍ରାମରେ ବ୍ରାଉନ୍ ସୁଗାର ପ୍ରସ୍ତୁତି ଚାଲିଥିବାବେଳେ ନାର୍କୋଟିକ୍ସ ଆଣ୍ଡ ଆଫେୟାର୍ସ ଅଫ୍ ବର୍ଡର ସମେତ ମଣିପୁର ପୋଲିସ ଶନିବାର ବିଳମ୍ବିତ ରାତିରେ ସେଠାରେ ଚଢ଼ାଉ କରି ଏହାକୁ ଜବତ କରିଥିବା ଜଣାପଡ଼ିଛି। ଅନ୍ତର୍ଜାତୀୟ ବଜାରରେ ଏହାର ମୂଲ୍ୟ ୧୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏନେଇ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିବା ସହ ଉକ୍ତ ଫ୍ୟାକ୍ଟ୍ରିକୁ ସିଲ୍ କରିଦିଆଯାଇଛି। ସ୍ଥାନୀୟ ସ୍ୱେଚ୍ଛାସେବୀ ସଂସ୍ଥା 'ଅଞ୍ଜୁମନ୍' ସହାୟତାରେ ଏହି ଧରପଗଡ଼ କରାଯାଇଥିବା ପୋଲି ସୂଚନା ଦେଇଛି।

# ଅଭିନୟ ଛାଡ଼ିଲେ ଦଙ୍ଗଲ ଗର୍ଲ




**ମୁମ୍ବାଇ,୩୦।୬:** ବଲିଉଡ୍‌ରେ ୫ ବର୍ଷ ପୂରଣ କରିବା ପରେ 'ଦଙ୍ଗଲ ଗର୍ଲ' ଜାୟରା ୱସିମ୍ ଶେଷରେ ଅଭିନୟରୁ ବିଦାୟ ନେଇଛନ୍ତି। ଅଭିନୟ କ୍ୟାରିୟର ଓ ଜୀବନଶୈଳୀ ତାଙ୍କୁ ଧର୍ମରୁ ବିଚ୍ୟୁତ କରିବା ସହ ନିଜ ଆସ୍ଥାରୁ ଅଜ୍ଞାନ ପଥକୁ ଟାଣିନେଇଛି। ତେଣୁ ଧର୍ମ ପାଇଁ ସେ ଫିଲ୍ମ ଜଗତରୁ ଓହରିଯାଇଥିବା ରବିବାର ଏହି କଶ୍ମୀରୀ ଝିଅ ଏକ ଫେସ୍‌ବୁକ୍ ପୋଷ୍ଟରେ ଘୋଷଣା କରିଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଜାତୀୟ ପୁରସ୍କାରପ୍ରାପ୍ତ ୧୮ ବର୍ଷୀୟା ମୁସ୍‌ଲିମ୍ ଝିଅ ଜାୟରା ୱସିମ୍ ଅଭିନୟ ଛାଡ଼ିଥିବା ନେଇ ଫେସ୍‌ବୁକ୍ ଏବଂ ଅନ୍ୟ କେତେକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଘୋଷଣା କରିବା ସିନେ ଜଗତକୁ ଚକିତ କରିଦେଇଛି। ପୋଷ୍ଟରେ ସେ ଉଲ୍ଲେଖ କରିଛନ୍ତି ଯେ, ମୁଁ ଅଭିନୟକୁ ନେଇ ଖୁସି ନୁହେଁ। କାରଣ ଏହା ମୋ ଧର୍ମ ରାସ୍ତାରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଅଭିନୟ ଜଗତରେ ସମ୍ପୂର୍ଣ୍ଣ ଭାବେ ଫିଟ୍ ହୋଇଯାଇଥିଲେ ହେଁ ଏହି କାମ ପାଇଁ ମୁଁ ଉପଯୁକ୍ତ ନୁହେଁ। ୫ ବର୍ଷ ପୂର୍ବେ ମୁଁ ନେଇଥିବା ନିଷ୍ପତ୍ତି ମୋ ଜୀବନକୁ ସବୁଦିନ ପାଇଁ ବଦଳାଇ ଦେଇଥିଲା। ଏହା ମୋ ପାଇଁ ଲୋକପ୍ରିୟତାର ଦ୍ୱାର ଖୋଲିଦେଇଥିଲା। ମୁଁ ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଯାଇଥିଲି। ଏପରି କି ଯୁବପିଢ଼ିଙ୍କ ରୋଲ୍ ମଡେଲ ଭାବେ ମଧ୍ୟ ମୋତେ ଅଭିହିତ କରାଯାଉଥିଲା। ତେବେ ମୁଁ ସେପରି ହେବାକୁ କେବେ ଆଶା କରି ନ ଥିଲି। ଏପରି ପରିଚୟକୁ ନେଇ ମୁଁ ଆଦୌ ଖୁସି ନୁହେଁ। ବାସ୍ତବରେ ଅଭିନୟ ଜଗତ ମୋ ପାଇଁ ଅନେକ ସ୍ନେହ, ସମର୍ଥନ ଓ ଖ୍ୟାତି ଆଣିଦେଇଛି। କିନ୍ତୁ ଏହାସହ ଏକ ଅଜ୍ଞାନର ରାସ୍ତାକୁ ମଧ୍ୟ ଟାଣିନେଇଛି। ନୀରବ ଓ ଅଜାଣତରେ ମୁଁ ଇମାନ୍ (ଆସ୍ଥା)ରୁ ବାହାରକୁ ଚାଲିଯାଇଛି। ଆସ୍ଥାରେ ବାରମ୍ବାର ହସ୍ତକ୍ଷେପ କରୁଥିବା ଏକ ପରିବେଶରେ ମୁଁ କାର୍ଯ୍ୟ କରିବା ଫଳରେ ମୋ ଧର୍ମ ସହିତ ସମ୍ପର୍କ ଉପରେ ବିପଦ ସୃଷ୍ଟି ହୋଇଛି। ଫଳରେ ମୋ ଜୀବନର ସବୁ ବରଖ (ଆଶୀର୍ବାଦ)କୁ ହରାଇଦେଇଛି। ଫଳରେ ମୋତେ ମୋ ଆତ୍ମା ସହ ଲଢ଼େଇ କରିବାକୁ ପଡ଼ିଛି। ତେଣୁ ଫିଲ୍ମ ଜଗତରୁ ଓହରିଯାଉଛି ବୋଲି ସେ ଏକ ବିସ୍ତୃତ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ପ୍ରଖ୍ୟାତ ଔପନ୍ୟାସିକା ତସ୍‌ଲିମା ନସରିନ୍ ଜାୟରାଙ୍କ ଏହି ନିଷ୍ପତ୍ତିକୁ ମୂର୍ଖାମି ବୋଲି ଅଭିହିତ କରିଛନ୍ତି। ବଲିଉଡ୍‌ର ଟ୍ୟାଲେଣ୍ଟେଡ୍ ଅଭିନେତ୍ରୀ ଜାୟରା ଏବେ ଅଭିନୟ ଛାଡ଼ିବାକୁ ଚାହାନ୍ତି। କାରଣ ଅଭିନୟ କ୍ୟାରିୟର ଆଲ୍ଲାଙ୍କ ଉପରୁ ତାଙ୍କର ଆସ୍ଥା ତୁଟାଇଦେଇଛି ବୋଲି ସେ ମନେକରୁଛନ୍ତି। କେତେ ବଡ଼ ମୂର୍ଖ ନିଷ୍ପତ୍ତି! ମୁସଲମାନ ସମ୍ପ୍ରଦାୟର ବହୁତ ଟ୍ୟାଲେଣ୍ଟ ବୁର୍ଖାର ଅନ୍ଧକାରରେ ହଜିଯିବା ପାଇଁ ବାଧ୍ୟ ହେଉଛନ୍ତି ବୋଲି ତସ୍‌ଲିମା ଟୁଇଟ୍ କରିଛନ୍ତି। ଜାୟରାଙ୍କ ଅଭିନୀତ ଶେଷ ଚଳଚ୍ଚିତ୍ର 'ଦି ସ୍କାଏ ଇଜ୍ ପିଙ୍କ୍' ପ୍ରଯୋଜକ ରୟ କପୁର କହିଛନ୍ତି, ସେ ଜଣେ ଉଚ୍ଚକୋଟୀର ଓ ପେସାଦାର ଅଭିନେତ୍ରୀ। ତାଙ୍କର ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ବ୍ୟକ୍ତିଗତ। ତାଙ୍କ ପଛରେ ପୂରା ଟିମ୍ ଛିଡ଼ା ହୋଇରହିଛି। ସେହିପରି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏନ୍‌ସି ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲା ଟୁଇଟ୍ କରିଛନ୍ତି, ଜାୟରାଙ୍କ ପସନ୍ଦକୁ ନେଇ ପ୍ରଶ୍ନ କରିବା ପାଇଁ ଆମେ କିଏ? ସେ ନିଜ ଖୁସି ଅନୁସାରେ ନିଷ୍ପତ୍ତି ନେଇପାରିବେ।



ବ୍ରିଟେନର ପ୍ରଧାନମନ୍ତ୍ରୀ ପଦ ତଥା କଞ୍ଜର୍ଭେଟିଭ୍ ପାର୍ଟି ଦୌଡ଼ରେ ଆଗୁଆ ଥିବା ବୋରିସ୍ ଜନ୍‌ସନ୍ ଲଙ୍କାଶାୟରସ୍ଥିତ ଏକ ଡାଏରି ଫାର୍ମରେ ଗୋରୁଙ୍କୁ ଚାରା ଖୁଆଉଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କିଛି ଜାଣେ ନାହିଁ ଆକୁଳି**
**ଦିଅଁକୁ ଖାଇଲା**
**ଖଟୁଲି ଖାଇଲା**
**ଆହୁରି ଖାଇବ ବଙ୍କୁଲି ।**

ଠକ ବା ଧୂର୍ତ୍ତ ଶ୍ରେଣୀର ବ୍ୟକ୍ତି ଟିକିଏ ସୁବିଧା ସୁଯୋଗ ପାଇଲେ ସବୁକିଛି ଅନାୟାସରେ ଚଳୁ କରିଦେଉଥିବା ଦେଖିବାକୁ ମିଳିଥାଏ। ଏକାଥରକେ ସବୁ ଆତ୍ମସାତ୍ କରିନେବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥାଏ। ଉପରକୁ ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି ଦେଖାଉଥିବା ବ୍ୟକ୍ତି ସମସ୍ତଙ୍କ ଅଗୋଚରରେ ଲାଭ ସହ ମୂଳଧନ ଲୁଟି ଖାଇବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**କର ଯଦି ଡର କାହିଁକି**
**ଡର ଯଦି କର କାହିଁକି ?**

କାର୍ଯ୍ୟ କରିସାରିବା ପରେ ତା'ର ଫଳାଫଳକୁ ନେଇ ମନରେ କୌଣସି ପ୍ରକାର ଦ୍ୱନ୍ଦ୍ୱଭାବ ବା ଭୟ ରଖିବା ଅନୁଚିତ୍। ସେହିପରି କୌଣସି କାର୍ଯ୍ୟ ଆରମ୍ଭ କରିବାରେ ଯଦି ମନରେ କିଛି ଭୟ ରହିଥାଏ ତାହାହେଲେ ସେଭଳି କାର୍ଯ୍ୟଠାରୁ ନିଜକୁ ଦୂରେଇ ରଖିବା ବା ସେଥିରେ ହାତ ନ ଦେବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ କାନ୍ଥ ଭୁଶୁଡ଼ିବା ଘଟଣା

# ରିମାଣ୍ଡରେ ଗଲେ ୨ ବିଲ୍ଡର

**ପୁଣେ,୩୦।୬**

ପୁଣେରେ ପ୍ରବଳ ବର୍ଷା ଯୋଗୁ ଶନିବାର ଏକ ହାଉସିଂ ସୋସାଇଟିର ୨୨ ଫୁଟ ଉଚ୍ଚ କାନ୍ଥ ଭୁଶୁଡ଼ି ୧୭ ଲୋକଙ୍କ ପ୍ରାଣହାନି ଘଟିବା ପରେ ପୋଲିସ ୨ ବିଲ୍ଡରଙ୍କୁ ଗିରଫ କରିଥିଲା। ମହାରାଷ୍ଟ୍ରର ଏକ କୋର୍ଟ ବିଲ୍ଡର ଦ୍ୱୟ ଭିପୁଲ ଅଗ୍ରୱାଲ ଓ ବିବେକ ଅଗ୍ରୱାଲଙ୍କୁ ରବିବାର ରିମାଣ୍ଡରେ ପଠାଇଛନ୍ତି। ସେମାନେ ଜୁଲାଇ ୨ ପର୍ଯ୍ୟନ୍ତ ପୋଲିସ କଷ୍ଟୋଡିରେ ରହିବେ। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଏସ୍.ଏସ୍. ରାମଦିନ୍ ସେମାନଙ୍କୁ ପୋଲିସ କଷ୍ଟୋଡ଼ିରେ ରହିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ପୋଲିସ ଏହି ଘଟଣାକୁ ନେଇ ମାମଲା ରୁଜୁ କରିଥିଲା। ପ୍ରକାଶଥାଉ କି, କାନ୍ଥର ଅବସ୍ଥା ଭଲ ନ ଥିବା ବିଲ୍ଡରଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ସୁଦ୍ଧା ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା।


CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ ବର୍ଷରୁ ଆପଣଙ୍କ ସେବାରେ
ଆଦିତ୍ୟ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ
90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9584226773
9468038873

ASTROLOGY

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଖୋଲା ଚାଲେଞ୍ଜ
ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଲେଶ, ସାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର ।
9719339390

DHANLAXMI FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-95 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
HELPLINE
09485832476
PETUMALI, JHARMUNDA, PETUPALI, BARGARH, ODISHA - 768034

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଜିନ୍ଦଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍
୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

FINANCE

BUSINESS
ଖାଲିଥିବା ଜମି ଓ ଛାତ ଉପରେ
ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

BASUDHA FINANCE
BASUDHA FINANCE ଦ୍ୱରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815
7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

EDUCATION

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078839971

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି ।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଦି ଇନଷ୍ଟିଚ୍ୟୁଟ ଅଫ ଚାର୍ଟର୍ଡ ଆକାଉଣ୍ଟାଣ୍ଟ ଅଫ ଇଣ୍ଡିଆ(ଆଇସିଏଆଇ)ର ୭୦ତମ ପ୍ରତିଷ୍ଠା ଦିବସ, ଚାର୍ଟର୍ଡ ଆକାଉଣ୍ଟାଣ୍ଟ ଦିବସ, ଆଇସିଏଆଇ ଭବନ, ନୟାପଲ୍ଲୀ, ସକାଳ ୬ଟା ଠାରୁ ସନ୍ଧ୍ୟା ୭ଟା।
- ଜାତୀୟ ବନ ମହୋତ୍ସବ ସପ୍ତାହର ଉନ୍ମୋଚନ, ସରସ୍ୱତୀ ଶିଶୁ ମନ୍ଦିର, ୟୁନିଟ-୮, ସକାଳ ୮ଟା ୩୦।
- ଦି ଏଭରଗ୍ରୀନ ସଂସ୍ଥା ପକ୍ଷରୁ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ, ସୂଚନା ଭବନ, ସନ୍ଧ୍ୟା ୬ଟା ୧୫।
- ଦି ଇନଷ୍ଟିଚ୍ୟୁଟ ଅଫ କମ୍ପାନି ସେକ୍ରେଟାରିସ ଅଫ ଇଣ୍ଡିଆ ପକ୍ଷରୁ ଜିଏସ୍‌ଟି ଦିବସ ପାଳନ, ଇନଷ୍ଟିଚ୍ୟୁଟ ପରିସର, ଭିଆଇପି କଲୋନୀ, ଆଇଆରସି ଭିଲେଜ, ସନ୍ଧ୍ୟା ୬ଟା ୩୦।

**କଟକ**

- ସାରଳା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସନ୍ଥକବି ଭୀମ ଭୋଇଙ୍କ ସ୍ମୃତି ସମାରୋହ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା ।

**ଖୋର୍ଦ୍ଧା**

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ଖୋର୍ଦ୍ଧା ବ୍ଲକ, ପୂର୍ବାହ୍ନ ୧୦ଟା।

**ବାଲିଅନ୍ତା**

- ସରସ୍ୱତୀ ଶିକ୍ଷା ମନ୍ଦିରର ୧୯ତମ ପ୍ରତିଷ୍ଠା ଦିବସ, ନହରକଣ୍ଟା, ପୂର୍ବାହ୍ନ ୧୧ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ହିନ୍ଦୁ ରାଷ୍ଟ୍ରୀୟ ନବ ନିର୍ମାଣ ସେନାର ଓଡ଼ିଶା କମିଟି ଗଠିତ

ଭୁବନେଶ୍ୱର, ୩୦।୬(ବ୍ୟୁରୋ)- ହିନ୍ଦୁ ରାଷ୍ଟ୍ରୀୟ ନବ ନିର୍ମାଣ ସେନାର ଓଡ଼ିଶା ପ୍ରଦେଶ କମିଟି ରବିବାର ଗଠିତ ହୋଇଛି। ଭାରତ ଭୂଷଣ ଜୁନେଜା ଏହି କମିଟିର ସଭାପତି ଥିବା ବେଳେ ପ୍ରତାପ ସାହୁ ଉପସଭାପତି, ଏନ୍. ଭି. ରାଜୁ ସମ୍ପାଦକ ଓ ସତ୍ୟେନ୍ଦ୍ର ଜେନାଙ୍କୁ ମୁଖପାତ୍ର ଭାବେ ନିଯୁକ୍ତ କରାଯାଇଛି। ହିନ୍ଦୁମାନଙ୍କ ଅଧିକାରକୁ ପ୍ରାଧାନ୍ୟ ଦେବା ସହିତ ଏକ ସଶକ୍ତ ହିନ୍ଦୁ ରାଷ୍ଟ୍ର ଗଠନ କରିବାକୁ ଅମିତ୍ ସିଂ ରାଠୋରଙ୍କ ଦ୍ୱାରା ଏହି ସେନା ନିର୍ମାଣ କରାଯାଇଥିଲା। ହିନ୍ଦୁ ରାଷ୍ଟ୍ରୀୟ ନବ ନିର୍ମାଣ ସେନା ଓଡ଼ିଶା ବ୍ୟତୀତ ହରିୟାଣା, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ରାଜସ୍ଥାନ ଓ ଦିଲ୍ଲୀରେ କାର୍ଯ୍ୟ କରୁଛି। ଏହାକୁ ୨୦୧୮ରେ ଆରମ୍ଭ କରାଯାଇଥିଲା।

## ସୁଧାଂଶୁ ଧଡ଼ାଙ୍କୁ ଆକାଶବାଣୀ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା



କଟକ ଅଫିସ, ୩୦।୬: ଭାରତୀୟ ସୂଚନା ସେବା (ଆଇଆଇଏସ୍)ର ବରିଷ୍ଠ ଅଧିକାରୀ ସୁଧାଂଶୁ ଶେଖର ଧଡ଼ାଙ୍କୁ ରବିବାର ଆକାଶବାଣୀ କଟକ କେନ୍ଦ୍ରରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମାଚାର ବିଭାଗ ପକ୍ଷରୁ ଅନୁଷ୍ଠିତ ସଭାରେ ଆକାଶବାଣୀ କଟକର ଡିଡିଜି(ଇ) ପି.କେ. ପତି, ସମାଚାର ବିଭାଗର ପୂର୍ବତନ ଉପନିର୍ଦ୍ଦେଶକ କେ.ପି. ରାଜୀବନ, ସମାଚାର ସମ୍ପାଦକ ତପନ କୁମାର ମହାରଣା, ପାର୍ଥସାରଥି ମଲ୍ଲିକ, ଖବର ଉପସ୍ଥାପକ ଜଗନ୍ନାଥ ମଲ୍ଲିକ, ବିରଞ୍ଚି ନାରାୟଣ ସେଠୀ, ମଳୟ ରଞ୍ଜନ ମିଶ୍ର, ଜୟ ପ୍ରକାଶ ମହାନ୍ତି, ପ୍ରଜ୍ଞାପାରମିତା ଜେନା, ସୁଚିସ୍ମିତା ସାହୁ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆକାଶବାଣୀ ଚିତ୍ତ ବିନୋଦନ ବିଭାଗ ମୁଖ୍ୟ ଅତନୁ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧଡ଼ା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଉପନିର୍ଦ୍ଦେଶକ ଭାବେ ଭୁବନେଶ୍ୱରଠାରେ ଆକାଶବାଣୀ ସମାଚାର ପାଇଁ କାର୍ଯ୍ୟ କରୁଥିଲେ। କେନ୍ଦୁଝର ନିବାସୀ ଧଡ଼ା ୧୯୮୭ରେ ଆଇଆଇଏସ୍‌ରେ ଯୋଗଦେଇଥିଲେ। ସେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପିଆଇବି, ଦୂରଦର୍ଶନ, ଆକାଶବାଣୀ, ଡିଏଭିପି, ଆର୍‌ଏନ୍‌ଆଇ ସହ ଅନ୍ୟ ବିଭାଗରେ ସଫଳତାର ସହ କାର୍ଯ୍ୟ କରିଥିଲେ।





ଇସ୍କନ ମନ୍ଦିର ପରିସର ଓ ଜୟଦେବ ବିହାର-ରସୁଲଗଡ଼ ଓଭରବ୍ରିଜରେ ଜମି ରହିଥିବା ବର୍ଷା ପାଣି।

### ଘଣ୍ଟାଏ ବର୍ଷାରେ ଜଳମଗ୍ନ ରାଜଧାନୀ

# ଇସ୍କନ ମନ୍ଦିର ସମ୍ମୁଖରେ ଭାସିଲା କାର

ଭୁବନେଶ୍ୱର, ୩୦।୬(ବ୍ୟୁରୋ)

ରବିବାର ସନ୍ଧ୍ୟାରେ ପ୍ରାୟ ୧ ଘଣ୍ଟାର ବର୍ଷା ଦେଶର ୧ ନମ୍ବର ସ୍ମାର୍ଟସିଟି ଭୁବନେଶ୍ୱରର ଅବସ୍ଥାକୁ କଦର୍ଯ୍ୟ କରିଦେଇଥିଲା। କେଉଁଠି ଅଣ୍ଠାଏ, କେଉଁଠି ଆଣ୍ଠୁଏ ପାଣି ଜମି ରହିଥିଲା। ଜାତୀୟ ରାଜପଥରେ ଥିବା ଫ୍ଲାଏଓଭରର ସ୍ଥାନେ ସ୍ଥାନେ ବର୍ଷା ପାଣି ଜମି ରହିବା ଯୋଗୁ ଯାତାୟାତରେ ସମସ୍ୟା ହେବା ସହ ଟ୍ରାଫିକ୍ ଜାମ୍ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଶେଷ କରି ଇସ୍କନ ମନ୍ଦିର ଓ ରସୁଲଗଡ଼ ଏସ୍‌ପ୍ଲାନେଡ୍ ୱାନ୍ ସମ୍ମୁଖ ଅଞ୍ଚଳ ସ୍ଥିତି ସଙ୍ଗିନ ଥିଲା। ଇସ୍କନ ମନ୍ଦିର ସମ୍ମୁଖ ରାସ୍ତାରେ ୨୦ରୁ ଊର୍ଦ୍ଧ୍ୱ କାର, ଅଟୋରିକ୍ସା ଭାସୁଥିବାର ଦେଖିବାକୁ ମିଳିଥିଲା। ବର୍ଷାଦିନ ଆରମ୍ଭ ହେଉ ହେଉ ରାଜଧାନୀ ଏଭଳି ଜଳମଗ୍ନ ହୋଇପଡ଼ିବା ଦେଖି ଲୋକେ ଚିନ୍ତାରେ ପଡ଼ିଯାଇଛନ୍ତି। ଅନ୍ୟପକ୍ଷରେ ସହରକୁ ଜଳବନ୍ଦୀ ସମସ୍ୟାରୁ ମୁକ୍ତି କରିବା ପାଇଁ ଏଥର ବି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ବିଫଳ ହୋଇଗଲା। ବର୍ଷାଜଳ ନିଷ୍କାସନ ନ ହେବାର ମୁଖ୍ୟ ସମସ୍ୟା ହେଉଛି ଡ୍ରେନ ଜାମ୍ ରହିବା। ଏଭଳି ସମସ୍ୟା ପ୍ରତିବର୍ଷ ଦେଖିବାକୁ ମିଳୁଥିଲେ ମଧ୍ୟ ବିଏମ୍‌ସି କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ନିରାକରଣ ପାଇଁ ସେଭଳି ଆନ୍ତରିକତା ନ ଥିବା ସ୍ପଷ୍ଟ ବୁଝାପଡୁଛି।

ଲଘୁଚାପ ପ୍ରଭାବରେ ରବିବାରଠାରୁ ତିନିଦିନ ଧରି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଥିଲା। ଜଳବନ୍ଦୀ ପରିସ୍ଥିତିର ମୁକାବିଲା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ଗୋଟିଏ ଘଣ୍ଟାର ବର୍ଷାରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଘଣ୍ଟା ଘଣ୍ଟା ଧରି ପାଣି ଜମି ରହିଥିଲାବେଳେ କୌଣସି ଅଧିକାରୀଙ୍କ ଦେଖା ମିଳି ନ ଥିଲା। ଏଭଳିସ୍ଥିତିରେ ଅଧିକ ସମୟ ବର୍ଷା ହେଲେ ରାଜଧାନୀର ପରିସ୍ଥିତି କ'ଣ ହେବ ତାହା ଚିନ୍ତାର ବିଷୟ ହୋଇଛି।

ଭୁବନେଶ୍ୱରର ନୟାପଲ୍ଲୀ ଇସ୍କନ ମନ୍ଦିର ସମ୍ମୁଖ, ଆଚାର୍ଯ୍ୟ ବିହାର, ବାଣୀବିହାର, ରସୁଲଗଡ଼ ମୁଖ୍ୟ ରାସ୍ତା, ସତ୍ୟନଗର, ସତ୍ୟବିହାର, ଜିଜିପି କଲୋନୀ, ପୁରୁଣା ଭୁବନେଶ୍ୱର, ଖଣ୍ଡଗିରି, ଶହୀଦନଗର ଶାନ୍ତିପଲ୍ଲୀ ବସ୍ତି ଆଦି ଅଞ୍ଚଳର ଲୋକେ ରବିବାର ସନ୍ଧ୍ୟା ବର୍ଷା ପରେ ଗୁରୁତର ସମସ୍ୟା ଭୋଗିଥିଲେ। ବହୁ ଲୋକଙ୍କ ଘରେ ପାଣି ପଶିବା ସହ ରାସ୍ତାରେ ଯାତାୟାତ କରିବା ମୁସ୍କିଲ ହୋଇପଡ଼ିଥିଲା। ବିଶେଷ କରି ଜୟଦେବ ବିହାର-ସିଆରପି ଛକ ଫ୍ଲାଏଓଭର୍ ଉପରେ ମଧ୍ୟ ପାଣି ଲହଡ଼ି ଭାଙ୍ଗିଥିଲା। ପାଣି ଜମି ରହିବା ଫଳରେ ନାଇଟ ବସ୍, ବଡ଼ ବଡ଼ ଟ୍ରକ୍ ଫ୍ଲାଏଓଭର ଉପରେ ଧାଡ଼ି ବାନ୍ଧି ଛିଡ଼ା ହୋଇରହିଥିଲେ।



ଇସ୍କନ ମନ୍ଦିର ସମ୍ମୁଖ ଜାତୀୟ ରାଜପଥରେ ବର୍ଷାପାଣିରେ ଭାସୁଥିବା କାର ଓ ଅନ୍ୟ ଗାଡ଼ି।



ବମିଖାଲ ଓଭରବ୍ରିଜ ପାର୍ଶ୍ୱ ରାସ୍ତାରେ ଲହଡ଼ି ମାରୁଥିବା ବର୍ଷାଜଳ।

- ଫ୍ଲାଏଓଭର ଉପରେ ଜମିରହୁଛି ପାଣି
- ବର୍ଷା ଜଳ ନିଷ୍କାସନ ମୁଖ୍ୟ ସମସ୍ୟା

### ଶିବାନନ୍ଦ ସେଣ୍ଟେରାରୀ ବାଳକ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

# ନକଲ ନ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟିକର: ରାଜ୍ୟପାଳ

ଭୁବନେଶ୍ୱର, ୩୦।୬(ବ୍ୟୁରୋ)

କାହା ପରି ହେବାକୁ ଚେଷ୍ଟା ନ କରି ନିଜେ କ'ଣ ଅଧିକ ହୋଇପାରିବ ସେଥିପ୍ରତି ଧ୍ୟାନ ଦିଅ। ନକଲ ନ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କର। ତୁମେ ହିଁ ତୁମ ନିଜକୁ ଉଚ୍ଚରେ ପହଞ୍ଚାଇ ପାରିବ। ଅନ୍ୟମାନେ କେବଳ ପଥପ୍ରଦର୍ଶନ କରାଇବେ, କିନ୍ତୁ କେବେହେଲେ ସେମାନେ ତୁମ ସାଙ୍ଗରେ ଯିବେ ନାହିଁ। ତେଣୁ ନିଜେ ନିଜ ଲାଗି କିଛି ସ୍ୱତନ୍ତ୍ର କରିବାକୁ ଚେଷ୍ଟା କର ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଖଣ୍ଡଗିରିସ୍ଥିତ ଶିବାନନ୍ଦ ସେଣ୍ଟେରାରୀ ବାଳକ ଉଚ୍ଚ ବିଦ୍ୟାଳୟର ୩୬ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ କହିଲେ, ସମଗ୍ର ପୃଥିବୀ ସତ୍ୟ, ଧୈର୍ଯ୍ୟ ଓ ଅପେକ୍ଷା ପରି ତିନୋଟି ଗୁଣରେ ଆଚ୍ଛାଦିତ ହୋଇଛି। ଯାହାର କର୍ମ ଏସବୁକୁ ଟପିଯାଏ ସେ ନିର୍ଲିପ୍ତାନନ୍ଦ, ବ୍ରହ୍ମାନନ୍ଦ, ଜଗନ୍ନାଥାନନ୍ଦ, ପରମାନନ୍ଦ, ଶିବାନନ୍ଦଙ୍କ ପରି ସାଧୁ ହୋଇଯାଏ। ଭଗବାନ ହେବା ବହୁତ ସହଜ। ଯାହାପାଖରେ ଐଶ୍ୱର୍ଯ୍ୟ, ଯଶ, ବୈରାଗ୍ୟ, ଜ୍ଞାନ, ଧର୍ମ, ପରାକ୍ରମ ଥିବ ସେ ଭଗବାନ ହୋଇଯିବ। ହେଲେ ସାଧୁ ହେବା ବହୁତ କଷ୍ଟସାଧ୍ୟ। ଏହି ସାଧୁମାନଙ୍କ ନିକଟରେ ବସି ମୁଁ ଆଜି ନିଜକୁ ଗର୍ବିତ ମନେକରୁଛି। ଭଗବାନ ଶିକ୍ଷାଦାନ ଲାଗି ଏପରି ସାଧୁମାନଙ୍କୁ ଏଠାକୁ ପଠାଇଛନ୍ତି। ଏମାନଙ୍କୁ ସମ୍ମାନ କର, ପାଠ ପଢ ବୋଲି ରାଜ୍ୟପାଳ ଗଣେଶୀ ଲାଲ ଉପସ୍ଥିତ ଛାତ୍ରମାନଙ୍କୁ ପରାମର୍ଶ ଦେଇ କହିଥିଲେ।

ବିଦ୍ୟାଳୟର ଛାତ୍ରମାନଙ୍କ ସହ ବାର୍ତ୍ତାଳାପ କରି ସେ କହିଲେ, ମନୁଷ୍ୟ ନିଜର ମିତ୍ର ଓ ମନୁଷ୍ୟ ହିଁ ଶତ୍ରୁ। କେହି ବି କାହା ଲାଗି କିଛି କରନ୍ତିନି। ଏହା ସମ୍ପୂର୍ଣ୍ଣ ଭୁଲ୍ ଓ ଭ୍ରମ ଧାରଣା। ମାର୍ଗ ଦେଖାଇପାରନ୍ତି, କିଛି ବାର୍ତ୍ତା ମଧ୍ୟ ଦେଇପାରନ୍ତି, ସଂସ୍କାର ଦେଇପାରନ୍ତି, ହେଲେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯଦି କେହି କାହାର ମିତ୍ର ତା'ହେଲେ ସେ ହେଉଛ ତୁମେ ନିଜେ। ନିଜର ପ୍ରକାଶ୍ୟରେ ନିଜେ ଆଗକୁ ବଢ଼ିବାକୁ ଚେଷ୍ଟା କଲେ ନିଶ୍ଚିତ ସଫଳତା ମିଳିବ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ, ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ନିଜର ଦୀକ୍ଷାନ୍ତ ଭାଷଣ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ର ମୁକେଶ କୁମାର ବେହେରାଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିବାବେଳେ ସଞ୍ଜୀବ ମେମୋରିଆଲ ପୁରସ୍କାର ପ୍ରଦାନ ପୂର୍ବକ ୭ହଜାର ଟଙ୍କାର ନଗଦ ରାଶି ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା।



ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ।

# ବାହାବେଦିରୁ ବରକୁ ଉଠାଇନେଲା ପୋଲିସ

ବାଲକାଟୀ,୩୦।୬(ଡି.ଏନ୍.ଏ.)

**ମହଙ୍ଗା ପଡ଼ିଲା ତୃତୀୟ ବିବାହ**

ରାଜଧାନୀ ଉପକଣ୍ଠ ବାଲକାଟୀ ଅଞ୍ଚଳରେ ରବିବାର ତୃତୀୟ ବିବାହ ପାଇଁ ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ହିନସ୍ତା ହେବାକୁ ପଡ଼ିଛି। ମନ୍ଦିରରେ ବିବାହ ଆରମ୍ଭ ହେଉ ହେଉ ଦ୍ୱିତୀୟ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ତାଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିଛି। ପୋଲିସ ସୂଚନା ମୁତାବକ, ବାଙ୍କୀ ଅଞ୍ଚଳର ଜନୈକ ଯୁବକଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ କିଛିଦିନ ପୂର୍ବେ ବାଲିଅନ୍ତା ଥାନା ଭଇଁଚୁଆ ଅଞ୍ଚଳର ଜଣେ ଯୁବତୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ। କିନ୍ତୁ ଅଳ୍ପ ଦିନ ମଧ୍ୟରେ ସେମାନଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇଥିଲା। ଫଳରେ ଯୁବକ ଜଣକ ଦ୍ୱିତୀୟ ସ୍ତ୍ରୀଙ୍କୁ ଛାଡ଼ି ଅନ୍ୟତ୍ର ରହୁଥିବାବେଳେ ମହିଳା ଜଣକ ବାପ ଘରେ ରହୁଥିଲେ। ତେବେ ଦ୍ୱିତୀୟ ସ୍ତ୍ରୀଙ୍କୁ ଛାଡପତ୍ର ନ ଦେଇ ଉକ୍ତ ଯୁବକ ତୃତୀୟ ବିବାହ ପାଇଁ ମନ ବଳାଇଥିଲେ। ଏଥିପାଇଁ ବାଲକାଟୀ ପ୍ରତାପଶାସନ ଗ୍ରାମର ଜଣେ ଯୁବତୀଙ୍କୁ ବିବାହ କରିବାକୁ ସ୍ଥିର କରିଥିଲେ। କିନ୍ତୁ କନ୍ୟାଘର ଯୁବକଙ୍କ ପୂର୍ବସ୍ଥିତି ସମ୍ପର୍କରେ କୌଣସି ଖବର ପାଇପାରି ନଥିଲେ। ଇତିମଧ୍ୟରେ ଯୁବକ ଜଣକ ବିବାହ ପ୍ରସ୍ତାବ ଦେଇ ରବିବାର ତିଥି ଅନୁଯାୟୀ ବାଲକାଟୀସ୍ଥିତ ଗହୀର ଦୁଲାଦେଈ ମନ୍ଦିରରେ ବିବାହ ଆୟୋଜନ ହୋଇଥିଲା। କନ୍ୟାପକ୍ଷ ବର ରୋଶଣିକୁ ସ୍ୱାଗତ ଜଣାଇ ମନ୍ଦିରକୁ ପାଛୋଟି ନେଇଥିଲେ। ବାହାଘର ପାଇଁ ବର ଓ କନ୍ୟା ବେଦୀରେ ବସିଥିବାବେଳେ ପୁରୋହିତ ମନ୍ତ୍ର ଉଚ୍ଚାରଣ କରିଥିଲେ। ଏହି ସମୟରେ ହଠାତ ଘଟଣାସ୍ଥଳରେ ବାଲକାଟୀ ଫାଣ୍ଡି ଅଧିକାରୀ ଦେବେନ୍ଦ୍ର ସାହୁ ପହଞ୍ଚି ଯୁବକଙ୍କୁ ଉଠାଇ ଥାନାକୁ ନେଇଆସିଥିଲେ। ଥାନାରେ ମଧ୍ୟସ୍ଥଙ୍କ ଜରିଆରେ ଦ୍ୱିତୀୟ ସ୍ତ୍ରୀଙ୍କ ସହ ଯୁବକଙ୍କ ମଧ୍ୟରେ ଆପୋସ ବୁଝାମଣା ଚାଲିଥିବା ଫାଣ୍ଡି ଅଧିକାରୀ ସାହୁ କହିଛନ୍ତି। ଅପରପକ୍ଷେ ବାହାବେଦିରୁ ମଙ୍ଗୁଳା କନ୍ୟାକୁ ନେଇ କନ୍ୟାପିତା ଘରକୁ ଫେରିଥିବା ଜଣାପଡ଼ିଛି।

ସେଲ୍‌ଫି କର୍ନର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ସୂର୍ଯ୍ୟକାନ୍ତ



ସ୍ମୃତି



ଦେବାଶିଷ



ଦୟାନିଧି



ଟ୍ୱିଙ୍କିଲ



ମୋନାଲିସା



ଚନ୍ଦନ



ସୁବ୍ରତ



ତପସ୍ୱିନୀ



**ରଥଖଳାରୁ...**



# ଉଠିଲା ପାରାଭାଡ଼ି, ଖପୁରି



**ପୁରୀ ଅଫିସ, ୩୦।୬**

୩ଦିନ ପରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଚତୁର୍ଦ୍ଧାବିଗ୍ରହଙ୍କ ଏହି ନବଦିନାତ୍ମକ ଯାତ୍ରା ଲାଗି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରୀନଅର ସମ୍ମୁଖ ରଥଖଳାରେ ଜୋରସୋରରେ ଚାଲିଛି ରଥକାମ। ତିନି ରଥ ମୁଖ୍ୟ ବିଶ୍ୱକର୍ମାଙ୍କ ତତ୍ତ୍ୱାବଧାନରେ ମହାରଣା, ରୂପକାର, ଭୋଇ, କମାର, ଚିତ୍ରକାର ସେବକ ମାନେ ନିଜ ନିଜ କାମରେ ଲାଗି ପଡିଛନ୍ତି। ରବିବାର ସୁଦ୍ଧା ତିନିରଥ ଉପରକୁ ୧୩ ପରସ୍ତ ପୋଟଳ, ପାରାଭାଡ଼ି ଓ ଖପୁରି ଉଠିଛି। ତଳୁ ୬ ପରସ୍ତ ଓ ଉପରୁ ୭ ପରସ୍ତ ପୋଟଳ ମଝିରେ ପାରାଭାଡ଼ି ରହିଛି। ଖପୁରିରେ କଳସ ଡାଙ୍ଗିଆ ବସାଯାଇଛି। ତିନିରଥର ଜଗତପୃଷ୍ଠ ଶ୍ରେଣୀ ଉଠିଛି। ଅନ୍ୟପଟେ ରଥରେ ତାଗ ବାଡିଆ ସରିବା ପରେ ରବିବାରଠାରୁ ପଟା ବାଡିଆ ଆରମ୍ଭ ହୋଇଛି। ତିନିରଥର ୨ଟି ଲେଖାଏଁ ଦୁଆର ବେଢା ନିର୍ମାଣ ସରିଛି। କଳସ ନିର୍ମାଣ ଚାଲିଛି।

ତାଳଧ୍ୱଜ ରଥ ରୂପକାର ଗଣେଶ ମହାପାତ୍ର କୁହନ୍ତି, ପ୍ରଥମେ କଣଗୁଜ ସରିବା ପରେ ରଥରେ ପଟାଗୁଜ ଆରମ୍ଭ ହୋଇଥିଲା। ରଥରେ ପଟାଗୁଜ ସମାପ୍ତ ହୋଇଛି। ନାଟଗୋଡ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ସିଂହାସନ କାମ ଶେଷ ହୋଇଛି। ଆଗକୁ ସାରଥି ଓ ଘୋଡା ମରାମତି କାମ ଆରମ୍ଭ ହେବ। ଏଥିସହିତ ଆଶାବାଡି, ଇଷ ଓ ଜୁଆଳି କାମ ହେବ। ଶେଷରେ ପ୍ରଭା କାମ ହେବ। ହାତରେ ସମୟ କମ୍ ଅଛି। ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ଚେଷ୍ଟା ଚାଲିଛି। ସେହିପରି ଚିତ୍ରକର ସେବକ ଶ୍ରୀମନ୍ଦିର ପ୍ରଶାସନ ନୂତନ କାର୍ଯ୍ୟାଳୟ ପରିସରରେ ରଙ୍ଗ କାମ କରୁଛନ୍ତି। ପାର୍ଶ୍ୱ ଦେବଦେବୀଙ୍କ ରଙ୍ଗ କାମ ସରିବା ପରେ ସଖୀ ଓ ଅନ୍ୟାନ୍ୟ ରଙ୍ଗ କାର୍ଯ୍ୟ ଚାଲିଛି। ଦୋଳବେଦୀ କୋଣରେ କମାର ସେବକମାନେ ତାଗ କଣ୍ଟା ଓ ଉପର କଇଁଚି କାମ କରୁଛନ୍ତି।

# ରଥଖଳାରେ ସମୟ ଜଣାପଡ଼େନି

**ମୋ ଅନୁଭୂତି...**


ବାଳକୃଷ୍ଣ ମହାରଣା

ତାଳଧ୍ୱଜ ରଥର ମହାରଣା ସେବକ ବାଳକୃଷ୍ଣ ମହାରଣା। ବଡ ବାପା ନରସିଂହ ଓ ବାପା ଲକ୍ଷ୍ମଣ ମହାରଣାଙ୍କ ହାତ ଧରି ଯୁବାବସ୍ଥାରେ ରଥଖଳାକୁ ଚାଲି ଆସିଥିଲେ। ପିଲାବେଳେ ବାପାଙ୍କ ନିର୍ଦ୍ଦେଶ କ୍ରମେ କାଠ ହାଣିବା କାମ ଆରମ୍ଭ କରି ପରେ ଧୀରେ ଧୀରେ ରଥର ଅନ୍ୟାନ୍ୟ କାମ ଶିକ୍ଷା କରିଥିଲେ। ନିର୍ଦ୍ଧାରିତ ସମୟ ବ୍ୟବଧାନରେ କିପରି କାମ ସରିବ, ନିଖୁଣ ଭାବେ କରାଯିବ, ସେ ନେଇ ବାପା ସବୁବେଳେ ତାଗିଦ୍ କରୁଥିବା ସେ କୁହନ୍ତି। ଯୁବାବସ୍ଥାରେ ତାଙ୍କ ଗାଳି, ତାଗିଦ୍, ପ୍ରେରଣା ଆଜି ମୋତେ ରଥ ନିର୍ମାଣରେ ବେଶ୍ ସହାୟକ ହୋଇଛି ବୋଲି ବାଳକୃଷ୍ଣ କୁହନ୍ତି। କେଉଁ ସମୟରେ କ'ଣ କରାଯିବ, ବିଧିବିଧାନ କ'ଣ ରହିଛି, ସେ ସବୁ ବାପା ଓ ବଡବାପାଙ୍କ ଠାରୁ ଶିଖିଛି। ୨୦୧୫ରେ ଶାଢି ବନ୍ଧାଇଥିଲେ ବାଳକୃଷ୍ଣ। ରଥ ନିର୍ମାଣ ବେଳେ ବହୁ ବାଧାବିଘ୍ନ ଆସେ। ଅସାବଧାନତାରୁ ବେଳେବେଳେ ଅଘଟଣ ଘଟେ। କାହାର ହାତ କଟିଲାଣି ତ କାହାର ଗୋଡ କଟିଲାଣି। ବାରିସି ଆଘାତରେ ମହାରଣାମାନେ ଆହତ ହୁଅନ୍ତି। ଏହା ସତ୍ତ୍ୱେ କାମରେ ଆନନ୍ଦ ଲାଗେ। ଦେଖୁ ଦେଖୁ ଦିନ ଗଡି ରାତି ଆସିଯାଏ, ପୁଣି ସକାଳ ହେଲେ ରଥଖଳାରେ ହାଜର। ଏଠାରେ ଥିବା ପର୍ଯ୍ୟନ୍ତ ଭୋକଶୋଷ ନ ଥାଏ।

ଅକ୍ଷୟତୃତୀୟା ଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ରଥଖଳାରେ କାମ ଜାରି ରହିଥାଏ। କିପରି ଏହି ସମୟ କଟିଯାଏ ତାହା ଜଣାପଡେନି। ଏ ସବୁ ମହାପ୍ରଭୁଙ୍କ ଇଚ୍ଛା। ତାଙ୍କ ବିନା କିଛି ସମ୍ଭବ ନୁହଁ। ଚଳିତବର୍ଷ ରଥକାମ ବିଳମ୍ବରେ ଚାଲିଛି, ନିର୍ଦ୍ଧାରିତ ସମୟ ପୂର୍ବରୁ ରଥକାମ ସରିବ ନାହିଁ ବୋଲି ରୀତିମତ ଭାବେ ଚର୍ଚ୍ଚା ହେଉଛି। ତେବେ ରଥକାମ ଦ୍ରୁତ ଗତିରେ ଚାଲିଛି। ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଏକ ଅନୁଭୂତି ସମ୍ପର୍କରେ ସେ କୁହନ୍ତି, କିଛି ବର୍ଷ ତଳେ ରଥଖଳା ଚାଲିଥାଏ। ବର୍ଷା ସମୟ। ଝଡତୋଫାନ ଲାଗି ରହିଥାଏ। ଅନନ୍ଦମାନଙ୍କ ଭୟ ରହିଥିଲା। ରଥକାମ କିପରି ହେବ। ତେବେ ମହାପ୍ରଭୁଙ୍କ ଆଶୀର୍ବାଦରୁ ରଥକାମ ନିର୍ଦ୍ଧାରିତ ସମୟ ପୂର୍ବରୁ ସରିଯାଇଥିଲା। ମହାପ୍ରଭୁଙ୍କ ଇଚ୍ଛା ବିନା କୌଣସି କାମ ହୁଏନି। ସେ ଲୀଳାମୟ ଠାକୁର। ଶ୍ରୀମନ୍ଦିରରେ ବସି ଲୀଳା କରୁଛନ୍ତି। ଭାବର ଠାକୁର, ତାଙ୍କୁ ଭକ୍ତି ମନରେ ଥରେ ଡାକିଦେଲେ, ସବୁକାମ ସହଜରେ ହୋଇଯାଏ ବୋଲି ସେ କହିଥିଲେ।

# ରଥରେ ଯାଆନ୍ତି ଦଶାବତାର ଦିଅଁ

**ପୁରୀ ଅଫିସ, ୩୦।୬**

ରଥରେ ବସି ଗୁଣ୍ଡିଚା ମନ୍ଦିରକୁ ଯିବେ ମହାପ୍ରଭୁ। ଏଥିପାଇଁ ତିନିରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅଣସରରେ ଥିବା ଠାକୁର ସୁସ୍ଥ ହୋଇଛନ୍ତି। ଆସନ୍ତା ୨ ତାରିଖ ନେତ୍ରୋତ୍ସବରେ ନବଯୌବନ ବେଶରେ ଦର୍ଶନ ଦେବେ ଚତୁର୍ଦ୍ଧାବିଗ୍ରହ। ୪ ତାରିଖରେ ରଥଯାତ୍ରା। ଦାରୁବିଗ୍ରହଙ୍କ ଏହି ଯାତ୍ରାକୁ ଗୁଣ୍ଡିଚା ଯାତ୍ରା, ଘୋଷଯାତ୍ରା ଏବଂ ଦଶାବତାର ଯାତ୍ରା ବି କୁହାଯାଏ।

ଦଶାବତାର ଯାତ୍ରା ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଦଶାବତାର ଯାତ୍ରା କହିବା ଅର୍ଥ ତିନିରଥରେ ଦଶ ଦିଅଁ ବିଜେ କରିଥାନ୍ତି। ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ବଳଭଦ୍ର, ରାମ ଓ କୃଷ୍ଣ ଯାତ୍ରା କରିଥାନ୍ତି। ସେହିପରି ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ମା' ସୁଭଦ୍ରା ଏବଂ ଶ୍ରୀସୁଦର୍ଶନ ବିଜେ କରୁଥିବା ବେଳେ ଶ୍ରୀଜଗନ୍ନାଥଙ୍କ ରଥରେ ମହାପଭୁ ଶ୍ରୀଜଗନ୍ନାଥ ଓ ମଦନମୋହନ ଯାତ୍ରା କରିଥାନ୍ତି। ସେହିପରି ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ଚାହାଣି ମଣ୍ଡପରେ ରଥ ପ୍ରତିଷ୍ଠା ହୋମ ସମୟରେ ତିନି ଦେବତାଙ୍କୁ ପ୍ରତିଷ୍ଠା କରାଯାଏ। ସେମାନେ ହେଲେ ଶ୍ରୀନୃସିଂହ, ଶ୍ରୀହନୁମାନ ଓ ମା' ଭୁବନେଶ୍ୱରୀ। ରଥ ପ୍ରତିଷ୍ଠା କର୍ମ ସମାପ୍ତ କରି ଶ୍ରୋତ୍ରୀୟ ବ୍ରାହ୍ମଣମାନେ ତିନିରଥକୁ ଆସି ସେଠାରେ ଜଳ ସିଞ୍ଚନ ପୂର୍ବକ ଏହି ତିନି ଦେବତାଙ୍କୁ ପ୍ରଦାନ କରିଥାନ୍ତି। ଏହି ତିନି ଦେବତା ତିନିରଥର ଉର୍ଦ୍ଧ୍ୱ ଭାଗରେ ଅବସ୍ଥାନ କରନ୍ତି। ନନ୍ଦିଘୋଷ ରଥରେ ଶ୍ରୀହନୁମାନ, ତାଳଧ୍ୱଜ ରଥରେ ଶ୍ରୀନୃସିଂହ ଓ ଦର୍ପଦଳନ ରଥରେ ମା' ଭୁବନେଶ୍ୱରୀ ଅବସ୍ଥାନ କରନ୍ତି। ଏହିପରି ଭାବେ ରଥ ଉପରେ ଦଶାବତାର ମୂର୍ତ୍ତି ଅବସ୍ଥାନ କରିଥାନ୍ତି। ଏଣୁ ଏହି ଯାତ୍ରାକୁ ଦଶାବତାର ଯାତ୍ରା କୁହାଯାଏ। ଯେଉଁଭଳି ଅଣସର ଗୃହରେ ଠାକୁରମାନେ ଅବସ୍ଥାନ କରୁଥିବା ସମୟରେ ତାଙ୍କିକୁ ଲାଗି ଦଶାବତାର ପଟି ପୂଜା ପାଇଥାନ୍ତି ସେହିପରି ରଥରେ ମଧ୍ୟ ଦଶାବତାର ଦିଅଁ ଯାତ୍ରା କରିଥାନ୍ତି। ଏହି ଯାତ୍ରା ଦଶାବତାର ଯାତ୍ରା ନାମରେ ଖ୍ୟାତ। ଏହି କ୍ଷେତ୍ର ହେଉଛି ଦଶାବତାର କ୍ଷେତ୍ର। ଏହି କ୍ଷେତ୍ରରେ ରଥଯାତ୍ରା ସମୟରେ ରଥ ଉପରେ ଦଶାବତାର ମୂର୍ତ୍ତିଙ୍କୁ ଦର୍ଶନ କଲେ ଗତିମୁକ୍ତି ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି।


ଜ୍ୱର ପୀଡିତ ଶ୍ରୀଜୀଉ ସୁସ୍ଥ ହେବା ପରେ ସେମାନଙ୍କ ଦେହରୁ ବାହାରିଥିବା କଳାଟ ଚନ୍ଦନ ଭକ୍ତମାନଙ୍କୁ ବଣ୍ଟନ କରାଯାଉଛି।

## ଅଲାରନାଥ ପୀଠରେ ଅଣସରର ଦର୍ଶନ ୧୨ ଦିନରେ

# ଶ୍ରଦ୍ଧାଳୁଙ୍କ ଭିଡ଼, ଗୁଳୁଗୁଳିରେ ଜଣେ ଅସୁସ୍ଥ

**ବ୍ରହ୍ମଗିରି,୩୦ ।୦୬(ଡି.ଏନ.ଏ.)**

ବ୍ରହ୍ମଗିରି ଅଲାରନାଥ ପୀଠରେ ରବିବାରକୁ ଅନବସର ଦର୍ଶନ ଦ୍ୱାଦଶ ଦିନରେ ପହଞ୍ଚିଛି। ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ପାଗରେ ଶ୍ରଦ୍ଧାଳୁମାନେ ଲମ୍ବା ଧାଡିରେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଥିଲା। ଏହି ସମୟରେ ମନ୍ଦିର ମଧ୍ୟରେ କଟକ ଜିଲ୍ଲାରୁ ଆସିଥିବା ଶ୍ରଦ୍ଧାଳୁ ବନବିହାରୀ ପଣ୍ଡା(୭୦) ଅସୁସ୍ଥ ହୋଇପଡିଥିଲେ। ଦୀର୍ଘ ସମୟ ଧରି ଲମ୍ବାଧାଡିରେ ରହି କେତେଜଣ ଶ୍ରଦ୍ଧାଳୁ ନିରାଶରେ ଫେରି ଯାଉଥିବା ଦେଖିବାକୁ ମିଳିଥିଲା। ଏପଟେ ପ୍ରବଳ ଭିଡକୁ ଦେଖି କେତେଜଣ ସେବକ ଶ୍ରଦ୍ଧାଳୁମାନଙ୍କଠାରୁ ଟଙ୍କା ନେଇ ପ୍ରସ୍ଥାନ ଦ୍ୱାରରେ ଦର୍ଶନ ପାଇଁ ଛାଡୁଥିବା ଦେଖିବାକୁ ମିଳୁଥିଲା। ଫଳରେ ଏ ନେଇ ଧାଡିରେ ଆସୁଥିବା ଶ୍ରଦ୍ଧାଳୁମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ରବିବାର ଭୋର ୪ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ୪ଟା ୧୫ମିନିଟ୍‌ରେ ମଙ୍ଗଳ ଆଳତୀ, ସାଢେ ୪ରେ ଅବକାଶ, ୫ଟାରେ ମହାପ୍ରଭୁଙ୍କୁ ନଟବର ବେଶ କରାଯାଇ ଚନ୍ଦନ ତୁଳସୀ ଲାଗି କରାଯାଇଥିଲା। ସାଢେ ୫ରେ ବଲ୍ଲଭ ଧୂପ ଓ ସକାଳ ୬ଟାରେ ସର୍ବସାଧାରଣ ଦର୍ଶନ ହୋଇଥିଲା।

## ଦତ୍ତମହାପାତ୍ର ସେବକ-ମୁଖ୍ୟ ପ୍ରଶାସକ ଆଲୋଚନା

**ପୁରୀ ଅଫିସ, ୩୦।୬:** ଆସନ୍ତା ୪ ତାରିଖରେ ପ୍ରସିଦ୍ଧ ଘୋଷଯାତ୍ରା। ବର୍ତ୍ତମାନ ଅଣସର ଘରେ ଥିବା ଚତୁର୍ଦ୍ଧାବିଗ୍ରହ ଆସନ୍ତା ମଙ୍ଗଳବାର ନବଯୌବନ ବେଶରେ ଦର୍ଶନ ଦେବେ। ମହାପ୍ରଭୁଙ୍କ ଏହିସବୁ ନୀତିକାନ୍ତି ଶୃଙ୍ଖଳିତ କରିବା ଲାଗି ଏକାଧିକ ସେବାୟତ ନିଯୋଗଙ୍କ ସହ ଆଲୋଚନା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର। ସୋମବାର ମହାପ୍ରଭୁଙ୍କର ବନକଲାଗି କରାଯିବ। ତେବେ ଠିକ୍ ସମୟରେ ନୀତି ସମ୍ପାଦନ ଲାଗି ରବିବାର ଦତ୍ତମହାପାତ୍ର ସେବକଙ୍କ ସହ ମୁଖ୍ୟ ପ୍ରଶାସକଙ୍କ ଆଲୋଚନା କରିଛନ୍ତି। ଦତ୍ତମହାପାତ୍ର ସେବକମାନେ ମଧ ଏଥିରେ ସହମତି ପ୍ରକାଶ କରିଥିବା ଜଣାପଡ଼ିଛି।


ନନ୍ଦିଘୋଷ ରଥର ଚକାରେ ଚିତ୍ରକର ସେବକମାନେ ଚିତ୍ର କରୁଛନ୍ତି।


ଦୁଆର ବେଢ଼ାକୁ ରଙ୍ଗ କରାଯାଉଛି।

# ହଜିଛି ଲୀଳାକ୍ଷେତ୍ର ହାତୀପଡ଼ା

**ଇତିହାସରୁ ଜଣାଯାଏ, ଶ୍ରୀମନ୍ଦିର ଉପରେ ୧୮ଥର ଆକ୍ରମଣ ହୋଇଥିଲା। ମହାପ୍ରଭୁ ଶ୍ରୀମନ୍ଦିର ଛାଡି ୨୨ଥର ବିଭିନ୍ନ ସ୍ଥାନକୁ ଲୀଳା କରିବାକୁ ଯାଇଥିଲେ। ୧୫ଥର ଆକ୍ରମଣର ସବିଶେଷ ବିବରଣୀ ମିଳିଥିବା ବେଳେ ତିନିଥର ଆକ୍ରମଣର ସୂଚନା ମିଳୁଥିଲେ ମଧ ଏ ପର୍ଯ୍ୟନ୍ତ ଅନୁସନ୍ଧାନ ହୋଇ ସବିଶେଷ ତଥ୍ୟ ଜଣାପଡି ନାହିଁ। ଆକ୍ରମଣ କାଳରେ ମହାପ୍ରଭୁ ଯାଇଥିବା ସ୍ଥାନଗୁଡ଼ିକ ମଧ୍ୟରୁ ଗୋଟିଏ ସ୍ଥାନ ଅଦ୍ୟାବଧି ଚିହ୍ନଟ ହୋଇପାରି ନାହିଁ। ଏହି ସ୍ଥାନଟି ହେଲା ଚିଲିକାର ହସ୍ତୀପାଟଣା ବା ହାତୀପଡ଼ା।**




କଳାପାହାଡ଼ ଆକ୍ରମଣ କାଳରେ ମହାପ୍ରଭୁ ଶ୍ରୀମନ୍ଦିରରୁ ଯାଇ ଏହି ହସ୍ତୀପାଟଣାର ପାତାଳି ଲୀଳା କରୁଥିଲେ ବୋଲି ମାଦଳା ପାଞ୍ଜିରୁ ଜଣାଯାଏ। ପାତାଳି ଲୀଳାର ଅର୍ଥ ହେଉଛି ଭୂଗର୍ଭରେ ଲୁକ୍କାୟିତ ରହି କରୁଥିବା ଲୀଳା। ଭୂମିକୁ ଆମେ ଧରିତ୍ରୀ ବୋଲି କହୁ। ଦେବୀ ଭାବରେ ମଧ ପୂଜା କରୁ। ସେ ହେଉଛନ୍ତି ଭୂଦେବୀ। ମହାପ୍ରଭୁ ଥରେ କଳାପାହାଡ଼ ଆକ୍ରମଣ କରିବା ପୂର୍ବରୁ ପାହାଡ଼ ଗୁମ୍ଫାରେ ୯୯ ବର୍ଷ ଧରି ସୋନପୁରରେ ଗୁପ୍ତଲୀଳା କରିଥିଲେ। ସେ ସ୍ଥାନଟି ହେଉଛି ସୋନପୁରର ଗୋ–ପାଲି (ଗୋପାଳି)। ଏଥର କିନ୍ତୁ ଭୂଦେବୀଙ୍କର ପଥର ଗୁମ୍ଫାରେ ନୁହେଁ, ବାଲିକୁଦ ତଳେ ଲୀଳା କରୁଥାନ୍ତି ଚିଲିକାରେ।

କୁଦଟିରେ ଗାଁଟିଏ ଥିଲା। ହାତୀପଡ଼ା ନାଁରେ ପ୍ରସିଦ୍ଧ ଥିବା ଏ କୁଦଟିର ରହସ୍ୟ ଭେଦୁଆଙ୍କଠାରୁ ସୁରାକ ପାଇଯାଇଥିଲା ବର୍ବର କଳାପାହାଡ଼। ପହଞ୍ଚି ଯାଇଥିଲା କୁଦରେ। କୁଦକୁ ଖୋଳିତାଡ଼ି ଭୂଦେବୀଙ୍କ କୋଳରୁ ମହାପ୍ରଭୁଙ୍କୁ କାଢିଆଣି ଗଙ୍ଗାକୂଳରେ ପୋଡ଼ିଦେବା ପାଇଁ ଆଦେଶ ଦେଇଥିଲେ। ପ୍ରତିରୋଧ ତ ନିଶ୍ଚିତ ହୋଇଥିଲା, ନଇଲେ କଳାପାହାଡ଼ର ସୈନ୍ୟମାନେ ଗାଁଟିକୁ ମଣିଷଶୂନ୍ୟ କରିଥାନ୍ତେ କାହିଁକି! ଇତିହାସ କୁହେ, ରକ୍ତଧାରରେ ଭିଜିଯାଇଥିଲା ବାଲି।

ଜନଶ୍ରୁତି ଅଛି, ହାତୀପିଠିରେ ନେଲା ବେଳେ ପାଣି ଥିବା ଏକ ନାଳ ପାର ହେବାକୁ ପଡିଥିଲା। ହାତୀଗୋଡ଼ ଦବିଯିବାରୁ ଉଠିପାରିଲାନି ହାତୀ। ମହାପ୍ରଭୁଙ୍କ ଶ୍ରୀବିଗ୍ରହ ହାତୀପିଠିରୁ ଖସିପଡିଥିଲା। ଅନୁସନ୍ଧାନ କରିବାରୁ ଜଣାପଡ଼େ ସେଇ ନାଳଟି ଚିଲିକାର ବଡ଼ଗୋଡା ମୁଣ୍ଡରୁ ଗମ୍ଭାରୀ ପର୍ଯ୍ୟନ୍ତ ଥିଲା। ସେବେଠାରୁ ନାଳଟି ଲୋକମୁଖରେ ପରିଚିତ ହେଲା ହାତୀନାଳ ଭାବରେ। ଠିକ୍ ନାଳର ଅପରପାର୍ଶ୍ୱରେ ଯେଉଁଠି ଶ୍ରୀବିଗ୍ରହ ନାଳରୁ ଉଦ୍ଧାର ହୋଇ ପୁଣି ହାତୀପିଠିରେ ଲଦା ହୋଇଥିଲେ, ସେହି ସ୍ଥାନଟି ସେହିଦିନଠୁ ପରିଚିତ ହୋଇଆସୁଛି ବ୍ରହ୍ମପଡ଼ା ନାମରେ। ପ୍ରଭୁ ଚାଲିଗଲେ ସିନା ସେଇ ସ୍ମୃତିରେ ସେହି କୁଦରେ ଗଢିଉଠିଲା ବ୍ରହ୍ମପଡ଼ା ମଠ। ଅଖଣ୍ଡ ଧୁନି ଚାଲିଛି ଏବେ ବି ସେଠି। ସ୍ଥାନୀୟ ପରମ୍ପରାରେ ଗୋଡ଼ା ଶବ୍ଦର ଅର୍ଥ ରାସ୍ତା। ଚିଲିକା କୁଦରୁ କୁଦକୁ ଯିବାବେଳେ ଅନେକ ଗୋଡ଼ା ଥିଲା। ଶଗଡ଼ ଯିବା ରାସ୍ତା ଯେପରି ଶଗଡ଼ ଗୁଳା ନାମରେ ପରିଚିତ, ଠିକ୍ ସେହିପରି ଅଳ୍ପ ଅଳ୍ପ ପାଣି ଥାଇ ଚିଲିକାରେ ଯିବାଆସିବା ରାସ୍ତାକୁ ଗୋଡ଼ା କୁହାଯାଏ। ହାତୀ ଯେଉଁ ରାସ୍ତାରେ ଶ୍ରୀବିଗ୍ରହଙ୍କୁ ପିଠିରେ ବୋହି ଆସିଥିଲା, ତାହା ହାତୀଗୋଡ଼ା ଭାବରେ ପ୍ରସିଦ୍ଧ ହୋଇଥିଲା। ସମ୍ଭାବନା ହୁଏ ତାହା ହିଁ ମାଦଳା ବର୍ଣ୍ଣିତ ହାତୀପଡ଼ା। ହାତୀଗୋଡ଼ା ଲୋକମୁଖରେ ହାତୀପଡ଼ା ନାମରେ ପ୍ରସିଦ୍ଧ ହୋଇଥିବା ମନେହୁଏ। କଳାପାହାଡ଼ର ସାମୂହିକ ହତ୍ୟା ପରେ ହାତୀପଡ଼ା ବସ୍ତି ଛାରଖାର୍ ହୋଇ ନଷ୍ଟ ହୋଇଯାଇଥିଲା। ସେଥିପାଇଁ ଆମେ ୨୦୦ ବର୍ଷ ପୂର୍ବ ପର୍ଯ୍ୟନ୍ତ ତହସିଲ କାଗଜାତ ଖୋଜିବା ପରେ ମଧ ରାଜସ୍ୱ ଗ୍ରାମ କିମ୍ବା ରାଜସ୍ୱ ଗ୍ରାମର ପଡ଼ା ହିସାବରେ ଏହାର ନାମ ପାଇଲୁ ନାହିଁ। ଏହାର ଅନତି ଦୂରରେ ରହିଛି ଧଳାବନ୍ତ ଓ କଳାବନ୍ତ। ଲୋକମୁଖରୁ ଶୁଣିଲୁ, ତେପନ ଏକର ପରିମିତ କେରୁଆକୁଦା ପଟକୁ ହାତୀ ପାରି ହେବା ବେଳେ ଗୋଡ଼ ତାର ବାଲିରେ ଦବିଯାଇଥିଲା। ଏହି କୁଦର ଚାରିପଟେ ଚିଲିକାର ଜଳରାଶି ଘେରି ରହିଛି।

**–ଡ. ସୁରେନ୍ଦ୍ର କୁମାର ମିଶ୍ର**



ମୁମ୍ବାଇର ସହରତଳି କାନ୍ଦିଭାଲି ଅଞ୍ଚଳରେ ଜଣେ ନାଇଜେରିଆ ଯୁବକ(୪୫) ଓ ତାଙ୍କ ବାନ୍ଧବୀଙ୍କୁ ପୋଲିସ ଅଟକ ରଖିଛି। ସେମାନଙ୍କଠାରୁ ୧.୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର କୋକିନ୍ ଜବତ କରାଯାଇଛି। ଆଣ୍ଡି ମାଟିନ୍ ଇମୋଜି ଓ ଆଲ୍‌କାମା ନାମକ ଏହି ଦୁଇ ବନ୍ଧୁଙ୍କୁ ମହାବୀର ନଗରରେ ଅଟକ ରଖାଯାଇଥିଲା। ପୋଲିସ କୋକିନ୍‌କୁ ଜବତ କରିବା ସହ ସେମାନଙ୍କୁ ଜେରା କରୁଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଇଣ୍ଟରନ୍ୟାଶନାଲ ସ୍ୟାଣ୍ଡ ଆର୍ଟ ଚାମ୍ପିୟନଶିପ୍
### ଭାରତରୁ ପ୍ରତିନିଧିତ୍ୱ କରିବେ ସୁଦର୍ଶନ

**ପୁରୀ ଅଫିସ, ୩୦।୬:** ଆସନ୍ତା ଜୁଲାଇ ୨୧ରୁ ୨୮ ତାରିଖ ପର୍ଯ୍ୟନ୍ତ ଆମେରିକାର ବୋଷ୍ଟନ ସହରରେ ଅନୁଷ୍ଠିତ ହେବ ଇଣ୍ଟରନ୍ୟାଶନାଲ ସ୍ୟାଣ୍ଡ ଆର୍ଟ ଚାମ୍ପିୟନଶିପ୍। ଏଥିରେ ୧୫ଟି ଦେଶରୁ ୧୫ ଜଣ ବାଲୁକା ଶିଳ୍ପୀ ଅଂଶଗ୍ରହଣ କରିବେ। ତେବେ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତ ତରଫରୁ ପ୍ରତିନିଧିତ୍ୱ କରିବେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। ଏ ନେଇ ରବିବାର ଆୟୋଜକଙ୍କ ପକ୍ଷରୁ ଇ-ମେଲ୍ ମାଧ୍ୟମରେ ସୁଦର୍ଶନଙ୍କୁ ଅବଗତ କରାଯାଇଛି। ଏ ସମ୍ପର୍କରେ ସୁଦର୍ଶନ କହିଛନ୍ତି, ଭାରତ ପକ୍ଷରୁ ସେ ପ୍ରତିନିଧିତ୍ୱ ଲାଗି ମନୋନୀତ ହୋଇଥିବାରୁ ହାଇଦ୍ରାବାଦସ୍ଥିତ ଆମେରିକାର କନ୍‌ସୁଲେଟ୍ ଜେନେରାଲ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ଆମେରିକାରେ ଅବସ୍ଥାପିତ ଭାରତୀୟ କନ୍‌ସୁଲେଟ୍ ଜେନେରାଲ ସନ୍ଦୀପ ଚକ୍ରବର୍ତ୍ତୀ ମଧ୍ୟ ଟୁଇଟ୍ କରି ଅଭିନନ୍ଦନ ଜଣାଇବା ସହ ନ୍ୟୁୟର୍କକୁ ତାଙ୍କୁ ନିମନ୍ତ୍ରଣ କରିଛନ୍ତି ବୋଲି ସୁଦର୍ଶନ କହିଛନ୍ତି।

### ରାଜ୍ୟସ୍ତରୀୟ ପରିଚାଳନା କମିଟି ବୈଠକ
### ନଦୀର ଦୁଇ ପାର୍ଶ୍ୱରେ ଲୁଣା ଜଙ୍ଗଲ ସୃଷ୍ଟି କରାଯିବ

**ରାଜନଗର, ୩୦।୬(ଡି.ଏନ.ଏ.):** ହେନ୍ତାଳ ଓ ଲୁଣା ଜଙ୍ଗଲ ସଂରକ୍ଷଣ ସଂପର୍କିତ ରାଜ୍ୟସ୍ତରୀୟ ପରିଚାଳନା କମିଟି ବୈଠକ ଭୁବନେଶ୍ୱରସ୍ଥ ରାଜ୍ୟ ସଚିବାଳୟ ଠାରେ ଶନିବାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଲୁଣା ଜଙ୍ଗଲ ବୃଦ୍ଧି ଓ ଏହାର ସଂରକ୍ଷଣ ଉପରେ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ଅବସରରେ ସମୁଦ୍ର କୂଳେ କୂଳେ ଲୁଣା ଜଙ୍ଗଲ ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ରାଜନଗର ବ୍ଲକ ଦେଇ ପ୍ରବାହିତ ବିଭିନ୍ନ ନଦୀର ଦୁଇପାର୍ଶ୍ୱରେ ଲୁଣା ଜଙ୍ଗଲ ସୃଷ୍ଟି କରାଯିବ। ନଦୀକୂଳରେ ଥିବା ଚିଙ୍ଗୁଡି ଘେରିଗୁଡିକୁ ଉଚ୍ଛେଦ କରି ଲୁଣାଜଙ୍ଗଲ ନିମନ୍ତେ ବୃକ୍ଷରୋପଣ କରାଯିବ। ବୈଠକରେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ଯୋଗଦେଇ କହିଥିଲେ ଯେ, ନଦୀକୂଳିଆ ଗାଁ ଗୁଡିକରେ କୁମ୍ଭୀର ଆତଙ୍କ ସୃଷ୍ଟି କରିଛି। କୁମ୍ଭୀର ଆକ୍ରମଣରେ ଲୋକେ ଜୀବନ ହରାଉଛନ୍ତି। ଯେଉଁ ନିରାପଦ ଗାଧୁଆ ତୁଠଗୁଡିକ ଅଛି ତାହା ଭାଙ୍ଗିରୁଜି ଗଲାଣି ବୋଲି ସେ କହିଥିଲେ। ରାଜପୁର ଠାରୁ ଆରମ୍ଭ କରି ସମସ୍ତ ନଦୀକୂଳିଆ ଗାଁଗୁଡିକରେ ଗାଧୁଆ ତୁଠ ନିର୍ମାଣ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଭିତରକନିକାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ଗୁପ୍ତି ଠାରେ ୨ଟି ପର୍ଯ୍ୟଟକ ସୁବିଧା କେନ୍ଦ୍ର ନିର୍ମାଣ ଲାଗି ନିଷ୍ପତ୍ତି ନିଆଯାଇଛି। ଏଥିସହ ଇକୋ ଟୁରିଜିମ୍‌କୁ ବ୍ୟାପକ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା।

# ରଥଯାତ୍ରା ପାଇଁ ପୋଲିସ ପୂରା ପ୍ରସ୍ତୁତ



ପୁରୀ ପୌର ସଦନଠାରେ ଅନୁଷ୍ଠିତ ବୈଠକରେ ମଞ୍ଚାସୀନ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ଏବଂ ଅନ୍ୟ ଅଧିକାରୀମାନେ।

**ପୁରୀ ଅଫିସ, ୩୦।୬**

ଜୁଲାଇ୪ ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏ ନେଇ ମନ୍ଦିର ପ୍ରଶାସନଠାରୁ ପୋଲିସ ପର୍ଯ୍ୟନ୍ତ ସମସ୍ତେ ତତ୍ପର ହୋଇ ଉଠିଛନ୍ତି। ରବିବାର ପୂର୍ବାହ୍ନରେ ପୌର ସଦନଠାରେ ରଥଯାତ୍ରାରେ ନିୟୋଜିତ ପୋଲିସ ଅଧିକାରୀମାନଙ୍କ ଶେଷ ସମୀକ୍ଷ ବୈଠକ ଡିଜିପି ଡା.ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଜିପି ଶର୍ମା ରଥଯାତ୍ରା ପାଇଁ ପୋଲିସ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି କହିଥିଲେ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ରଥଯାତ୍ରାର ସୁପରିଚାଳନା ଲାଗି ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ରଥଯାତ୍ରା ଡ୍ୟୁଟିରେ ଅଭିଜ୍ଞତା ସମ୍ପନ୍ନ ପୋଲିସ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର, ଶ୍ରୀଗୁଣ୍ଡିଚା ମନ୍ଦିର ଏବଂ ତିନି ରଥ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ଅଘଟଣ ମୁକ୍ତ ରଥଟଣା ଏବଂ ରଥଯାତ୍ରାର ପରିଚାଳନା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିବା ଡିଜିପି ଶର୍ମା ଗଣମାଧ୍ୟମକୁ କହିଥିଲେ।

ବୈଠକରେ ଆଇଜି(ଅପରେଶନ) ସୌମେନ୍ଦ୍ର ପ୍ରିୟଦର୍ଶୀ କହିଥିଲେ ଯେ, ବର୍ଷା ହେଲେ ସୁଦ୍ଧା କୌଣସି ପୋଲିସ କର୍ମଚାରୀ ଡ୍ୟୁଟି ଛାଡି ଯିବେ ନାହିଁ। ପୋଲିସ କର୍ମଚାରୀମାନେ ପାଖରେ ରେନକୋର୍ଟ ରଖିବେ। ଶ୍ରୀମନ୍ଦିରର ଚାରିଦ୍ୱାର ଏବଂ ରାସ୍ତାରେ ସେବାୟତଙ୍କୁ ଅଯଥାରେ ଅଟକାଇବେ ନାହିଁ। ଶ୍ରୀମନ୍ଦିରରେ ଡ୍ୟୁଟି କରୁଥିବା ପୋଲିସ ଅଧିକାରୀମାନେ ସେବାୟତଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରିବେ। କୌଣସି କର୍ମଚାରୀ କୌଣସି ପରିସ୍ଥିତିରେ ଡ୍ୟୁଟି ପୋଷ୍ଟ ଛାଡି ଯାଇପାରିବେ ନାହିଁ। ସିଫ୍ଟ ବଦଳିଲେ ବଦଳ କର୍ମଚାରୀ ନ ଆସିବା ପର୍ଯ୍ୟନ୍ତ ଡ୍ୟୁଟି ଛାଡିପାରିବେ ନାହିଁ ବୋଲି ପ୍ରିୟଦର୍ଶୀ କହିଥିଲେ। ଏଡିଜି ସଞ୍ଜୀବ ପଣ୍ଡା କହିଥିଲେ ଯେ, ଟ୍ରାଫିକ ଡ୍ୟୁଟିରେ ରହୁଥିବା ପୋଲିସ କର୍ମଚାରୀଙ୍କୁ ଭକ୍ତମାନେ ଯେଉଁ ସୂଚନା ପଚାରିବେ ତାଙ୍କୁ ଉପଯୁକ୍ତ ସୂଚନା ପ୍ରଦାନ କରିବେ। ଯଦି ଭକ୍ତ ପଚାରୁଥିବା ସୂଚନା ସମ୍ପର୍କରେ ପୋଲିସ କର୍ମଚାରୀ ଜାଣି ନ ଥାନ୍ତି ତେବେ କଣ୍ଟ୍ରୋଲ ରୁମ୍‌କୁ ପଚାରି ଭକ୍ତଙ୍କୁ ଜଣାଇବେ। କୌଣସି ସନ୍ଦେହଜନକ ବସ୍ତୁ କିମ୍ବା ବ୍ୟକ୍ତି ନଜରକୁ ଆସିଲେ ବିଳମ୍ବ ନ କରି ତୁରନ୍ତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବାକୁ ପରାମର୍ଶ ଦେଇଥିଲେ। ଏଡିଜି(ରେଲୱେ) ପ୍ରଣବେନ୍ଦୁ ଆଚାର୍ଯ୍ୟ କହିଲେ, ରଥଯାତ୍ରା ଲାଗି ରେଲୱ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ରଥଯାତ୍ରା ପାଇଁ ପୁରୀକୁ ୨ଶହରୁ ଊର୍ଦ୍ଧ୍ୱ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ। ଭକ୍ତଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ଷ୍ଟେଶନରେ ଟ୍ରେନରୁ ଭକ୍ତ, ଯାତ୍ରୀ ଓହ୍ଲାଇବା ସମୟରେ ସମସ୍ୟା ସୃଷ୍ଟି ହୋଇଥାଏ। ଏଥିପ୍ରତି ଦୃଷ୍ଟି ଦିଆଯାଇଛି। ସମସ୍ତ ଲିଙ୍କ ଷ୍ଟେଶନରେ ଆରପିଏଫ୍ ମୁତୟନ ରହିବେ। ଆଇଜି(ହେଡକ୍ୱାର୍ଟର) ଅସିତ ପାଣିଗ୍ରାହୀ କହିଲେ ଯେ, ସମସ୍ତ ଭକ୍ତଙ୍କ ଦୃଷ୍ଟି ବଡଦାଣ୍ଡରେ ରହିଥାଏ। ରଥଟଣା ସମୟରେ ଭକ୍ତଙ୍କ ପ୍ରବଳ ସମାଗମ ହେଉଥିବାରୁ ଭିଡ଼ ନିୟନ୍ତ୍ରଣ ଚ୍ୟାଲେଞ୍ଜ ହେବ। ଆଇଜି(ଏସ୍ଏଏଫ୍) ଅମିତାଭ ଠାକୁର କହିଲେ ଯେ, ଟ୍ରାଫିକ ନିୟନ୍ତ୍ରଣ ଉପରେ ବିଶେଷ ଦୃଷ୍ଟି ଦେବାକୁ ପଡିବ। ତିନି ଜାତୀୟ ରାଜପଥ ଦେଇ ଦୁଇ ଚକିଆ ଓ ଚାରି ଚକିଆ ଯାନ ଲାଗି ଚିହ୍ନଟ ପାର୍କିଂ ସ୍ଥାନରେ ରହିବ। ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀ ଶୃଙ୍ଖଳିତ ଭାବେ ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବେ। ଏସପି(ସିଗ୍ନାଲ)ବି.ଏନ୍. ଦାଶ କହିଲେ ଯେ, ପୁରୀରେ ରଥଯାତ୍ରା ପାଇଁ ପୋଲିସ ଅଧିକାରୀ ୬ଶହରୁ ଊର୍ଦ୍ଧ୍ୱ ଭିଏଚ୍ଏଫ୍ ସେଟ ଦିଆଯିବ। ସମୁଦାୟ ୮ଟି ସ୍ୱତନ୍ତ୍ର ଚ୍ୟାନେଲ ବ୍ୟବସ୍ଥା କରାଯାଇଛି। ଏହାକୁ କଣ୍ଟ୍ରୋଲରୁମ ସହିତ ସଂଯୋଗ କରାଯାଇଛି। କୌଣସି ସ୍ଥାନରେ କିଛି ବି ସମସ୍ୟା ହେଲେ, କଣ୍ଟ୍ରୋଲ ରୁମକୁ ସୂଚନା ଦେବେ। ଏହି କଣ୍ଟ୍ରୋଲ ରୁମ୍ ୨୪ଘଣ୍ଟା କାର୍ଯ୍ୟ କରିବ। ଅନ୍ୟମାନଙ୍କ ମଧ୍ୟରେ ଆଇଜି(କ୍ରାଇମବ୍ରାଞ୍ଚ) ଅରୁଣ ବୋଥ୍ରା, ଡାଇରେକ୍ଟର ଇଣ୍ଟେଲିଜେନ୍ସ ସୁନୀଲ ରାୟ, ଏସ୍ଓଜି କମାଣ୍ଡାଣ୍ଟ ଅନିରୁଦ୍ଧ ସିଂ, ଏସ୍ଓପି କମାଣ୍ଡାଣ୍ଟ ଏସ.ସମ୍ପଦ, ଏସ୍‌ପି (ଏସଟିଏଫ) ରାହୁଲ ପିଆର, ଆଇଜି(ଗୋଇନ୍ଦା) ଆର.କେ.ଶର୍ମା, ଏସ୍‌ପି ସ୍ପୋଶାଲ ବ୍ରାଞ୍ଚ କେ.ସାମଲ, ଏସ୍‌ପି(ସୁରକ୍ଷା) କାହ୍ନୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ଡିଜିପିଙ୍କ ଶେଷ ସମୀକ୍ଷା ବୈଠକ**
- ଡ୍ୟୁଟି ପୋଷ୍ଟ ନ ଛାଡିବାକୁ ପରାମର୍ଶ
- ସନ୍ଦିଗ୍ଧ ବସ୍ତୁ ନଜରକୁ ଆସିଲେ ତ୍ୱରିତ ସୂଚନା ଦେବେ
- ଡ୍ୟୁଟି ବେଳେ ପାଖରେ ରେନକୋର୍ଟ ରଖିବାକୁ ନିର୍ଦ୍ଦେଶ

### ମୁତୟନ ହେବେ ୧୫୫ ପ୍ଲାଟୁନ ଫୋର୍ସ

ଜୁଲାଇ ୨ରେ ନବଯୌବନ ଏବଂ ୪ରେ ରଥଯାତ୍ରା ଏଥିପାଇଁ ଓଡ଼ିଶା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ରବିବାର ପୁରୀ ପୌରସଦନଠାରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଶେଷ ସମୀକ୍ଷା ବୈଠକ ବସିଥିଲା। ଏଥିରେ ଚଳିତ ରଥଯାତ୍ରା ପାଇଁ ସମୁଦାୟ ୧୫୫ ପ୍ଲାଟୁନ ଫୋର୍ସ ମୁତୟନ ହେବେ ବୋଲି କୁହାଯାଇଛି। ଦୁଇ ଜଣ ଏଡିଜି ରଥ ପରିଚାଳନା ଦାୟିତ୍ୱରେ ରହିଛନ୍ତି। ୧୫ଜଣ ଆଇପିଏସ୍ ଓ କମାଣ୍ଡାଣ୍ଟ ର୍‌ୟାଙ୍କର ବରିଷ୍ଠ ଅଧିକାରୀ ରଥଯାତ୍ରା ପରିଚାଳନା ଦାୟିତ୍ୱରେ ରହିବେ। ଅତିରିକ୍ତ ଏସ୍‌ପି/ଡେପୁଟି କମାଣ୍ଡାଣ୍ଟ ୩୫, ଡିଏସ୍‌ପି/ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ୮୦, ଇନ୍ସପେକ୍ଟର ୧୧୦, ଏସ୍ଆଇ/ଏଏସ୍ଆଇ ୬୫୦ ମୁତୟନ ହେବ। ୨୪ଶହ ହୋମଗାର୍ଡଙ୍କୁ ମୁତୟନ କରାଯିବ। ସୁରକ୍ଷା ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ ଏବଂ ଟ୍ରାଫିକ ପରିଚାଳନାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଶ୍ରୀମନ୍ଦିର ପରିସରରେ, ଶ୍ରୀମନ୍ଦିର ବାହାରେ, ବଡଦାଣ୍ଡରେ ଭିଡ଼ ନିୟନ୍ତ୍ରଣ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସମୁଦ୍ର ଉପକୂଳ ସୁରକ୍ଷା ଲାଗି ପୋଲିସ ଏବଂ କୋଷ୍ଟଗାର୍ଡ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି। ଆତାଙ୍କବାଦୀ କାର୍ଯ୍ୟକଳାପ ପ୍ରତିହତ କରିବା ଲାଗି ୨ଟି ଆଣ୍ଟି ଟେରୋରିଷ୍ଟ ସ୍କ୍ୱାର୍ଡ(ଏଟିଏସ୍) ମୁତୟନ କରାଯିବ। ୨ଟି ର୍‌ୟାପିଡ ଆକ୍ସନ ଫୋର୍ସ, ୨ଟି ଓଡ୍ରାଫ, ୧ ଏନଡିଆରଏଫ୍ ଟିମ୍, ଓଏସ୍ଏଫ୍ ୨ୟୁନିଟ୍, ୧୦ପ୍ଲାଟୁନ ଏସ୍ଓଜିଙ୍କୁ ମୁତୟନ କରାଯିବ ବୋଲି ସୂଚନା ଦେଇଥିଲେ।

## ଟ୍ରେନରୁ ଧରାପଡ଼ିଲେ ୨ ନାବାଳକ ଲୁଟେରା

**ବାଲେଶ୍ୱର ଅଫିସ,୩୦।୬**

- ଯାତ୍ରୀଙ୍କ ମୋବାଇଲ ଓ ଅନ୍ୟ ସାମଗ୍ରୀ ଲୁଟ୍ କରୁଥିଲେ
- ଗ୍ୟାଙ୍ଗର ସମ୍ପୃକ୍ତି ଥିବା ସନ୍ଦେହ
- ବାଲେଶ୍ୱର ଶିଶୁ ମଙ୍ଗଳ କମିଟିକୁ ନାବାଳକ ହସ୍ତାନ୍ତର

ଏକ ନାବାଳକ ଲୁଟେରା ଗ୍ୟାଙ୍ଗ ଦ୍ୱାରା ଚଳନ୍ତା ରେଳଗାଡ଼ିରୁ ମୋବାଇଲ ଫୋନ୍ ଚୋରି ଘଟଣା ପଦାକୁ ଆସିଛି। ଏହି ସୂଚନାକୁ ଆଧାର କରି ରେଲବାଇ ପୋଲିସ ତନାଘନା ଚଳାଇଛି। ଶନିବାର ରାତି ପ୍ରାୟ ଦେଢଟା ସମୟରେ ଅପ୍ ଲାଇନରେ ଯାଉଥିବା ଉତ୍କଳ ଏକ୍ସପ୍ରେସ୍‌ରେ ୨ନାବାଳକ ଚୋରଙ୍କୁ ଯାତ୍ରୀମାନେ ଧରି ଆର୍‌ପିଏଫ୍ ଜିମା ଦେଇଥିଲେ। ରବିବାର ରେଲବାଇ ପୋଲିସ ଚାଇଲ୍ଡ ହେଲ୍‌ପଲାଇନ୍ ସଂସ୍ଥା ଦ୍ୱାରା ଅଭିଯୁକ୍ତ ନାବାଳକ ଦ୍ୱୟଙ୍କୁ ପଚରାଉଚରା କରି ପରେ ବାଲେଶ୍ୱର ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଛି।

ପୋଲିସ ସୂଚନା ଅନୁଯାୟୀ ଶନିବାର ରାତିରେ ଉତ୍କଳ ଏକ୍ସପ୍ରେସ୍ ଜଳେଶ୍ୱର ଅତିକ୍ରମ କରୁଥିବା ସମୟରେ ୩ଜଣ ନାବାଳକ ଯାତ୍ରୀଙ୍କ ଆସବାବପତ୍ର ସହ ମୋବାଇଲ୍ ଚୋରି କରିବା ଉଦ୍ୟମ କରିଥିଲେ । କେତେକ ଯାତ୍ରୀ ୨ଜଣଙ୍କୁ ଅଟକାଇ ପାରିଥିବାବେଳେ ଅନ୍ୟ ଜଣେ ଖସି ଯାଇଥିଲେ। ଏ ସମ୍ପର୍କରେ ଆର୍‌ପିଏଫକୁ ଖବର ଦେଇ ଯାତ୍ରୀମାନେ ଧରାପଡିଥିବା ଦୁଇ ନାବଳକଙ୍କୁ ପୋଲିସ ଜିମା ଦେଇଥିଲେ। ରବିବାର ଚାଇଲ୍ଡ ହେଲ୍ପଲାଇନ୍ ଜିଲା ମୁଖ୍ୟ ପ୍ରଶାନ୍ତ ରାଉତ ଏବଂ ବାଲିଆପାଳ ବ୍ଲକ ସଦସ୍ୟ ଉତ୍ତମ କୁମାର ନାୟକଙ୍କ ଜରିଆରେ ପୋଲିସ ସେମାନଙ୍କ ପଚରାଉଚରା କରିବାରୁ ଏଥିରେ ଏକ ଗ୍ୟାଙ୍ଗର ସମ୍ପୃକ୍ତି ଥିବା ସୂଚନା ମିଳିଛି। ଧରାପଡିଥିବା ନାବାଳକ ଦ୍ୱୟଙ୍କ ମଧ୍ୟରୁ ଜଣେ ୧୦ ବର୍ଷର ନାବାଳକଙ୍କ ଘର ଝାଡ଼ଖଣ୍ଡ ରାଜ୍ୟର ବୋକାରୋ ଜିଲା ବାଲିଡ଼ିହା ଥାନା ଅଞ୍ଚଳ ଓ ଅନ୍ୟଜଣେ ୧୨ବର୍ଷର ନାବାଳକଙ୍କ ଘର ସେହି ଜିଲା ବାଙ୍କମୋଦା ଥାନା ଧାନବାଡ଼ ଅଞ୍ଚଳରେ ବୋଲି ଜଣାପଡିଛି। ସେମାନଙ୍କ ନିକଟରୁ 'ଡେଣ୍ଡ୍ରାଇଡ୍' ଅଠା ସହ କିଛି ଟଙ୍କା ମିଳିଥିବାର ଜଣାପଡ଼ିଛି। ସେମାନେ ଏହି ଅଠାକୁ ନିଶାଦ୍ରବ୍ୟ ଭାବେ ସେବନ କରି ଟ୍ରେନ୍‌ରେ ଯାତ୍ରୀଙ୍କ ଆସବାବପତ୍ର ସହ ବିଭିନ୍ନ ନାମୀଦାମୀ ଜିନିଷପତ୍ର, ମୋବାଇଲ୍, ମନିପର୍ସ ଇତ୍ୟାଦି ଚୋରି କରୁଥିଲେ। ଏହି ଦୁଇ ନାବାଳକଙ୍କୁ ବାଲେଶ୍ୱର ଜିଲା ଶିଶୁ ମଙ୍ଗଳ କମିଟିକୁ ଏହାର ଅଧ୍ୟକ୍ଷ ଭାଗିରଥି ବାରିକଙ୍କ ଉପସ୍ଥିତିରେ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି।

## ରାସ୍ତା କାମରେ ନିୟୋଜିତ ଗାଡ଼ି ପୋଡ଼ିଲେ ମାଓବାଦୀ

**ମାଲକାନଗିରି,୩୦।୬ (ଡି.ଏନ.ଏ.)**

ସୀମାନ୍ତ ଛତିଶଗଡ଼ର ସୁକୁମା ଜିଲାରେ ମାଓବାଦୀମାନେ ରାସ୍ତାକାମକୁ ବିରୋଧ କରିଛନ୍ତି। ପୋଲିସ ସୁରକ୍ଷାକୁ ମଧ୍ୟ ସେମାନେ ଖାତିର କରିନାହାନ୍ତି। ଏହି ଜିଲାର ଏରାବୋରା ଥାନା ନିକଟସ୍ଥ ଲେଣ୍ଡରାଠାରେ ଯବାନଙ୍କ ସୁରକ୍ଷାରେ ରାସ୍ତା ନିର୍ମାଣ ଚାଲୁଥିଲା। ରବିବାର ୨୦ରୁ ଊର୍ଦ୍ଧ୍ୱ ମାଓବାଦୀ ସେଠାରେ ପହଞ୍ଚି ଯବାନଙ୍କ ଅନୁପସ୍ଥିତିରେ ନିର୍ମାଣ କାର୍ଯ୍ୟରେ ଲାଗିଥିବା ଟ୍ରାକ୍ଟର, ରୋଡ ରୋଲର ଓ ଗୋଟିଏ ମିକଶ୍ଚର ମେଶିନକୁ ପୋଡି ଦେଇଥିଲେ। ଗାଡିର ଡ୍ରାଇଭରକୁ ନିସ୍ଥୁକ ମାଡ ମାରିଥିଲେ। ଖବର ପାଇ ଯବାନ ମାନେ ଘଟଣା ସ୍ଥଳରେ ପହଞ୍ଚି ସର୍ଚ୍ଚ ଅପେରଶନ ଚଳାଇଛନ୍ତି।

## ଜେଲ୍ ଫେରିଲେ ପାଟଣାଗଡ଼ ବିଧାୟକ

**ପାଟଣାଗଡ, ୩୦।୬(ଡି.ଏନ.ଏ.)**

ସୁସ୍ଥ ହେବା ପରେ ରବିବାର ସନ୍ଧ୍ୟାରେ ପାଟଣାଗଡ ବିଧାୟକ ସରୋଜ ମେହେର ଉପଖଣ୍ଡ ଚିକିତ୍ସାଳୟରୁ ଡିସଚାର୍ଜ ହୋଇଛନ୍ତି। ତାଙ୍କୁ ପୁଣି ଥରେ ପାଟଣାଗଡ ଜେଲ୍‌କୁ ନିଆଯାଇଛି। ଜୁଲାଇ ୧ ତାରିଖ ଦିନ ଭୁବନେଶ୍ୱର ଆଡିସନାଲ ଜିଲା ଓ ସେସନସ୍ ଜଜଙ୍କ କୋର୍ଟରେ ତାଙ୍କର ଜାମିନ ଆବେଦନର ଶୁଣାଣି ଥିବାବେଳେ ତାଙ୍କୁ ସେଠି ହାଜର ହେବାକୁ ନିର୍ଦ୍ଦେଶ ଅଛି। ରାତିରେ ସ୍ଥାନୀୟ ପୋଲିସ ବିଧାୟକଙ୍କୁ କଡା ସୁରକ୍ଷା ବଳରେ ଭୁବନେଶ୍ୱରକୁ ନେଇଥିବା ଜଣାଯାଇଛି। ସୂଚନାଯୋଗ୍ୟ ଯେ ଜୁନ ମାସ ୫ ତାରିଖ ଦିନ ବିଧାୟକ ସରୋଜ ମେହେର ଗମ୍ଭାରୀ ଗ୍ରାମର ରାସ୍ତାକାମ ନିମ୍ନମାନ ଦର୍ଶାଇ ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ଉଠବସ୍ କରାଇଥିଲେ। ଏହି ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବାପରେ ଯନ୍ତ୍ରୀଙ୍କ ସ୍ତ୍ରୀ ବିଧାୟକ ମେହେରଙ୍କ ନାମରେ ପାଟଣାଗଡ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଆଇପିସି ଦଫା ୩୪୧, ୩୨୩, ୩୫୩, ୩୫୫, ୫୦୬, ୩୪ ଏବଂ ଏସ୍‌ସିଏସ୍‌ଟି ଆଟ୍ରୋସିଟି ଆକ୍ଟର ଧାରା ୩ ଅନୁଯାୟୀ ଏକ ମାମଲା (ନଂ. ୧୧୩/୧୯) ରୁଜୁ ହୋଇଥିଲା। ପରେ ଗତ ୨୪ ତାରିଖ ଦିନ ନୂଆପଡାରୁ ପୋଲିସ ବିଧାୟକଙ୍କୁ ଗିରଫ କରିଥିଲା। ପାଟଣାଗଡ ଏଡିଜେ ବିଧାୟକଙ୍କ ଜାମିନ ଉପରେ ଶୁଣାଣି ନକରି ଜୁଲାଇ ୧ ତାରିଖରେ ଶୁଣାଣି କରିବାକୁ ଦିନ ଧାର୍ଯ୍ୟ କରି ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ। ଜେଲରେ ବିଧାୟକ ଅସୁସ୍ଥ ହେବାପରେ ୨୫ ତାରିଖଠାରୁ ପାଟଣାଗଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତେବେ ରବିବାର ଅପରାହ୍ନରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ଥିବା କହି ଡ. ହେମନ୍ତ କୁମାର ମେହେର ତାଙ୍କୁ ଡିସଚାର୍ଜ କରିଥିଲେ।

## ଗଣିତ ବିଶାରଦ ମଦନ ମୋହନ ମହାନ୍ତିଙ୍କ ପରଲୋକ

**କଟକ ଅଫିସ,୩୦।୬**

ବିଶିଷ୍ଟ ଗଣିତ ବିଶାରଦ ତଥା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ପୂର୍ବତନ ଉପସଚିବ ମଦନ ମୋହନ ମହାନ୍ତି(୮୪)ଙ୍କ ରବିବାର ପରଲୋକ ଘଟିଛି। ଗତ ୨୪ ତାରିଖ ପୂର୍ବାହ୍ନରେ କଟକ ରିଂ ରୋଡସ୍ଥିତ ବିଜୁ ପଟ୍ଟନାୟକ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟ ନିକଟରେ ସେ ଦୁର୍ଘଟଣାର ଶିକାର ହୋଇ ଏକ ଘରୋଇ ମେଡ଼ିକାଲରେ ଚିକିତ୍ସାଧୀନ ଥିଲେ। ଗଣିତ ଶିକ୍ଷକ ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ମଦନ ମୋହନ ଓଡ଼ିଶାରେ ଜଣେ ବିଶିଷ୍ଟ ଗଣିତ ବିଶାରଦ ଭାବେ ଖ୍ୟାତି ଅର୍ଜନ କରିଥିଲେ। ମଦନ ମୋହନ ଷ୍ଟିୱାର୍ଟ ସ୍କୁଲରେ ଗଣିତ ଶିକ୍ଷକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ପରେ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ଓ ବୋର୍ଡର ଉପସଚିବ ଭାବେ ସେ କାର୍ଯ୍ୟ କରିଛନ୍ତି। ତାଙ୍କ ଆବାହକତ୍ୱରେ ଓଡ଼ିଶା ଗଣିତ ସଂସଦ ଗଠନ ହୋଇଥିଲା। ସେ କଟକସ୍ଥିତ ପୋଲିସ ହାଇସ୍କୁଲ, ଗୋରାକବର ହାଇସ୍କୁଲର ମୁଖ୍ୟ ପରାମର୍ଶଦାତା ଥାଇ ମଧ୍ୟ ନିଜ ଗାଁ ସାଲେପୁରସ୍ଥିତ ସରିଲୋ ନବଗ୍ରାମରେ ଏକ ସ୍କୁଲ ଆରମ୍ଭ କରିଥିଲେ। ମଦନ ମୋହନ ତୁଳସୀପୁର ସ୍ଥିତ ଶ୍ରୀବିହାର କଲୋନୀ ଉନ୍ନୟନ କମିଟି ସଭାପତି ଭାବେ ବହୁ ଉନ୍ନୟନମୂଳକ କାର୍ଯ୍ୟକୁ ସଫଳ ଭାବେ ରୂପାୟନ କରିଥିଲେ। ଏହାଛଡ଼ା ଗତ ଫନୀ ପରେ ସେ ନିଜର ଏକମାସର ପେନ୍‌ସନକୁ ମଧ୍ୟ ରିଲିଫ ଭାବେ ଦାନ କରିଥିଲେ। ଗଣିତଶାସ୍ତ୍ର ଏବଂ ଜୀବନ ଦର୍ଶନ ଉପରେ ଅନେକ ବହି ସଂକଳନ କରିଛନ୍ତି। ତାଙ୍କର ମୃତ୍ୟୁ ଖବର ପାଇବା ପରେ ତୁଳସୀପୁର ଶ୍ରୀବିହାର କଲୋନୀସ୍ଥିତ ବାସଭବନରେ ବିଚାରପତି ମଦନମୋହନ ଦାସ, ଡ. ସତ୍ୟ ରାୟ, ନଳିନୀକାନ୍ତ ଚୌଧୁରୀ, ସଂଯୁକ୍ତା ପଣ୍ଡା, ସନ୍ତୋଷ ମୋହ୍ରା, ପ୍ରେମାନନ୍ଦ ରାୟ, ଆଇନଜୀବୀ ପିନାକୀ ମହାପାତ୍ର, ଦେବାଶିଷ ପଣ୍ଡା, ଅଜୟ ବରାଳ, ଅଜୟ ମହାନ୍ତି ଓ ପ୍ରଦୀପ କୁମାର ପଟ୍ଟନାୟକଙ୍କ ସହ କଟକର ବହୁମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସ୍ତ୍ରୀ, ୪ ପୁଅ ଚନ୍ଦ୍ରକାନ୍ତ, ସୂର୍ଯ୍ୟକାନ୍ତ, ଶଶିକାନ୍ତ, ନିଶିକାନ୍ତ, ଝିଅ ବନ୍ଦନା ଏବଂ ନାତୁଣୀନାତି ଉପସ୍ଥିତ ଥିଲେ। ସତୀଚଉରାସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ଯାଜପୁର ଜିଲାବାସୀଙ୍କ ବହୁ ପ୍ରତୀକ୍ଷାର ହେବ ଅନ୍ତ

## ଯାଜପୁରରୋଡକୁ ସ୍ଥାନାନ୍ତର ହେବ ଆରଆଇସି

**ଯାଜପୁର ଅଫିସ,୩୦।୬**



**କଳିଙ୍ଗନଗର ଆଞ୍ଚଳିକ ଶିଳ୍ପକେନ୍ଦ୍ର**
- ପୂର୍ବରୁ କଟକର ଜଗତପୁରରେ ଚାଲିଥିଲା କାର୍ଯ୍ୟାଳୟ
- ବିଦ୍ୟୁତ ସଂଯୋଗ ପରେ ହେବ ସ୍ଥାନାନ୍ତରଣ
- ପରିବହନ ବାବଦକୁ ୨ଲକ୍ଷ ଟଙ୍କା ମଞ୍ଜୁର ପାଇଁ ଆବେଦନ
- ଶିଳ୍ପ ନିର୍ଦ୍ଦେଶକଙ୍କୁ ପତ୍ର ଲେଖିଲେ ଆରଆଇସି ଜିଏମ

ଦୀର୍ଘଦିନର ପ୍ରତୀକ୍ଷା ପରେ ଯାଜପୁର ଜିଲା ପାଇଁ ଉଦ୍ଦିଷ୍ଟ କଳିଙ୍ଗନଗର ଆଞ୍ଚଳିକ ଶିଳ୍ପ କେନ୍ଦ୍ର (ଆରଆଇସି) କାର୍ଯ୍ୟାଳୟ କଟକ ଜିଲା ଜଗତପୁରରୁ ଯାଜପୁରରୋଡ ଚାନ୍ଦମାକୁ ଆସିବ। ଚାନ୍ଦାମାଠାରେ ନିର୍ମିତ କୋଠାରେ ବିଦ୍ୟୁତ ସଂଯୋଗ ପରେ ଏହି ପଦକ୍ଷେପ ତୁରନ୍ତ ନିଆଯିବ। ଏଥିପାଇଁ ଆରଆଇସିରେ କାର୍ଯ୍ୟରତ କର୍ମଚାରୀଙ୍କ କଟକରୁ ଯାଜପୁର ଜିଲାକୁ ବଦଳି ଓ ରିଲିଫ ପାଇଁ ନିର୍ଦ୍ଦେଶ କରିବାକୁ ଶନିବାର ଅନୁରୋଧ ହୋଇଛି। ଏହାସହ ପରିବହନ, ଲୋଡିଂ ଓ ଅନଲୋଡିଂ ଖର୍ଚ୍ଚ ବାବଦକୁ ପ୍ରାୟ ୨ଲକ୍ଷ ଟଙ୍କା ମଞ୍ଜୁର ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଶିଳ୍ପ ନିର୍ଦ୍ଦେଶକଙ୍କୁ ଆରଆଇସିର ଜେନେରାଲ ମ୍ୟାନେଜର ଅନୁରୋଧ କରିଛନ୍ତି । ଜିଲାସ୍ତରରେ ବିଭିନ୍ନ ଦାବି, ଆନ୍ଦୋଳନ, ଅନଶନ କରିବା ପରେ କଟକ ଜିଲାରୁ ଆରଆଇସି ସ୍ଥାନାନ୍ତରଣ ଖୁବଶୀଘ୍ର ହେବାର ଖବର ଜିଲାବାସୀଙ୍କୁ ଆଶ୍ୱସ୍ତି କରିଛି । ତେବେ ପୂର୍ବରୁ ଏଭଳି ପଦକ୍ଷେପ ଏକାଧିକ ଥର ହୋଇଥିଲେ ହେଁ କୌଣସି କାରଣରୁ ବାତିଲ ହୋଇଥିବା ଘଟଣା ଚଳିତ ନିଷ୍ପତ୍ତି କାର୍ଯ୍ୟକାରୀ ହେବା ନେଇ ପୁଣି ସନ୍ଦୀହାନି ଦେଖା ଦେଇଛି।

ଇଡକୋ ପକ୍ଷରୁ ପ୍ରାୟ ୨ବର୍ଷ ହେବ ଯାଜପୁରରୋଡ ଚାନ୍ଦମାଠାରେ ଆରଆଇସି କାର୍ଯ୍ୟାଳୟ ପାଇଁ ଗୃହ ସମ୍ପୂର୍ଣ୍ଣ ହୋଇଛି। ହେଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ କଟକ ଜିଲା ଜଗତପୁର ମୋହ ତୁଟୁନି। ବିଭିନ୍ନ ଆଳ ଦେଖାଇ ଆରଆଇସି କାର୍ଯ୍ୟାଳୟକୁ ସେଠାରେ ଚାଲୁ ରଖିବାକୁ ବିଭାଗୀୟ କର୍ତ୍ତୃପକ୍ଷ ମସୁଧା ଚଳାଇଛନ୍ତି। ଏହି ମର୍ମରେ ଧରିତ୍ରୀରେ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାଇ ଆସୁଥିଲା। ୨୦୧୮ ଅକ୍ଟୋବର ୨୫ରେ ବିଭାଗ ପକ୍ଷରୁ କାର୍ଯ୍ୟାଳୟ ଆସବାବପତ୍ର ଆଦି କିଣିବା ସହିତ ପରିବହନ ଖର୍ଚ୍ଚ ବାବଦକୁ ୧୨ ଲକ୍ଷ ୬୨ ହଜାର ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଏଥିପାଇଁ ଶିଳ୍ପ ନିର୍ଦ୍ଦେଶାଳୟର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜବରଦଖଲ ତଥା ବେଆଇନ କାର୍ଯ୍ୟକଳାପ ଯେପରି ନ ହେବ ସେଥିପାଇଁ ଜଗତପୁରରେ ଚାଲିଥିବା ଗୃହ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବାକୁ ମଧ୍ୟ କୁହାଯାଇଥିଲା। ତଥାପି ଦିନ ଗଡି ୮ମାସରେ ପହଞ୍ଚିଲା। ଯଦ୍ୱାରା ଜିଲାସାରା ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ଉଦ୍ୟୋଗୀଙ୍କ ଦ୍ୱାରା ଲଘୁ ଉଦ୍ୟୋଗ ସ୍ଥାପନ ପାଇଁ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ)ରେ ବିଭିନ୍ନ କାର୍ଯ୍ୟକ୍ରମ ବିଫଳ ହୋଇଆସୁଛି। ଯାଜପୁର ଜିଲା ପରିସୀମା ମଧ୍ୟରେ ଜିଲା ମୁଖ୍ୟ କାର୍ଯ୍ୟାଳୟ ନ ହୋଇ କଟକ ଜିଲା ଜଗତପୁରରେ ଏହା କାର୍ଯ୍ୟକାରୀ ହେଉଥିବାରୁ ଜିଲାରେ ଶିଳ୍ପ ବିକାଶର ଠିକ ବାତାବରଣ ସୃଷ୍ଟି କରାଯାଇ ପାରୁ ନାହିଁ। ଗତ ୧୦ ତାରିଖରେ ଯାଜପୁର ଜିଲା ଅସଂଗଠିତ ଶ୍ରମିକ କଂଗ୍ରେସ ପକ୍ଷରୁ ତୁରନ୍ତ ଆରଆଇସି କାର୍ଯ୍ୟାଳୟ କଟକରୁ ଯାଜପୁରରୋଡ ଚାନ୍ଦାମଠାରେ ନିର୍ମିତ ଗୃହକୁ ସ୍ଥାନାନ୍ତରଣ ଦାବିରେ କଳିଙ୍ଗନଗର ଏଡିଏମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ ହୋଇଥିଲା। ଯାଜପୁର ଜିଲା ଗଠନକୁ ୨୫ବର୍ଷ ପୂରି ସାରିଥିବାବେଳେ ଅନ୍ୟ ଜିଲା ଭଳି ଆଞ୍ଚଳିକ ଶିଳ୍ପ କେନ୍ଦ୍ର ଯାଜପୁର ଜିଲାକୁ ସ୍ଥାନାନ୍ତରିତ ନ କଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଥିଲା । ଏହାର ପ୍ରଭାବ ବିଭାଗ ଉପରେ ପଡିଥିବା ଜଣାପଡିଛି। ଫଳରେ କଳିଙ୍ଗନଗର ଆରଇସିର ଜେନେରାଲ ମ୍ୟାନେଜର (ଜିଏମ)କାର୍ଯ୍ୟାଳୟ ସ୍ଥାନାନ୍ତରଣ ସମ୍ବନ୍ଧରେ ଶିଳ୍ପ ନିର୍ଦ୍ଦେଶକଙ୍କୁ ପତ୍ର ଲେଖିବା ସହିତ ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥା ତୁରନ୍ତ କରିବାକୁ ଜଣାଇଛନ୍ତି। ଏହି ମର୍ମରେ ଆରଆଇସିରର ଜିଏମ ଦର୍ଶାଇଛନ୍ତି ଯେ, ଇଡକୋ ପକ୍ଷରୁ ବିଦ୍ୟୁତ ସଂଯୋଗ ହେବାକ୍ଷଣି ତୁରନ୍ତ ଆରଆଇସି କାର୍ଯ୍ୟାଳୟକୁ ସ୍ଥାନାନ୍ତରଣ କରାଯିବ। ଏଥିପାଇଁ ଇଡକୋ ସହିତ ନିୟମିତ ଭାବେ ଯୋଗାଯୋଗ କରାଯାଉଛି। ଏହାସହ ଚାନ୍ଦମା କାର୍ଯ୍ୟାଳୟରେ ଆଉଟ ସୋର୍ସିଂରେ ସୁରକ୍ଷା କର୍ମୀ ନିୟୋଜନ କରିବାକୁ ଅନୁରୋଧ କରିଛନ୍ତି ।

## ସଂକ୍ଷେପରେ

### ଲୁଟ୍ ମୋବାଇଲ୍ ଫୋନ୍ ସହ ବାଇକ ଜବତ
### ଜେଲ୍ ଗଲେ ୨ ଅଭିଯୁକ୍ତ

ଭୁବନେଶ୍ୱର, ୩୦।୬(ବ୍ୟୁରୋ): ରାଜମହଲ ଛକରେ ଜଣେ ମହିଳାଙ୍କଠାରୁ ମୋବାଇଲ ଫୋନ୍ ଲୁଟ କରି ଫେରାର ଥିବା ଦୁଇ ଅଭିଯୁକ୍ତଙ୍କୁ କ୍ୟାପିଟାଲ ଥାନା ପୋଲିସ ରବିବାର ଗିରଫ କରିଛି। ସେମାନଙ୍କ ନିକଟରୁ ଲୁଟ୍ ମୋବାଇଲ ଫୋନ୍ ସହ ଏକ କଳା ପଲ୍ସର ଜବତ କରିଛି। ଗିରଫ ଅଭିଯୁକ୍ତମାନ ହେଲେ ପୁରୀ ଜିଲା କଣାସ ଥାନା ଅଞ୍ଚଳର ସୁମନ୍ତ ବେହେରା(୨୪) ଓରଫ ରାଜା ବେହେରା ଓ ନୟାଗଡ ଜିଲା ଓଡଗାଁ ଥାନା ଅଞ୍ଚଳର ସଞ୍ଜୟ ନାୟକ(୧୯)।
ସୂଚନା ମୁତାବକ, ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆର୍‌ସି ଭିଲେଜରେ ରହୁଥିବା ଶକୁନ୍ତଳା ଓଝା ଗତ ୨୫ ତାରିଖରେ ମାର୍କେଟିଂ କରିବାକୁ ୧ ନମ୍ବର ହାଟ ଆସିଥିଲେ। ରାଜମହଲ ଛକ ନିକଟରେ ସେ ଯାଉଥିବାବେଳେ ଦୁଇ ଅଭିଯୁକ୍ତ ଏକ କଳା ପଲସରରେ ପଛରୁ ଆସି ମୋବଇଲ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଶକୁନ୍ତଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୩୪/୧୯ରେ ଏକ ମାମଲା ରୁଜୁ କରି ସିସିଟିଭି ଫୁଟେଜ ଯାଞ୍ଚ ସହ ଲୁଟ୍ ମୋବାଇଲ ଫୋନ୍ ନମ୍ବରକୁ ଟ୍ରାକ ଆରମ୍ଭ କରିଥିଲା। ରବିବାର ପୋଲିସ ସାଲିଆ ସାହି ଅଞ୍ଚଳରେ ଚଢଉ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ପଚରାଉଚରା କରି କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

### ନୃତ୍ୟରେ ଭିଜିଲେ ଦର୍ଶକ

ଭୁବନେଶ୍ୱର,୩୦।୬(ବ୍ୟୁରୋ): ପ୍ରଶାନ୍ତି ଡ୍ୟାନ୍ସ ଓ ମ୍ୟୁଜିକ୍ ସ୍କୁଲ୍ ପକ୍ଷରୁ ଏହାର ବାର୍ଷିକ ସାଂସ୍କୃତିକ ଉତ୍ସବ ରବିବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ଏକାଧିକ ଚିତ୍ତାକର୍ଷକ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଓଡ଼ିଶୀ ନୃତ୍ୟ ସହ ବିଭିନ୍ନ ପ୍ରକାର ସେମି କ୍ଲାସିକାଲ, ଘୁମୁରା ଓ ସମ୍ବଲପୁରୀ ନୃତ୍ୟ ଦେଖିବାକୁ ଯେତିକି ଉପଭୋଗ୍ୟ ହୋଇଥିଲା, ସେତିକି ହୃଦୟସ୍ପର୍ଶୀ ଥିଲା। ପ୍ରେକ୍ଷାଳୟ ବାହାରେ ପ୍ରବଳ ବର୍ଷା ସାଙ୍ଗକୁ ପ୍ରେକ୍ଷାଳୟ ଭିତରେ ନୃତ୍ୟର ବର୍ଷା ଦର୍ଶକଙ୍କୁ ବେଶ୍ କିଛି ସମୟ ଧରି ବାନ୍ଧି ରଖିଥିଲା। ଗୁରୁ ସରୋଜ କୁମାର ଦେହୁରୀ ସମସ୍ତ ନୃତ୍ୟର ନୃତ୍ୟ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷା ବିଭାଗ ଅଧିକାରୀ ବି.ପି. ଦାସ, ପୂର୍ବତନ ବିଏମ୍‌ସି କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ ଏବଂ ପ୍ରଶାନ୍ତିର ସମ୍ପାଦକ କଳ୍ପନା ପଟ୍ଟନାୟକ ଯୋଗ ଦେଇଥିଲେ।

## ■ ରାଜଧାନୀରେ ଭିକାରିଙ୍କୁ ହତ୍ୟା, ୨ ବସ୍ ପୋଡ଼ି ଘଟଣା
# ୨ବର୍ଷ ପରେ ବି ଅଭିଯୁକ୍ତଙ୍କୁ ପାଇନି ପୋଲିସ

କଟକ ରୋଡ,୩୦।୬(ଡି.ଏନ୍.ଏ.)

■ ମୃତକଙ୍କ ପରିଚୟ ମଧ ମିଳିନାହିଁ
■ ନିଜେ ପୋଡ଼ିଥିବା ନେଇ ଦୋଷାରୋପ

ରାଜଧାନୀରେ ବଡଗଡ଼ ଥାନା ଅଞ୍ଚଳରେ ୨ବର୍ଷ ପୂର୍ବରୁ ଘଟିଥିବା ଅନେକ ଚର୍ଚ୍ଚିତ ୨ ପ୍ରମୁଖ ଅପରାଧ ଘଟଣାର ପୋଲିସ ଏଯାବତ ସୁରାକ ପାଇପାରି ନାହିଁ। ଘଟଣାର କିଛିଦିନ ପର୍ଯ୍ୟନ୍ତ ତଦନ୍ତ ଜୋରସୋର ହେବା ପରେ କୌଣସି ତଥ୍ୟ ନ ପାଇବାରୁ ଧୀରେ ଧୀରେ ଶିଥିଳ ହୋଇପଡିଛି। ସୂଚନା ଅନୁଯାୟୀ, ୨୦୧୭ ଫେବୃୟାରୀ ୯ତାରିଖରେ ବଡ଼ଗଡ଼ ଥାନା ଅଧୀନ ଟଙ୍କପାଣି ରୋଡସ୍ଥିତ ମେଘେଶ୍ୱର ମନ୍ଦିର ପରିସରରୁ ଜଣେ ଯୁବକଙ୍କ ମୃତଦେହ ମିଳିଥିଲା। ଯୁବକଙ୍କ କେବଳ ପୁରୀ ଅଞ୍ଚଳର ଭାସିଆ ବୋଲି ଜଣାପଡିଥିବାବେଳେ ସମ୍ପୂର୍ଣ୍ଣ ଠିକଣା ପାଇ ନଥିଲେ। ଏପରିକି ପୂର୍ବରୁ ସେ ଜଣେ ଟ୍ରକ ଚାଳକ ଥିବାବେଳେ ପ୍ରାୟ ୧୫ବର୍ଷରୁ ଉର୍ଦ୍ଧ୍ୱ ଧରି ମେଘେଶ୍ୱର ଓ ଟଙ୍କପାଣ ରୋଡରେ ଥିବା ସାଇ ମନ୍ଦିରରେ ଭିକ୍ଷାବୃତ୍ତି କରୁଥିଲେ। କେହି ହତ୍ୟାକରି ମନ୍ଦିର ପରିସରରେ ଫିଙ୍ଗି ପଳାଇଥିଲେ। ତେବେ ଘଟଣା ପୂର୍ବଦିନ ମନ୍ଦିର ଦୂରରେ ଏକ ଭୋଜି ହୋଇଥିବାବେଳେ ଭାସିଆ ମଧ୍ୟ ସେଥିରେ ଉପସ୍ଥିତ ଥିଲେ। ଟଙ୍କା ଭାଗବଣ୍ଟାକୁ ନେଇ ସେଠାରେ ଗଣ୍ଡଗୋଳ ହୋଇଥିବାର ପୋଲିସ ସୂଚନା ପାଇଥିଲା। ତେବେ କେଉଁ କାରଣରୁ ଭାସିଆ ହତ୍ୟାର ଶିକାର ହୋଇଥିଲେ ତାହା ଏବେ ମଧ ସନ୍ଦେହ ଘେରରେ ରହିଛି। ଏ ନେଇ ଥାନାରେ ନଂ୪୨/୧୭ରେ ମାମଲା ରୁଜୁ ହୋଇଥିଲା। ଅନ୍ୟପକ୍ଷରେ ଏହାର ୪ମାସ ପରେ ବଡଗଡ଼ ଥାନା ଅଧୀନ ମ୍ୟୁଜିୟମ ଛକରେ କେତେକ ଦୁର୍ବୃତ୍ତ ୨ବସ ଜାଳି ଦେଇଥିଲେ। ଏୟାରଫିଲ୍ଡ ଥାନା ଅଧୀନ ସୁନ୍ଦରପଦା ଅଞ୍ଚଳର ଉପେନ୍ଦ୍ର ପ୍ରଧାନ ଓ ସୁରେନ୍ଦ୍ର ପ୍ରଧାନଙ୍କ ୨ଟି ବସ ମ୍ୟୁଜିୟମ ଛକରେ ଥିବାବେଳେ ରାତି ୧୦ଟାରେ କେହି ଦୁର୍ବୃତ୍ତ ଉକ୍ତ ବସରେ ନିଆଁ ଲଗାଇଦେଇଥିଲେ। ଏ ନେଇ ୧୫୪/୧୭ରେ ମାମଲା ରୁଜୁ ହୋଇଥିଲା। ନିକଟରେ ବିଏମ୍‌ସି, ତହସିଲ, ଉପଜିଲାପାଳ କାର୍ଯ୍ୟାଳୟ, ଭୁବନେଶ୍ୱର କୋର୍ଟ ଭଳି ହାଇପ୍ରୋଫାଇଲ ସିକ୍ୟୁରିଟି ଜୋନ ଅଞ୍ଚଳରେ ବସ ପୋଡି ରାଜଧାନୀରେ ରହୁଥିବା ବସ ମାଲିକ ପାଇଁ ଚିନ୍ତା ବଢ଼ାଇଛି। ୨୦୧୭ ଜୁନ ୫ତାରିଖରେ ପିପିଲି ଅଞ୍ଚଳରେ ସାରଳା ବସ ପୋଡି ଘଟଣାରେ ଏହାର ଲିଙ୍କ ଥିବା ନେଇ ପୋଲିସ ଜାଣିପାରିଥିଲା। ଏପରିକି ବସ ପୋଡି ଘଟଣାର ଦୁର୍ବୃତ୍ତଙ୍କୁ ଧରିବା ପାଇଁ ମଧ ବସ ମାଲିକ ତତ୍‌କାଳୀନ ଡିସିପିଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଇତି ମଧ୍ୟରେ ଉକ୍ତ ଘଟଣାଦ୍ୱୟକୁ ୨ବର୍ଷ ବିତିଯାଇଥିଲେ ମଧ ପୋଲିସ ଏ ଦିଗରେ ଆଖିଦୃଶିଆ ସଫଳତା ହାସଲ ହୋଇପାରି ନାହିଁ। ଏ ନେଇ ବସ ମାଲିକ ସୁରେନ୍ଦ୍ର ପ୍ରଧାନ କୁହନ୍ତି, ଘଟଣା ପରେ ମୁଁ ଡିସିପିଙ୍କୁ ଭେଟିଥିଲେ ହେଁ ସେ ସ୍ଥାନୀୟ ଥାନାକୁ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇବେ ବୋଲି କହିଥିଲେ। କିନ୍ତୁ ଥାନାକୁ ଯିବାପରେ ସେଠାରେ କିଛି ମୋତେ ସହଯୋଗ ମିଳିଲା ନାହିଁ, ବରଂ ମୁଁ ନିଜେ ବସରେ ନିଆଁ ଲଗାଇଦେଇଥିବା କହି ମୋତେ ଦୋଷାରୋପ କରାଗଲା। ଉପରୋକ୍ତ ଦୁଇ ଘଟଣା ସଂକ୍ରାନ୍ତରେ ଜୋନ-୪ ଏସିପି ଅମରେନ୍ଦ୍ର ପଣ୍ଡାଙ୍କୁ ପଚାରିବାରେ, ମୁଁ ଦୁଇ ମାମଲା ବାବଦରେ ଅବଗତ ହେବା ପରେ କେତେ ଦୂର କାର୍ଯ୍ୟାନୁଷ୍ଠାନ ଆଗେଇଛି ସେ ନେଇ ତଦନ୍ତ କରିବି ବୋଲି କହିଥିଲେ।

## ଭୀମଟାଙ୍ଗିରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ
### ■ କର୍ମୀଙ୍କ ସହ ମିଶିଲେ, ଗୋସେବକଙ୍କୁ ଭେଟିଲେ



କର୍ମୀଙ୍କ ଗହଣରେ ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ।

ପୁରୁଣା ଭୁବନେଶ୍ୱର,୩୦।୬ (ଡି.ଏନ.ଏ.)

କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଲୋକ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ଦେବାକୁ ଯାଇ ୫ଟି ଭାଷାରେ ଓଜସ୍ୱିନୀ ଭାଷଣ ଦେଇଥିଲେ। ଗୋଟିଏ ପରେ ଗୋଟିଏ ଘଟଣାରେ ସେ ଚର୍ଚ୍ଚାକୁ ଆସୁଥିବା ବେଳେ ରବିବାର ହଠାତ୍ ଭୀମଟାଙ୍ଗିରେ ପହଞ୍ଚିଥିଲେ। ସେଠାରେ ସେ ରାଷ୍ଟ୍ରଶକ୍ତି ଗୋସେବା ଟ୍ରଷ୍ଟ ସଦସ୍ୟମାନଙ୍କୁ ଭେଟିଥିଲେ। ସଦସ୍ୟଙ୍କ ଭିତରେ ଦୁର୍ଘଟଣାରେ ଆହତ ହୋଇଥିବା ରାଜେଶ ପୃଷ୍ଟି ଏବଂ ଚିନ୍ମୟ ପାତ୍ର, ସୋମ୍ୟ ଭୂତିଆଙ୍କ ଭଳି ଅନ୍ୟ ସଦସ୍ୟଙ୍କ ସହ ମିଶି ସେବା ମନୋବୃତ୍ତି ପାଇଁ ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସେହିଭଳି ଭାଜପା ନେତା ବାବୁ ସିଂ, ପୂର୍ବତନ କର୍ପୋରେଟର ସୁବାସିନୀ ପୃଷ୍ଟି, ବାସୁଦେବ ମିଶ୍ର ପ୍ରମୁଖ କର୍ମୀଙ୍କ ସହ ଦଳୀୟ ସଙ୍ଗଠନ ମଜଭୁତ ପାଇଁ ଆଲୋଚନା କରିଥିଲେ।

## ୨୮ ବରିଷ୍ଠ ଐତିହାସିକ, ଲେଖକଙ୍କୁ ସମ୍ବର୍ଦ୍ଧିତ କଲା କାପୋକ୍




ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇଥିବା ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

ଭୁବନେଶ୍ୱର,୩୦।୬(ବ୍ୟୁରୋ)

କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ(କାପୋକ) ତରଫରୁ ସୂଚନା ଭବନସ୍ଥିତ ଗୀତ ଗୋବିନ୍ଦ ସଦନରେ ରବିବାର ଲେଖକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। 'ଶିଶୁପାଳଗଡ ଦି ଲଷ୍ଟ୍ ସିଟି' ପୁସ୍ତକରେ ତଥ୍ୟଭିତ୍ତିକ ପ୍ରବନ୍ଧ ଲେଖିଥିବା ରାଜ୍ୟର ୨୮ଜଣ ବରିଷ୍ଠ ତଥା ଜଣାଶୁଣା ଐତିହାସିକ, ଲେଖକ, ଲେଖିକା ଓ କବିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ କବି ଡ. ହୁସେନ ରବି ଗାନ୍ଧୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜ୍ଞାନ ଓ କାରିଗରି କୌଶଳ, ସାଧାରଣ ଉଦ୍ୟୋଗ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଓଡିଶାର କଳା, ସଂସ୍କୃତି ଓ ଇତିହାସ ସହ ଐତିହ୍ୟର ସୁରକ୍ଷା ନିମନ୍ତେ ସରକାର ନେଇଥିବା ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। କାପୋକ ଅଧକ୍ଷ ସଂଗ୍ରାମ କେଶରୀ ପାଇକରାୟ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ 'ଶିଶୁପାଳଗଡ ଦି ଲଷ୍ଟ୍ ସିଟି' ଏକ ତଥ୍ୟଭିତ୍ତିକ ଐତିହାସିକ ଓ ଶିକ୍ଷଣୀୟ ପ୍ରବନ୍ଧ ପୁସ୍ତକ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। କାପୋକ ସଂପାଦକ ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭିକ ସଭାପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଡ. ସନ୍ଦିପ କୁମାର ରାଉତ ଓ ସୁଭ୍ରାଂଶୁ ଶେଖର ସାହୁ ଯନ୍ତ୍ର ସଂଗୀତ ପରିବେଷଣ କରିଥିଲେ। ଏହାପରେ ଉପସ୍ଥିତ କବିଙ୍କ ଦ୍ୱାରା ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା।

### ସାଇଫନ ମୁହଁ ଖୋଲା ହେଲା

ବାଲିଅନ୍ତା,୩୦।୬(ଡି.ଏନ୍.ଏ.)

ଭୁବନେଶ୍ୱର ମହାନଗର ନିଗମ ୪ନଂ ୱାର୍ଡ ଅଧୀନ ନହରକଣ୍ଟା ଓ ହରିଦାସପୁର ଗ୍ରାମ ନିକଟ ପୁରୀ ମୁଖ୍ୟ କେନାଲ ଭିତରେ ଦେଇ ବର୍ଷା ଜଳ ନିଷ୍କାସନ ପାଇଁ ପୂର୍ବରୁ ଥିବା ୨ଟି ସାଇଫନ ମୁହଁ ପଙ୍କ ଓ ଦଳରେ ପୋତି ହୋଇ ପଡିଥିଲା। ଫଳରେ ବର୍ଷାଜଳ ନିଷ୍କାସିତ ନ ହୋଇପାରି ଗାଁ ଦାଣ୍ଡରେ ଜମି ରହୁଥିଲା। ଏ ନେଇ ଧରିତ୍ରୀରେ ଜୁନ ୨୯ରେ ପ୍ରକାଶ ପାଇବା ପରେ ଜଳସେଚନ ବିଭାଗର ଚେତା ପଶିଥିଲା। ବିଭାଗ ପକ୍ଷରୁ ସାଇଫନ ମୁହଁ ସଫେଇ ପାଇଁ ତତ୍ପରତା ଦେଖାଦେଇଥିଲେ। ବାଲିଅନ୍ତା ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଭୀମସେନ ବେହେରା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିଥିଲେ। ପୋତି ହୋଇପଡିଥିବା ୨ସାଇଫନର ଉଭୟପଟ ମୁହଁକୁ ଜେସିବି ଲଗାଇ ପଙ୍କ ଓ ଦଳ ସଫା କରାଯାଇଥିଲା। ହରିଦାସପୁରସ୍ଥିତ ସାଇଫନ କେନାଲ ଭିତରେ ଫାଟିଥିବା ପାଇପକୁ ମଧ ମରାମତି ହୋଇଥିଲା।

### ଶଯ୍ୟାଶାୟୀ ବ୍ୟକ୍ତିଙ୍କ ମୃତ୍ୟୁକୁ ନେଇ ପୋଲିସ ତଦନ୍ତ ଆରମ୍ଭ

ଭୁବନେଶ୍ୱର, ୩୦।୬(ବ୍ୟୁରୋ)

ଖାରବେଳନଗର ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ଗାଧୁଆ ଘରେ ପଡି ଆହତ ହେବା ପରେ ବର୍ଷେ ହେବ ଚିକିତ୍ସିତ ହେଉଥିଲେ। ରବିବାର ସକାଳେ ହଠାତ୍ କଷ୍ଟ ଅନୁଭବ କରି ମୃତ୍ୟୁବରଣ କରିଛନ୍ତି। ବର୍ଷେ ଧରି ଶଯ୍ୟାଶାୟୀ ଥିବା ବ୍ୟକ୍ତିଙ୍କ ହଠାତ୍ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗୁଜବ ଉଠୁଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଛି। ସେ ହେଲେ ୟୁନିଟ୍ ୯ର ୨ ନମ୍ବର ରୋଡରେ ରହୁଥିବା ସୁଦାମ ଚରଣ ନାୟକ। ସୁଦାମ ବର୍ଷେ ତଳେ ଗାଧୁଆ ଘରେ ପଡି ଯିବାରୁ ଅଣ୍ଟା ଓ ସ୍ପାଇନାଲରେ ଗଭୀର ଆଘାତ ଲାଗିଥିଲା। ସେ ଶଯ୍ୟାଶାୟୀ ହେବା ସହ ଚିକିତ୍ସିତ ହେଉଥିଲେ। ରବିବାର ସକାଳ ୯ଟାରେ ସୁଦାମ ଯନ୍ତ୍ରଣା ଅନୁଭବ କରିବା ସହ ଅଚେତ ହୋଇ ଯାଇଥିଲେ। ପରିବାରଲୋକ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ନଂ. ୨୨/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ହୃଦ୍‌ଘାତରେ ସୁଦାମଙ୍କ ମୃତ୍ୟୁ ହୋଇଥିବା ନେଇ ଡାକ୍ତର ପାରିପାର୍ଶ୍ୱିକ ଅବସ୍ଥାରୁ ଆଶା କରୁଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାହା ସ୍ପଷ୍ଟ ହେବା ବୋଲି ପୋଲିସ କହିଛି।

## ■ ଭୁବନେଶ୍ୱର ସାହିତ୍ୟ ସମାଜ ଅଧିବେଶନ
# ଆଧ୍ୟାତ୍ମିକ ସାହିତ୍ୟକୁ ମିଳୁନି ଉଚିତ ମର୍ଯ୍ୟାଦା

ଭୁବନେଶ୍ୱର,୩୦।୬(ବ୍ୟୁରୋ)

ଓଡ଼ିଆ ଭକ୍ତି ସାହିତ୍ୟର ପଟାନ୍ତର ନାହିଁ। ଆଧ୍ୟାତ୍ମିକତା, ଏ ସମ୍ପର୍କିତ ସାହିତ୍ୟ ରଚନା ସବୁବେଳେ ଓଡ଼ିଆଙ୍କ ଜୀବନଧାରାକୁ ପ୍ରଭାବିତ କରି ଆସିଛି। ଓଡ଼ିଆ ଜାତିର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ଆଧାର କରି ଭକ୍ତି ସାହିତ୍ୟ ସୃଷ୍ଟି ହୋଇଛି। ସାରଳା ଦାସଙ୍କ ମହାଭାରତଠାରୁ ଆରମ୍ଭ କରି ଜଗନ୍ନାଥ ଦାସଙ୍କ ଭାଗବତ ଓଡ଼ିଆ ଭକ୍ତି ସାହିତ୍ୟର ମାଇଲଖୁଣ୍ଟ ହୋଇ ରହିଛି। ପରବର୍ତ୍ତୀ ସମୟରେ ସନ୍ଥସାହିତ୍ୟ, ଶୂନ୍ୟବାଦ ଇତ୍ୟାଦି ଓଡ଼ିଆ ଭକ୍ତିସାହିତ୍ୟକୁ ଋଦ୍ଧିମନ୍ତ କରିଥିଲା। ରାଶି ରାଶି ଜଣାଣ, ଭଜନ ଏବଂ ଅନ୍ୟ ଭକ୍ତି ଆଧାରିତ ରଚନା ଏବେ ମଧ ଓଡ଼ିଆ ଭକ୍ତି ସାହିତ୍ୟର କଳେବରକୁ ବୃଦ୍ଧି କରି ଚାଲିଛି। ମାତ୍ର ଏହାପରେ ବି ଆଧ୍ୟାତ୍ମିକ ସାହିତ୍ୟକୁ ଉଚିତ ମର୍ଯ୍ୟାଦା ମିଳି ପାରିନାହିଁ। ଭକ୍ତି ସାହିତ୍ୟର ଅଧିକ ପ୍ରସାର ହେବାକୁ ଉଦ୍ୟମ ହେବା ଆବଶ୍ୟକ ବୋଲି 'ନାଇଜର'ର ରେଜିଷ୍ଟ୍ରାର ତଥା ବିଶିଷ୍ଟ ଲେଖକ ଡ. ଅଭୟ କୁମାର ନାୟକ କହିଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଡ. ନାୟକ ଭକ୍ତିସାହିତ୍ୟ ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସଭାପତି କବି ସୂର୍ଯ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଧିବେଶନରେ କବି କମଳ କୁମାର ମହାନ୍ତି 'ଏ ମାସର କବି' ଭାବେ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଜୟଶ୍ରୀ ପଟ୍ଟନାୟକ ଓ ନିରୁପମା କରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଗୁରୁ ମହାନ୍ତି, ପବିତ୍ର ମୋହନ କର, ଯୋଗେନ୍ଦ୍ର ନାୟକ, ପ୍ରଣବ ମିଶ୍ର, ଡ. ବିନୋଦିନୀ ପାତ୍ର, ଶତ୍ରୁଜିତ୍, ସୁଷମା ଲେଙ୍କା, ବୀରେନ୍ଦ୍ର ନାୟକ, ଡ. ରାଜୀବ ଷଡଙ୍ଗୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

### ଦୁଇ କାର୍, ବାଇକ୍‌କୁ ଧକ୍କା ଦେଲା ହାଇୱା

ପୁରୁଣା ଭୁବନେଶ୍ୱର,୩୦।୬ (ଡି.ଏନ.ଏ.)

ଧଉଳି ଥାନା ଅଧୀନ ୩୧୬ ନଂ. ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ରବିବାର ପୂର୍ବାହ୍ନରେ ଏକ ବାଲିବୋଝେଇ ହାଇୱା ରାସ୍ତାରେ ଥିବା ଦୁଇଟି କାର ଓ ବାଇକ୍‌କୁ ଧକ୍କା ଦେଇଥିଲା। ସୌଭାଗ୍ୟବଶତଃ କାର ଚାଳକ ରାସ୍ତାପାର୍ଶ୍ୱରେ କାର ରଖି ଶୌଚ ହେବାକୁ ଯାଇଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିଗୁଡିକୁ ଜବତ କରିବା ସହ ହାଇୱା ଚାଳକଙ୍କ ବିରୋଧରେ କୌଣସି ମାମଲା ରୁଜୁ କରି ନ ଥିବା ଜଣାପଡିଛି।



ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିରଠାରେ ରବିବାର ପ୍ରଫେସର ପ୍ରଭୁ ପ୍ରସାଦ ପଟ୍ଟନାୟକଙ୍କ ଆତ୍ମଜୀବନୀ ପୁସ୍ତକ 'ବିସ୍ତୃତ ବେଳାଭୂମିର ଶାମୁକା ଗୋଟାଳୀ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ଫୁଲରେ ସଜେଇ ହେବ ବଡ଼ଦେଉଳ, ଗୁଣ୍ଡିଚା ମନ୍ଦିର

ପୁରୀ ଅଫିସ, ୩୦।୬:

■ ଫୁଲ ଦେଲେ ଦିଲ୍ଲୀର ଭକ୍ତ
■ ସଜାଇବେ ୨୦୦ କାରିଗର

ମହାପ୍ରଭୁଙ୍କ ସେବା ଭାଗ୍ୟରେ ଥିଲେ ମିଳେ। ଅନେକ ବ୍ୟକ୍ତି ଦାରୁଦିଅଁଙ୍କ ସେବା କରିବାକୁ ଇଚ୍ଛା କରୁଥିଲେ ମଧ ସୁଯୋଗ ପାଉ ନାହାନ୍ତି। ଆଉ ଯେଉଁମାନେ ଏହି ସୁଯୋଗ ପାଆନ୍ତି ସେମାନେ ନିଜକୁ ଧନ୍ୟ ମଣିଥାନ୍ତି। ତେବେ ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ସେବା କରିବାକୁ ଅନେକ ଆଗେଇ ଆସନ୍ତି। କିଏ ଝାଡୁମାରି ବଡ଼ଦାଣ୍ଡକୁ ସଫା କରିଥାନ୍ତି ତ ଆଉ କେହି ଭକ୍ତଙ୍କୁ ସେବା ଯୋଗାଇ ମହାପ୍ରଭୁଙ୍କ କରୁଣାପ୍ରାପ୍ତି ଆଶା କରିଥାନ୍ତି। ତେବେ ଏଥର ଜଣେ ଭକ୍ତ ମହାପ୍ରଭୁଙ୍କ ସେବା କରିବାକୁ ଆଗେଇ ଆସିଛନ୍ତି ସୁଦୂର ଦିଲ୍ଲୀରୁ। ସେ ରଥଯାତ୍ରା ସମୟରେ ବଡ଼ଦେଉଳ ଏବଂ ଗୁଣ୍ଡିଚା ମନ୍ଦିରକୁ ଫୁଲରେ ସଜାଇବା ପାଇଁ ଇଚ୍ଛା ରଖିଥିଲେ। ଶ୍ରୀମନ୍ଦିର ପ୍ରଶାସନ ତାଙ୍କୁ ଏଥିପାଇଁ ଅନୁମତି ଦେଇଥିବା ଜଣାପଡିଛି।
ପ୍ରତିବର୍ଷ ରଥଯାତ୍ରା ସମୟରେ ଶ୍ରୀମନ୍ଦିର, ଗୁଣ୍ଡିଚା ମନ୍ଦିର ଏବଂ ତିନିରଥକୁ ଫୁଲରେ ସଜା ଯାଇଥାଏ। ଶ୍ରୀମନ୍ଦିର ପ୍ରଶାସନ ଏହି ଫୁଲ ଯୋଗାଇଥାଏ। କିନ୍ତୁ ଏଥର ଦିଲ୍ଲୀର କେ.କେ. ଶର୍ମା ନାମକ ଜଣେ ଭକ୍ତ ଫୁଲ ଦେବା ପାଇଁ ଆଗ୍ରହ ପ୍ରକାଶ କରି ମନ୍ଦିର ପ୍ରଶାସନକୁ ଜଣାଇଥିଲେ। ପ୍ରଶାସନ ମଧ ତାଙ୍କୁ ଅନୁମତି ଦେଇଥିଲା। ରବିବାର ଶର୍ମା ଫୁଲ ଏବଂ ଏହାକୁ ସଜାଇବା ପାଇଁ ଲୋକ ଆଣି ପୁରୀରେ ପହଞ୍ଚିଛନ୍ତି। ଫୁଲ ଶ୍ରୀମନ୍ଦିର ପରିସରରେ ରଖାଯାଇଥିବା ବେଳେ ଶର୍ମା ମଧ ମୁଖ୍ୟ ପ୍ରଶାସକଙ୍କୁ ସାକ୍ଷାତ୍ କରିଛନ୍ତି। ପ୍ରାୟ ୨୦୦ ଲୋକ ଶ୍ରୀମନ୍ଦିର ଏବଂ ଶ୍ରୀଗୁଣ୍ଡିଚା ମନ୍ଦିରରେ ଫୁଲ ସଜାଇବାକୁ ଆସିଛନ୍ତି।
ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ରଥଯାତ୍ରା ଦିନ ସାତପାହାଚ, କୀର୍ତ୍ତନ ଚକଡ଼ା କାନ୍ଥ, ଆନନ୍ଦ ବଜାର ଗୁମୁଟ, ବାଇଶିପାହାଚ ଦୁଇପାର୍ଶ୍ୱ, ସିଂହଦ୍ୱାର ଗୁମୁଟ, ସିଂହଦ୍ୱାର ପ୍ରଭୃତି ଜାଗାରେ ଫୁଲ ସଜାଯିବ। ସେହିପରି ଗୁଣ୍ଡିଚା ମନ୍ଦିରକୁ ସମ୍ପୂର୍ଣ୍ଣ ଭାବେ ଫୁଲରେ ସଜାଯିବ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

## ■ ୧୨୬ତମ ଐତିହ୍ୟ ପଦଯାତ୍ରା
# ଉତ୍ସାହ ବଢ଼ାଇଲା ଔଷଧୀୟ ବୃକ୍ଷ ବଗିଚା

ଭୁବନେଶ୍ୱର, ୩୦।୬(ବ୍ୟୁରୋ)

ସକାଳୁ କାଉଁଳିଆ ପାଗରେ ଜମିଥିଲା ଐତିହ୍ୟ ପଦଯାତ୍ରା। ପୁରୁଣା ଭୁବନେଶ୍ୱରସ୍ଥିତ ବିନ୍ଦୁସାଗର ନିକଟ ଔଷଧୀୟ ବୃକ୍ଷ ବଗିଚାରୁ ଆରମ୍ଭ ହୋଇଥିଲା ୧୨୬ତମ ଐତିହ୍ୟ ପଦଯାତ୍ରା। ୨୭ଜଣ ପର୍ଯ୍ୟଟକ ପଦଯାତ୍ରାରେ ସାମିଲ ହୋଇଥିବାବେଳେ ଉପଯୋଗୀ ଔଷଧୀୟ ବୃକ୍ଷଗୁଡ଼ିକର ସୌନ୍ଦର୍ଯ୍ୟ ବେଶ୍ ଆକୃଷ୍ଟ କରିଥିବାବେଳେ ଏ ସମ୍ପର୍କରେ ଜାଣିବାକୁ ଉତ୍ସାହିତ ହୋଇପଡିଥିଲେ।
ଔଷଧୀୟ ବଗିଚା ଦାୟିତ୍ୱରେ ଥିବା ଫରେଷ୍ଟର କହିଥିଲେ, ଏଠାରେ ଥିବା ଅଧିକାଂଶ ଗଛଗୁଡ଼ିକୁ ଲୋକମାନେ ନିତ୍ୟ ବ୍ୟବହୃତ ସ୍ଥାନରେ ପାଉଛନ୍ତି ସତ, କିନ୍ତୁ ତାକୁ ଚିହ୍ନି ପାରୁନାହାନ୍ତି। କିନ୍ତୁ ବିଦେଶୀ ପର୍ଯ୍ୟଟକମାନେ ସେଗୁଡ଼ିକୁ ଭଲଭାବେ ଚିହ୍ନିବା ସହିତ ତା'ର ଔଷଧୀୟ ଗୁଣ ମଧ କହୁଛନ୍ତି। ଏପରିକି ସେମାନେ ଏହି ଗଛଗୁଡ଼ିକୁ ନିଜ ଅଞ୍ଚଳରେ ଲଗାଇଥିବା କହୁଛନ୍ତି। ଏହି ସମୟରେ ଇଟାଲିର ଜଣେ ପର୍ଯ୍ୟଟକ ଅର୍ଜୁନ ଓ ଅନ୍ୟ କେତେକ ଗଛ ସମ୍ପର୍କରେ କହିଥିଲେ। ହେଲେ ଉପସ୍ଥିତ ସ୍ଥାନୀୟ ଲୋକେ ସେସବୁ ଗଛ ଉପରେ ସେଭଳି କିଛି କହିପାରି ନ ଥିଲେ। ତେଣୁ ଲୋକଙ୍କ ମଧ୍ୟରେ ସଚେତନତାର ଆବଶ୍ୟକତା ରହିଛି ବୋଲି ଫରେଷ୍ଟର କହିଥିଲେ। ଏଥିସହ



ଏଥର ମଧ ପଦଯାତ୍ରାରେ ମନ୍ଦିରର ଐତିହ୍ୟ, କଳାକୃତି ଓ ପୌରାଣିକ କଥାବସ୍ତୁ ନେଇ ପଦଯାତ୍ରୀମାନଙ୍କୁ ଧାରଣା ଦିଆଯାଇଥିଲା। ପଦଯାତ୍ରାରେ ପୁରୁଣା ଭୁବନେଶ୍ୱରର ପ୍ରାକୃତିକ ସୌନ୍ଦର୍ଯ୍ୟର ଅନୁଭବ ମିଳିଥିଲା ବୋଲି ପର୍ଯ୍ୟଟକମାନେ ପ୍ରକାଶ କରିଛନ୍ତି।

### ୫୦ତମ ସଂଗ୍ରହାଳୟ ପଦଯାତ୍ରା

ରବିବାର ଅପରାହ୍ନରେ ଆୟୋଜିତ କଳାଭୂମି ସଂଗ୍ରହାଳୟ ପଦଯାତ୍ରାରେ ୧୫ଜଣ ପର୍ଯ୍ୟଟକ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ସୋମବାରଠାରୁ କଳାଭୂମିରେ ଇଣ୍ଟର୍ନଶିପ ଆରମ୍ଭ କରିବେ। ମେକ୍ସିକୋର ପର୍ଯ୍ୟଟକ ଭିକ୍ଟର କହିଥିଲେ, ସକାଳେ ମନ୍ଦିର ବିଷୟରେ ଜାଣିବାକୁ ପାଇଲି ଓ ପରେ ସଂଗ୍ରହାଳୟ ସହିତ ଓଡ଼ିଶାର ହସ୍ତ, କୁଟୀର ଓ ବୟନ ଶିଳ୍ପ ବିଷୟରେ ବହୁତ କିଛି ଶିଖିବାକୁ ମିଳିଲା। ସେହିପରି ପଦଯାତ୍ରାରେ ସାମିଲ ହୋଇଥିବା ୟୁରୋପ ମହାଦେଶରୁ ଆସିଥିବା ୫ଜଣ ବିଦେଶୀ ପର୍ଯ୍ୟଟକ କହିଲେ, କଳାଭୂମିରେ ସଂଗୃହୀତ କଳାକୃତି ଓ ହସ୍ତଶିଳ୍ପଗୁଡ଼ିକ ବହୁତ ସୁନ୍ଦର ଓ ଏହାର ଇତିହାସ ମଧ ବହୁତ ଜ୍ଞାନଦାୟକ। ସଂରକ୍ଷିତ ଓଡ଼ିଶା ସଂସ୍କୃତି ଓ ପରମ୍ପରା ଯେତିକି ଦେଖିବାକୁ ସୁନ୍ଦର ସେତିକି ଶୁଣିବାକୁ ମଧ ସୁନ୍ଦର ବୋଲି ସେମାନେ କହିଥିବାବେଳେ ସୁଯୋଗ ମିଳିଲେ ପୁଣିଥରେ ନିଶ୍ଚୟ ଏଠାକୁ ଆସି ପଦଯାତ୍ରାରେ ସାମିଲ ହେବୁ ବୋଲି ସେମାନେ କହିଥିଲେ। ଉଲ୍ଲେଖଯୋଗ୍ୟ, ସଂଗ୍ରହାଳୟ ପଦଯାତ୍ରାର ୫୦ତମ ଅଧ୍ୟାୟ ରବିବାର ସରୁଛି। ଐତିହ୍ୟ ପଦଯାତ୍ରାରେ ବର୍ଷକ ପୂର୍ବରୁ ଏହାକୁ ସାମିଲ କରାଯାଇଥିଲା। ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଓ ପୁରାତନ ଐତିହ୍ୟକୁ ଲୋକଲୋଚନକୁ ଆଣିବା ଲାଗି ଏହି ପ୍ରୟାସ ଆରମ୍ଭ କରାଯାଇଥିଲା।



‘ଜୟ୍ ଶ୍ରୀରାମ’ ଏବଂ ‘ବନ୍ଦେ ମାତରମ୍’ କହିବାକୁ ବାଧକରି ମୁସଲମାନ ଓ ଦଳିତଙ୍କ ଉପରେ ଆକ୍ରମଣ ହେଉଛି। ଏଭଳି ଘଟଣା ପଛରେ ଥିବା ସଙ୍ଗଠନଗୁଡ଼ିକ ସଂଘ ପରିବାର ସହ ଜଡ଼ିତ।

-ଅସାଦୁଦ୍ଦିନ୍ ଓୱାଇସି, ଏଆଇଏମ୍ଆଇଏମ୍ ଅଧକ୍ଷ



## ସଂକ୍ଷେପରେ

### ଏମ୍ସରେ ମହିଳା ନର୍ସଙ୍କ ଆତ୍ମହତ୍ୟା

**ଯୋଧପୁର,୩୦।୬ :** ଯୋଧପୁରସ୍ଥିତ ଏମ୍ସ ହସ୍ପିଟାଲରେ ଜଣେ ମହିଳା ନର୍ସ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ହସ୍ପିଟାଲର ତୃତୀୟ ମହଲାରେ ଅପରେଶନ ଥିଏଟର ପାଖରେ ଥିବା ଏକ କୋଠରିକୁ ଭିତର ପଟୁ ବନ୍ଦ କରିଦେବା ପରେ ନିଜ ଦେହରେ ମହିଳା ଜଣକ ନିଆଁ ଲଗାଇ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ପାରିବାରିକ ସମସ୍ୟାକୁ ନେଇ ସେ ଚିନ୍ତାରେ ଥିଲେ ବୋଲି ତାଙ୍କର ଜଣେ ସହଯୋଗୀ କହିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରୁଥିବା ଅତିରିକ୍ତ ପୋଲିସ କମିଶନର ଚୈନ୍ ସିଂହ ମହେଚା ପ୍ରକାଶ କରିଛନ୍ତି। ଆତ୍ମହତ୍ୟା କରିଥିବା ନର୍ସ ଜଣକ ହେଲେ କେରଳର ବିଜୁ ପୁନୋଜ୍ ଓ ସେ ଗତ ୨ ବର୍ଷ ହେବ ଏମ୍ସରେ କାର୍ଯ୍ୟ କରୁଥିଲେ ବୋଲି ଜଣାପଡ଼ିଛି। ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘର ଭିତରୁ ତାଙ୍କ ମରଶରୀରକୁ ଉଦ୍ଧାର କରିଛନ୍ତି।

### ଅଟ୍ଟାରିରେ ୫୩୨କେଜି ହେରୋଇନ ଜବତ

**ଅମୃତସର,୩୦।୬ :** ପାକିସ୍ତାନରୁ ଚୋରାରେ ଆସୁଥିବା ୫୩୨କେଜି ହେରୋଇନକୁ ଅଟ୍ଟାରିଠାରେ ସୀମା ଶୁଳ୍କ ବିଭାଗ ଦ୍ୱାରା ଜବତ କରାଯାଇଛି। ଜବତ ହେରୋଇନର ମୂଲ୍ୟ ୨,୭୦୦ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ଶତାଧିକ ବ୍ୟାଗ୍‌ରେ ଏହା ପ୍ୟାକ୍‌ହୋଇ ଆସୁଥିଲା। ଚେକ୍‌ପୋଷ୍ଟ ଦେଇ ଆସୁଥିବାବେଳେ ସୀମୀ ଶୁଳ୍କ ଅଧିକାରୀଙ୍କ ହାବୁଡ଼ରେ ପଡ଼ିଥିଲା। ୫୩୨ କେଜି ହେରୋଇନ ସହ ୫୨ କେଜି ନାର୍କୋଟିକ୍ ମିଶା ଦ୍ରବ୍ୟ ଅଟ୍ଟାରିରୁ ସୀମା ଶୁଳ୍କ ଅଧିକାରୀମାନେ ଜବତ କରିଥିଲେ। ଜବତ କରାଯାଇଥିବା ୭୦୦ ବ୍ୟାଗରୁ ୧୫ ବ୍ୟାଗ୍‌ରେ ନାର୍କୋଟିକ୍ ଦ୍ରବ୍ୟ ଥିବା ଜଣାପଡ଼ିଛି।

### ଦିଲ୍ଲୀରେ ସ୍କୁଲ ପିଲାଙ୍କ ଖରାଛୁଟି ବଢ଼ିଲା

**ନୂଆଦିଲ୍ଲୀ,୩୦।୬ :** ରାଜଧାନୀ ଦିଲ୍ଲୀରେ ରୌଦ୍ରତାପ କମିବାର ନାଁ ନେଉନାହିଁ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ୮ମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପିଲାଙ୍କ ଖରାଦିନ ଛୁଟି ଜୁଲାଇ ୮ ତାରିଖ ଯାଏ ବୃଦ୍ଧି କରିଛନ୍ତି। ଉଚ୍ଚ ଶ୍ରେଣୀଗୁଡ଼ିକ ସୋମବାର ଅର୍ଥାତ୍ ପୂର୍ବ ନିର୍ଦ୍ଧାରତି ଜୁଲାଇ ୧ ତାରିଖରେ ଖୋଲିବ। ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ତଥା ଶିକ୍ଷାମନ୍ତ୍ରୀ ମନୀଷ ସିସୋଦିଆ ଏହି ନିର୍ଦ୍ଦେଶ ଉଭୟ ସରକାରୀ ଓ ଘରୋଇ ସ୍କୁଲ କ୍ଷେତ୍ରରେ ଲାଗୁ ହେବ ବୋଲି ପ୍ରକାଶ କରିଛନ୍ତି।

### ଛାତ୍ରୀଙ୍କୁ ସମ୍ପର୍କୀୟ ଭାଇଙ୍କ ବଳାତ୍କାର

**ଲକ୍ଷ୍ନୌ,୩୦।୬:** ଉତ୍ତରପ୍ରଦେଶ ସୀତାପୁର ଅଞ୍ଚଳର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଭଲ ପାଠ ପଢୁଥିବାରୁ ଏଥିରେ ଈର୍ଷାନ୍ୱିତ ହୋଇ ତାଙ୍କର ୪ ଜଣ ସମ୍ପର୍କୀୟ ଭାଇ ତାଙ୍କୁ ସରକାରୀ ସ୍କୁଲ କ୍ୟାମ୍ପସ୍‌ରେ ଏକାଧିକ ଥର ବେହୋସ କରି ବଳାତ୍କାର କରିଆସୁଥିଲେ। ଏହି କାର୍ଯ୍ୟରେ ଜଣେ ଶିକ୍ଷକଙ୍କ ସମ୍ପୃକ୍ତି ଥିବା ଜଣାପଡିଛି। ସେମାନେ ଉକ୍ତ ବଳାତ୍କାର ଦୃଶ୍ୟକୁ ହ୍ୱାଟ୍ସଆପ୍ ଗ୍ରୁପ୍ ମାଧମରେ ପରିବାର ସଦସ୍ୟଙ୍କ ମଧ୍ୟରେ ଶେୟାର କରିବା ଫଳରେ ଘଟଣା ଲୋକଲୋଚନକୁ ଆସିଥିଲା। ଝିଅର ବାପା ଥାନାରେ ଏତଲା ଦେଇଛନ୍ତି। ଅଭିଯୁକ୍ତମାନେ ଛାତ୍ରୀ ଜଣଙ୍କୁ ପ୍ରଥମେ ବେହୋସ କରି ଜଣକ ପରେ ଜଣେ ବଳାତ୍କାର କରୁଥିଲେ।

### ଇତିହାସର ଆଇନାରେ
### ଜୁଲାଇ ୧ର ପ୍ରମୁଖ ଘଟଣା

୧୮୬୨ ଜୁଲାଇ ୧ରେ ବ୍ରିଟେନ ରାଣୀ ଭିକ୍ଟୋରିଆଙ୍କ ଅନୁମୋଦନ କ୍ରମେ ଫୋର୍ଟ ୱିଲିୟମଠାରେ କାଲକାଟା ହାଇକୋର୍ଟ ସ୍ଥାପିତ ହୋଇଥିଲା। ଭାରତର ଏହି ସର୍ବପୁରାତନ ହାଇକୋର୍ଟ ପଶ୍ଚିମବଙ୍ଗ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ପାଇଁ ଉଦ୍ଦିଷ୍ଟ ଥିଲା।

୧୯୩୮ ଜୁଲାଇ ୧ ତାରିଖରେ ଭାରତର ଖ୍ୟାତନାମା ବଂଶୀବାଦକ ପଣ୍ଡିତ ହରିପ୍ରସାଦ ଚୌରାସିଆ ଆଲ୍ଲାହାବାଦରେ ଜନ୍ମଗ୍ରହଣ କରିଥିଲେ। ସଙ୍ଗୀତ ସାଧକ ପରିବାରରେ ଜନ୍ମ ହୋଇ ନ ଥିଲେ ମଧ ସେ ନିଜର ଅଧବସାୟ ବଳରେ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିପାରିଥିଲେ। ୧୫ ବର୍ଷ ବୟସରେ ପଣ୍ଡିତ ରାଜାରାମଙ୍କଠାରୁ ସ୍ୱର ସଙ୍ଗୀତ ଶିକ୍ଷା ଆରମ୍ଭ କରି ପରେ ବଂଶୀବାଦନ ତାଲିମ ନେଇଥିଲେ।

## ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍‌ର ଦ୍ୱିତୀୟ ସଂସ୍କରଣ

# ଜଳ ସଂରକ୍ଷଣ ପାଇଁ ଆହ୍ୱାନ

ନୂଆଦିଲ୍ଲୀ,୩୦।୬(ପି.ଟି.)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମର ଦ୍ୱିତୀୟ ସଂସ୍କରଣ ରବିବାର ଆରମ୍ଭ କରିଛନ୍ତି। ଏହି ସଂସ୍କରଣର ପ୍ରଥମ ଅଭିଭାଷଣରେ ସେ ଦେଶବାସୀଙ୍କୁ ଜଳ ସଂରକ୍ଷଣ କରିବା ଲାଗି ଆହ୍ୱାନ ଦେଇଛନ୍ତି। ଦେଶର ବୃହତ ଜଳଭଣ୍ଡାର ଏବଂ ନଦୀଗୁଡ଼ିକରେ ଜଳପତ୍ତନ ଯଥେଷ୍ଟ ହ୍ରାସ ପାଇଥିବାରୁ ବହୁ ସହର ଏବେ ଜଳସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ବର୍ଷାଜଳ ସଂରକ୍ଷଣ କରିବା ଜରୁରୀ ହୋଇପଡିଛି। ସ୍ୱଚ୍ଛତା ଅଭିଯାନ ସହିତ ଏହାକୁ ମଧ୍ୟ ଗଣଆନ୍ଦୋଳନ ଭାବେ ନେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିଭିନ୍ନ ସ୍ଥାନରେ ଜଳସଂରକ୍ଷଣ ପାଇଁ ଭିନ୍ନ ପଦ୍ଧତି ଅବଲମ୍ବନ କରାଯାଇପାରେ। ତେବେ ପ୍ରତି ବୁନ୍ଦା ଜଳ ସଂରକ୍ଷଣ ଲକ୍ଷ୍ୟ ହେବା ଉଚିତ। ଏଥିପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କ ସମେତ ସମସ୍ତ ଭାରତୀୟ ସଚେତନତା ସୃଷ୍ଟି କରିବା ଏବଂ ପାରମ୍ପରିକ ଜଳସଂରକ୍ଷଣ ପଦ୍ଧତି ସମ୍ପର୍କରେ ଜାଣିଥିଲେ ତାହାକୁ ସେୟାର କରିବାକୁ ମୋଦି ଆହ୍ୱାନ ଦେଇଛନ୍ତି।

ଲୋକସଭା ନିର୍ବାଚନ ତାରିଖ ଘୋଷଣା ହେବା ପୂର୍ବରୁ ଗତ ଫେବୃୟାରୀ ୨୪ରେ ପ୍ରଧାନମନ୍ତ୍ରୀ ତାଙ୍କର ମାସିକ ମନ୍ କୀ ବାତ୍ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିଥିଲେ। ନିର୍ବାଚନ ପରେ ସେ ପୁଣି ଥରେ ତାଙ୍କର ଏହି ଲୋକପ୍ରିୟ କାର୍ଯ୍ୟକ୍ରମକୁ ଫେରିବେ ବୋଲି କହିଥିଲେ। ତାଙ୍କୁ ଫେରାଇ ଆଣିଥିବାରୁ ରବିବାର ସେ ଏହାର ଶ୍ରେୟ ଜନସାଧାରଣଙ୍କୁ ଦେଇଛନ୍ତି। ପ୍ରକୃତରେ କହିବାକୁ ଗଲେ ସେ ଫେରିନାହାନ୍ତି, ଜନସାଧାରଣ ତାଙ୍କୁ ଫେରାଇ ଆଣିଛନ୍ତି ଓ ପୁଣି ଥରେ ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବାର ସୁଯୋଗ ଦେଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**■ଆପଣମାନେ ମୋତେ ଫେରାଇ ଆଣିଛନ୍ତି: ମୋଦି**

**■ଗଣତନ୍ତ୍ରକୁ ହେୟଜ୍ଞାନ କରନାହିଁ**

**■ପୁସ୍ତକ ଉପହାର ଦେବାକୁ ପରାମର୍ଶ**

ଏହି ଅବସରରେ ଜରୁରୀକାଳୀନ ପରିସ୍ଥିତି ସମୟ ସମ୍ପର୍କରେ ମନେପକାଇଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଗଣତନ୍ତ୍ରକୁ ହେୟଜ୍ଞାନ କରନାହିଁ। କୌଣସି ଜିନିଷ ସହଜରେ ମିଳିଗଲେ ଲୋକେ ତାହାର ଗୁରୁତ୍ୱକୁ ଅନୁଭବ କରିପାରନ୍ତି ନାହିଁ। ସେ ଉଦାହରଣ ଦେଇ କହିଛନ୍ତି, ଜଣେ ପ୍ରତିଦିନ ଠିକ୍ ସମୟରେ ଖାଇବାକୁ ପାଉଥିଲେ ଯେପରି କ୍ଷୁଧାର ଜ୍ୱାଳାକୁ ଅନୁଭବ କରିପାରେ ନାହିଁ ସେହିପରି ଗଣତନ୍ତ୍ରକୁ ଛଡାଇ ନିଆ ନ ଗଲେ, ଗଣତାନ୍ତ୍ରିକ ଅଧିକାରରେ ଯେଉଁ ଆନନ୍ଦ ରହିଛି, ତାହାର ସ୍ୱାଦ ପାଇବା ଦୈନନ୍ଦିନ ଜୀବନରେ କଷ୍ଟକର ହୋଇଥାଏ। ଜରୁରୀ ପରିସ୍ଥିତି ସମୟରେ ହିଁ ଦେଶବାସୀ ଅନୁଭବ କରିବା ଆରମ୍ଭ କରିଥିଲେ ଯେ ସେମାନଙ୍କଠାରୁ କିଛି ଛଡ଼ାଇ ନିଆଯାଇଛି। ସାମାଜିକ ବ୍ୟବସ୍ଥାର ସୁପରିଚାଳନାକୁ ସୁନିଶ୍ଚିତ କରିବା ଲାଗି ସମ୍ବିଧାନର ଆବଶ୍ୟକତା ରହିଛି। ଏଥିପାଇଁ ଆଇନ ଓ ନିୟମାବଳୀ ଜରୁରୀ, ଅଧିକାର ଓ କର୍ତ୍ତବ୍ୟ ମଧ ବିତର୍କର ଅଂଶବିଶେଷ ହେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଜୁନ୍ ୨୫ରେ ଜରୁରୀ ପରିସ୍ଥିତିର ୪୪ତମ ବାର୍ଷିକୀ ଯାଇଛି। ୧୯୭୭ ଲୋକ ସଭା ନିର୍ବାଚନରେ ଜନସାଧାରଣ ସେମାନଙ୍କ ଅଧିକାର ଓ ଆବଶ୍ୟକତା ସମ୍ପର୍କରେ ଚିନ୍ତା ନ କରି ଭୋଟ ଦେଇଥିଲେ। କାରଣ ସେତେବେଳେ ସେମାନେ କେବଳ ଗଣତନ୍ତ୍ରକୁ ବଞ୍ଚାଇ ରଖିବା ପାଇଁ ଭୋଟ ଦେଇଥିଲେ। ଗଣତନ୍ତ୍ର ଭାରତୀୟ ସଂସ୍କୃତି ଓ ଐତିହ୍ୟର ଅଂଶବିଶେଷ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବା ଲାଗି ଯଦି ଦେଶବାସୀ ସାମୂହିକ ଉଦ୍ୟମ କରିବେ ତେବେ ବିରାଟ ପରିବର୍ତ୍ତନ ଦେଖିବାକୁ ମିଳିପାରିବ। ଆମେ ଏକାଠି କଠିନ ପରିଶ୍ରମ କଲେ ବହୁ କଷ୍ଟସାଧ୍ୟ କାର୍ଯ୍ୟରେ ଆମେ ସଫଳ ହୋଇପାରିବା ବୋଲି ପ୍ରଧାନମନ୍ତ୍ରୀ ସୂଚାଇଛନ୍ତି। ଏହି ଅବସରରେ ଯୋଗର ଗୁରୁତ୍ୱ ସମ୍ପର୍କରେ ମୋଦି ଦୋହରାଇଛନ୍ତି। ଅନ୍ତର୍ଜାତୀୟ ଯୋଗ ଦିବସ ଖୁବ୍ ଉତ୍ସାହର ସହ ଦେଶବିଦେଶରେ ପାଳିତ ହୋଇଛି। ସୁସ୍ଥ ବ୍ୟକ୍ତି ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ ଏବଂ ଯୋଗ ତାହା ଦେଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ନିକଟରେ ଶେଷ ହୋଇଥିବା ଲୋକ ସଭା ନିର୍ବାଚନରେ ୯୧ କୋଟି ଭୋଟରଙ୍କ ମଧ୍ୟରୁ ରେକର୍ଡ ସଂଖ୍ୟକ ୬୧ କୋଟି ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି, ଯାହାକି ଚାଇନାକୁ ବାଦ୍‌ଦେଲେ ଅନ୍ୟ ଯେକୌଣସି ଦେଶର ମୋଟ ଜନସଂଖ୍ୟାଠାରୁ ଅଧିକ। ଏଥର ଲୋକ ସଭାକୁ ସର୍ବାଧିକ ୭୮ ମହିଳା ସଦସ୍ୟ ନିର୍ବାଚିତ ହୋଇଛନ୍ତି। ଏଥିପାଇଁ ଭୋଟରମାନଙ୍କ ସଚେତନତାକୁ ସାଲ୍ୟୁଟ ଜଣାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

‘ଗୁଗଲ ଗୁରୁ’ରେ ସବୁକିଛି ଉପଲବ୍ଧ ହେଉଥିବାବେଳେ ଅଧିକରୁ ଅଧିକ ବହି ପଢ଼ିବା ପାଇଁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଦୈନନ୍ଦିକ କର୍ମମୟ ଜୀବନରୁ କିଛି ସମୟ ବାହାର କରି ଏହାକୁ ପୁସ୍ତକ ଅଧୟନରେ ନିବେଶ କରିବା ଉଚିତ। ଫୁଲତୋଡା ପରିବର୍ତ୍ତେ ପୁସ୍ତକ ଉପହାର ଦେବା ଲାଗି ସେ କହିଛନ୍ତି।



ଆସାମର ବାର୍‌ପେଟା ଜିଲା କୟାକୁଚି ଗ୍ରାମରେ ବନ୍ୟାବେଳେ ଜଣେ ମହିଳା ଭେଳାରେ ତାଙ୍କ ପୁଅକୁ ନେଇ ଯାଉଛନ୍ତି।

### ଧାରା ୩୭୦ ଉଚ୍ଛେଦ ଲାଗି ଭିଏଚ୍‌ପିର ଦାବି

ଜମ୍ମୁ,୩୦।୬(ପି.ଟି.)

ସମ୍ବିଧାନର ଧାରା ୩୭୦ ଏବଂ ୩୫-ଏ ଉଚ୍ଛେଦ ଲାଗି ରବିବାର ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ଦାବି ଦୋହରାଇଛି। ଏଠାରେ ଦୁଇଦିନିଆ କେନ୍ଦ୍ରୀୟ ପରିଚାଳନା କମିଟି ବୈଠକ ଶେଷରେ ଭିଏଚ୍‌ପି ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନମଣ୍ଡଳୀଗୁଡିକର ପୁନଃ ସୀମାନିର୍ଦ୍ଧାରଣ ତୁରନ୍ତ ଶେଷ କରିବାକୁ କହିଛି। ଏଥିସହିତ ଉପତ୍ୟକାରେ ରହିଥିବା ବିସ୍ଥାପିତ କଶ୍ମୀରୀ ପଣ୍ଡିତମାନଙ୍କ ଥଇଥାନ ଲାଗି ତ୍ୱରିତ୍ ପଦକ୍ଷେପ ନେବା, ରୋହିଙ୍ଗ୍ୟା ଓ ବାଂଲାଦେଶୀ ମୁସଲମାନଙ୍କୁ ବିତାଡିତ କରିବା ଏବଂ ଲଦାଖ ଦେଇ କୈଳାସ ମାନସରୋବର ଯାତ୍ରା ଲାଗି ସୁବିଧା କରାଯାଉ ବୋଲି ଭିଏଚ୍‌ପିର ରାଷ୍ଟ୍ରୀୟ ମୁଖପାତ୍ର ବିନୋଦ ବଂଶଲ କହିଛନ୍ତି।

### କେ. ନଟରାଜନ୍ ତଟରକ୍ଷୀ ବାହିନୀ ମୁଖ୍ୟ

ନୂଆଦିଲ୍ଲୀ,୩୦।୬(ଆଇଏଏନ୍ଏସ୍)



କ୍ରିଷ୍ଣସ୍ୱାମୀ ନଟରାଜନ୍ ରବିବାର ଭାରତୀୟ ତଟରକ୍ଷୀ ବାହିନୀର ନୂଆ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତଟରକ୍ଷୀ ବାହିନୀର ଏହି ୫ମ ବ୍ୟାଚ୍ ଅଫିସର ୧୯୮୪ ଜାନୁୟାରୀରେ କାର୍ଯ୍ୟରେ ଯୋଗଦେଇଥିଲେ। ୨୦୧୬ ଅଗଷ୍ଟରେ ସେ ଅତିରିକ୍ତ ମହାନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇ ପଶ୍ଚିମାଞ୍ଚଳ ସିବୋର୍ଡର କୋଷ୍ଟଗାର୍ଡ କମାଣ୍ଡର ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କ ନେତୃତ୍ୱରେ ତଟରକ୍ଷୀ ବାହିନୀ ୧.୫ ଟନ୍ ଓଜନର ନିଶାଦ୍ରବ୍ୟ ଜବତ କରିବା ସହ ବିଭିନ୍ନ ରାଜ୍ୟରେ ବାତ୍ୟା ବେଳେ ଉଦ୍ଧାର ଓ ମାନବିକ ସହାୟତା କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା। ୨୬/୧୧ ମୁମ୍ବାଇ ଆକ୍ରମଣ ପରେ ନଟରାଜନଙ୍କୁ ଫ୍ଲାଗ୍ ର୍ୟାଙ୍କକୁ ପଦୋନ୍ନତି ଦିଆଯାଇ ତଟରକ୍ଷୀ ବାହିନୀ ମୁଖ୍ୟାଳୟରେ ନୀତି ଓ ଯୋଜନା ଷ୍ଟାଫ୍ ଡିଭିଜନର ମୁଖ୍ୟ ଭାବେ ଅବସ୍ଥାପିତ କରାଯାଇଥିଲା।

### କମ୍‌ଲା ହାରିସ୍ ଅନ୍‌ଲାଇନରେ ବର୍ଣ୍ଣବୈଷମ୍ୟର ଶିକାର

ୱାଶିଂଟନ,୩୦।୬(ପି.ଟି.)



ଆଗାମୀ ୨୦୨୦ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଲାଗି ଡେମୋକ୍ରାଟ ପ୍ରାର୍ଥୀ ଦୌଡ଼ରେ ଥିବା ଭାରତୀୟ ବଂଶୋଦ୍ଭବ ସିନେଟର କମଲା ହାରିସ୍ ତାଙ୍କ ପରିଚୟ ପାଇଁ ଅନ୍‌ଲାଇନ୍‌ରେ ବର୍ଣ୍ଣବୈଷମ୍ୟର ଶିକାର ହୋଇଛନ୍ତି। ସେ ଜଣେ ଆମେରିକୀୟ ଅଣଶ୍ୱେତାଙ୍ଗ ନୁହନ୍ତି ବୋଲି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ୫୪ ବର୍ଷୀୟ ହାରିସ୍‌ଙ୍କର ଆମେରିକାରେ ଜନ୍ମ। ତାଙ୍କ ମାଆ ଜଣେ ଭାରତୀୟ ହୋଇଥିବାବେଳେ ବାପା ଜାମାଇକା ବାସିନ୍ଦା। କାଲିଫର୍ନିଆ ସିନେଟର ଥିବା ହାରିସ୍ ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ଭଳି ବର୍ଣ୍ଣବୈଷମ୍ୟ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି।

### ଅମରନାଥ ଗଲେ ୨,୨୩୪ ଯାତ୍ରୀ



ଜମ୍ମୁ,୩୦।୬(ପି.ଟି.)

**ଆକ୍ରମଣ ଆଶଙ୍କା**
**କଡ଼ା ସୁରକ୍ଷା**

ପବିତ୍ର ଅମରନାଥ ଯାତ୍ରା ଲାଗି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଯାତ୍ରୀଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା ଥିବାରୁ ରାଜ୍ୟ ପୋଲିସ ସମେତ ସିଆର୍‌ପିଏଫ୍, ବିଏସ୍‌ଏଫ୍ ଓ ଭାରତୀୟ ସେନା ସଜାଗ୍ ରହିଛନ୍ତି। ସିସିଟିଭି କ୍ୟାମେରା ଓ ମୋଟ ୬୦ ହଜାର ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଥିବା ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ମୋଟ ୨,୨୩୪ ତୀର୍ଥଯାତ୍ରୀ ଜମ୍ମୁ ବେସ୍‌କ୍ୟାମ୍ପରୁ ଯାତ୍ରାରମ୍ଭ କରିଥିବାବେଳେ ସୋମବାରଠାରୁ ଅମରନାଥ ଅଭିମୁଖେ ବାହାରିବେ। ସେମାନଙ୍କ ମଧ୍ୟରେ ୧୭ ଜଣ ଛୋଟପିଲା ଥିବା ଜଣାପଡ଼ିଛି। ଏହି ୪୬ ଦିନର ଲମ୍ବା ଯାତ୍ରା ଲାଗି ୧.୫ ଲକ୍ଷ ତୀର୍ଥଯାତ୍ରୀ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ରାଜ୍ୟପାଳଙ୍କ ପରାମର୍ଶଦାତା କେ. କେ. ଶର୍ମା ପତାକା ଦେଖାଇ ଆନୁଷ୍ଠାନିକଭାବେ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଅଗଷ୍ଟ ୧୫ ଅର୍ଥାତ୍ ରକ୍ଷାବନ୍ଧନ ପର୍ଯ୍ୟନ୍ତ ଏହି ଯାତ୍ରା ଚାଲିବ। ପାଣିପାଗ ଠିକ୍ ରହିଲେ ଯାତ୍ରା ସହଜ ଓ ସଫଳ ହୋଇପାରିବ।

ଯାତ୍ରା ଶାନ୍ତି ଓ ସୁରକ୍ଷାରେ ଶେଷ ହେବା ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଜମ୍ମୁ ସିଆର୍‌ପିଏଫ୍ ଇନ୍ସପେକ୍ଟର ଜେନେରାଲ ଏ.ଭି. ଚୌହାନ୍ କହିଛନ୍ତି। ବେସ୍ କ୍ୟାମ୍ପ ଓ ଯାତ୍ରୀଙ୍କ ରହିବା ସ୍ଥାନରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଥିବା ସେ କହିଛନ୍ତି।

## ଚେନ୍ନାଇରେ ଜଳସଙ୍କଟ ଉତ୍କଟ

# ଇଡ୍‌ଲି ପିଠଉ କିଣିଲେ ପାଣି ମାଗଣା

ଚେନ୍ନାଇ,୩୦।୬

ଚେନ୍ନାଇ ସମେତ ଦେଶର ବିଭିନ୍ନ ଅଞ୍ଚଳରେ ଜଳସଙ୍କଟ ଉତ୍କଟ ରୂପ ଧାରଣ କରିଥିବାବେଳେ ଟ୍ରିପ୍ଲିକେନ୍‌ର ଜଣେ ବ୍ୟବସାୟୀ ପାଣି ପାଇଁ ବିଚିତ୍ର ଘୋଷଣାନାମା କରିଛନ୍ତି। ବାଲଟିଏ ପାଣି ମାଗଣାରେ ନେବାକୁ ହେଲେ ଗ୍ରାହକଙ୍କୁ ୧ କିଲୋଗ୍ରାମ ଇଡ୍‌ଲି-ଦୋସା ପିଠଉ କିଣିବାକୁ ପଡିବ ବୋଲି ସେ ଦୋକାନ ବାହାରେ ଏକ ବୋର୍ଡ ଲଗାଇଛନ୍ତି। ସି.ଏନ୍. ପାର୍ଥସାରଥି ନାମକ ଏହି ବ୍ୟବସାୟୀ ବି.ଭି. ନାଇକର ଷ୍ଟ୍ରିଟ୍‌ରେ ପିଠଉ ବିକ୍ରି କରନ୍ତି। ଦୀର୍ଘ ୪୦ ବର୍ଷ ମଧ୍ୟରେ ଉକ୍ତ ଅଞ୍ଚଳର ଜନସାଧାରଣ ଏଭଳି ଜଳସଙ୍କଟର କେବେ ସମ୍ମୁଖୀନ ହୋଇ ନ ଥିଲେ ବୋଲି ପାର୍ଥସାରଥି କହିଛନ୍ତି। ଲୋକଙ୍କୁ ଜଳକଷ୍ଟରୁ ମୁକ୍ତି ଦେବା ଲାଗି ସେ ଏକ ଘରୋଇ ଟ୍ୟାଙ୍କର ଭଡାରେ ଆଣି ପାଣି ଯୋଗାଇ ଦେବାକୁ ମନସ୍ଥ କରିଥିଲେ। ତେବେ ମାଗଣାରେ ଜଳଦାନ କଲେ ଭିଡ ନିୟନ୍ତ୍ରଣ କରିବା ଅସମ୍ଭବ ହୋଇପଡିବ ବୋଲି କେତେକ ଗ୍ରାହକ ପରାମର୍ଶ ଦେବା ପରେ ପାର୍ଥସାରଥି ଉପରୋକ୍ତ କୌଶଳ ଆପଣାଇଥିଲେ। ବ୍ୟବସାୟ ବଢ଼ାଇବା ତାଙ୍କର ଉଦ୍ଦେଶ୍ୟ ନ ଥିଲା ବୋଲି ସେ କହିଛନ୍ତି।



## ଭାରତରେ ଭିଡ଼ହିଂସା, ଆମେରିକାରେ ବିକ୍ଷୋଭ

# ସଂଖ୍ୟାଲଘୁଙ୍କୁ ନ୍ୟାୟ ମିଳୁ

ନୂଆଦିଲ୍ଲୀ/ୱାଶିଂଟନ,୩୦।୬




ଗୋସୁରକ୍ଷା ନାମରେ ଓ ଜୋର୍‌ଜବରଦସ୍ତ ‘ଜୟ ଶ୍ରୀରାମ’ କୁହାଇବା ଲାଗି ଭାରତରେ ଭିଡ଼ହିଂସା ବଢ଼ିବାରେ ଲାଗିଛି। ସଂଖ୍ୟାଲଘୁ ଓ ଦଳିତ ସମ୍ପ୍ରଦାୟର ଲୋକଙ୍କୁ ତଥାକଥିତ ହିନ୍ଦୁତ୍ୱବାଦୀମାନେ ଟାର୍ଗେଟ କରୁଛନ୍ତି। ଏହାକୁ ନେଇ ଦେଶରେ ରାଜନୀତି ଜୋର୍ ଧରିଥିବାବେଳେ ବିଦେଶରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏହିକ୍ରମରେ ମୁସଲିମ୍‌ମାନଙ୍କ ଉପରେ ହେଉଥିବା ଆକ୍ରମଣ ପ୍ରତି କେନ୍ଦ୍ର ସରକାରଙ୍କ ଖାମଖିଆଲ ମନୋଭାବକୁ ନିନ୍ଦା କରି ଆମେରିକାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସେହିପରି ଏଆଇଏମ୍ଆଇଏମ୍ ଅଧକ୍ଷ ଅସାଦୁଦ୍ଦିନ୍ ଓୱାଇସି ଏବଂ ଦିଲ୍ଲୀ ଜାମା ମସ୍‌ଜିଦ୍ ସାହି ଇମାମ୍ ଇମାମ୍ ବୁଖାରୀ ରବିବାର ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଭାରତରେ ବଢ଼ିଚାଲିଥିବା ଭିଡ଼ହିଂସା ପ୍ରତିବାଦରେ ଆମେରିକାର ଶିକାଗୋ ଓ ଗ୍ରେଟର ବୋଷ୍ଟନରେ ଶତାଧିକ ଲୋକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଭିଡ଼ହିଂସା ଏବଂ ଘୃଣା ଅପରାଧ ବନ୍ଦକରିବା ପାଇଁ ତୁରନ୍ତ ପଦକ୍ଷେପ ନେବା ସହ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଓ ପୀଡ଼ିତଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ଭାରତୀୟ ବଂଶୋଦ୍ଭବ, ଦକ୍ଷିଣ ଏସୀୟ ଓ ଆମେରିକୀୟଙ୍କ ସମେତ ବିଭିନ୍ନ ସଙ୍ଗଠନର ପ୍ରତିନିଧି ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ସେମାନେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରା କରିଥିଲେ। କେତେଜଣଙ୍କ ପ୍ଲାକାର୍ଡରେ ଲେଖାଥିଲା, ‘ଅଖ୍‌ଲାକ୍, ପେହଲୁ, ଅଫ୍‌ରାଜୁଲ, ଜୁନୈଦ୍, ତବରେଜ୍। ତୁମ ପାଳି ଆସିବା ପୂର୍ବରୁ ଏହାକୁ ବନ୍ଦ କର।’

### ‘କେନ୍ଦ୍ର ସରକାର ନୀରବଦ୍ରଷ୍ଟା’



ଇମାମ ବୁଖାରୀ

**ନୂଆଦିଲ୍ଲୀ,୩୦।୬:** ଗୋବଂଶକୁ ସୁରକ୍ଷା ଦେବା ଆଳରେ ମୁସଲମାନ୍ ସମ୍ପ୍ରଦାୟର ଲୋକଙ୍କୁ ହତ୍ୟା କରାଯାଉଥିବାବେଳେ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ରବିବାର ଦିଲ୍ଲୀ ଜାମା ମସ୍‌ଜିଦ୍‌ର ଇମାମ ବୁଖାରୀ ସମାଲୋଚନା କରିଛନ୍ତି। ସାହି ଇମାମ୍‌ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ମୁସଲିମ୍‌ମାନେ ସରକାରଙ୍କ ଭେଦଭାବପୂର୍ଣ୍ଣ ମନୋଭାବର ଶିକାର ହେଉଛନ୍ତି। ଜଣେ ଭାରତୀୟ ମୁସଲମାନ ପ୍ରତିନିଧି ନିଜ ଅସ୍ତିତ୍ୱ ବଞ୍ଚାଇବା ପାଇଁ ସଂଘର୍ଷ କରୁଛି। ତାକୁ ଧମକ ଦେଇ ଦମନ ଓ ଆତଙ୍କିତ କରାଯାଉଛି। ଏଥିଯୋଗୁ ସେମାନଙ୍କ ଧୈର୍ଯ୍ୟର ସୀମା ଟପିଗଲାଣି। ଆକ୍ରମଣ ରୋକିବା ପାଇଁ କେନ୍ଦ୍ର ସରକାର କିଛି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଲୋକେ ଆଇନକୁ ଉପହାସ କରୁଛନ୍ତି।



ଦିଲ୍ଲୀରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହେବାରୁ ୭ ଜଣ ଗୁରୁତର ହୋଇପଡ଼ିଥିବା ଜଣାପଡ଼ିଛି। ଶାହଦାରା ଅଞ୍ଚଳର ବିବେକବିହାରରେ ରବିବାର ସକାଳେ ଏଭଳି ଘଟଣା ଘଟିଛି। ଖବର ପାଇ ଅଗ୍ନିଶମ ବିଭାଗର କର୍ମକର୍ତ୍ତାମାନେ ସେଠାରେ ପହଞ୍ଚି ପଦକ୍ଷେପ ଗ୍ରହଣ କରିଥିଲେ। ଆହତଙ୍କୁ ଜିଟିବି ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରେ ୨ ମହିଳା ଥିବା ପୋଲିସ କହିଛି। ଗ୍ୟାସ ଲିକ୍‌ରୁ ଏଭଳି ବିସ୍ଫୋରଣ ହୋଇଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି।



# ସାମ୍ବିଧାନିକ ମୂଲ୍ୟବୋଧ ଉପରେ ଆକ୍ରମଣ କରୁଛି ଭାଜପା: ଡି. ରାଜା

**ଭୁବନେଶ୍ୱର,୩୦।୬(ବ୍ୟୁରୋ)**

ଦେଶର ସାମ୍ବିଧାନିକ ମୂଲ୍ୟବୋଧ ଉପରେ ଭାଜପା ଆକ୍ରମଣ କରୁଛି। ସମସ୍ତ ବିରୋଧୀ ଦଳ ଏହାର ପ୍ରତିରୋଧ କରିବାର ଆବଶ୍ୟକତା ରହିଛି। ସଦ୍ୟ ସମାପ୍ତ ହୋଇଥିବା ସାଧାରଣ ନିର୍ବାଚନରେ ବିରୋଧୀ ଦଳଗୁଡିକର ଏକତା ଅଭାବ କାରଣରୁ ଏନ୍‌ଡିଏ ଲଗାତର ଦ୍ୱିତୀୟଥର ପାଇଁ କ୍ଷମତାସୀନ ହେବାରେ ସଫଳ ହୋଇଛି। ଭୁବନେଶ୍ୱର ଗସ୍ତରେ ଥିବା ସିପିଆଇ ସମ୍ପାଦକ ତଥା ରାଜ୍ୟ ସଭା ସଦସ୍ୟ ଡି. ରାଜା ରବିବାର ଏହି କଥା କହିଛନ୍ତି।

ରାଜା କହିଛନ୍ତି, ଭାଜପା ନୂଆ ଭାରତ ନିର୍ମାଣ ନାମରେ ଆରଏସ୍‌ଏସ୍‌ର କାର୍ଯ୍ୟସୂଚୀ(ହିନ୍ଦୁ ରାଷ୍ଟ୍ର) ନିର୍ମାଣ କରିବାକୁ ଚାହୁଁଛି। ସମସ୍ତଙ୍କ ବିକାଶ(ସବ୍‌କା ବିକାଶ) କଥା ପ୍ରଧାନମନ୍ତ୍ରୀ କହୁଥିବାବେଳେ ଦେଶରେ ଭିଡଜନିତ ହତ୍ୟା ଓ ସଂଖ୍ୟାଲଘୁମାନଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ସମ୍ବିଧାନର ନିୟମାନୁଯାୟୀ ସମଗ୍ର ଦେଶ ଏବଂ ପ୍ରତ୍ୟେକ ରାଜ୍ୟରେ ଅଲଗା ଅଲଗା ନିର୍ବାଚନ ହେବାର ବ୍ୟବସ୍ଥା ରହିଛି। ସମଗ୍ର ଦେଶ ଏବଂ ରାଜ୍ୟ ବିଧାନସଭାଗୁଡିକର ଏକକ ନିର୍ବାଚନ କରାଯିବା ପାଇଁ ପ୍ରୟାସ କରାଯାଉଛି, ଏହା ସମ୍ପୂର୍ଣ୍ଣ ଅସାମ୍ବିଧାନିକ ବୋଲି ରାଜା କହିଛନ୍ତି। ସଦ୍ୟ ନିର୍ବାଚନ ସରିଛି, ହେଲେ ଏହି ସମୟରେ ଜମ୍ମୁ ଓ କଶ୍ମୀରରେ ଏକାଠି ଭୋଟ କରାଇଲେ ନାହିଁ। କଶ୍ମୀର ଏକ ରାଜନୈତିକ ସମସ୍ୟା, ଏହାକୁ ରାଜନୈତିକ ଢଙ୍ଗରେ ସମାଧାନ କରିବାର ଆବଶ୍ୟକତା ରହିଛି। ହେଲେ ଏହାକୁ କେବଳ ଆଇନଶୃଙ୍ଖଳାର ସମସ୍ୟା ଭଳି ଦେଖାଯାଉଛି। କେବଳ ସେନାବଳ ଦ୍ୱାରା ଏହାର ସମାଧାନ କରାଯାଇପାରେନା ବୋଲି ରାଜା ମତ ରଖିଛନ୍ତି। ସେହିଭଳି ମହିଳା ସଂରକ୍ଷଣ ପ୍ରସଙ୍ଗରେ ମଧ୍ୟ ଭାଜପାକୁ ସିପିଆଇ ପକ୍ଷରୁ ସମାଲୋଚନା କରାଯାଇଛି। ଏମିତିକି ରାଷ୍ଟ୍ରପତିଙ୍କ ଅଭିଭାଷଣରେ ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡିକରେ ମହିଳା ସଶକ୍ତୀକରଣ ସମ୍ପର୍କରେ କିଛି କୁହାଯାଇନାହିଁ। ଆମେରିକାର ଚାପ କାରଣରୁ ଭାରତ ଇରାନ୍ ଏବଂ ରୁଷ ସହ ଉତ୍ତମ ସମ୍ପର୍କ ରକ୍ଷା କରିବାରେ ସକ୍ଷମ ହେଉନାହିଁ ବୋଲି ରାଜା କହିଛନ୍ତି।

ସେହିପରି ନିକଟରେ ସରିଥିବା ରାଜ୍ୟ ସଭା ନିର୍ବାଚନକୁ ନେଇ ମଧ୍ୟ ରାଜା ବିଜେଡି-ଭାଜପାକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ବିଜେଡି ପାଖରେ ସଂଖ୍ୟାଗରିଷ୍ଠ ସଦସ୍ୟ ଥାଇ ମଧ୍ୟ ଦଳ ଭାଜପାକୁ ଗୋଟିଏ ରାଜ୍ୟ ସଭା ଆସନ ଟେକିଦେଲା। ଏହା ରାଜ୍ୟର ଜନସାଧାରଣଙ୍କ ମତ ଏବଂ ରାଜ୍ୟ ବିଧାନସଭା ପ୍ରତି ଅପମାନ। ବିଜେଡିର ବହୁ ନେତା ଚିଟ୍‌ଫଣ୍ଡ ମହାଠକେଇରେ ସାମିଲ ଅଛନ୍ତି, ତେଣୁ ସେମାନେ ସିବିଆଇ ଭୟରେ ଏପରି କରିଥାଇ ପାରନ୍ତି ବୋଲି ରାଜା ଉଲ୍ଲେଖ କରିଛନ୍ତି। ସେହିପରି ବାମପନ୍ଥୀ ଆଦର୍ଶ ପ୍ରତି ଲୋକଙ୍କ ଯଥେଷ୍ଟ ଶ୍ରଦ୍ଧା ଥିଲେ ମଧ୍ୟ ତାହା ଭୋଟରେ ପ୍ରତିଫଳିତ ହୋଇପାରୁନାହିଁ। ଦଳ ପକ୍ଷରୁ ଏହାର ପର୍ଯ୍ୟାଲୋଚନାର ଆବଶ୍ୟକତା ରହିଛି। ଆସନ୍ତା ଜୁଲାଇ ୧୯ରୁ ୨୧ ପର୍ଯ୍ୟନ୍ତ ସିପିଆଇର ଜାତୀୟ ପରିଷଦ ବୈଠକରେ ଏହା ଉପରେ ଆଲୋଚନା ହେବା ନେଇ ରାଜା ସୂଚନା ଦେଇଛନ୍ତି। ଅପରପକ୍ଷରେ ଭାଜପା ଉପସଭାପତି ସମୀର ମହାନ୍ତି ଡି.ରାଜାଙ୍କ ମନ୍ତବ୍ୟକୁ ବିରୋଧ କରିଛନ୍ତି। ସମୀର କହିଛନ୍ତି ଯେ, ସାରା ଦେଶରେ ଭାଜପାର ଶକ୍ତି ବୃଦ୍ଧି ପାଇଛି। ଅନ୍ୟପଟେ ବାମପନ୍ଥୀମାନେ ଦିନକୁଦିନ ଆହୁରି ଦୁର୍ବଳ ହେବାରେ ଲାଗିଛନ୍ତି। ତେଣୁ ସେହି ଦଳର ନେତାମାନଙ୍କ ବକ୍ତବ୍ୟକୁ ଗୁରୁତ୍ୱ ଦେଇ ବକ୍ତବ୍ୟ ପ୍ରଦାନ କରିବାକୁ ଉଚିତ ମଣୁନାହିଁ।

# ଆୟୁଷ ରାଜ୍ୟର ସର୍ବକନିଷ୍ଠ ୱେବ୍ ଡିଜାଇନର

**ନାକଟିଦେଉଳ, ୩୦।୬ (ଡି.ଏନ୍.ଏ.)**



ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଜାମୁଯୋରି ପଞ୍ଚାୟତର ଦୁର୍ଗମ କୁଡ଼ାନାଳୀ ଗ୍ରାମର ସରୋଜ ରାଉତ ଓ ରଶ୍ମିତା ରାଉତଙ୍କ ୧୨ ବର୍ଷର ପୁଅ ଆୟୁଷ ରଞ୍ଜନ ରାଉତ ଦେଶର ଦ୍ୱିତୀୟ ତଥା ରାଜ୍ୟର ସର୍ବକନିଷ୍ଠ ୱେବ୍ ଡିଜାଇନର ବୋଲି ନିଜକୁ ଦାବି କରିଛନ୍ତି। ଆୟୁଷ ଅନୁଗୋଳ ଜିଲ୍ଲା ଗଡ଼ମଣ୍ଡଳ ସରସ୍ୱତୀ ଶିଶୁ ମନ୍ଦିରରେ ୭ମ ଶ୍ରେଣୀରେ ପାଠ ପଢ଼ନ୍ତି। ପାଠପଢ଼ା ସହ ସେ ୟୁଟ୍ୟୁବ୍‌ରୁ ୱେବ୍ ଡିଜାଇନିଂ ଶିଖିଥିଲେ। ଏବେ ସେ ନିଜେ ୱେବ୍ ଡିଜାଇନ କରିବା ପାଇଁ ସମର୍ଥ ହୋଇଥିବା ପ୍ରକାଶ କରିଛନ୍ତି। ଦେବଗଡ଼ ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆର୍. ନ୍ୟୁଜ ଟ୍ରଷ୍ଟର ଇଂଲିଶ, ଓଡ଼ିଆ ୱେବ୍ ପୋର୍ଟାଲ ଏବଂ ୱେବ୍ ଚ୍ୟାନେଲକୁ ସେ ସଫଳତାର ସହ ନିର୍ମାଣ କରିପାରିଛନ୍ତି। ଖୁବଶୀଘ୍ର ସେ ନିଜର ଆଦ୍ୟାଶା ୱେବ୍ ସଲ୍ୟୁଶନ ନାମକ ଏକ କମ୍ପାନୀ ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ଏଥିପାଇଁ ଆୟୁଷ ଓଡ଼ିଶାର ରାଜ୍ୟପାଳଙ୍କ ଆଶୀର୍ବାଦ ଲୋଡ଼ି ପତ୍ର ଲେଖିଛନ୍ତି। ଏହାଛଡ଼ା ଏମ୍‌ଏସ୍‌ଏମ୍‌ଇ ମାଧ୍ୟମରେ ତାଙ୍କୁ ଆର୍ଥିକ ସହଯୋଗ ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ କେରଳର ଲକ୍ଷ୍ମୀ ସୁରେଶ ନାମକ ୮ବର୍ଷର ବାଳିକା ୱେବ୍ ଡିଜାଇନ କରି ଭାରତର ସର୍ବକନିଷ୍ଠ ଡିଜାଇନର ଭାବେ ପରିଚିତ ହୋଇଥିଲେ।

# ଶ୍ୱଶୁର ଘରେ ସ୍ତ୍ରୀଙ୍କୁ ହତ୍ୟା

**ଜୟପାଟଣା,୩୦।୬(ଡି.ଏନ.ଏ.)**

- ଭୟରେ ଗଛରେ ଚଢ଼ିଗଲେ ଅଭିଯୁକ୍ତ ସ୍ୱାମୀ
- ଉଦ୍ଧାର କଲା ଅଗ୍ନିଶମ ବିଭାଗ

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ୍ ଅନ୍ତର୍ଗତ କୁହୁରୀଗୁମା ଗ୍ରାମରେ ରବିବାର ସକାଳେ ଜଣେ ଯୁବକ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ହତ୍ୟାର ଶିକାର ହୋଇଥିବା ମହିଳା ହେଲେ ବେଲ ମାଝି (୪୦)। ହତ୍ୟା କରିବା ପରେ ଅଭିଯୁକ୍ତ ସ୍ୱାମୀ ଅଗସ୍ତି ମାଝି (୪୨) ଫେରାର ହେବାକୁ ଉଦ୍ୟମ କରିଥିଲେ। ଗାଁର କେତେକ ଲୋକ ତାଙ୍କୁ ଧରିବା ପାଇଁ ପିଛା କରିବାରୁ ଭୟରେ ସେ ଏକ ଗଛରେ ଚଢି ଯାଇଥିଲେ। ସ୍ଥାନୀୟ ପୋଲିସ ତାଙ୍କୁ କାବୁ କରିବାକୁ ନାକେଦମ ହୋଇଥିଲା। ପରେ ଜୟପାଟଣା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଆସି ଗଛରୁ ଉଦ୍ଧାର କରି ଅଭିଯୁକ୍ତଙ୍କୁ ପୋଲିସ ଜିମା ଦେଇଥିଲେ। ପୋଲିସ ଅଗସ୍ତିଙ୍କଠାରୁ ଟାଙ୍ଗିଆ ଜବତ କରିଛି। ଏ ନେଇ ଜୟପାଟଣା ଥାନାରେ ଆଇପିସି ଦଫା ୩୦୨ରେ ଏକ ମାମଲା (ନଂ. ୧୭୧/୧୯) ରୁଜୁ ହୋଇଛି। ସୋମବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ସୁଶାନ୍ତ ସାହୁ କହିଛନ୍ତି।

ଜୟପାଟଣା ବ୍ଲକ ମଙ୍ଗଳପୁର ପଞ୍ଚାୟତ କୁହୁରୀଗୁମା ଗ୍ରାମର ବେଲ ମାଝିଙ୍କୁ ଧନଶୁଳି ଗ୍ରାମର ଅଗସ୍ତି ପ୍ରାୟ ୧୪ ବର୍ଷ ତଳେ ବିବାହ କରିଥିଲେ। ତେବେ ଗତ ୨ ବର୍ଷ ହେବ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ମନୋମାଳିନ୍ୟ ରହୁଥିଲା। ଏଥିପାଇଁ ବେଲ ତାଙ୍କ ବାପ ଘରେ ରହୁଥିଲେ। ରବିବାର ସକାଳ ପ୍ରାୟ ସାଢେ ୮ଟାରେ ଅଗସ୍ତି ଶ୍ୱଶୁର ଘରକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଅଗସ୍ତି ରାଗିଯାଇ ସ୍ତ୍ରୀଙ୍କୁ ଏକ ଟାଙ୍ଗିଆରେ ହାଣି ଦେଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଅଗସ୍ତି ଟାଙ୍ଗିଆ ଧରି ଫେରାର ହେବାକୁ ଉଦ୍ୟମ କରୁଥିବେଳେ ଜୟପାଟଣା ପୋଲିସ ଅଗ୍ନିଶମ ବିଭାଗ ସହାୟତାରେ ତାଙ୍କୁ ଧରିଥିଲା। ଥାନାକୁ ଆଣି ପଚରାଉଚରା ବେଳେ ସ୍ତ୍ରୀଙ୍କ ଚରିତ୍ରରେ ସନ୍ଦେହ କରି ତାଙ୍କୁ ହତ୍ୟା କରିଥିବା ସେ ସ୍ୱୀକାର କରିଥିବା ପୋଲିସ କହିଛି। ଅପରାହ୍ନରେ ଜୟପାଟଣା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ■ ଖାଲଗାଁ ସେବା ସମବାୟ ବ୍ୟାଙ୍କରୁ ଲୁଟ୍

# ତାଲା ତାଡ଼ି ନେଇଗଲେ ଆଇରନ ଚେଷ୍ଟ

**ବନ୍ତଳା, ୩୦।୬ (ଡି.ଏନ.ଏ.):** ଅନୁଗୋଳ ଜିଲା ବନ୍ତଳା ଥାନା ଶଙ୍ଖପୁର ପଞ୍ଚାୟତ ଖାଲଗାଁ ସଂଯୁକ୍ତ ସେବା ସମବାୟ ବ୍ୟାଙ୍କରୁ ଶନିବାର ରାତିରେ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଗ୍ରୀଲ ଓ କବାଟ ତାଲା ତାଡି ଭିତରେ ପଶିବା ସହ ଆଇରନ ଚେଷ୍ଟକୁ ନେଇଯାଇଛନ୍ତି। ଏଥିରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସହ ଲୋକଙ୍କ ଜମା ରାଶିର ରସିଦ୍ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଥିଲା। ରବିବାର ସକାଳେ ଘଟଣା ବିଷୟରେ ଜଣାପଡିଥିଲା। ଏ ସମ୍ପର୍କରେ ବ୍ୟାଙ୍କ ସେକ୍ରେଟାରୀ ଅକ୍ଷୟ ପ୍ରଧାନ ବନ୍ତଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସବୁଦିନ ପରି ଜଗୁଆଳି ଉକ୍ତ ଗ୍ରାମର ରଞ୍ଜିତ ମାଝି ଶନିବାର ରାତିରେ ମଧ୍ୟ ଜଗିଥିଲେ। ରାତି ପ୍ରାୟ ୧ଟା ୧୫ରେ ବିଜୁଳି ଘଡଘଡି ମାରିଥିଲା। ଫଳରେ ବ୍ୟାଙ୍କରେ ଲାଗିଥିବା ଇନଭର୍ଟର ସ୍ପାର୍କିଂ ହେବାରୁ ବିଦ୍ୟୁତ କଟି ଯାଇଥିଲା। ଏହା ପରେ ଜୋରରେ ବର୍ଷା ପବନ ହୋଇଥିଲା। ରଞ୍ଜିତ ପ୍ରାୟ ୧୫ ମିନିଟ୍ ସେଠାରେ ରହିବା ପରେ ବର୍ଷା ନ କମିବାରୁ ବ୍ୟାଙ୍କରେ ୨ଟି ତାଲା ପକାଇ ଘରକୁ ପଳାଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ଭିତରେ ପଶି ଏକ ଇଟା ସିମେଣ୍ଟ କାନ୍ଥ ତାଡି ଆଇରନ୍ ଚେଷ୍ଟ ନେଇଛନ୍ତି। ଆଇରନ ଚେଷ୍ଟର ଓଜନ ପ୍ରାୟ ୨ କୁଇଣ୍ଟାଲ ହୋଇଥିବାବେଳେ ୫ରୁ ଅଧିକ ଜଣ ଏଥିରେ ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି।

ଖବରପାଇ ବ୍ୟାଙ୍କ କର୍ତ୍ତୃପକ୍ଷ ସେଠାରେ ପହଞ୍ଚିବା ପରେ ଗ୍ରୀଲ ଓ କବାଟରୁ ଦୁଇଟି ତାଲା ତଡାଯାଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ପୋଲିସକୁ ସୂଚନା ଦିଆଯାଇଥିଲା। ବନ୍ତଳା ଏଏସ୍‌ଆଇ ବିଚିତ୍ରାନନ୍ଦ ସାହୁ ଓ ପୋଲିସ କର୍ମଚାରୀ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ନଂ. ୧୧୪/୧୯ରେ ମାମଲା ରୁଜୁ ହୋଇଛି। ଅଭିଯୋଗ କରିବା ସମୟରେ ଥାନାରେ ବ୍ୟାଙ୍କ ସମ୍ପାଦକ ଓ ରାତ୍ର ଜଗୁଆଳି ରଞ୍ଜିତ ଉପସ୍ଥିତ ଥିଲେ। ମାମଲା ରୁଜୁ ପରେ ତଦନ୍ତ ଚାଲିଛି ବୋଲି ଆଇଆଇସି ପ୍ରଦୀପ କୁମାର ପ୍ରଧାନ କହିଛନ୍ତି। ପ୍ରକାଶ ଥାଉ କି, ୫ ବର୍ଷ ପୂର୍ବରୁ ଏହି ବ୍ୟାଙ୍କରୁ ଲୁଟ୍ ଉଦ୍ୟମ ହୋଇଥିଲେ ମଧ୍ୟ ଲୁଟେରାମାନେ ସଫଳ ହୋଇପାରି ନ ଥିଲେ।



କାନ୍ଥ ତାଡ଼ି ଦୁର୍ବୃତ୍ତମାନେ ଆଇରନ୍ ଚେଷ୍ଟ ନେଇଯାଇଛନ୍ତି।

## ■ ପୋଲିସ ସୂଚନାଦାତା ସନ୍ଦେହରେ ୩ ଜଣଙ୍କୁ ଅପହରଣ

# ଜଣଙ୍କୁ ହତ୍ୟା, ୨ ଜଣଙ୍କୁ ଛାଡ଼ିଲେ ମାଓବାଦୀ

**ମାଲକାନଗିରି, ୩୦।୬ (ଡି.ଏନ.ଏ.):** ମାଲକାନଗିରି ଜିଲାରେ ଲାଲବାହିନୀ ପୁଣି ନିଜ ପତିଆରା ଜାହିର କରିଛନ୍ତି। ପୋଲିସ ସୂଚନାଦାତା ସନ୍ଦେହରେ ୩ଜଣଙ୍କୁ ଅପହରଣ କରି ନେଇ ସେମାନଙ୍କ ମଧ୍ୟରୁ ଜଣଙ୍କୁ ହତ୍ୟା କରି ୨ଜଣଙ୍କୁ ଛାଡି ଦେଇଛନ୍ତି। ମୃତକ ହେଲେ ବୁଜା କବାସୀ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟ ସୃଷ୍ଟି କରିଛି। ମାଥିଲି ଥାନା ଅନ୍ତର୍ଗତ କୁକୁରକୁଣ୍ଡି ଗ୍ରାମରେ ଘଟିଛି ଏପରି ଘଟଣା।

ଖବରରୁ ଜଣାପଡିଛି ପୋଲିସ ସୂଚନାଦାତା ରୂପେ କାର୍ଯ୍ୟ କରୁଥିବା କୁକୁରକୁଣ୍ଡି ଗ୍ରାମର ବୁଜା କବାସୀ, ମାସା ସୋଡ଼ି ଓ ଉଙ୍ଗା କାଲମାଳିଙ୍କୁ ଅପହରଣ କରିନେଇଥିଲେ। ଗତ ଗୁରୁବାର ଦଣ୍ଡିପଦରଠାରେ ମାଓବାଦୀମାନେ ଏକ ପ୍ରଜାକୋର୍ଟ କରି ସେଠାରେ ଏହି ୩ ଜଣ ପୋଲିସ ସୂଚନାଦାତା ଭାବେ କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସେମାନଙ୍କୁ ଏହି କାର୍ଯ୍ୟରୁ ବିରତ ରହିବାକୁ ତାଗିଦ କରିଥିଲେ। ପ୍ରଜାକୋର୍ଟରେ ଛତିଶଗଡ଼ ଓ ମାଲକାନଗିରି ଜିଲାର ଅନେକ ଟପ୍ କ୍ୟାଡର ମାଓବାଦୀ ନେତା ଉପସ୍ଥିତ ଥିଲେ। ତେବେ ଅପହରଣର ୩ ଦିନ ପରେ ରବିବାର ସକାଳେ ମାଓବାଦୀମାନେ ବୁଜାଙ୍କ ବେକ କାଟି ହତ୍ୟା କରି ତାଙ୍କ ଗ୍ରାମରେ ମୃତଦେହ ପକାଇ ଚାଲିଯାଇଥିଲେ। ମାସା ଓ ଉଙ୍ଗାଙ୍କୁ ନିସ୍ତୁକ ମାଡ ମାରି ଭବିଷ୍ୟତରେ ଏଭଳି କାର୍ଯ୍ୟ ନ କରିବାକୁ ଚେତାବନୀ ଦେଇ ମୁକ୍ତ କରିଛନ୍ତି। ଅନ୍ୟପକ୍ଷରେ ଘଟଣାର ୩ ଦିନ ପରେ ମଧ୍ୟ ପୋଲିସ ପ୍ରକୃତ ଘଟଣା ନେଇ ମୁହଁ ଖୋଲିନାହିଁ। ଘଟଣାର ଅନୁସନ୍ଧାନ ଚାଲିଥିବା ବରିଷ୍ଠ ଅଧିକାରୀମାନେ କହୁଛନ୍ତି। ମାଓବାଦୀମାନେ କିଛି ଦିନ ନୀରବ ରହି ପୁଣି ସକ୍ରିୟ ହୋଇ ଏପରି ଘଟଣା ଘଟାଇବା ମାଥିଲି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ଜିଲାର ଅନ୍ୟାନ୍ୟ ଅଞ୍ଚଳରେ ମାଓବାଦୀଙ୍କ ଉପଦ୍ରବ ହ୍ରାସ ପାଇଥିବା ବେଳେ ମାଥିଲି ଥାନା ଅଞ୍ଚଳରେ ଏହା ହ୍ରାସ ପାଇବା ନାଁ ନେଉନାହିଁ। ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ତଳେ ମାଓବାଦୀମାନେ ସମ୍ପୃକ୍ତ ଅଞ୍ଚଳରେ ଏକ ରାସ୍ତା କାମରେ ନିୟୋଜିତ ଗାଡ଼ିଗୁଡ଼ିକୁ ପୋଡ଼ି ଦେଇ ଜଣଙ୍କୁ ହତ୍ୟା କରିଥିଲେ। ଏହା ପରେ ସମ୍ପୃକ୍ତ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। ସୁରକ୍ଷା କାରଣରୁ ଠିକାଦାରମାନେ ମଧ୍ୟ ସମ୍ପୃକ୍ତ ଅଞ୍ଚଳକୁ ଯିବାକୁ ସୁରକ୍ଷିତ ମନେ କରୁନାହାନ୍ତି।

# ନବଜାତ ଶିଶୁକନ୍ୟାକୁ ଅନ୍ୟକୁ ଟେକିଦେଲେ ମା'

**ବଲାଙ୍ଗୀର ଅଫିସ, ୩୦।୬:** ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ କୋଇଣ୍ଡାପାଲି ଗାଁରେ ଜଣେ ନବଜାତ ଶିଶୁକନ୍ୟାକୁ ତାଙ୍କ ମା' ଅନ୍ୟ ଏକ ପରିବାରକୁ ଟେକି ଦେଇଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଏହା ଶିଶୁବିକ୍ରି ବୋଲି ଚର୍ଚ୍ଚା ହେଉଥିଲେ ମଧ୍ୟ ସ୍ପଷ୍ଟ ହୋଇନାହିଁ। କେଉଁ ପରିସ୍ଥିତିରେ ମହିଳା ଜଣକ ନିଜର ନବଜାତ ଶିଶୁକନ୍ୟାକୁ ଅନ୍ୟ ଜଣକୁ ଟେକିଦେଲେ ସେ ନେଇ ଭିନ୍ନ ଭିନ୍ନ ସୂଚନା ମିଳିଛି। ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ କୌଣସି ଏକ ମାମଲାରେ ଜେଲରେ ଅଛନ୍ତି। ଏଣୁ ପରିବାର ଚଳାଇବା କଷ୍ଟକର ହେଉଛି। ବିଶେଷ କରି ନବଜାତ ଶିଶୁକନ୍ୟାକୁ ପ୍ରତିପୋଷଣ କରିବା କଷ୍ଟକର ହୋଇପଡିବା ଆଶଙ୍କା ରହିଛି। ଏଣୁ ସେ ଉପାୟ ନ ପାଇ ଶିଶୁକନ୍ୟାକୁ ଅନ୍ୟ ପରିବାରକୁ ହସ୍ତାନ୍ତର କରିଥିବା ଚର୍ଚ୍ଚା ହୋଇଛି।

# ଭଉଣୀକୁ ବାହା ନ ଦେବାର ପ୍ରତିଶୋଧରେ ଭାଇକୁ ହତ୍ୟା

**ବଲାଙ୍ଗୀର ଅଫିସ, ୩୦।୬:** ବଲାଙ୍ଗୀର ଜିଲା ପୁଇଁନ୍ତଲା ଥାନା ଆମ୍‌ଠିମୁଣ୍ଡା ଗାଁରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ବରଗଡ ଜିଲା ବରପାଲି ଥାନା କୁରୁରୁପାଲିର ଗୋବର୍ଦ୍ଧନ ଗିରି (୨୫)। ଗାଁର ଏକ ବରଗଛ ତଳୁ ଶନିବାର ପୋଲିସ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଶନିବାର ବିଳମ୍ବିତ ରାତିରେ ଗୋବର୍ଦ୍ଧନଙ୍କ ମୃତ୍ୟୁ ଘଟିଥିଲା। ତେବେ ଗୋବର୍ଦ୍ଧନଙ୍କୁ ଯୋଜନାବଦ୍ଧ ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ପୁଇଁନ୍ତଲା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା (ନଂ. ୧୧୧/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ବେଲବାହାଲି ଗ୍ରାମର ଦୁଇ ସମ୍ପର୍କୀୟ ଭାଇ ନାନୁ ସନ୍ୟାସୀ (୨୫) ଓ ଅଗନୁ ସନ୍ୟାସୀ (୨୬)ଙ୍କୁ ପୋଲିସ ଗିରଫ କରିଛି। ତେବେ ଗୋବର୍ଦ୍ଧନ ତାଙ୍କ ଭଉଣୀଙ୍କୁ ଅଭିଯୁକ୍ତ ନାନୁଙ୍କ ସହ ବାହା ନ ଦେବାରୁ ପ୍ରତିଶୋଧପରାୟଣ ହୋଇ ନାନୁ ଭାଇ ଅଗନୁଙ୍କସହ ମିଶି ଗୋବର୍ଦ୍ଧନଙ୍କୁ ହତ୍ୟା କରିଛନ୍ତି ବୋଲି ପୋଲିସ ନିକଟରେ ଦୋଷ ସ୍ୱୀକାର କରିଛନ୍ତି। ସୋମବାର ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ। ପୋଲିସ ସୂଚନା ଅନୁସାରେ, ଗୋବର୍ଦ୍ଧନଙ୍କ ଭଉଣୀଙ୍କୁ ନାନୁ ବାହା ହେବାକୁ ଚାହୁଁଥିଲେ। ହେଲେ ଗୋବର୍ଦ୍ଧନ ଭଉଣୀଙ୍କୁ ଅନ୍ୟତ୍ର ବିବାହ ଦେଇ ଦେଇଥିଲେ। ଏଥିରେ କ୍ଷୁବ୍ଧହୋଇନାନୁଗୋବର୍ଦ୍ଧନଙ୍କୁପାନେଦେବାକୁଭାବିଥିଲେ। ୨ ଦିନ ତଳେ ଗୋବର୍ଦ୍ଧନ କୁରୁରୁପାଲିରୁ ଶ୍ୱଶୁର ଘର

**୨ ସମ୍ପର୍କୀୟ ଭାଇ ଗିରଫ**

ପୁଇଁନ୍ତଲା ଥାନା ଅଙ୍କରିଆପଦରକୁ ଆସିଥିଲେ। ସେଠାରେ ଥିବାବେଳେ ପୂର୍ବ ପରିଚିତ ନିକଟସ୍ଥ ବେଲବାହାଲି ଗାଁର ଅଗନୁ ତାଙ୍କୁ ବେଲବାହାଲି ଛକକୁ ଡାକି ଆଣିଥିଲେ। ସେଠାରେ ନାନୁ ପହଞ୍ଚିବା ପରେ ୩ଜଣ ମିଶି ଆମ୍‌ଠିମୁଣ୍ଡା ବରଗଛ ତଳେ ବସି କଥାବାର୍ତ୍ତା ହେଉଥିବାବେଳେ ନାନୁ ଓ ଗୋବର୍ଦ୍ଧନଙ୍କ ମଧ୍ୟରେ ଯୁକ୍ତିତର୍କ ଓ ମାଡ ପିଟ ହୋଇଥିଲା। ଏହାପରେ ନାନୁ ଓ ଅଗନୁ ଗୋବର୍ଦ୍ଧନଙ୍କୁ ପଥରରେ ଛେଚି ଦେଇଥିଲେ। ତାଙ୍କର ମୋଟର ସାଇକଲକୁ ଗୋବର୍ଦ୍ଧନଙ୍କ ଛାତିରେ ଚଢ଼ାଇ ଦେଇ ସେଠାରୁ ଫେରାର ହୋଇଯାଇଥିଲେ।


## ବିଜ୍ଞାପନ

### ୩୦ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୮ ଓ ୭ମ ରାଜ୍ୟ ଟେଲି ପୁରସ୍କାର-୨୦୧୮ ପାଇଁ ଦରଖାସ୍ତ ଆହ୍ୱାନ

**No. 08-RR:-** ରାଜ୍ୟରେ ଉଚ୍ଚକୋଟୀର ଗୁଣବତ୍ତାସମ୍ପନ୍ନ ଓଡ଼ିଆ ଚଳଚ୍ଚିତ୍ର ଓ ଦୂରଦର୍ଶନରେ ପ୍ରସାରିତ ଧାରାବାହିକ ତଥା ଟେଲି ଚଳଚ୍ଚିତ୍ର ନିର୍ମାଣକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଓ ରାଜ୍ୟ ଟେଲି ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଅଛି। ଚଳିତ ବର୍ଷ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୩୦ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୮ ପାଇଁ ୨୭ଗୋଟି ବିଭାଗରେ ଓ ରାଜ୍ୟ ୭ମ ଟେଲି ପୁରସ୍କାର-୨୦୧୮ ପାଇଁ ୨୦ଗୋଟି ବିଭାଗରେ ପୁରସ୍କାର ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ତା୩୧।୦୭।୨୦୧୯ରିଖ ମଧ୍ୟରେ ସେମାନଙ୍କ ଦ୍ୱାରା ନିର୍ମିତ ନିମ୍ନ ସର୍ତ୍ତାବଳୀ ମଧ୍ୟରେ ଆସୁଥିବା ଓଡ଼ିଆ ଚଳଚ୍ଚିତ୍ର ଓ ଓଡ଼ିଆ ଦୂରଦର୍ଶନ ଧାରାବାହିକ/ ଟେଲି ଚଳଚ୍ଚିତ୍ରଗୁଡ଼ିକୁ ଉଭୟ DVD Format ଏବଂ Pendriveରେ ରାଜ୍ୟ ସଂସ୍କୃତି ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରେ ଦାଖଲ କରିପାରିବେ। ଦାଖଲ କରାଯାଉଥିବା DVD ଗୁଡ଼ିକର (୧) କାହାଣି (୧୦କପି), (୨) ସମସ୍ତ ଗୀତର ଗୀତିକାର ତଥା ଗାୟକମାନଙ୍କର ସମ୍ପୂର୍ଣ୍ଣ ବିବରଣୀ (୧୦ କପି), (୩) କଳାକାର ଓ ଟେକ୍ନିସିଆନ୍‌ମାନଙ୍କର ସମ୍ପୂର୍ଣ୍ଣ ନାମ ଓ ଠିକଣା ତଥା ମୋବାଇଲ ନମ୍ବର (୧୦କପି ଲେଖାଏଁ) ସଂଲଗ୍ନ କରାଯିବା ଆବଶ୍ୟକ। ଏତଦ୍‌ବ୍ୟତୀତ ପ୍ରତ୍ୟେକ DVD ପାଇଁ Censor Certificateର ଆଟେଷ୍ଟେଡ୍ କପି ସଂଲଗ୍ନ କରାଯିବା ବାଧ୍ୟତାମୂଳକ ଅଟେ। ସର୍ତ୍ତାବଳୀ ବହିର୍ଭୂତ କିମ୍ବା ଆବଶ୍ୟକୀୟ ଉପରୋକ୍ତ ପ୍ରମାଣପତ୍ର ତଥା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରାଯାଇନଥିବା DVD/Pendriveଗୁଡ଼ିକୁ ଚୟନ କମିଟିର ବିଚାର ପାଇଁ ଯୋଗ୍ୟ ବିବେଚିତ କରାଯିବ ନାହିଁ। ଟେଲି ଧାରାବାହିକ ପୁରସ୍କାର ୨୦୧୮ ପାଇଁ ସେହି ବର୍ଷ ପ୍ରସାରିତ ହୋଇଥିବା ଏପିସୋଡ୍‌ଗୁଡ଼ିକ ମଧ୍ୟରୁ ଯେକୌଣସି ଏକ ସମ୍ପୂର୍ଣ୍ଣ ଏପିସୋଡ୍‌ର DVD (୨୫ ମିନିଟ୍ ଅବଧି) ଏବଂ ମନୋନୟନ ପ୍ରକ୍ରିୟା ସହ ସମ୍ପୃକ୍ତ ବିଭିନ୍ନ ଅଭିନେତା ଅଭିନେତ୍ରୀ ଯଥା ମୁଖ୍ୟ ଅଭିନେତା, ଅଭିନେତ୍ରୀ, ହାସ୍ୟ ଅଭିନେତା, ଚରିତ୍ର ଅଭିନେତା/ ଅଭିନେତ୍ରୀ, ଖଳନାୟକ/ ଖଳନାୟିକା, ଶିଶୁ କଳାକାରଙ୍କ ଅଭିନୟର ଅଂଶ ସମ୍ବଳିତ DVD ଦରଖାସ୍ତ ସହ ଦାଖଲ କରିବା ବାଞ୍ଛନୀୟ। ଏଥିସହିତ ଧାରାବାହିକର ଟାଇଟଲକାର୍ଡ଼ ସମ୍ବଳିତ ଅନ୍ୟ ଏକ DVD ମଧ୍ୟ ଦାଖଲ କରିବା ଆବଶ୍ୟକ। ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଥ୍ୟ ପରବର୍ତ୍ତୀ କାଳରେ ପରିବର୍ତ୍ତନ କରାଯାଇପାରିବ ନାହିଁ।

ଉପରୋକ୍ତ ୩୦ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୮ ଓ ରାଜ୍ୟ ୭ମ ଟେଲି ପୁରସ୍କାର-୨୦୧୮ ପାଇଁ ଆବେଦନ ଫର୍ମ (Schedule-II), ମନୋନୟନ ପତ୍ର, ସତ୍ୟପାଠର ନମୁନା ଓ ଅନ୍ୟାନ୍ୟ ବିଶଦ୍ ବିବରଣୀ ବିଭାଗର ୱେବ୍‌ସାଇଟ୍- www.odishaculture.gov.inରେ ଉପଲବ୍ଧ ଅଛି।

**ସର୍ତ୍ତାବଳୀ:**

୧. ଚଳଚ୍ଚିତ୍ର ଓ ଟେଲି ଚଳଚ୍ଚିତ୍ରଗୁଡ଼ିକ ୨୦୧୮ ବର୍ଷ (ତା୦୧।୦୧।୨୦୧୮ରିଖଠାରୁ ତା୩୧।୧୨।୨୦୧୮ରିଖ) ମଧ୍ୟରେ ନିର୍ମିତ ହୋଇଥିବା ଆବଶ୍ୟକ। ଟେଲି ଧାରାବାହିକଗୁଡ଼ିକ ୨୦୧୮ ବର୍ଷ (ତା୦୧।୦୧।୨୦୧୮ରିଖଠାରୁ ତା୩୧।୧୨।୨୦୧୮ରିଖ) ମଧ୍ୟରେ ପ୍ରସାରିତ ହୋଇଥିବା ବାଞ୍ଛନୀୟ ଏବଂ ସମ୍ପୃକ୍ତ ଚ୍ୟାନେଲଠାରୁ ସେଗୁଡ଼ିକର ପ୍ରସାରଣ ପ୍ରମାଣପତ୍ର (ଟେଲିକାଷ୍ଟ ସାର୍ଟିଫିକେଟ) ଦରଖାସ୍ତ ସହ ସଂଯୁକ୍ତ କରିବା ବିଧେୟ।
୨. କେବଳ ଓଡ଼ିଆ ଭାଷା ଓ ଓଡ଼ିଆ ଜନଜାତି ଭାଷାରେ ରାଜ୍ୟରେ ନିର୍ମିତ ଚଳଚ୍ଚିତ୍ର/ ଧାରାବାହିକ/ ଟେଲି ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କାର ପାଇଁ ଦାଖଲ କରାଯାଇପାରିବ।
୩. ଅଧିକନ୍ତୁ, କେନ୍ଦ୍ର ସରକାର, ରାଜ୍ୟ ସରକାର କିମ୍ବା ଏଜେନ୍ସି ଦ୍ୱାରା ପ୍ରାଧିକୃତ କୌଣସି ଚଳଚ୍ଚିତ୍ର ଓ ଟେଲି ଧାରାବାହିକ ତଥା ଟେଲି ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କାର ପାଇଁ ଗ୍ରହଣ କରାଯିବ ନାହିଁ।
୪. ନିର୍ଦ୍ଧାରିତ ତିନିକିତା ଆବେଦନପତ୍ର ସହିତ ଫିଚର ଫିଲ୍ମ ପାଇଁ ଟ.୩,୦୦୦/-ଙ୍କା (ଅଣଫେରସ୍ତ) ଓ ନନ୍-ଫିଚର ଫିଲ୍ମ ପାଇଁ ଟ.୧,୫୦୦/-ଙ୍କା (ଅଣଫେରସ୍ତ) ବ୍ୟାଙ୍କଡ୍ରାଫ୍ଟ ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶାଙ୍କ ସପକ୍ଷରେ ଦାଖଲ କରାଯିବା ଆବଶ୍ୟକ।
୫. ଦରଖାସ୍ତ ପଠାଇବାର ଠିକଣା: ସଂସ୍କୃତି ନିର୍ଦ୍ଦେଶାଳୟ, ଓଡ଼ିଶା, ସଂସ୍କୃତି ଭବନ, ଭୁବନେଶ୍ୱର-୧୪ ଓ ଦରଖାସ୍ତ ଗ୍ରହଣର ଶେଷ ତାରିଖ: ୩୧।୦୭।୨୦୧୯।
୬. ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସରକାରଙ୍କ ଦ୍ୱାରା ପ୍ରଣୀତ ରାଜ୍ୟ ଚଳଚ୍ଚିତ୍ର ନିୟମ-୨୦୧୦ ଓ ସେହିପରି ରାଜ୍ୟ ଟେଲି ପୁରସ୍କାର ପ୍ରଣୀତ ରାଜ୍ୟ ଟେଲି ପୁରସ୍କାର ନିୟମ-୨୦୧୩ ଅନୁଯାୟୀ କାର୍ଯ୍ୟକାରୀ ହେବ।
୭. ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିୟମ-୨୦୧୦ ଏବଂ ଓଡ଼ିଶା ରାଜ୍ୟ ଟେଲି ପୁରସ୍କାର ନିୟମ-୨୦୧୩ ଅନ୍ତର୍ଗତ ସମସ୍ତ ବିଷୟ ଏବଂ ଏ ନିୟମର ସମସ୍ତ ବ୍ୟାଖ୍ୟାନରେ ଓଡ଼ିଶା ସରକାରଙ୍କ ସିଦ୍ଧାନ୍ତ ଚୂଡ଼ାନ୍ତ।

**ସ୍ୱା./- ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର, ଭୁବନେଶ୍ୱର-୭୫୧୦୧୪**

03001/11/0008/1920

ଧ୍ୟାନ ଦିଅନ୍ତୁ !! ଧ୍ୟାନ ଦିଅନ୍ତୁ !! ଧ୍ୟାନ ଦିଅନ୍ତୁ !!

### ବିହନ ବିଶୋଧନ ଅଭିଯାନ ଖରିଫ୍-୨୦୧୯; ଜିଲ୍ଲା କୃଷି ଅଧିକାରୀ, ପଟ୍ଟାମୁଣ୍ଡାଇ

ଏତଦ୍ୱାରା ପଟ୍ଟାମୁଣ୍ଡାଇ କୃଷି ଜିଲ୍ଲା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ, ଆଳି,ରାଜକନିକା ଓ ରାଜନଗର ବ୍ଲକର ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯାଉଛି କି, ଚଳିତ ବର୍ଷ ୨୦୧୯ଖରିଫ୍ କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀମାନଙ୍କର ସାଇତା ଧାନ ବିହନକୁ ବିହନ ବିଶୋଧନ କାର୍ଯ୍ୟକ୍ରମ ରାଜ୍ୟ ଯୋଜନାରେ ବିଶୋଧନ କରାଯିବାର ବ୍ୟବସ୍ଥା ହୋଇଅଛି। ଏହି କାର୍ଯ୍ୟକ୍ରମଟି ତା.୨୮।୦୬।୨୦୧୯ରିଖଠାରୁ ତା.୧୫।୦୭।୨୦୧୯ରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏଣୁ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବିହନ ବିଶୋଧନ (ରାଜ୍ୟ ଯୋଜନା)କୁ ସାଫଲ୍ୟ ମଣ୍ଡିତ କରିବେ।

**"ଗାଁ' ଗାଆଁରେ ବିହନ ବିଶୋଧନ, ନୀରୋଗ ଫସଲ ପାଇଁ ନିଶ୍ଚିତ ସମାଧାନ"**

**ସ୍ୱା./- ଜୟ ନାରାୟଣ ମହାପାତ୍ର, ଜିଲ୍ଲା କୃଷି ଅଧିକାରୀ, ପଟ୍ଟାମୁଣ୍ଡାଇ**

ବି.ଦ୍ର:-ସବିଶେଷ ବିବରଣୀ ପାଇଁ ନିଜ ଅଞ୍ଚଳର ଗ୍ରାମ୍ୟ କୃଷି କର୍ମଚାରୀ ଓ ସହକାରୀ କୃଷି ଅଧିକାରୀଙ୍କ ସହ ପରାମର୍ଶ କରନ୍ତୁ।

### SAMAGRA SHIKSHA, NAYAGARH
**NEAR DRDA, AT/PO/DIST.- NAYAGARH-752069**
Ph. No.- (06753) 254236, Fax- (06753) 253701, Email: dpcnayagarhssa.opepa@nic.in

**SHORT TENDER CALL NOTICE NO. 1049, DT.29.06.19**
**PRINTING AND SUPPLY OF REPORT CARD, FOR 2018-19**

Sealed quotations under two bid systems are invited from the registered, experienced Web Offset Printers/ firms having PAN, GSTIN, VAT, PAN clearance certificate etc. for printing and supply of report Card for 2019 (Class-I to VIII) of Nayagarh district. The tender papers (Bid documents) containing detailed specifications of technical and financial bid can be obtained by downloading with terms and conditions in two part bidding systems i.e. Application of technical Bid and Financial Bid from website i.e. OPEPA i.e. www.opepa.in and website of Nayagarh i.e. www.nayagarh.nic.in, can also be obtained from District Project Office, SSA, Nayagarh during office hours 10 AM to 5 PM on any working day on payment of Rs. 2000/- (Rupees Two Thousands) only in shape of Demand Draft which is non-refundable drawn in favour of the **"District Project Coordinator, SSA, Nayagarh payable at Nayagarh"** along with the tender papers. The last date and time for receipt of Quotation is on dtd.15.07.19 in D.P.O., Nayagarh (Registered / Speed Post) only and tender will be opened on dtd.16.07.19 at 2.30 PM in the office of the District Project Coordinator, SSA, Nayagarh in the presence of all bidders or their authorized representatives. The Collector-cum-Chairman, SSA, Nayagarh reserves the right to amend, alter or cancel any part or all the quotations without assigning any reason thereof.

*By order of the Collector-cum-Chairman*
***Sd./- DEO cum District Project Coordinator, Samagra Shiksha, Nayagarh***

### ଠାକୁର ମାହାଲ କାର୍ଯ୍ୟାଳୟ, ନୀଳଗିରି

**ନୋଟିସ ସଂଖ୍ୟା: ୩୮** **ତା୨୯।୦୬।୨୦୧୯ରିଖ**

**ସର୍ବସାଧାରଣ ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ନୀଳଗିରି ଜଗନ୍ନାଥ ମନ୍ଦିର ବେଢ଼ା ମଧ୍ୟରେ ପ୍ରସାଦ ପ୍ରସ୍ତୁତି କରି ବିକ୍ରି କରିବା ନିମନ୍ତେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ତଥା ମାନ୍ୟବର ଦେବୋତ୍ତର ବିଭାଗ କମିଶନର, ଭୁବନେଶ୍ୱରଙ୍କ ଆଦେଶ ଅନୁସାରେ ପ୍ରକାଶ୍ୟ ନିଲାମ କରାଯିବ। ଏଥିରେ ସମସ୍ତ ହିନ୍ଦୁ ସମ୍ପ୍ରଦାୟର ବ୍ୟକ୍ତି ନିଲାମରେ ଭାଗ ନେଇ ପାରିବେ। ଦେବୋତ୍ତର ବିଭାଗ କମିଶନରଙ୍କ ଆଦେଶ ଅନୁଯାୟୀ ଧାର୍ଯ୍ୟ ହୋଇଥିବା ବାର୍ଷିକ ଅର୍ଥ ଟ୮,୦୦,୦୦୦/-ଙ୍କା (ଆଠ ଲକ୍ଷ)ରୁ ନିଲାମ ଡାକ ଆରମ୍ଭ କରାଯିବ। ଯେଉଁ ହିନ୍ଦୁ ସମ୍ପ୍ରଦାୟର ବ୍ୟକ୍ତି ନିଲାମରେ ଅଂଶଗ୍ରହଣ କରିବେ ସେହି ବ୍ୟକ୍ତି ଟ୧,୦୦,୦୦୦/-ଙ୍କା (ଏକ ଲକ୍ଷ) ଅମାନତ ଟଙ୍କା ଭାବରେ ଜମା କରିବେ। ପ୍ରକାଶ୍ୟ ନିଲାମ ଡାକ ସମୟରେ ଯେଉଁ ବ୍ୟକ୍ତି ସର୍ବୋଚ୍ଚ ଅର୍ଥରେ ବିବେଚିତ ହେବେ ସେହି ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବା ସହିତ ବେଢ଼ା ମଧ୍ୟରେ ରୋଷଶାଳା ଅଧିକାରୀଙ୍କ ଦ୍ୱାରା ଚିହ୍ନଟ କରାଯିବ। କାର୍ଯ୍ୟାଦେଶ ଦେବା ବା ନିଲାମ ହେବାର ଏକ ସପ୍ତାହ ମଧ୍ୟରେ ଏକକାଳୀନ ଅର୍ଥ ଜମା କରିବେ।

ଏଣୁ ସର୍ବସାଧାରଣ ନୋଟିସ ଦିବସଠାରୁ ଠାକୁର ମାହାଲ କାର୍ଯ୍ୟାଳୟରେ ଫର୍ମ ବିକ୍ରି କରାଯିବ। ଫର୍ମ ଟ୫୦୦.୦୦ଙ୍କା (ପାଞ୍ଚ ଶହ) ଦେଇ ରସିଦ ହାସଲ କରିବେ। ଏହି ଫର୍ମ ଆସନ୍ତା ତା୦୯।୦୭।୨୦୧୯ରିଖ ପର୍ଯ୍ୟନ୍ତ ବିକ୍ରି କରାଯିବ। ପ୍ରକାଶ୍ୟ ନିଲାମ ତା୧୭।୦୭।୨୦୧୯ରିଖ ଦିବା ଘ୧୧ଣ୍ଟା ସମୟରେ ଠାକୁର ମାହାଲ କାର୍ଯ୍ୟାଳୟରେ କରାଯିବ।

ପ୍ରକାଶଥାଉକି, ଆଗରୁ ଠାକୁର ମାହାଲ କାର୍ଯ୍ୟାଳୟରୁ ଟ୫୦୦.୦୦ଙ୍କା (ପାଞ୍ଚ ଶହ) ଦେଇ ଫର୍ମ ଗ୍ରହଣ କରିଥିବା ବ୍ୟକ୍ତି ବିଶେଷ ନୂତନ ନୀତି ଓ ନିୟମ ଅନୁଯାୟୀ ସେମାନେ ନିଲାମରେ ଅଂଶଗ୍ରହଣ କରିପାରିବେ। ପୁନର୍ବାର ତାଙ୍କୁ ଫର୍ମ କିଣିବାକୁ ପଡ଼ିବ ନାହିଁ। ନୂତନ ନୀତି ଓ ନିୟମ ଠାକୁର ମାହାଲ ନୋଟିସ ବୋର୍ଡ କିମ୍ବା ଅଫିସ କାର୍ଯ୍ୟାଳୟରୁ ପାଇ ପାରିବେ। ଧାର୍ଯ୍ୟ ନିଲାମ ତାରିଖ ଦିନ ଦିବା ଘ୧୦.୩୦ ମିନିଟ ସମୟରୁ ଫର୍ମ ଗ୍ରହଣ କରାଯିବ। ଆବେଦନକାରୀମାନେ ଅମାନତ ଜମା ସହ ନିଲାମରେ ଅଂଶଗ୍ରହଣ କରିପାରିବେ।

ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଆପତ୍ତି ଓ ଅଭିଯୋଗ ଗ୍ରହଣ କରାଯିବ ନାହିଁ। ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ନିଲାମ ପ୍ରକ୍ରିୟା ସ୍ଥଗିତ/ ରଦ୍ଦ/ ଘୁଞ୍ଚାଇ ଦେବାର ଅଧିକାର ରହିଅଛି।

**ସ୍ୱା./- ନିର୍ବାହୀ ଅଧିକାରୀ, ଠାକୁର ମାହାଲ, ନୀଳଗିରି**

### OFFICE OF THE NOTIFIED AREA COUNCIL, JUNAGARH
**No. 2042 /NAC (J) Dated.29.06.2019**

**Detailed Tender call Notice**

Sealed tender in percentage bid are invited in conformity with the Detailed Tender Call Notice to be eventually drawn up in the PWD prescribed Form F-2 for the following works of NAC, Junagarh from the Govt. license holder of D & C Class Contractors. The Tender papers will be available during office hour on payment of cost (Non-refundable) in cash or Bank draft as indicated in column 4 below up to 5.00P.M. on all working days till 08.07.2019 and will be received up to 1.00 P.M. on O9.07.2019 in specified tender Box placed in the office of the undersigned. The tender will be opened on 09.O7.2019 at 4.00P.M.in presence of the bidders or their authorized representatives who wish to remain present. Earnest money as indicated in col.5 shall be deposited in shape of Cash or TDR of any Nationalized or Scheduled Bank duly pledged in favor of Executive Officer NAC, Junagarh and the deposit receipt or TDRs as the case may be should be accompanied with the tender papers along with valid GST, PAN and Valid Contractor registration Certificate issued by the competent authority. The Authority reserves the rights to rejects any or all tenders without assigning any reason there to. The tender received after due date and time shall not be entertained and authority shall not be responsible for delay or missing of tender. Additional Performance Security Deposit shall be obtained from the bidder when the bid amount is less than the estimated cost put to tender. In such an event,only the successful bidder who has quoted less bid price/rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as Additional Performance Security(APS)in shape of demand draft/term deposit/receipt pledged in favor of the Executive Officer within seven days, otherwise the bid shall be cancelled and the EMD shall be forfeited. Further, proceeding for blacklisting shall be initiated against defaulting bidder. Any other information can be had from the office of the NAC,Junagarh during office hours on all working days only. The details of works may be seen from the Notice Board of NAC,Junagarh and District website **www.junagarhnac.in**.

**Executive Officer, N.A.C., Junagarh**



National Doctors' Day 2019

ଜୁଲାଇ ୧ ହେଉଛି 'ଜାତୀୟ ଚିକିତ୍ସକ ଦିବସ/ ନ୍ୟାଶନାଲ ଡକ୍ଟର'ସ ଡେ । ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...

# ଡାକ୍ତର-ରୋଗୀ ଉପାଖ୍ୟାନମ୍

''ରୋଗୀ ଚିକିତ୍ସାରେ ନିଜର ଭୁଲ୍‌ଭଟକାକୁ ଖୋଲାଖୋଲି ମାନିଯାଉଥିଲେ ଡାକ୍ତର ନିକୋଲାର ପିରାଟୋଭ । ଏପରିକି ନିଜ ଭୁଲ୍ କରିଥିବା କଥାକୁ ପ୍ରକାଶ କରିଦେଉଥିଲେ ସାମ୍ବାଦିକମାନଙ୍କ ସମ୍ମୁଖରେ । ସେ କହୁଥିଲେ, ''ଚିକିତ୍ସାରେ ଯେ ଭୁଲ୍ ହେବ ନାହିଁ, କୌଣସି ଡାକ୍ତର ଏପରି ପ୍ରତିଶ୍ରୁତି ଦେଇପାରିବେନି । ଯେଉଁ ଡାକ୍ତର ରୋଗୀ ଚିକିତ୍ସାରେ ଭୁଲ୍ କରନ୍ତିନି ବୋଲି କହିଥାନ୍ତି ସେମାନେ ନିପଟ ମିଛୁଆ ।''



ଡା. ନିତ୍ୟାନନ୍ଦ ସ୍ୱାଇଁ

'ଦେହ ଗୋଟିଏକୁ ରୋଗ କୋଟିଏ' ବୋଲି କୁହାଯାଇଥାଏ । ତେଣୁ ଡାକ୍ତର ଆମ ଜୀବନର ଏକ ଅତି ପ୍ରୟୋଜନୀୟ ଏବଂ ଅବିଚ୍ଛେଦ୍ୟ ଅଙ୍ଗ ହେବା ସ୍ୱାଭାବିକ । ରୋଗ ହେଲେ, ତାହା ସାମାନ୍ୟ ଜ୍ୱର ହୋଇଥାଉ କି ମୁଣ୍ଡବ୍ୟଥା କିମ୍ବା ହୋଇଥାଉ ଅନ୍ୟ କୌଣସି ଜଟିଳ ସମସ୍ୟା, ଏହାର ଉପଶମ ପାଇଁ ଆମେ ଡାକ୍ତରଙ୍କ ନିକଟକୁ ଧାଇଁଯାଉ । ଲକ୍ଷଣ, ଦେହ ପରୀକ୍ଷା ଓ ଗବେଷଣାଗାରରେ କରାଯାଇଥିବା ପରୀକ୍ଷା ଆଦିର ଫଳାଫଳକୁ ଏକତ୍ର ବିଚାର କରି ଡାକ୍ତର ନିର୍ଣ୍ଣୟ କରନ୍ତି ରୋଗ । ରୋଗର ପ୍ରକାରକୁ ଚାହିଁ ବତେଇଦିଅନ୍ତି ଚିକିତ୍ସା । ଭଲ ଡାକ୍ତରମାନେ କେବଳ ଚିକିତ୍ସା ବିଜ୍ଞାନ ଆଧାରିତ ତାତ୍ତ୍ୱିକ ଜ୍ଞାନ ଉପରେ ନିର୍ଭର କରି ନ ଥାନ୍ତି, ନିର୍ଭର ମଧ୍ୟ କରିଥାନ୍ତି ନିଜର ବ୍ୟକ୍ତିଗତ ପାରଦର୍ଶିତା ଓ ଅଭିଜ୍ଞତା ଉପରେ । ସମାଜରେ ଡାକ୍ତରଙ୍କର ଅମୂଲ୍ୟ ଅବଦାନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରେଇବା ଉଦ୍ଦେଶ୍ୟରେ ଭାରତରେ ପ୍ରତିବର୍ଷର ଜୁଲାଇ ୧ ତାରିଖରେ ପାଳିତ ହୋଇଥାଏ 'ଜାତୀୟ ଚିକିତ୍ସକ ଦିବସ' ବା 'ନ୍ୟାଶନାଲ ଡକ୍ଟର'ସ୍ ଡେ ।

ଏହି ଜୁଲାଇ ୧ ତାରିଖରେ (୧୮୮୨ ମସିହା) ବିଖ୍ୟାତ ଚିକିତ୍ସକ ଡାକ୍ତର ବିଧାନ ଚନ୍ଦ୍ର ରାୟ ଭୂମିଷ୍ଠ ହୋଇଥିଲେ । ବଡ଼ ଆଶ୍ଚର୍ଯ୍ୟର କଥା ଯେ ଜୁଲାଇ ୧ ତାରିଖ (୧୯୬୨) ମଧ୍ୟ ତାଙ୍କର ମୃତ୍ୟୁ ତିଥି । ସେ ଇଂଲଣ୍ଡରୁ ଏମ୍‌ଆରସିପି ଏବଂ ଏଫ୍‌ଆର୍‌ସିଏସ୍ କରି କଲିକତାର ତତ୍କାଳୀନ କ୍ୟାମ୍ବେଲ ମେଡିକାଲ ସ୍କୁଲ (ବର୍ତ୍ତମାନର ନୀଲ୍‌ରତନ ସରକାର ମେଡିକାଲ କଲେଜ)ରେ ଶିକ୍ଷକତା ଓ ରୋଗୀ ଚିକିତ୍ସା କରିଥିଲେ । ସେ ଯେ କେବଳ ଜଣେ ସୁଦକ୍ଷ ଚିକିତ୍ସକ ଥିଲେ ସେତିକି ନୁହେଁ, ସେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ । ୧୯୪୮ ମସିହାଠାରୁ ମୃତ୍ୟୁ ପର୍ଯ୍ୟନ୍ତ ୧୪ ବର୍ଷ ଧରି ସେ ରହି ଆସିଥିଲେ ନବଗଠିତ ପଶ୍ଚିମବଙ୍ଗ ରାଜ୍ୟର ମୁଖ୍ୟମନ୍ତ୍ରୀ । ୧୯୬୧ରେ ତାଙ୍କୁ 'ଭାରତ ରତ୍ନ' ସମ୍ମାନରେ ସମ୍ମାନିତ କରାଯାଇଥିଲା । ତାଙ୍କ ସମ୍ମାନାର୍ଥେ କଲିକତାର ଉପନଗରୀ ସଲ୍ଟଲେକର ନାମକରଣ କରାଯାଇଛି 'ବିଧାନ ନଗର' । ଯାହାହେଉ, ସବୁ ଯୁଗରେ ଖରାପ ଡାକ୍ତର ଥିଲେ । ସୁଇଜରଲାଣ୍ଡର ଡାକ୍ତର ପାରାସେଲସସ୍ କହିଯାଇଛନ୍ତି, ''ରୋଗୀ ଉପରେ ଔଷଧର ପ୍ରଭାବ ଅପେକ୍ଷା ଡାକ୍ତରମାନଙ୍କ ରୋଗୀଦରଦୀ ଆଚାର ଆଚରଣର ପ୍ରଭାବ ଅଧିକ ଫଳପ୍ରଦ ।''

କିଛିବର୍ଷ ତଳେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଥିଲା ଯେ ୪୦ ପ୍ରତିଶତ ରୋଗୀ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସିତ ହେବାକୁ ଚାହିଁଥିବାବେଳେ ଦରଦୀ, ଦୟାଳୁ, ସହାନୁଭୂତିଶୀଳ ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସିତ ହେବାକୁ ଚାହିଁଥିଲେ ୬୦ ପ୍ରତିଶତ ରୋଗୀ ।

ଚିକିତ୍ସା ବିଜ୍ଞାନର ଭବିଷ୍ୟତ ସମ୍ବନ୍ଧରେ ମତ ଦେବାକୁ ଯାଇ ଆଣ୍ଟୋଇନ୍ ଡି. ସେଣ୍ଟ ଏକ୍ସପେରୀ କହିଥିଲେ, ''ଫିଜିସିଆନ୍ ବା ଚିକିତ୍ସାବିଜ୍ଞାନୀମାନଙ୍କ ପରିବର୍ତ୍ତେ ଏଣିକି ରୋଗୀଙ୍କୁ ଚିକିତ୍ସା କରିବେ ଫିଜିସିଷ୍ଟ ବା ପଦାର୍ଥବିଜ୍ଞାନୀମାନେ । କାରଣ ରୋଗ ନିର୍ଣ୍ଣୟ, ଚିକିତ୍ସା ଏବଂ ଏପରିକି ଶଲ୍ୟୋପଚାରର ଦାୟିତ୍ୱ ମଧ୍ୟ ନେଲେଣି କମ୍ପ୍ୟୁଟର ପରିଚାଳିତ ଉପକରଣମାନ ।''

କିନ୍ତୁ ନିଜର ବ୍ୟକ୍ତିଗତ ପସନ୍ଦ ସମ୍ପର୍କରେ ତାଙ୍କର ମତ ଥିଲା, ''ମୁଁ ଗାଁର ସେହି ପୁରୁଣା ବୁଢ଼ା ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହେବା ପାଇଁ ବେଶି ପସନ୍ଦ କରିବି । ରୋଗାକ୍ରାନ୍ତ ହୋଇ ତାଙ୍କ ପାଖରେ ପହଞ୍ଚିଲେ ବୁଢ଼ା ଡାକ୍ତର ତାଙ୍କ ଚଷମା ଉପରର ଫାଙ୍କ ବାଟେ ମୋତେ ଟିକିଏ କଣେଇ ଚାହିଁବେ । ମୋତେ ଖଟ ଉପରେ ଶୁଆଇ ହାତ ବୁଲେଇବେ ମୋ ପେଟ ଉପରେ । ତାଙ୍କର ସେହି ଅତି ପୁରୁଣା ଓ ରଙ୍ଗ ଛାଡ଼ିଯାଇଥିବା ଷ୍ଟେଥୋସ୍କୋପ୍ ସାହାଯ୍ୟରେ କରିନେବେ ମୋର ଛାତି ପରୀକ୍ଷା । ଏହା ଉତ୍ତାରୁ ସେ ଟିକିଏ ଖୁଁ ଖୁଁ କାଶିବେ । ଚୁରୁଟରେ ନିଆଁ ଧରେଇ ଟାଣିନେବେ କଳେ ଦି'କଳ ଧୂଆଁ । ପରେପରେ ଓଠରେ ହାତରଖି ଓ ଆଖିବୁଜି ବସିରହିବେ ଦୁଇ ଅଢ଼େଇ ମିନିଟ୍; ସତେ ଯେମିତି ମୋ'ର ସମସ୍ୟାଟା ଏବେ ସବାରହୋଇଯାଇଛି ତାଙ୍କ ଉପରେ ।

ରୋଗୀ ଚିକିତ୍ସାରେ ନିଜର ଭୁଲ୍‌ଭଟକାକୁ ଖୋଲାଖୋଲି ମାନିଯାଉଥିଲେ ଡାକ୍ତର ନିକୋଲାର ପିରାଟୋଭ । ଏପରିକି ନିଜ ଭୁଲ୍ କରିଥିବା କଥାକୁ ପ୍ରକାଶ କରିଦେଉଥିଲେ ସାମ୍ବାଦିକମାନଙ୍କ ସମ୍ମୁଖରେ । ସେ କହୁଥିଲେ, 'ଚିକିତ୍ସାରେ ଯେ ଭୁଲ୍ ହେବ ନାହିଁ, କୌଣସି ଡାକ୍ତର ଏପରି ପ୍ରତିଶ୍ରୁତି ଦେଇପାରିବେନି । ଯେଉଁ ଡାକ୍ତର ରୋଗୀ ଚିକିତ୍ସାରେ ଭୁଲ୍ କରନ୍ତିନି ବୋଲି କହିଥାନ୍ତି ସେମାନେ ନିପଟ ମିଛୁଆ ।

ସ୍ନେହ, ପ୍ରେମ, କରୁଣା ଆନ୍ତରିକତା ସହାନୁଭୂତିଶୀଳତା ଏବଂ ରୋଗ ପ୍ରତି ନିଜର ଦାୟବଦ୍ଧତା – ଏସବୁ ଥିଲେ କୃତ୍ରିମତାର କଳଙ୍କ ନ ଥିଲେ ରୋଗୀ କିମ୍ବା ରୋଗୀଙ୍କ ଆତ୍ମୀୟ, କେହି ଡାକ୍ତରଙ୍କ ତ୍ରୁଟି ବିଚ୍ୟୁତି ପ୍ରତି ଅସହିଷ୍ଣୁ ହେବେ ନାହିଁ ବୋଲି କହିଛନ୍ତି ଅଷ୍ଟ୍ରିଆର ଡାକ୍ତର ଥିଓଡୋର ବିଲ୍‌ରୋଥ । ରାଜା ନବମ ଚାର୍ଲସଙ୍କ ଚିକିତ୍ସକ ଥିଲେ ଆମ୍ବ୍ରୋଏ ପାରେ । ତାଙ୍କୁ ଟିକିଏ ଭଲ ଭାବରେ ଚିକିତ୍ସା କରିବା ନିମିତ୍ତ ରାଜା ଅନୁରୋଧ କରିଥିଲେ ଡାକ୍ତର ପାରେଙ୍କୁ । ମାତ୍ର ରାଜାଙ୍କୁ ଡାକ୍ତର ପାରେଙ୍କର ଉତ୍ତର ଥିଲା, ପୂଜ୍ୟ ମଣିମା, ରାଜା ଆଉ ରଙ୍କ ଉଭୟଙ୍କୁ ମୁଁ ସମାନ ଆନ୍ତରିକତାର ସହ ଚିକିତ୍ସା କରିଥାଏ ।

କିନ୍ତୁ ଚିକିତ୍ସକଙ୍କୁ ତାଙ୍କର ନ୍ୟାଯ୍ୟ ଫି' ଦେଇଦେବା ପାଇଁ କହିଥିଲେ ଭାରତୀୟ ଚିକିତ୍ସକ ଚରକ । ଦଶମ ଶତାବ୍ଦୀରେ ପ୍ରକାଶିତ ହୋଇଥିଲା, ମେଡିକାଲ ଗାଇଡ୍ ନାମକ ବହି । ଡାକ୍ତରମାନଙ୍କୁ ପରାମର୍ଶ ଦେଇ ବହିର ଲେଖକ ଉଲ୍ଲେଖ କରିଥିଲେ ଯେ ରୋଗୀର ଅବସ୍ଥା ନିହାତି ସାଂଘାତିକ ନ ହେବା ପର୍ଯ୍ୟନ୍ତ ତା'ର ପାଖ ମାଡନି । ରୋଗୀ ପାଖରେ ପହଞ୍ଚିବା ପରେ ତାକୁ ପରୀକ୍ଷା କରିସାରି ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ନିଜ ପାଉଣା ସମ୍ବନ୍ଧରେ କଥାବାର୍ତ୍ତା ଛିଣ୍ଡେଇ ଦିଅ । କାରଣ ରୋଗୀ ସାମାନ୍ୟ ଉପଶମ ଅନୁଭବ କରିବା ମାତ୍ରେ ସେ ତୁମକୁ ଭୁଲିଯିବା କିଛି ଅସମ୍ଭବ ନୁହେଁ ।

ଡାକ୍ତରୀ ପଢା ଆରମ୍ଭ କରିବା ପୂର୍ବରୁ ଛାତ୍ରୀଛାତ୍ରମାନେ ମହାନ ଗ୍ରୀକ୍ ଚିକିତ୍ସକ ତଥା ଆଧୁନିକ ଚିକିତ୍ସା ବିଜ୍ଞାନର ଜନକ ଭାବେ ଖ୍ୟାତ ହିପ୍ପୋକ୍ରାଟିସ୍‌ଙ୍କ ନାମରେ ହିପ୍ପୋକ୍ରାଟିସ୍ ଶପଥ ନେଇଥାନ୍ତି । ସେହି ଶପଥନାମାରେ ଉଲ୍ଲେଖ ଅଛି, ସମସ୍ତ ମାନବୀୟ ଧର୍ମକୁ ପୋଷଣ କରିବା ସହ ମୁଁ ଅର୍ଥ ଉପାର୍ଜନ ପ୍ରତି ନିଃସ୍ପୃହ ରହିବି । ଆଜି ପର୍ଯ୍ୟନ୍ତ କେହି ହିପୋକ୍ରାଟିସ୍ ଶପଥନାମାକୁ ସଂଶୋଧନ କରିବାର ଆବଶ୍ୟକତା ଅନୁଭବ କରିନାହାନ୍ତି । କାରଣ ହିପ୍ପୋକ୍ରାଟିସ୍ କହିଥିଲେ, ରୋଗୀର ସର୍ବାଙ୍ଗୀନ ମଙ୍ଗଳ କରିବା ହିଁ ମୋର ପରମ କର୍ତ୍ତବ୍ୟ ।

ସେଥିପାଇଁ ହୁଏତ ଲିଓନାର୍ଡୋ ଦା ଭିଞ୍ଚି ପରାମର୍ଶ ଦେଇଥିଲେ, ''ପ୍ରତ୍ୟେକ ବ୍ୟକ୍ତି ଡାକ୍ତରଙ୍କୁ ଫି' ଦେବା ପାଇଁ ଯଥେଷ୍ଟ ଧନ ସଞ୍ଚି ରଖିବା ଉଚିତ । କାରଣ ସେମାନେ ଜୀବନହନ୍ତା । ତେଣୁ ସେମାନଙ୍କୁ ଫି'ଦେଇ ଧନୀ କରି ରଖିବା ହିଁ ନିରାପଦ ।''

ସେହିପରି ନିଜ ବିଷୟରେ ଡାକ୍ତର ଜେ.ସି. ଲେଟ୍ସମ୍ ଲେଖିଥିଲେ, ''ଲୋକଙ୍କର ଦେହ ଖରାପ ହେଲେ ସେମାନେ ଚିକିତ୍ସା ପାଇଁ ମୋ ପାଖକୁ ଆସିଥାନ୍ତି । ମୁଁ ସେମାନଙ୍କ ଠାରୁ ରକ୍ତ ଓ ଝାଳ ଝରେଇ ଦେଇ ଚିକିତ୍ସା କରିଥାଏ । ସେମାନଙ୍କ ଭିତରୁ କିଏ ବଞ୍ଚିଯାଏ ତ କିଏ ମରିଯାଏ । ମାତ୍ର ସେଥିରେ ମୋର ଯାଏ ଆସେ କେତେ ?''

ପ୍ରଖ୍ୟାତ ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡର ମୃତ୍ୟୁବରଣ କରିବାର ଅବ୍ୟବହିତ ପୂର୍ବରୁ ନିଜର ବିଶ୍ୱସ୍ତ ସେନାପତିମାନଙ୍କୁ ଅନୁରୋଧ କରିଯାଇଥିଲେ ଯେ ସେ ମରିଗଲା ପରେ ତାଙ୍କ ଶବାଧାରକୁ ଅନ୍ତିମ ସଂସ୍କାର ପାଇଁ ଶ୍ମଶାନକୁ ନେବାବେଳେ ତାଙ୍କୁ ଚିକିତ୍ସା କରିଥିବା ଡାକ୍ତରମାନେ ହିଁ ହେବେ ଶବବାହକ । ଡାକ୍ତରମାନଙ୍କ ସୀମିତ ସାମର୍ଥ୍ୟ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରେଇ ଦେବା ନିମନ୍ତେ ହିଁ କେବଳ ଏପରି ଏକ ଅଦ୍ଭୁତ ଅନୁରୋଧ କରିଯାଇଥିଲେ ଆଲେକ୍‌ଜାଣ୍ଡର ।

ଅବଶ୍ୟ ଜଣେ ଭବିଷ୍ୟତରେ ଭଲ ଡାକ୍ତର ହେବ କି ଖରାପ ଡାକ୍ତର ହେବ, ଏହା ମେଡିକାଲ କଲେଜ୍‌ରେ ନାଁ ଲେଖେଇବାବେଳେ ଜାଣିପାରିବା ଆଦୌ ସମ୍ଭବ ନୁହେଁ । କାରଣ ଡାକ୍ତରୀ ବିଦ୍ୟାଟି ପ୍ରତି କାହାଠାରେ କୌଣସି ଜନ୍ମଗତ ପ୍ରେରଣା ଓ ପ୍ରବୃତ୍ତି ଥିବା କଥା ପ୍ରମାଣିତ ହୋଇପାରିନାହିଁ ।

ମଣିଷ ସୃଷ୍ଟିର ଇତିହାସ ଯେତିକି ପୁରୁଣା, ରୋଗୀ ଓ ଚିକିତ୍ସକଙ୍କ ମଧ୍ୟରେ ସମ୍ପର୍କ ହୁଏତ ସେତିକି ପୁରୁଣା । ସେଥିପାଇଁ ମୁନିଋଷି, ଦାର୍ଶନିକ, ରାଜାମହାରାଜା ଏବଂ ଏପରିକି କେତେକ ଚିକିତ୍ସକ ନିଜେ ରୋଗୀ ଓ ଚିକିତ୍ସକଙ୍କ ପାରସ୍ପରିକ ସମ୍ପର୍କ କିପରି ହେବା ଉଚିତ ଏ ବିଷୟରେ ସବିଶେଷ ଆଲୋକପାତ କରିଯାଇଛନ୍ତି । ମାତ୍ର ହାୟ, ଆଜିର ଦୁନିଆ ହୋଇଛି ବିକାକିଣାର ଦୁନିଆ । ରୋଗୀ ଚିକିତ୍ସା ପାଲଟିଯାଇଛି ଏକ 'ଶିଳ୍ପ' । ଚିକିତ୍ସା ସେବା ବିକୁଛି ଚିକିତ୍ସକ ଏବଂ ଚିକିତ୍ସା ସେବା କିଣୁଛି ରୋଗୀ !

–'ଅଭୀପ୍ସା', ସେକ୍ଟର–୬, ପ୍ଲଟ ନଂ– ୧୧୩୧, ଅଭିନବବିଡ଼ାନାସୀ, କଟକ, ମୋ : ୮୩୨୮୯୭୫୧୧୮



## ଟଟକା ଫଳମୂଳ ଓ ହୃଦ୍‌ରୋଗ



ହୃଦ୍‌ରୋଗ ପରି ଗୁରୁତର ସମସ୍ୟାଠାରୁ ନିଜକୁ ଦୂରେଇ ରଖିବାକୁ ଚାହୁଁଛନ୍ତି କି ? ଯଦି ହଁ, ତେବେ ସେଥିପାଇଁ ସନ୍ତୁଳିତ ଜୀବନଶୈଳୀ, ଖାଦ୍ୟପେୟ, ବ୍ୟାୟାମ ବିଷୟରେ ଅନେକେ ଅବଗତ ଥିବେ । ହେଲେ ଏହି ତାଲିକାରେ ନିକଟରେ ଆଉ ଏକ ବିଷୟକୁ ସାମିଲ କରାଯାଇଛି । ଯଦି ଜଣେ ବ୍ୟକ୍ତି ନିୟମିତ ଟଟକା ଫଳମୂଳ ଖାଉଛନ୍ତି ତେବେ ତାହାର ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ । ବିଶେଷଭାବରେ ହୃଦ୍‌ରୋଗକୁ ଦୂରେଇ ରଖିବାରେ ଏହା କେତେକାଂଶରେ ସାହାଯ୍ୟ କରିଥାଏ । ଏପରି ବିଷୟବସ୍ତୁକୁ ନେଇ ଲଣ୍ଡନ ୟୁନିଭର୍ସିଟିର ହୃଦ୍‌ରୋଗ ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ । ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ (ଯେଉଁମାନେ ନିୟମିତ ଟଟକା ଫଳମୂଳ ଖାଉଥିଲେ) ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ହୃଦ୍‌ରୋଗର ଲକ୍ଷଣ କମ୍ ଦେଖିବାକୁ ମିଳିଥିଲା ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି ।

## ରୋଗ ଚିହ୍ନଟର ନୂଆ ଉପାୟ

କେତେକ ରୋଗକୁ ଚିହ୍ନଟ କରିବା ପାଇଁ ପ୍ରକାଶିତ ଲକ୍ଷଣକୁ ବିଶ୍ଳେଷଣ କରାଯାଇଥାଏ । ହେଲେ ଏହି ତାଲିକାରେ ବିଶେଷଜ୍ଞମାନେ ଆଉ ଏକ କଥା ସାମିଲ କରିଛନ୍ତି । ଭାଇରସକୁ ତର୍ଜମା କରି ଜଣେ ବ୍ୟକ୍ତି କେଉଁ ରୋଗରେ ଆକ୍ରାନ୍ତ ତାହା ଜାଣିହେବ । ଏପରି ତଥ୍ୟ ସମ୍ପର୍କରେ ଆମେରିକାସ୍ଥିତ ହାର୍ଭାର୍ଡ ମେଡିକାଲ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ସୂଚନା ଦିଆଯାଇଛି । ରକ୍ତରେ ଦେଖାଯାଉଥିବା ଭାଇରସକୁ ସେମାନେ ଉକ୍ତ ଇନଷ୍ଟିଚ୍ୟୁଟ୍‌ର ବିଶେଷଜ୍ଞମାନେ ତନ୍ନତନ୍ନ କରି ପରୀକ୍ଷା କରି ଏପରି ସିଦ୍ଧାନ୍ତରେ ପହଞ୍ଚିଥିଲେ । ଉକ୍ତ ପଦ୍ଧତିକୁ 'ଭାୟରସ୍କାନ' ନାମରେ ନାମିତ କରାଯାଇଛି । ଏହାଦ୍ୱାରା ବିଶେଷଭାବରେ ଏଚଆଇଭି ଏବଂ ହେପାଟାଇଟିସ୍–ସି' ରୋଗ ବିଷୟରେ କେତେକାଂଶରେ ଜାଣିବେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଏହି ଗବେଷଣାରେ ପ୍ରାୟ ୯୩,୦୦୦ ଡିଏନ୍‌ଏକୁ ସାମିଲ କରାଯାଇଥିଲା ।



## ପ୍ରସ୍ତୁତ କରିହେବ ସ୍ପାଇଡର ସିଲ୍‌କ

ବୁଢ଼ିଆଣୀ ସୂତା ବା ସ୍ପାଇଡର ସିଲ୍‌କକୁ ଏଣିକି ଲାବରେଟୋରିରେ ପ୍ରସ୍ତୁତ କରିହେବ । ଏପରି ଉଦ୍ୟମ କରି ସଫଳ ହୋଇଛନ୍ତି ୱାଶିଂଟନ ୟୁନିଭର୍ସିଟିର ବୈଜ୍ଞାନିକମାନେ । ସେମାନେ କେତେକ ବ୍ୟାକ୍ଟେରିଆରେ ଥିବା ସିନ୍ଥେଟିକ ଫାଇବର ପ୍ରୋଟିନ୍‌କୁ ପ୍ରଥମେ ସଂଗ୍ରହ କରିଥିଲେ । ତା'ପରେ ଏହାକୁ ଆଧାର କରି ସ୍ପାଇଡର ସିଲ୍‌କ ପ୍ରସ୍ତୁତ କରାଯାଇଥିଲା । ତେବେ ଏହାକୁ କିପରି ଆହୁରି ଦୃଢ଼ କରାଯାଇପାରିବ ସେ ନେଇ ଉଦ୍ୟମ ଜାରି ରହିବ ବୋଲି ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ସଦ୍ୟତମ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।





## ରୋଗ ପ୍ରତିରୋଧକ ଶକ୍ତି ଓ ଡାଇବେଟିସ୍



ଡାଇବେଟିସ ଏପରି ଏକ ସମସ୍ୟା ଯାହା ଥରେ ଦେଖାଦେଲେ ତାହା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ । ଯଦି ଦୀର୍ଘ ମାସ ଧରି ଆପଣଙ୍କର ସୁଗାର ସ୍ତର ଅସନ୍ତୁଳିତ ରହିଲା ତେବେ ତାହା ଭବିଷ୍ୟତରେ ଅନେକ ସମସ୍ୟା ସୃଷ୍ଟିକରିବା ଯଥେଷ୍ଟ ଆଶଙ୍କା ରହିଛି । ଆମେରିକୀୟ ବିଶେଷଜ୍ଞଙ୍କ ଦ୍ୱାରା ଏକ ସଦ୍ୟତମ ସର୍ଭେରୁ ଏକଥା ଜଣାପଡ଼ିଛି । ଦୀର୍ଘବର୍ଷ ଧରି ଡାଇବେଟିସ୍‌ରେ ପୀଡ଼ିତ ବ୍ୟକ୍ତିଙ୍କର ସୁଗାର ସ୍ତର ଯଦି ସନ୍ତୁଳିତ ନ ରହିଲା ଏବଂ ମେଦବହୁଳତା ସମସ୍ୟା ଲାଗି ରହିଲା ତେବେ ତାହା ରୋଗ ପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରିଥାଏ । ଏହାଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କ ଶରୀରରେ ଏଚ୍‌ଆଇଭି ପରି ମାରାତ୍ମକ ଭୂତାଣୁ ବଂଶବିସ୍ତାର କରିବା ଯଥେଷ୍ଟ ଆଶଙ୍କା ରହିଛି । କାରଣ ସର୍ଭେ ସମୟରେ କେତେକ ଡାଇବେଟିସ୍ ରୋଗୀଙ୍କଠାରେ ଏଚ୍‌ଆଇଭି ଭାଇରସ ଦେଖିବାକୁ ମିଳିଥିଲା । ବାରମ୍ବାର ସୁଗାର ସ୍ତର ଅସନ୍ତୁଳିତ ରହିବା ଏହାର କାରଣ ବୋଲି ରିପୋର୍ଟରେ ଦର୍ଶାଯାଇଛି । ବିଶେଷଭାବରେ ବୟସ୍କ ବ୍ୟକ୍ତିଙ୍କଠାରେ ଏପରି ସମସ୍ୟା ଦେଖାଯିବା ଆଶଙ୍କା ରହିଛି ବୋଲି ଆମେରିକୀୟ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି ।

## ସ୍ୱାସ୍ଥ୍ୟ ସୂଚନା

- ସକାଳୁ ବିଛଣାରୁ ଉଠିବା ପୂର୍ବରୁ କିଛି ସମୟ ଷ୍ଟ୍ରେଚିଙ୍ଗ ଏକ୍ସରସାଇଜ କରନ୍ତୁ । ଏହାଦ୍ୱାରା ରକ୍ତ ସଞ୍ଚାଳନ ଏବଂ ପାଚନକ୍ରିୟା ଆହୁରି ସକ୍ରିୟ ହୋଇଥାଏ । କେବଳ ସେତିକି ନୁହେଁ ଏହାଦ୍ୱାରା ଅଣ୍ଟା ଦରଜ ଭଳି ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ ।
- ନିଜର ଦୈନନ୍ଦିନ କାମକୁ ନେଇ ଯେତେ ବ୍ୟସ୍ତ ରହିଲେ ମଧ୍ୟ ସକାଳେ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ । କାରଣ ଏହା ମାନସିକତାକୁ ସକାରାତ୍ମକ ରଖିବାରେ ଅନେକାଂଶରେ ସାହାଯ୍ୟ କରିଥାଏ ।
- ସବୁବେଳେ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ । ଜଙ୍କ ଫୁଡ୍ ଖାଇବା ଯଦି ଅଭ୍ୟାସରେ ପରିଣତ ହୋଇଯାଇଛି ତେବେ ଏଭଳି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ । କାରଣ ଜଙ୍କ୍ ଫୁଡ୍‌ଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ଶରୀର ପାଇଁ ସେତେ ଭଲ ।

## ସୁସ୍ଥ ରହିବ ଅସ୍ଥି

ଆମ ଶରୀରର ପ୍ରମୁଖ ଅଙ୍ଗ ମଧ୍ୟରୁ ଅସ୍ଥି ଅନ୍ୟତମ । ଏହା ଯଦି ଦୁର୍ବଳ ହୋଇଯାଏ ତେବେ ଆମେ କାମ କରିବା ତ ଅଲଗା କଥା, ଚାଲବୁଲ କରିପାରିବା ନାହିଁ । ଏହାର ଉପଯୁକ୍ତ ଯତ୍ନ ନ ନେଲେ ଆମକୁ ହୁଏତ ବାକି ଜୀବନ ବିଛଣାରେ ଶୋଇ ରହି କଟାଇବାକୁ ପଡ଼ିପାରେ । ତେବେ ଏହାକୁ କିପରି ସୁସ୍ଥ ରଖିବେ ସେ ବିଷୟରେ ଜାଣିବା ନିହାତି ଦରକାର । ପ୍ରଥମ କଥା ହେଲା ସନ୍ତୁଳିତ ଓଜନ । ତେଣୁ ଏଥିପ୍ରତି ଧ୍ୟାନ ଦିଅନ୍ତୁ । ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ରହିଛି । ଯଦି ଆପଣ ଅଧିକ ଥର ଚା' କିମ୍ବା ଥଣ୍ଡା ପାନୀୟ ପିଉଛନ୍ତି ତେବେ ଏଭଳି ଅଭ୍ୟାସ ତୁରନ୍ତ ପରିହାର କରନ୍ତୁ । କାରଣ ଏହାର ପ୍ରଭାବ ଅସ୍ଥି ଉପରେ ପଡିଥାଏ । ଅଧିକ ଲୁଣଜାତୀୟ ଖାଦ୍ୟ ଖାଇଲେ ଅସ୍ଥି ଧୀରେ ଧୀରେ ଦୁର୍ବଳ ହୋଇଥାଏ । ତେଣୁ ସେପରି ଖାଦ୍ୟ ଯେତେ କମ ଖାଇବେ ସେତେ ଭଲ । ନିଶାଦ୍ରବ୍ୟ ସେବନ କୁପ୍ରଭାବ ମଧ୍ୟ ଅସ୍ଥି ଉପରେ ପଡିଥାଏ । ଏପରି ଅଭ୍ୟାସ ଛାଡିବାକୁ ଚେଷ୍ଟା କରନ୍ତୁ । ଅସ୍ଥିକୁ ସୁସ୍ଥ ରଖିବା ପଛରେ ଭିଟାମିନ୍ 'ଡି'ର ପ୍ରମୁଖ ଭୂମିକା ରହିଛି ଆଉ ଏହାର ମୁଖ୍ୟ ଉତ୍ସ ହେଲା ସକାଳର ସୂର୍ଯ୍ୟକିରଣ । ଶରୀରରେ କ୍ୟାଲସିୟମ ପରିମାଣ ଅସନ୍ତୁଳିତ ରହିଲେ ଅସ୍ଥି ଦୁର୍ବଳ ହୋଇଯାଏ । ଏପରି ସମସ୍ୟାର ସମାଧାନ ପାଇଁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ । ଆଉ ଏକ ସରଳ ଉପାୟ ରହିଛି ଯାହାକୁ ଆପଣେଇଲେ ଅସ୍ଥି ସୁସ୍ଥ ରହିବ । ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ ।







> ଫାଇନାନ୍ସିଆଲ ଡିଷ୍ଟ୍ରିବ୍ୟୁଶନ ମାର୍କେଟରେ ନିଜର ଉପସ୍ଥିତି ବୃଦ୍ଧି କରିବା ଲାଗି ବଜାଜ୍ କ୍ୟାପିଟାଲ ଅଧିକ ପାଣ୍ଠି ଯୋଗାଡ଼ କରିବାକୁ ଉଦ୍ୟମ କରୁଛି।
> – ରାହୁଲ ପାରିଖ, ସିଇଓ,ବଜାଜ୍ କ୍ୟାପିଟାଲ



> ପରୋକ୍ଷ ଟିକସ ଆଦାୟ ଯଥେଷ୍ଟ ପରିମାଣରେ ହ୍ରାସ ପାଇଛି। ତେଣୁ କେନ୍ଦ୍ରୀୟ ଯୋଜନା ସଂଖ୍ୟା ହ୍ରାସ କରିବା ଦରକାର।
> – ଏନ୍.କେ.ସିଂ, ପଞ୍ଚଦଶ ଯୋଜନା ଆୟୋଗ ଅଧ୍ୟକ୍ଷ

## ସଂକ୍ଷେପରେ

### ଆର୍‌ଟିଜିଏସ୍, ଏନ୍‌ଇଏଫ୍‌ଟି ଫି ଛାଡ଼

**ନୂଆଦିଲ୍ଲୀ,୩୦-୬:** ସୋମବାରଠାରୁ ଆର୍‌ଟିଜିଏସ୍ ଓ ଏନ୍‌ଇଏଫ୍‌ଟି ବ୍ୟବସ୍ଥା ମାଧ୍ୟମରେ ଫଣ୍ଡ୍ ଟ୍ରାନ୍ସଫର କରିବା ପାଇଁ ଆଉ ଫିସ୍ ଦେବାକୁ ପଡିବ ନାହିଁ। ରିଜର୍ଭ ବ୍ୟାଙ୍କର ଘୋଷଣା ଅନୁଯାୟୀ ଏହା ସମ୍ପୂର୍ଣ୍ଣ ମାଗଣା ହେବ। ଜୁଲାଇ ପହିଲାରୁ ଏ ସମ୍ପର୍କରେ ଗ୍ରାହକଙ୍କୁ ମାଗଣା ସେବା ଯୋଗାଇ ଦେବା ଲାଗି ଆର୍‌ବିଆଇ ପକ୍ଷରୁ ସମସ୍ତ ବ୍ୟାଙ୍କକୁ ନିର୍ଦ୍ଦେଶ ଦିଆସରିଛି। ସୂଚନାଯୋଗ୍ୟ ଯେ, ରିୟଲ ଟାଇମ ଗ୍ରସ୍ ସେଟେଲମେଣ୍ଟ(ଆର୍‌ଟିଜିଏସ୍) ବ୍ୟବସ୍ଥାରେ ବଡ଼ ଧରଣର ପାଣ୍ଠି ପଠାଯାଇଥାଏ। ସେହିପରି ନ୍ୟାଶନାଲ ଇଲେକ୍ଟ୍ରୋନିକ ଫଣ୍ଡସ୍ ଟ୍ରାନ୍ସଫର(ଏନ୍‌ଇଏଫ୍‌ଟି) ବ୍ୟବସ୍ଥାରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫଣ୍ଡ୍ ଟ୍ରାନ୍ସଫର କରାଯାଇପାରିବ। ଦେଶର ସର୍ବବୃହତ ବ୍ୟାଙ୍କ ଏସ୍‌ବିଆଇ ଏନ୍‌ଇଏଫ୍‌ଟି ଜରିଆରେ ହେଉଥିବା ନେଣଦେଣ ପାଇଁ ୧ ଟଙ୍କାରୁ ୫ ଟଙ୍କା ଏବଂ ଆର୍‌ଟିଜିଏସ୍ ଜରିଆରେ ନେଣଦେଣ ପାଇଁ ୫ରୁ ୨୦ ଟଙ୍କା ଚାର୍ଜ ଅସୁଲ କରୁଛି। ଡିଜିଟାଲ କାରବାରକୁ ପ୍ରୋତ୍ସାହନ ଦେବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ପ୍ରୋସେସିଂ ଚାର୍ଜକୁ ପ୍ରତ୍ୟାହାର କରାଯାଇଛି।

### ୧୦୦ ଟଙ୍କା ଶସ୍ତା ହେଲା ଏଲ୍‌ପିଜି ସିଲିଣ୍ଡର

**ନୂଆଦିଲ୍ଲୀ,୩୦-୬:** ଅଣ ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦର ୧୦୦.୫୦ ଟଙ୍କା ହ୍ରାସ ପାଇଛି। ଜୁଲାଇ ପହିଲାରୁ ଏହା ଲାଗୁ ହୋଇଯିବ। ଫଳରେ ଦିଲ୍ଲୀରେ ଘରୋଇ ବ୍ୟବହାର ହେଉଥିବା ଅଣସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦର ୬୩୭ ଟଙ୍କା ହେବ। ଇଣ୍ଡିଆନ ଅଏଲ କର୍ପୋରେଶନ ପକ୍ଷରୁ ରବିବାର ଏ ସଂକ୍ରାନ୍ତରେ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଅନ୍ତରାଷ୍ଟ୍ରୀୟ ବଜାରରେ ଦର ହ୍ରାସ ପାଇବା ଏବଂ ଡଲାର-ଟଙ୍କା ବିନିମୟ ମୂଲ୍ୟରେ ସ୍ଥିରତା କାରଣରୁ ବିନା ସବ୍‌ସିଡିର ଏଲ୍‌ପିଜି ଦର ହ୍ରାସ ପାଇଛି।

### ଆୟକର ଛାଡ଼ ସୀମା ବଢ଼ିପାରେ
### ବିତ୍ତଶାଳୀଙ୍କ ଉପରେ ଲାଗିବ ୪୦% ଟିକସ: ସର୍ଭେ

**ନୂଆଦିଲ୍ଲୀ,୩୦-୬:** ଆସନ୍ତା ସାଧାରଣ ବଜେଟରେ ବ୍ୟକ୍ତିଗତ ଆୟକରଦାତାଙ୍କ ଲାଗି ଆୟକର ଛାଡ଼ ସୀମା ବର୍ତ୍ତମାନର ୨.୫ ଲକ୍ଷ ଟଙ୍କାରୁ ବୃଦ୍ଧି ପାଇପାରେ। ଏଥିସହିତ ୧୦ କୋଟି ଟଙ୍କାରୁ ଅଧିକ ଆୟ କରୁଥିବା ବ୍ୟକ୍ତିଙ୍କଠାରୁ ୪୦% ହାରରେ ଟିକସ ଆଦାୟ ଲାଗୁ ହୋଇପାରେ ବୋଲି ଏକ ସର୍ଭେରେ ଅନୁମାନ କରାଯାଇଛି। କେପିଏମ୍‌ଜି(ଇଣ୍ଡିଆ)ପକ୍ଷରୁ ୨୦୧୯-୨୦ ବଜେଟ ପୂର୍ବ ସର୍ଭେରେ ବିଭିନ୍ନ ଉଦ୍ୟୋଗ ସହ ସମ୍ପୃକ୍ତ ୨୨୬ ଜଣଙ୍କ ମତାମତକୁ ସାମିଲ କରାଯାଇଛି। ଏଥିରେ ସାମିଲ ୭୪% ଲୋକଙ୍କ ମତରେ ବ୍ୟକ୍ତିଗତ ଆୟକର ଛାଡ଼ ସୀମାକୁ ୨.୫ ଲକ୍ଷ ଟଙ୍କାରୁ ବୃଦ୍ଧି କରାଯିବ। ସେହିପରି ୫୮%ଙ୍କ ମତରେ ୧୦ କୋଟି ଟଙ୍କାରୁ ଅଧିକ ଆୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ସରକାର 'ସୁପର ରିଚ୍' ବା 'ବିତ୍ତଶାଳୀ' ଭାବେ ଉଲ୍ଲେଖ କରି ସେମାନଙ୍କ ଠାରୁ ୪୦% ହାରରେ ସର୍ବାଧିକ ଟିକସ ଆଦାୟ କରିବାକୁ ବଜେଟରେ ଘୋଷଣା କରିପାରନ୍ତି। ସର୍ଭେରେ ଅଂଶଗ୍ରହଣକାରୀ ୧୩% ମତରେ ଉତ୍ତରାଧିକାରୀ ଟିକସକୁ ପ୍ରତ୍ୟାହାର କରିନିଆଯାଇପାରେ। ଅନ୍ୟପକ୍ଷରେ ୧୦%ଙ୍କ ମତରେ ସମ୍ପଦ କର/ଇଷ୍ଟେଟ ଡ୍ୟୁଟିକୁ ପୁନର୍ବାର ଲାଗୁ କରାଯିବ ବୋଲି ସର୍ଭେରେ ଦର୍ଶାଯାଇଛି। ଘର ଚାହିଦା ବୃଦ୍ଧି କରିବା ଉଦ୍ଦେଶ୍ୟରେ ବଜେଟରେ ନିଜସ୍ୱ ବାସଯୋଗ୍ୟ ଘର ପାଇଁ ଆବାସ ଋଣ ଉପରେ ଦିଆଯାଉଥିବା ସୁଧ ଛାଡ଼ ସୀମାକୁ ୨ ଲକ୍ଷ ଟଙ୍କାରୁ ବୃଦ୍ଧି କରାଯାଇପାରେ ବୋଲି ୬୫% ଲୋକ ମତପୋଷଣ କରିଛନ୍ତି। ୫୧%ଙ୍କ ମତରେ ଗୃହ ଋଣ ବାବଦରେ ମୂଳ ଅର୍ଥ ଫେରସ୍ତ ପାଇଁ ୮୦ସି ଧାରାରେ ଛାଡ ସୀମାକୁ ୧.୫ଲକ୍ଷ ଟଙ୍କାରୁ ବୃଦ୍ଧି କରାଯାଇପାରେ।

### କ୍ରେଡାଇ ଓଡ଼ିଶା ପକ୍ଷରୁ ବାତ୍ୟା ପ୍ରଭାବିତଙ୍କୁ ସହାୟତା

**ଭୁବନେଶ୍ୱର,୩୦-୬:** କ୍ରେଡାଇ ଓଡ଼ିଶା ପକ୍ଷରୁ ବାତ୍ୟା ପ୍ରଭାବିତଙ୍କ ପୁନର୍ବାସ ଲାଗି ଗୃହ ନିର୍ମାଣ ସାମଗ୍ରୀ ପ୍ରଦାନ କରାଯାଇଛି। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କ ଉପସ୍ଥିତିରେ ପଦ୍ମକେଶରୀପୁର, ଇଞ୍ଜନା ଏବଂ ପଟିଆ ଗ୍ରାମର କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ଦିଆଯାଇଥିଲା। ରୁଫଟପ୍ ମେଟାଲଶିଟ, ସୋଲାର ଲ୍ୟାମ୍ପ, ମୋବାଇଲ ଚାର୍ଜର ଭଳି ସାମଗ୍ରୀ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ଅବସରରେ କ୍ରେଡାଇ ଓଡ଼ିଶା ଅଧ୍ୟକ୍ଷ ଡି.ଏସ୍.ତ୍ରିପାଠୀ, ସଭାପତି ସ୍ୱଦେଶ କୁମାର ରାଉତରାୟ, ଉପାଧ୍ୟକ୍ଷ ବିନୟକୃଷ୍ଣ ଦାସ, ଉପସଭାପତି ଉମେଶ ଖଣ୍ଡେଲୱାଲ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ପାତ୍ର, ସମ୍ପାଦକ ଅନିଲ କୁମାର ଅଗ୍ରୱାଲ, ସିଏସ୍‌ଆର୍ କମିଟି ଅଧ୍ୟକ୍ଷ ସଂଗ୍ରାମ କେଶରୀ ସାହୁ, ସୋଫିଆ ଫିରଦୋଶ ଏବଂ କ୍ରେଡାଇ କଟକ ସଭାପତି ଆର୍.ପି.ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଏସ୍‌ଟିର ୨ ବର୍ଷ ପୂର୍ତ୍ତି ପାଳନ ଅବସରରେ
# ଆଜିଠୁ ଲାଗୁ ହେବ ନୂଆ ରିଟର୍ନ ସିଷ୍ଟମ

**ନୂଆଦିଲ୍ଲୀ,୩୦-୬**




ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଲାଗୁ ହେବାର ଦୁଇବର୍ଷ ପୂର୍ତ୍ତି ପାଳନ ଅବସରରେ କେନ୍ଦ୍ର ସରକାର ସୋମବାର ଠାରୁ ଏକ ନୂଆ ରିଟର୍ନ ବ୍ୟବସ୍ଥା ଲାଗୁ କରିବେ। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏହି ଅବସରରେ ପରୋକ୍ଷ ଟିକସ ବ୍ୟବସ୍ଥାରେ କେତେକ ସଂସ୍କାର ଘୋଷଣା କରାଯିବ। ଏଥିରେ ନୂଆ ରିଟର୍ନ ବ୍ୟବସ୍ଥା, କ୍ୟାଶ ଲେଜର ସିଷ୍ଟମ(ନଗଦ ଖାତା ପ୍ରଣାଳୀ)କୁ ତର୍କସଙ୍ଗତ କରିବା ଏବଂ ସିଙ୍ଗଲ ରିଫଣ୍ଡ ଡିସ୍‌ବର୍ସିଙ୍ଗ ମେକାନିଜମ ସମେତ ଅନ୍ୟ କେତେକ ପ୍ରସଙ୍ଗ ସାମିଲ ହୋଇଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ରବିବାର ଏକ ବିବୃତି ଜାରି କରି କୁହାଯାଇଛି ଯେ, ସୋମବାର ଜିଏସ୍‌ଟି ଲାଗୁ ହେବାର ବର୍ଷପୂର୍ତ୍ତି ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅର୍ଥ ଏବଂ କର୍ପୋରେଟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ଅଧ୍ୟକ୍ଷତା କରିବେ। ତାଙ୍କ ସହିତ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଏବଂ ଅଧିକାରୀ ରହିବେ। ଏଥିରେ କୁହାଯାଇଛି ଯେ, ଭାରତୀୟ ଅର୍ଥନୀତିରେ ଜିଏସ୍‌ଟି ଏକ ଗେମ୍‌ଚେଞ୍ଜର ହୋଇଛି। ଜଟିଳ ପରୋକ୍ଷ ଟିକସ ଢାଞ୍ଚାକୁ ଜିଏସ୍‌ଟି ମାଧ୍ୟମରେ ସରଳ, ସ୍ୱଚ୍ଛ ଓ ଟେକ୍ନୋଲୋଜି ଫ୍ରେଣ୍ଡଲି କରାଯାଇଛି। ଜୁଲାଇ ପହିଲାରୁ ଟ୍ରାଏଲ ଭିତ୍ତିରେ ରିଟର୍ନ ସିଷ୍ଟମ ଲାଗୁ କରାଯିବ ଏବଂ ଅକ୍ଟୋବର ପହିଲାରୁ ଏହାକୁ ବାଧ୍ୟତାମୂଳକ କରାଯିବ। ମନ୍ତ୍ରଣାଳୟର କହିବାନୁଯାୟୀ, କ୍ଷୁଦ୍ର ଟିକସଦାତାଙ୍କ ଲାଗି ସହଜ ଏବଂ ସୁଗମ ରିଟର୍ନ ବ୍ୟବସ୍ଥା ଲାଗି ପ୍ରସ୍ତାବ ଦିଆଯାଇଛି।

## ପେଟ୍ରୋଲ, ଡିଜେଲକୁ ଜିଏସ୍‌ଟି ଅଧୀନକୁ ଆଣିବା
### ଜିଏସ୍‌ଟି କାଉନସିଲ ନିଷ୍ପତ୍ତି ନେବ: ଧର୍ମେନ୍ଦ୍ର



**ନୂଆଦିଲ୍ଲୀ,୩୦-୬:** ପେଟ୍ରୋଲ, ଡିଜେଲ, ବିମାନ ଇନ୍ଧନ ଓ ପ୍ରାକୃତିକ ବାଷ୍ପକୁ ଜିଏସ୍‌ଟି ଅଧୀନକୁ ଆଣିବା ଲାଗି ଜିଏସ୍‌ଟି କାଉନସିଲ୍ ନିଷ୍ପତ୍ତି ନେବ ବୋଲି ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସଂସଦରେ କହିଛନ୍ତି। ରାଜ୍ୟ ସଭାରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଯେ, ସମ୍ବିଧାନର ଧାରା ୨୭୯ଏ(୫) ଜିଏସ୍‌ଟି କାଉନସିଲ ପେଟ୍ରୋଲିୟମ ପଦାର୍ଥକୁ ଜିଏସ୍‌ଟି ଅଧୀନକୁ ଆଣିବା ନେଇ ତାରିଖ ଘୋଷଣା କରିପାରିବ। ସିଜିଏସ୍‌ଟି ଆଇନର ଧାରା ୯(୨) ଅନୁଯାୟୀ,ପେଟ୍ରୋଲ, ଡିଜେଲ ସମେତ ପେଟ୍ରୋଲିୟମ ପଦାର୍ଥକୁ ଜିଏସ୍‌ଟି ଅଧୀନକୁ ଆଣିବା ଲାଗି ଜିଏସ୍‌ଟି କାଉନସିଲ୍‌ର ଅନୁମୋଦନ ଆବଶ୍ୟକ। କାଉନସିଲରେ କେନ୍ଦ୍ର,ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀମାନେ ସଦସ୍ୟ ରହିଛନ୍ତି। ଏଣୁ କାଉନସିଲ୍ ହିଁ ପେଟ୍ରୋଲିମ ପଦାର୍ଥ ଉପରେ ଜିଏସ୍‌ଟି ଆଦାୟ ନେଇ ନିଷ୍ପତ୍ତି ନେଇପାରିବେ ବୋଲି ପ୍ରଧାନ ସ୍ପଷ୍ଟ କରିଛନ୍ତି।



## କାର ଜିତିଲେ ବଜାର କୋଲକାତା ଗ୍ରାହକ

**କଟକ,୩୦-୬**

ପ୍ରମୁଖ ରିଟେଲ ଚେନ୍ ବଜାର କୋଲକାତାର ଭାଗ୍ୟଶାଳୀ ଗ୍ରାହକ ଭାବେ କଟକର ପ୍ରାଣକୃଷ୍ଣ ଭୋଇ ଏକ ରେନୋ କ୍ୱିଡ କାର ଜିତିବାକୁ ସକ୍ଷମ ହୋଇଛନ୍ତି। ବଜାର କୋଲକାତା ପକ୍ଷରୁ କଟକର ଦୋଳମୁଣ୍ଡାଇଠାରେ ଖୋଲାଯାଇଥିବା ନୂଆ ଷ୍ଟୋରରୁ କ୍ରୟ ଉପରେ ଶୁକ୍ରବାର ଅନୁଷ୍ଠିତ ଲକି ଡ୍ର'ରେ ଭୋଇ ଭାଗ୍ୟଶାଳୀ ବିଜେତା ହୋଇଛନ୍ତି। ଇଦ୍ ଏବଂ ରଜପର୍ବ ଉପଲକ୍ଷେ ୨୦୦୦ ଟଙ୍କାର କ୍ରୟ ଉପରେ ଲକି ଡ୍ର କୁପନ ବ୍ୟବସ୍ଥା କରାଯାଇଥିଲା। ଷ୍ଟୋର ମ୍ୟାନେଜର ଗଙ୍ଗାଧର ରାୟ ଏବଂ ବଜାର କୋଲକାତାର ରିଟେଲ ମୁଖ୍ୟ ଦୀପକ ଲାଲ ଭୋଇଙ୍କୁ କାରର ଚାବି ହସ୍ତାନ୍ତର କରିଥିଲେ। ଏଥିରେ ମାର୍କେଟିଂ ମୁଖ୍ୟ ଉମେଶ ଶର୍ମା, ରାଜୀବ ଝା, ନିର୍ଦ୍ଦେଶକ ରମେଶ ଖେମକା ପ୍ରମୁଖ ଉପସ୍ଥିତ ଥିଲେ। ସାରା ଦେଶରେ କମ୍ପାନୀ ୭୦ ଷ୍ଟୋର ସହ ସେବା ଯୋଗାଉଛି। ଓଡ଼ିଶାରେ ଏହାର ୧୮ଟି ଷ୍ଟୋର ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।




## ଯାଜପୁର ରୋଡ୍‌ରେ ଗୋ-ଷ୍ଟେପ୍ ଶୋ'ରୁମ

**ଭୁବନେଶ୍ୱର,୩୦-୬**

ରାମ୍‌ଜୀ ଏଣ୍ଟରପ୍ରାଇଜେସର ଦ୍ୱିତୀୟ ଚେନ୍ ଷ୍ଟୋର ଗୋଷ୍ଟେପ୍ ଯାଜପୁର ରୋଡଠାରେ ଖୋଲିଛି। ଏଠାରେ ଗ୍ରାହକ ପ୍ରିମିୟମ ଫୁଟୱେର ପ୍ରଡକ୍ଟ ଲାଭ କରିପାରିବେ। ମହିଳା, ପୁରୁଷ ଏବଂ ଶିଶୁଙ୍କ ବର୍ଗରେ ଏଠାରେ ପ୍ରଡକ୍ଟ ଉପଲବ୍ଧ। ଷ୍ଟୋରରେ ଗ୍ରାହକମାନେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ବ୍ରାଣ୍ଡଗୁଡିକ ଲାଭ କରିପାରିବେ। ନାଇକ୍, ସ୍କେଚର୍ସ, ଲିବର୍ଟି, ଲିକୁପର, ରେଡ୍‌ଚିପ୍, ଉଡ୍‌ଲ୍ୟାଣ୍ଡ, ଟ୍ରେସର, ଡ୍ୟୁକ୍,ହିଟ୍‌ଜ, ଆଇଡି ଭଳି ଅନ୍ୟ ପ୍ରମୁଖ ବ୍ରାଣ୍ଡର ପ୍ରଡକ୍ଟ ଏଠାରେ ରହିଛି। ରାଜ୍ୟର ପ୍ରମୁଖ ସହରରେ ଏଭଳି ଆଉ ୫ ଷ୍ଟୋର ଖୋଲିବା ନେଇ ଯୋଜନା ରହିଥିବା ରାମ୍‌ଜୀ ଏଣ୍ଟରପ୍ରାଇଜେସର ସ୍ୱତ୍ୱାଧିକାରୀ ସଞ୍ଜୟ ଲୋହିଆ ସୂଚନା ଦେଇଛନ୍ତି। ଗ୍ରାହକଙ୍କୁ ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ଯୋଗାଣ ଦିଗରେ ଚେଷ୍ଟା ଜାରି ରହିବ ବୋଲି ଶୋ'ରୁମ ଓନର ଶୈଳେଶ ତ୍ରିପାଠୀ କହିଛନ୍ତି।

## ଏଆର୍‌ସିସି ଚତୁର୍ଥ ରାଉଣ୍ଡରେ ହୋଣ୍ଡା ଟିମ୍

**ଭୁବନେଶ୍ୱର,୩୦ -୬**

ଏଫ୍‌ଆଇଏମ୍ ଏସିଆନ୍ ରୋଡ୍ ରେସିଂ ଚାମ୍ପିୟନଶିପର ଚତୁର୍ଥ ରାଉଣ୍ଡରେ ଭାଗନେବା ଲାଗି ହୋଣ୍ଡାର ଭାରତୀୟ ଟିମ୍ ଆଇଡେମିଶୁ ହୋଣ୍ଡା ରେସିଂ ଇଣ୍ଡିଆ ଟିମ୍ ଜାପାନରେ ପହଞ୍ଚିଛି। ସେଠାକାର ସୁଜୁକା ସର୍କିଟରେ ଏହି ଟିମ୍ ରେସିଂରେ ଯୋଗଦେବ। ଚଳିତ ସିଜନରେ ହୋଣ୍ଡା ଭାରତୀୟ ଟିମ୍ ୨୨ ପଏଣ୍ଟ ହାସଲ କରି ଏସିଆ ପ୍ରଡକ୍ସନ ୨୫୦ ଶ୍ରେଣୀରେ ଶ୍ରେଷ୍ଠ ୭ ମଧ୍ୟରେ ସ୍ଥାନିତ ହୋଇଛି। ଆମର ଭାରତୀୟ ଟିମ୍ ପାଇଁ ୨୦୧୯ ବର୍ଷ ବହୁତ ଭଲ ସାବ୍ୟସ୍ତ ହୋଇଛି ବୋଲି ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡର ବ୍ରାଣ୍ଡ ଆଣ୍ଡ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି।

## ଡବ୍ଲ୍ୟୁସିଓ ନିର୍ଦ୍ଦେଶକ ନିର୍ବାଚିତ ହେଲେ ପ୍ରଣବ ଦାସ

**ଭୁବନେଶ୍ୱର,୩୦-୬**

ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ପ୍ରଣବ ଦାସ ବ୍ରୁସେଲସ୍ଥିତ ବିଶ୍ୱ ସୀମା ଶୁଳ୍କ ପ୍ରତିଷ୍ଠାନ (ଡବ୍ଲ୍ୟୁସିଓ)ର ନିର୍ଦ୍ଦେଶକ ନିର୍ବାଚିତ ହୋଇଛନ୍ତି। ଜଣେ ଓଡ଼ିଆ ତଥା ପ୍ରଥମ ଭାରତୀୟ ଭାବେ ଦାସ ଏଭଳି ପଦବୀକୁ ନିର୍ବାଚିତ ହୋଇଥିବାରୁ ସେ ରାଜ୍ୟ ତଥା ଦେଶ ଲାଗି ଗୌରବ ଆଣିଛନ୍ତି। ୫ ବର୍ଷ ଲାଗି ଉକ୍ତ ପଦବୀରେ ସେ କାର୍ଯ୍ୟ କରିବେ। ଦାସ ବର୍ତ୍ତମାନ ପରୋକ୍ଷ ଟିକସର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣକାରୀ ସଂସ୍ଥା କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି)ର ଅଧ୍ୟକ୍ଷ ଭାବେ ଅବସ୍ଥାପିତ। ଡବ୍ଲ୍ୟୁସିଓ ୧୮୩ ସଦସ୍ୟ ବିଶିଷ୍ଟ ଏକ ଅନ୍ତର୍ଜାତୀୟ ପ୍ରତିଷ୍ଠାନ। ଉକ୍ତ ପଦବୀ ଲାଗି ହୋଇଥିବା ନିର୍ବାଚନରେ ବ୍ରିଟେନର କଷ୍ଟମ ଅଧିକାରୀଙ୍କୁ ପଛରେ ପକାଇ ଦାସ ଅନୁପାଳନ ଏବଂ ଫାସିଲିଟେଶନ ନିର୍ଦ୍ଦେଶକ ନିର୍ବାଚିତ ହୋଇଥିବା ସିବିଆଇସି ପକ୍ଷରୁ ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି। ଦାସ ୧୦୮ ଭୋଟ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱିଙ୍କୁ ୬୮ ଭୋଟ ମିଳିଥିଲା। ଦାସଙ୍କ ପୂର୍ବରୁ ଦେଶର ୩ କଷ୍ଟମ ଅଧିକାରୀ ଏହି ପଦବୀ ଲାଗି ପ୍ରତିଦ୍ୱନ୍ଦ୍ୱୀତା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଚଳିତ ବର୍ଷ ଜାନୁୟାରୀରେ କେନ୍ଦ୍ର ସରକାର ତାଙ୍କୁ ସିବିଆଇସିର ଅଧ୍ୟକ୍ଷ ପଦବୀରେ ନିଯୁକ୍ତ କରିଥିଲେ। ସେ ଭୁବନେଶ୍ୱରସ୍ଥିତ ବିଜେବି କଲେଜରୁ ସ୍ନାତକ ଏବଂ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ସିଭିଲ ଓକିଲ ସ୍ୱର୍ଗତ ରମେଶ ଚନ୍ଦ୍ର ଦାସଙ୍କ ସେ ପୁତ୍ର।




ରାଜ୍ୟ ଜଳ ବିଦ୍ୟୁତ ନିଗମ (ଓଏଚ୍‌ପିସି) ପକ୍ଷରୁ ଫନୀ ପ୍ରଭାବିତଙ୍କ ଲାଗି ୨୭.୮୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଉଛି। ନିଗମ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହି ଚେକ୍ ଦିଆଯାଉଛି। ନିଗମର ସିଏମ୍‌ଡି ବିଶାଲ କୁମାର ଦେବ, ବିତ୍ତ ନିର୍ଦ୍ଦେଶକ ପ୍ରଭାକର ମହାନ୍ତି, ମାନବ ସମ୍ବଳ ନିର୍ଦ୍ଦେଶକ ଡ. ପ୍ରବୋଧ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଅଛନ୍ତି।

## ନୂଆ ରଙ୍ଗରେ ଆସିଲା ଟିଭିଏସ୍ ଏନ୍‌ଟର୍କ

**ହୋସୁର,୩୦-୬**

ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ଏହାର ଲୋକପ୍ରିୟ ସ୍କୁଟର ମଡେଲ ଏନ୍‌ଟର୍କ ୧୨୫ ନୂଆ ମେଟ୍ ସିଲଭର ରଙ୍ଗରେ ବଜାରକୁ ଆସିଛି। କମ୍ପାନୀ ଏହାକୁ ଦେଶର ପ୍ରଥମ କନେକଟେଡ ସ୍କୁଟର ଭାବେ ବଜାରକୁ ଆଣିଥିଲା। ଏହା ୨୦୧୮-୧୯ ଆର୍ଥିକ ବର୍ଷରେ ସବୁଠାରୁ ଅଧିକ ଆୱାର୍ଡ ଲାଭ କରିଥିବା ସ୍କୁଟର ଭାବେ ପରିଗଣିତ ହେଉଛି। ଏହାକୁ ବିଚାର କରି ସ୍କୁଟର ଅଫ୍ ଦି ଇୟର ଚିହ୍ନକୁ କମ୍ପାନୀ ଯାନଗୁଡିକରେ ସ୍ଥାନିତ କରିବ। ୨୦୧୮ ଫେବୃୟାରୀ ବଜାରକୁ ଆସିଥିବା ଏହି ଯାନ ଯୁବବର୍ଗଙ୍କ ଚାହିଦାକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଥିଲା। ଅଟୋମୋଟିଭ କ୍ଷେତ୍ରରେ ୯ ଇଣ୍ଡଷ୍ଟ୍ରି ଆୱାର୍ଡ ଏହା ବର୍ତ୍ତମାନ ସୁଦ୍ଧା ଲାଭ କରିଛି। ଗ୍ରାହକ ଏବଂ ଅଂଶୀଦାରଙ୍କଠାରୁ ଏହା ଉନ୍ନତ ରେସପନ୍ସ ଲାଭ କରିଛି। ମଡେଲଟି ୨ ଲକ୍ଷ ୟୁନିଟ ବିକ୍ରି ସ୍ତର ଟପିଛି। ଏଥିରେ ପରଫରମାନ୍ସ, ଷ୍ଟାଇଲ ଏବଂ ଟେକ୍ନୋଲୋଜିକୁ ପ୍ରାଥମିକତା ଦିଆଯାଇଥିବା ଟିଭିଏସ୍ ପକ୍ଷରୁ ସୂଚନା ରହିଛି। ଟିଭିଏସ୍‌ର ସ୍ମାର୍ଟଜୋନେକ୍ଟ ସହ ସିଙ୍ଗଲ ସିଲିଣ୍ଡର, ୪ ଷ୍ଟ୍ରୋକ, ୩ ବଲବ, ଏୟାର କୁଲ୍‌ଡ ଏସ୍‌ଓଏଚ୍‌ସି ଇଞ୍ଜିନ ଭଳି ଅନ୍ୟ ଷ୍ଟେଟ ଅଫ୍ ଆର୍ଟ ଫିଚର ଏଥିରେ ରହିଛି। ଯାନଟି ମେଟ ୟେଲୋ, ମେଟ ହ୍ୱାଇଟ, ମେଟ୍ ରେଡ, ମେଟାଲିକ ବ୍ଲୁ, ମେଟାଲିକ ଗ୍ରେ ଏବଂ ମେଟାଲିକ ରେଡ ରଙ୍ଗ ସହ ଆସୁଛି। ମେଟ୍ ସିଲଭର ମଡେଲଟି ଡିସ୍କ ଭାରିଆଣ୍ଟରେ ଆସୁଛି।

# ବିଆର୍ ଲାଇଫ୍ କଳିଙ୍ଗ ହେବ ପ୍ରମୁଖ ସ୍ୱାସ୍ଥ୍ୟ ସେଣ୍ଟର

**ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିଆର୍ ଲାଇଫ୍ ଗ୍ରୁପ ଏକ ଲୋକପ୍ରିୟ ନାମ। ଏହା ବର୍ତ୍ତମାନ ଭୁବନେଶ୍ୱର ସମେତ ବାଙ୍ଗାଲୋର, ତ୍ରିଭେନ୍ଦ୍ରମ, ଉଡୁପି ଭଳି ସ୍ଥାନରେ ୫ ହସ୍ପିଟାଲ ସହ ସେବା ଯୋଗାଉଛି। ଦେଶର ବିଭିନ୍ନ ସ୍ଥାନରେ ଏହା ହସ୍ପିଟାଲ ଅଧିଗ୍ରହଣ ସହ ନୂଆ ଫାସିଲିଟି ସ୍ଥାପନ କରୁଛି। ଭୁବନେଶ୍ୱରର କଳିଙ୍ଗ ହସ୍ପିଟାଲକୁ ଅଧିଗ୍ରହଣ କରିବା ପରେ ଏହାକୁ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସେଣ୍ଟର ଭାବେ ଗଢି ତୋଳିବା ନେଇ ଗ୍ରୁପ ଲକ୍ଷ୍ୟ ରଖିଛି। ଦେଶର ହେଲ୍‌ଥ କେୟାର ସିଷ୍ଟମ ଏବଂ ଗ୍ରୁପର ଯୋଜନା ସମ୍ପର୍କରେ ଧରିତ୍ରୀକୁ ଏହାର ସିଇଓ କଲୋନେଲ ହେମରାଜ ସିଂ ପାରମାର ଦେଇଥିବା ସାକ୍ଷାତ୍‌କାର...**



କଲୋନେଲ ହେମରାଜ ସିଂ ପାରମାର
ସିଇଓ, ବିଆର୍ ଲାଇଫ୍

**■ ଦେଶର ୧.୩ ବିଲିୟନ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ନେଇ କର୍ପୋରେଟ ହେଲଥ କେୟାର ସିଷ୍ଟମ ସକ୍ଷମ ହୋଇଛି କି? କ'ଣ କହିବେ।**

ସରକାର ବର୍ତ୍ତମାନ ଆୟୁଷ୍ମାନ ଭାରତ ଭଳି ସ୍ୱାସ୍ଥ୍ୟ ଯୋଜନା ଆଣିଛନ୍ତି। ଏହା ଦ୍ୱାରା ୪୦-୫୦ କୋଟି ଲୋକ ଲାଭବାନ ହୋଇପାରିବେ। ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଲୋକମାନେ ମାଗଣା ପାଇ ପାରିବେ। ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଗାଣ ଦିଗରେ ଏହା ପ୍ରଥମ ପଦକ୍ଷେପ ଭାବେ କାର୍ଯ୍ୟ କରିବ। ଏ କ୍ଷେତ୍ରରେ ଘରୋଇ କ୍ଷେତ୍ରର ହସ୍ପିଟାଲ ଗୁଡିକ ପ୍ରମୁଖ ଭାଗୀଦାରି ରହିବେ।

**■ ବିଆର୍ ଲାଇଫ୍ କଳିଙ୍ଗରେ ସୁଲଭ ସ୍ୱାସ୍ଥ୍ୟ ସେବାକୁ କେମିତି ବିଚାର କରୁଛନ୍ତି?**

ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଣକୁ ଅଗ୍ରାଧିକାର ଦେଉଛୁ। ଓଡ଼ିଶାରେ ଏବେବି ଉନ୍ନତ ସ୍ୱାସ୍ଥ୍ୟସେବାର ଅଭାବ ରହିଛି। ଲୋକଙ୍କୁ ଅନେକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ହସ୍ପିଟାଲ ସଂଖ୍ୟା ମଧ୍ୟ କମ୍ ରହିଛି। ଲୋକେ ରାଜ୍ୟ ବାହାରକୁ ଚିକିତ୍ସା ପାଇଁ ଯାଉଛନ୍ତି। ଏଠାରେ ଗୁଣବତ୍ତା ସ୍ୱାସ୍ଥ୍ୟ ସେବା ପ୍ରଦାନ ଆମ ଗ୍ରୁପ ଅଧ୍ୟକ୍ଷ ଡ.ବି.ଆର୍. ସେଟ୍ଟୀଙ୍କ ଲକ୍ଷ୍ୟ। ଅନ୍ୟ କର୍ପୋରେଟ ହସ୍ପିଟାଲ ତୁଳନାରେ ମେଡିକାଲ ଖର୍ଚ୍ଚକୁ ୨୦ରୁ ୩୦% କମ୍ ରଖିବାକୁ ଗୁରୁତ୍ୱ ଦେବୁ।

**■ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନିବେଶ କରୁଥିବା ସଂସ୍ଥାଗୁଡିକ ଲାଗି ରାଜ୍ୟ ସରକାରଙ୍କ ସହଯୋଗ କିଭଳି ରହିଛି?**

ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରଖି ଆଗକୁ ବଢୁଛୁ। ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହସ୍ପିଟାଲରେ କାର୍ଯ୍ୟକାରୀ ହୋଇଛି। ଆୟୁଷ୍ମାନ ଭାରତ ଲାଇନ୍‌ଅପରେ କାର୍ଯ୍ୟ କରିବୁ। ଶୀଘ୍ର କଳିଙ୍ଗ ହସ୍ପିଟାଲରେ ୭୦ ଅତିରିକ୍ତ ବେଡ୍ ସଂଯୋଗ କରାଯିବ। ୬ ନୂଆ ଷ୍ଟେଟ ଅଫ୍ ଆର୍ଟ ଓଟି, ଆଇସିୟୁ, କନ୍‌ସଲଟେଶନ ରୁମ ଏବଂ ଏମ୍‌ଆର୍‌ଆଇ ଭିତ୍ତିଭୂମିର ଉନ୍ନତୀକରଣ ହେବ। ଗ୍ରୁପ ପକ୍ଷରୁ ଏଠାରେ ନୂଆ ମେଡିକାଲ କଲେଜ ସ୍ଥାପନ ନେଇ ବିଚାର କରାଯାଉଛି। ସେହିଭଳି ରାଜ୍ୟର କିଛି ମେଡିକାଲକୁ ଅଧିଗ୍ରହଣ ପାଇଁ ଚିନ୍ତା କରୁଛୁ। ରାଜ୍ୟ ସରକାରଙ୍କ ସହ ବିଭିନ୍ନ ଯୋଜନା ନେଇ ଆଲୋଚନା ଜାରି ରହିଛି। ରାଜ୍ୟରେ ସମ୍ପ୍ରସାରଣ ଧାରା ଜାରି ରଖିବୁ।

**■ ମେଡିକାଲ ବର୍ଜ୍ୟ ପରିଚାଳନା ନେଇ ହସ୍ପିଟାଲ କିଭଳି ପଦକ୍ଷେପ ନେଉଛି?**

ହସ୍ପିଟାଲରୁ ବାହାରୁ ଥିବା ମେଡିକାଲ ବର୍ଜ୍ୟର ପରିଚାଳନା ଲାଗି ଯତ୍ନବାନ ଅଛୁ। ହସ୍ପିଟାଲ ପରିସରରେ ଅତ୍ୟାଧୁନିକ ମେଶିନେରୀ ବ୍ୟବସ୍ଥା ସ୍ଥାପନ କରିଛୁ। ସଂକ୍ରମଣ ନିୟନ୍ତ୍ରଣ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ନିୟମ ଅନୁସାରେ ପଦକ୍ଷେପ ନେଉଛୁ।

**■ ଅନ୍ୟ କର୍ପୋରେଟ ହସ୍ପିଟାଲ ତୁଳନାରେ ବିଆର୍ ଲାଇଫ କଳିଙ୍ଗ କାହିଁକି ସ୍ୱତନ୍ତ୍ର?**

କଳିଙ୍ଗ ହସ୍ପିଟାଲ ଉପରେ ଗତ ୨୦ ବର୍ଷ ହେବ ଲୋକଙ୍କର ଭରସା ରହି ଆସିଛି। ଏହାକୁ ଆମେ ଆହୁରି ଦୃଢ କରିବୁ। ନୂଆ ଟେକ୍ନୋଲୋଜି ଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ହାର୍ଟ, ଲଙ୍ଗ୍, କିଡନୀ, ପାନକ୍ରିଆଜ, କର୍ଣ୍ଣିଆଲ ପ୍ରତ୍ୟାରୋପଣ ଏବଂ ଅନ୍ୟ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ଯୋଗାଣ ଲକ୍ଷ୍ୟ ରହିଛି। ଏଠାରେ ନୂଆ ସେଣ୍ଟର ଅଫ୍ ଏକ୍ସିଲେନ୍ସ କରିବୁ। ଏଗୁଡିକ ଅନ୍‌କୋଲୋଜି, ଟ୍ରାନ୍ସପ୍ଲାଣ୍ଟେଶନ ପ୍ରୋଗ୍ରାମ, ନ୍ୟୁରୋ ସାଇନ୍ସ, କାର୍ଡିଆକ୍ ସାଇନ୍ସ, ଆଇଭିଏଫ୍ ଏଣ୍ଡ୍ରୋଲୋଜି, ବୋନମାରୋ ଟ୍ରାନ୍ସପ୍ଲାଣ୍ଟେଶନ ବର୍ଗରେ ଆସିବ।

**■ ଦେଶର ମୋଟ ଜିଡିପିର ବହୁତ ସ୍ୱଳ୍ପ ଅଂଶ ସ୍ୱାସ୍ଥ୍ୟ କ୍ଷେତ୍ରରେ ଖର୍ଚ୍ଚ ହେଉଛି। ଏହାକୁ ନେଇ ଆପଣଙ୍କ ମତ କ'ଣ?**

ଭାରତ ହେଲ୍‌ଥ କେୟାର କ୍ଷେତ୍ରରେ ମୋଟ ଜିଡିପିର ୪.୭% ଖର୍ଚ୍ଚ କରୁଛି। ଏହା ଆଖି ଦୃଶିଆ ନୁହେଁ। ଆମେରିକା ଏ କ୍ଷେତ୍ରରେ ପ୍ରାୟ ୧୮% ଖର୍ଚ୍ଚ କରୁଥିବା ବେଳେ ଏହା ୨୫% ବଢିବା ନେଇ ଆକଳନ କରାଯାଇଛି। ଆମେରିକାର ହେଲ୍‌ଥ କେୟାର ଶିଳ୍ପ ମଧ୍ୟ ବଡ। ଦେଶର ଜନସଂଖ୍ୟା ଆମେରିକାଠାରୁ ୪ ଗୁଣ ଅଧିକ। ଏଣୁ ଏ କ୍ଷେତ୍ରରେ ଅନେକ କାମ କରିବାର ବାକି ରହିଛି। ଏ ଦିଗରେ ବିଆର୍ ଲାଇଫ୍ ନିଜର ଯୋଗଦାନ ରଖୁଛି।

**■ ଆଗାମୀ ୫ ବର୍ଷରେ ବିଆର୍ ଲାଇଫ୍ ଦେଶର ହେଲ୍‌ଥ କେୟାର ସିଷ୍ଟମକୁ କିଭଳି ଯୋଗଦାନ ରଖିବ ବୋଲି ଆଶା କରୁଛନ୍ତି?**

ଆଗାମୀ ୫ ବର୍ଷରେ ୧୦ରୁ ୧୫ ହଜାର ବେଡ୍ ସଂଯୋଗ କରିବାକୁ ଲକ୍ଷ୍ୟ ରଖିଛୁ। ୮ରୁ ୧୦ ବର୍ଷ ମଧ୍ୟରେ ପ୍ରାୟ ୨୦ ହଜାର ବେଡ୍ ସଂଯୋଗ ଯୋଜନା ରଖାଯାଇଛି।

– ରିପୋର୍ଟ: ସତ୍ୟାନନ୍ଦ ନାୟକ





# ରୋହିତଙ୍କ ଶତକ ସତ୍ତ୍ୱେ ଭାରତ ପରାସ୍ତ

**ବର୍ମିଂହାମ, ୩୦।୬(ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ରେ ଫେଭରାଇଟ୍ ବିବେଚିତ ହେଉଥିବା ବିରାଟ କୋହଲିଙ୍କ ଭାରତୀୟ ଦଳ ପ୍ରଥମ ପରାଜୟ ବରଣ କରିଛି। ରବିବାର ଏଜବାଷ୍ଟନ ଗ୍ରାଉଣ୍ଡରେ ଖେଳାଯାଇଥିବା ଟୁର୍ଣ୍ଣାମେଣ୍ଟର ୩୮ତମ ମ୍ୟାଚ୍‌ରେ ଇଂଲଣ୍ଡ ୩୧ ରନରେ ଭାରତକୁ ପରାସ୍ତ କରି ତା'ର ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଛି। ଅନ୍ୟପଟେ ଭାରତର ଏହି ପରାଜୟ ପାକିସ୍ତାନର ଚିନ୍ତା ବଢ଼ାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୭ ଉଇକେଟ ହରାଇ ୩୩୭ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୦୬ ରନ କରି ପରାସ୍ତ ହୋଇଛି। ଇଂଲଣ୍ଡ ଏଥିସହିତ ଏପର୍ଯ୍ୟନ୍ତ ୮ଟି ମ୍ୟାଚ୍ ଖେଳି ୫ ବିଜୟ ଓ ୩ ପରାଜୟ ସହ ୧୦ ପଏଣ୍ଟ ପାଇ ପାକିସ୍ତାନକୁ ହଟାଇ ତାଲିକାର ଚତୁର୍ଥ ସ୍ଥାନକୁ ଉଠିଛି। ଅନ୍ୟପଟେ ଭାରତ ୭ଟି ମ୍ୟାଚ୍ ଖେଳି ୫ ବିଜୟ, ୧ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୧୧ ପଏଣ୍ଟ ପାଇ ତାଲିକାରେ ପୂର୍ବପରି ଦ୍ୱିତୀୟ ସ୍ଥାନରେ ରହିଛି। ୧୧୧ରନର ଶତକୀୟ ପାଳି ଖେଳିଥିବା ଇଂଲଣ୍ଡ ଓପନର ଜନି ବେୟାରଷ୍ଟୋ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୩୩୮ ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟର ପିଛା କରି ଭାରତ ଓପନର ଲୋକେଶ ରାହୁଲଙ୍କୁ ହରାଇ ଆରମ୍ଭରୁ ଝଟ୍‌କା ଖାଇଥିଲା। ଫିଲ୍ଡିଂ କଲାବେଳେ ଆହତ ହୋଇଥିବା ରାହୁଲ ୯ଟି ବଲର ସମ୍ମୁଖୀନ ହୋଇଥିଲେ ମଧ୍ୟ ଖାତା ଖୋଲି ନ ପାରି କ୍ରିସ୍ ୱୋକ୍ସଙ୍କ ଦ୍ୱାରା କଟ୍ ଆଣ୍ଡ୍ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ପ୍ରଥମ ଉଇକେଟ ତାରକା ଓପନର ରୋହିତ ଶର୍ମା ଓ ଅଧିନାୟକ ବିରାଟ କୋହଲି ଦେଖି ଚାହିଁ ବ୍ୟାଟିଂ କରିଥିଲେ ଓ ୧୫୪ ବଲରୁ ୧୩୮ ରନ କରି ସ୍ଥିତି ସମ୍ଭାଳିଥିଲେ। ତେବେ କୋହଲି ୭୬ ବଲରୁ ୭ ଚୌକା ସହ ୬୬ ରନକରି କ୍ରିଜ୍‌ରେ ଜମି ଆସୁଥିବା ବେଳେ ଲିଅମ ପ୍ଲଙ୍କେଟଙ୍କ ଲେଣ୍ଠ ବଲ୍‌କୁ ଷ୍ଟିୟର କରିବାକୁ ଯାଇ ବ୍ୟାକ୍‌ୱାର୍ଡ ପଏଣ୍ଟରେ ବଦଳ ଖେଳାଳି ଜେମ୍ସ ଭିନ୍ସଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ରୋହିତ ଶର୍ମା ୧୦୯ଟି ବଲ୍‌ର ସମ୍ମୁଖୀନ ହୋଇ ୧୦୨ ରନର ଶତକୀୟ ପାଳି ଖେଳି ୱୋକ୍ସଙ୍କ ବଲ୍‌ରେ ଉଇକେଟକିପର ବଟଲରଙ୍କ ହାତରେ ଧରା ପଡିଥିଲେ। ସେ ଥାର୍ଡମ୍ୟାନ ଉପରେ ଦେଇ ମାରିବାକୁ ଚେଷ୍ଟା କରିଥିଲେ। ତେବେ ବଲ ବ୍ୟାଟ୍‌ର ଏଜ୍ ନେଇଥିଲା। ଏଥିସହିତ ବିଶ୍ୱକପ୍‌ରେ ରୋହିତ ତାଙ୍କର ତୃତୀୟ ଓ କ୍ୟାରିୟରର ୨୫ତମ ଦିନିକିଆ ଶତକ ହାସଲ କରି ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ପୂର୍ବରୁ ଗାଙ୍ଗୁଲି ୨୦୦୩ ବିଶ୍ୱକପ୍‌ରେ ୩ଟି ଶତକ ଅର୍ଜନ କରି ରେକର୍ଡ କରିଥିଲେ। ଏହାପୂର୍ବରୁ ରୋହିତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅପରାଜିତ ୧୨୨ ଓ ପାକିସ୍ତାନ ବିପକ୍ଷରେ ୧୪୦ରନର ଶତକୀୟ ପାଳି ଖେଳିଥିଲେ। ଏହାପରେ ୪ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ନବାଗତ ରିଷଭ ପନ୍ତ ୨୯ ବଲରୁ ୪ ଚୌକା ସହ ୩୨ ରନ କରି ପ୍ଲଙ୍କେଟଙ୍କ ବଲ୍‌ରେ ଜୋରଦାର ଶଟ୍ ଖେଳିବାକୁ ଯାଇ ସ୍କୋୟାର ଲେଗ୍ ବାଉଣ୍ଡାରୀରେ ୱୋକ୍ସଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ପଞ୍ଚମ ଉଇକେଟ ଯୋଡିରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ୩୩ ବଲରୁ ୪୧ ରନ ସଂଗ୍ରହ କରିଥିଲେ। ତେବେ ପାଣ୍ଡ୍ୟା ୩୩ ବଲରୁ ୪ ଚୌକା ସହ ୪୫ ରନ କରିଥିବା ବେଳେ ଛକା ମାରିବାକୁ ଯାଇ ପ୍ଲଙ୍କେଟଙ୍କ ବଲ୍‌ରେ ଭିନ୍ସଙ୍କୁ ଲଙ୍ଗ୍‌ଅନ୍‌ରେ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଧୋନୀ ୩୧ ବଲରୁ ୪ ଚୌକା ଓ ୧ ଛକା ସହ ୪୨, କେଦାର ଯାଦବ ୧୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ପ୍ଲଙ୍କେଟ ୩ ଓ ୱୋକ୍ସ ୨ ଉଇକେଟ ଅକ୍ତିଆର କରିଥିଲେ।



## ବେୟାରଷ୍ଟୋଙ୍କ ଦମ୍‌ଦାର ଶତକ

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଇଂଲଣ୍ଡ ଆରମ୍ଭରୁ ଦମ୍‌ଦାର ପ୍ରଦର୍ଶନ କରିଥିଲା। ଘରୋଇ ବ୍ୟାଟ୍ସମ୍ୟାନ ଭାରତୀୟ ବୋଲରଙ୍କ ଉପରେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ। ଇଞ୍ଜୁରି କାରଣରୁ ୪ଟି ମ୍ୟାଚ୍‌ରୁ ବାଦ୍ ପଡିଥିବା ଜାସନ ରୟ ଏହି ମୁକାବିଲାରେ ପ୍ରତ୍ୟାବର୍ତ୍ତନ କରି ଦମ୍ ଦେଖାଇଛନ୍ତି। ଓପନିଂ ଯୋଡିରେ ରୟ ଓ ଜନି ବେୟାରଷ୍ଟୋ ୧୩୩ ବଲରୁ ୧୬୦ ରନ ସଂଗ୍ରହ କରି ଦଳକୁ ଜବରଦସ୍ତ ଆରମ୍ଭ ପ୍ରଦାନ କରିଥିଲେ ଓ ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ତେବେ ରୟ ୫୭ଟି ବଲ୍ ଖେଳି ୭ ଚୌକା ଓ ୨ ଛକା ସହ ଦ୍ରୁତ ୬୬ ରନ କରି ଚାଇନାମ୍ୟାନ କୁଲଦୀପଙ୍କ ବଲରେ ବଦଳ ଖେଳାଳି ରବୀନ୍ଦ୍ର ଜାଡେଜାଙ୍କୁ କ୍ୟାଚ୍ ଦେଇ ପ୍ରଥମେ ଆଉଟ ହୋଇଥିଲେ। ଲଙ୍ଗ୍ ଅନ୍‌ରେ ଜାଡେଜା ଏହି ଅବିଶ୍ୱସନୀୟ କ୍ୟାଚ୍ ନେଇଥିଲେ ଓ ଭାରତକୁ ବ୍ରେକ୍ ଥ୍ରୁ ମିଳିଥିଲା। ଏହାପରେ ବେୟାରଷ୍ଟୋ ୧୦୯ଟି ବଲର ସମ୍ମୁଖୀନ ହୋଇ ୧୦ ଚୌକା ଓ ୬ ଛକା ସହ ୧୧୧ ରନର ଶତକୀୟ ପାଳି ଖେଳି କ୍ରିଜ୍‌ରେ ଜମି ଆସୁଥିବା ବେଳେ ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ବଲ୍‌କୁ ଘୁରାଇ ମାରିବାକୁ ପ୍ରୟାସ କରିଥିଲେ। ତେବେ ବଲ୍ ଠିକ୍‌ଭାବେ ବାଉନ୍ସ କରି ନ ଥିବାରୁ ଡିପ୍ ପଏଣ୍ଟରେ ରିଷଭ ପନ୍ତ କ୍ୟାଚ୍ ନେଇ ତାଙ୍କୁ ପ୍ୟାଭିଲିୟନର ରାସ୍ତା ଦେଖାଇଥିଲେ। ଏଥିସହ ବେୟାରଷ୍ଟୋ କ୍ୟାରିୟରର ଅଷ୍ଟମ ଦିନିକିଆ ଶତକ ହାସଲ କରିଥିଲେ। ଏକଦା ଇଂଲଣ୍ଡ ଗୋଟିଏ ଉଇକେଟ ହରାଇ ୨୦୫ ରନ କରି ବେଶ୍ ଦୃଢ ସ୍ଥିତିରେ ଥିଲା ଆହୁରି ବଡ଼ ସ୍କୋର ହାସଲ କରିବ ବୋଲି ଆଶା କରାଯାଉଥିଲା ତେବେ ଏହି ସ୍କୋରରେ ବେୟାରଷ୍ଟୋ ଆଉଟ ହେବା ପରେ ଇଂଲଣ୍ଡ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ସାମି ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ ମଧ୍ୟ ୫ଜଣ ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରିଥିଲେ। ଦୁଇ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କୁ କୌଣସି ସୁଯୋଗ ନ ଦେଇ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଆଧିପତ୍ୟ ବିସ୍ତାରକରି ଖେଳିଥିଲେ।

ଅଧିନାୟକ ଇଅନ ମୋର୍ଗାନ କିନ୍ତୁ ବିଫଳ ହୋଇଥିଲେ। ୯ଟି ବଲର ସମ୍ମୁଖୀନ ହୋଇ ମାତ୍ର ୧ ରନ କରିଥିବା ବେଳେ ସେ ସାମିଙ୍କ ଶର୍ଟ ବଲକୁ ମାରିବାକୁ ପ୍ରୟାସ କରିଥିଲେ। ତେବେ ବଲ୍ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ଫାଇନାଲ ଲେଗ୍‌ରେ କେଦାର ଯାଦବ ତାଙ୍କ କ୍ୟାଚ୍ ନେଇଥିଲେ। ଇନ୍ ଫର୍ମ ଜୋ ରୁଟ୍ ୫୪ଟି ବଲ୍ ଖେଳି ୨ ଚୌକା ସହ ୪୪ ରନ କରିଥିବା ବେଳେ ଫାଇନ୍ ଲେଗ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ କ୍ୟାଚ୍ ଦେଇ ସାମିଙ୍କ ତୃତୀୟ ଶିକାର ହୋଇଥିଲେ। ଚତୁର୍ଥ ଉଇକେଟ ଯୋଡିରେ ରୁଟ୍ ଓ ବେନ୍ ଷ୍ଟୋକ୍ସ ୬୩ ବଲରୁ ୭୦ ରନ ସଂଗ୍ରହ କରିଥିଲେ।

ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋସ ବଟଲର ଦ୍ରୁତ ଗତିରେ ରନ ସଂଗ୍ରହ କରିବାକୁ ଯାଇ ୧ ଚୌକା ଓ ୨ ଛକା ସହ ୮ ବଲରୁ ୨୦ ରନ କରି ସାମିଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଅଲରାଉଣ୍ଡର କ୍ରିସ୍ ୱୋକ୍ସ ମାତ୍ର ୭ ରନ କରିଥିବା ବେଳେ ସାମିଙ୍କ ପଞ୍ଚମ ଶିକାର ହୋଇଥିଲେ। ସାମିଙ୍କ ଶଟ ବଲ ଖେଳିବାକୁ ଯାଇ ୱୋକ୍ସ ଡିପ୍ ସ୍କୋୟାରରେ ରୋହିତ ଶର୍ମାଙ୍କୁ କ୍ୟାଚ୍ ଦେଇଥିଲେ। ଶେଷରେ ଷ୍ଟୋକ୍ସଙ୍କ ପାଳି ପଡିଥିଲା। ଇନିଂସର ୨ଟି ବଲ୍ ବାକିଥିବା ବେଳେ ଷ୍ଟୋକ୍ସ ୬ ଚୌକା ଓ ୩ ଛକା ସହ ୫୪ ବଲରୁ ୭୯ ରନ କରିଥିବା ବେଳେ ଡେଥ୍ ଓଭର ସ୍ପେଶାଲିଷ୍ଟ ଯଶପ୍ରୀତ ବୁମ୍‌ରାଙ୍କ ବଲ୍‌ରେ ସିଧାସଳଖ ଫାଇନ ଲେଗ୍‌ରେ ଜାଡେଜାଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଲିଅମ ପ୍ଲଙ୍କେଟ ୧ ଓ ଜୋଫ୍ରା ଆର୍ଚର ବିନା ସ୍କୋରରେ ଅପରାଜିତ ରହିଥିଲେ। ଚହଲ ଓ କୁଲଦୀପ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଚହଲ ଓ କୁଲଦୀପଙ୍କୁ ଇଂଲଣ୍ଡ ବ୍ୟାଟ୍ସମ୍ୟାନମାନେ ୧୨ଟି ଚୌକା ଓ ୯ଟି ଛକା ମାରିଥିଲେ। ଭାରତ ଟ୍ରମ୍ପକାର୍ଡ ବିବେଚିତ ହେଉଥିଲେ ମଧ୍ୟ ଏହି ଦୁଇ ରିଷ୍ଟ ସ୍ପିନରଙ୍କୁ ବେୟାରଷ୍ଟୋ ଓ ରୟ ଭଲଭାବେ ପଢ଼ିବାରେ ସକ୍ଷମ ହୋଇଥିଲେ। ଏହି ମ୍ୟାଚ ଦୁଇ ସ୍ପିନରଙ୍କ ପାଇଁ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଛି। ବୁମ୍‌ରା ଏକମାତ୍ର ବୋଲର ଭାବେ କଞ୍ଜୁସ୍ ବୋଲିଂ କରିଥିଲେ। ଗୋଟିଏ ମେଡେନ ନେବା ସହ ସେ ୪୪ ରନ ବ୍ୟୟ କରିଥିଲେ। ବୋଲିଂରେ ସାମି ସର୍ବାଧିକ ୫, ବୁମ୍‌ରା ଓ କୁଲଦୀପ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଏହି ମ୍ୟାଚ୍‌ରେ ଭାରତୀୟ ଦଳରେ ଗୋଟିଏ ପରିବର୍ତ୍ତନ କରାଯାଇଥିଲା। ବିଜୟ ଶଙ୍କରଙ୍କ ସ୍ଥାନରେ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ସୁଯୋଗ ଦିଆଯାଇଛି। ସେହିପରି ଇଂଲଣ୍ଡ ଦଳକୁ ଓପନର ରୟ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଜେମ୍ସ ଭିନ୍ସଙ୍କ ସ୍ଥାନରେ ରୟ ଓ ମୋଇନ ଅଲିଙ୍କ ସ୍ଥାନରେ ପ୍ଲଙ୍କେଟଙ୍କୁ ସ୍ଥାନ ମିଳିଥିଲା।



## ଚହଲଙ୍କ ଅଲୋଡ଼ା ରେକର୍ଡ

**ବର୍ମିଂହାମ, ୩୦।୬(ପି.ଟି.)**

ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଲେଗ୍-ସ୍ପିନର ଯୁଜବେନ୍ଦ୍ର ଚହଲ ନିଜ ୧୦ ଓଭର କୋଟାରେ ୮୮ ରନ ବ୍ୟୟ କରିବା ସହ ଉଇକେଟ୍ ଶୂନ୍ୟ ରହି ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଯେଉଁଥିରେ ୭ ଚୌକା ଓ ୬ ଛକା ସାମିଲ ରହିଛି। ଦିନିକିଆ କ୍ରିକେଟ୍‌ରେ ଚହଲଙ୍କ ଏହା ସବୁଠାରୁ ଖରାପ ବୋଲିଂ ସ୍ପେଲ ମଧ୍ୟ ହୋଇଛି। ଚହଲ ଏଥିସହ ବିଶ୍ୱକପ୍ ଇତିହାସରେ ସବୁଠାରୁ ମହଙ୍ଗା ବୋଲିଂ କରିଥିବା ଭାରତୀୟ ବୋଲର ହେବାର ଅଲୋଡ଼ା ରେକର୍ଡକୁ ନିଜ ନାମରେ କରିଛନ୍ତି। ପୂର୍ବରୁ ଜାଭାଗଲ ଶ୍ରୀନାଥ ଏହି ରେକର୍ଡର ଅଧିକାରୀ ହୋଇଥିଲେ। ଶ୍ରୀନାଥ ୨୦୦୩ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ୮୭ ରନ ବ୍ୟୟ କରିଥିଲେ। ବିଶ୍ୱକପ୍ ଇତିହାସରେ ଗୋଟିଏ ଇନିଂସରେ ମହଙ୍ଗା ବୋଲିଂ କରିଥିବା ୫ ଭାରତୀୟ ବୋଲରଙ୍କ ସମ୍ପର୍କରେ ଟେବୁଲରେ ପ୍ରଦାନ କରାଗଲା।

**ବିଶ୍ୱକପରେ ମହଙ୍ଗା ଭାରତୀୟ ବୋଲର**

| ଖେଳାଳି | ଓଭର | ଉଇକେଟ୍ | ରନ୍ | ପ୍ରତିପକ୍ଷ | ସମୟ |
|---|---|---|---|---|---|
| ଯୁଜବେନ୍ଦ୍ର ଚହଲ | ୧୦ | ୦ | ୮୮ | ଇଂଲଣ୍ଡ | ୨୦୧୯ |
| ଜାଭାଗଲ ଶ୍ରୀନାଥ | ୧୦ | ୦ | ୮୭ | ଅଷ୍ଟ୍ରେଲିଆ | ୨୦୦୩ |
| କରସାନ ଘାଭରୀ | ୧୧ | ୦ | ୮୩ | ଇଂଲଣ୍ଡ | ୧୯୭୫ |
| ରବିଚନ୍ଦ୍ରନ ଅଶ୍ୱିନ | ୧୦ | ୧ | ୭୫ | ଜିମ୍ବାୱେ | ୨୦୧୫ |
| ମୋହିତ୍ ଶର୍ମା | ୧୦ | ୨ | ୭୫ | ଅଷ୍ଟ୍ରେଲିଆ | ୨୦୧୫ |



ଭିନ୍ନ ବେଶରେ ସଜ୍ଜିତ ଜଣେ ଭାରତୀୟ ପ୍ରଶଂସକ ।

## ସ୍କୋର ବୋର୍ଡ

**ଇଂଲଣ୍ଡ ଇନିଂସ**

ଜାସନ-କ-ଜାଡେଜା(ଅ)-କୁଲଦୀପ-୬୬
ବେୟାରଷ୍ଟୋ-କ-ପନ୍ତ-ବୋ-ସାମି-୧୧୧
ରୁଟ-କ-ପାଣ୍ଡ୍ୟା-ବୋ-ସାମି-୪୪
ମୋର୍ଗାନ-କ-କେଦାର-ବୋ-ସାମି-୧
ଷ୍ଟୋକ୍ସ-କ-ଜାଡେଜା (ଅ)-ବୋ-ବୁମ୍‌ରା-୭୯
ବଟଲର-କ ଆଣ୍ଡ ବୋ-ସାମି-୨୦
ୱୋକ୍ସ-କ-ରୋହିତ-ବୋ-ସାମି-୭
ପ୍ଲଙ୍କେଟ-ନଟଆଉଟ-୧
ଆର୍ଚର-ନଟଆଉଟ-୦
ଅତିରିକ୍ତ-୮
ମୋଟ(୭ ଉଇକେଟ, ୫୦ ଓଭର) ୩୩୭
ଉଇକେଟ ପତନ: ୧/୧୬୦, ୨/୨୦୫, ୩/୨୦୭, ୪/୨୭୭, ୫/୩୧୦, ୬/୩୧୯, ୭/୩୩୬।

**ବୋଲିଂ(ଭାରତ)**

ସାମି ୧୦-୧-୬୯-୫
ବୁମ୍‌ରା ୧୦-୧-୪୪-୧
ଚହଲ ୧୦-୦-୮୮-୦
ପାଣ୍ଡ୍ୟା ୧୦-୦-୬୦-୦
କୁଲଦୀପ ୧୦-୦-୭୨-୧।

**ଭାରତ ଇନିଂସ**

ଲୋକେଶ-କ-ଆଣ୍ଡ ବୋ-ୱୋକ୍ସ-୦
ରୋହିତ-କ-ବଟଲର-ବୋ-ୱୋକ୍ସ-୧୦୨
କୋହଲି-କ-ଭିନ୍ସ(ଅ)-ବୋ-ପ୍ଲଙ୍କେଟ-୬୬
ପନ୍ତ-କ-ୱୋକ୍ସ-ବୋ-ପ୍ଲଙ୍କେଟ-୩୨
ପାଣ୍ଡ୍ୟା-କ-ଭିନ୍ସ(ଅ)-ବୋ-ପ୍ଲଙ୍କେଟ-୪୫
ଧୋନୀ-ନଟଆଉଟ-୪୨
କେଦାର-ନଟଆଉଟ-୧୨
ଅତିରିକ୍ତ-୭
ମୋଟ(୫ ଉଇକେଟ, ୫୦ ଓଭର) ୩୦୬
ଉଇକେଟ ପତନ: ୧/୮, ୨/୧୪୬, ୩/୧୯୮, ୪/୨୨୬, ୫/୨୬୭।

**ବୋଲିଂ(ଇଂଲଣ୍ଡ)**

ୱୋକ୍ସ ୧୦-୩-୫୮-୨
ଆର୍ଚର ୧୦-୦-୪୫-୦
ପ୍ଲଙ୍କେଟ ୧୦-୦-୫୫-୩
ଉଡ୍ ୧୦-୦-୭୩-୦
ରଶିଦ ୬-୦-୪୦-୦
ଷ୍ଟୋକ୍ସ ୪-୦-୩୪-୦

## ସାମିଙ୍କୁ ୫ ଉଇକେଟ

ଏଜବାଷ୍ଟନର ବ୍ୟାଟିଂ ଫ୍ରେଣ୍ଡଲୀ ପିଚ୍‌ରେ ପ୍ରାୟ ସମସ୍ତ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିବାବେଳେ ୫ ଉଇକେଟ ସଫଳତା ପାଇଥିଲେ ଭାରତର ମହମ୍ମଦ ସାମି। ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ କ୍ୟାରିୟରରେ ସାମିଙ୍କର ଏହା ହେଉଛି ପ୍ରଥମ ୫ ଉଇକେଟ ସଫଳତା। ସାମି ନିଜ ୧୦ ଓଭର ସ୍ପେଲରେ ୧ ମେଡେନ ନେଇ ୬୯ ରନ ବିନିମୟରେ ୫ ଉଇକେଟ ହାସଲ କରିଥିଲେ। ଇଂଲଣ୍ଡ ବଡ଼ ସ୍କୋର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେୟାରଷ୍ଟୋଙ୍କୁ ଆଉଟ କରି ନିଜ ଉଇକେଟ ହାସଲ ଅଭିଯାନ ଆରମ୍ଭ କରିଥିଲେ ସାମି। ପରେ ସେ ଅଧିନାୟକ ଇଅନ ମୋର୍ଗାନ(୧), ଇନ୍ ଫର୍ମ ଜୋ ରୁଟ୍(୪୪), ବିସ୍ଫୋରକ ବ୍ୟାଟ୍ସମ୍ୟାନ ଜୋସ ବଟଲର(୨୦) ଓ କ୍ରିସ ଓକ୍ସ(୭)ଙ୍କୁ ଆଉଟ କରି ୫ ଉଇକେଟ ପୂରଣ କରିଥିଲେ। ଦିନିକିଆ କ୍ରିକେଟରେ ସାମି ପୂର୍ବରୁ ୮ ଥର ୪ ଉଇକେଟ ହାସଲ କରିଥିଲେ। ଚଳିତ ବିଶ୍ୱକପର ୨୭ ତାରିଖରେ ମାଞ୍ଚେଷ୍ଟରଠାରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚରେ ୧୬ ରନ ବିନିମୟରେ ୪ ଉଇକେଟ ହାସଲ ତାଙ୍କର ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ ହୋଇ ରହିଥିଲା।



**ମହମ୍ମଦ ସାମି**
ଓଭର: ୧୦
ମେଡେନ: ୧
ରନ: ୬୯
ଉଇକେଟ: ୫

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୮ | ୭ | ୧ | ୦ | ୦ | ୧୪ | +୧.୦୦୦ |
| **ଭାରତ** | **୭** | **୫** | **୧** | **୦** | **୧** | **୧୧** | **+୦.୮୫୪** |
| ନ୍ୟୁଜିଲାଣ୍ଡ | ୮ | ୫ | ୨ | ୦ | ୧ | ୧୧ | +୦.୫୭୨ |
| ଇଂଲଣ୍ଡ | ୮ | ୫ | ୩ | ୦ | ୦ | ୧୦ | +୧.୦୦୦ |
| ପାକିସ୍ତାନ | ୮ | ୪ | ୩ | ୦ | ୧ | ୯ | -୦.୭୯୨ |
| ବାଂଲାଦେଶ | ୭ | ୩ | ୩ | ୦ | ୧ | ୭ | -୦.୧୩୩ |
| ଶ୍ରୀଲଙ୍କା | ୭ | ୨ | ୩ | ୦ | ୨ | ୬ | -୧.୧୮୬ |
| ଦକ୍ଷିଣ ଆଫ୍ରିକା | ୮ | ୨ | ୫ | ୦ | ୧ | ୫ | -୦.୦୮୦ |
| ୱେଷ୍ଟଇଣ୍ଡିଜ | ୭ | ୧ | ୫ | ୦ | ୧ | ୩ | -୦.୩୨୦ |
| ଆଫଗାନିସ୍ତାନ | ୮ | ୦ | ୮ | ୦ | ୦ | ୦ | -୧.୪୧୮ |

## ଷ୍ଟାର୍କଙ୍କ ରେକର୍ଡ

**ଲର୍ଡ୍ସ,୩୦।୬**

ମିଚେଲ ଷ୍ଟାର୍କଙ୍କ ଘାତକ ବୋଲିଂ ଯୋଗୁ ଅଷ୍ଟ୍ରେଲିଆ ଦଳ ଆଇକନିକ ଗ୍ରାଉଣ୍ଡରେ ଚିରପ୍ରତିଦ୍ୱନ୍ଦ୍ୱୀ ନ୍ୟୁଜିଲାଣ୍ଡକୁ ୮୬ ରନ୍‌ର ବୃହତ୍ ବ୍ୟବଧାନରେ ହରାଇ ଦେଇଛି। ମ୍ୟାଚ୍‌ରେ ୫ ଉଇକେଟ ନେବା ସହ ଷ୍ଟାର୍କ ସ୍ୱତନ୍ତ୍ର ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ବିଶ୍ୱକପ୍ ଇତିହାସରେ ପ୍ରଥମ ବୋଲର ଭାବେ ୩ଥର ୫ ଉଇକେଟ ନେବାର ସଫଳତା ପାଇଛନ୍ତି।

"ଚଳିତ ବିଶ୍ୱକପରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ ଜିତିବା ପରେ ଅଷ୍ଟ୍ରେଲିଆ ଦଳର ମନୋବଳ ବହୁ ପରିମାଣରେ ବୃଦ୍ଧି ପାଇଛି ।
-ଆଲାନ ବର୍ଡର, ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ



"କ୍ରମାଗତ ଦୁଇଟି ମ୍ୟାଚରେ ପାକିସ୍ତାନ ଓ ଅଷ୍ଟ୍ରେଲିଆଠାରୁ ପରାଜିତ ହୋଇଥିଲେ ହେଁ ନ୍ୟୁଜିଲାଣ୍ଡ ଏବେ ମଧ୍ୟ ବିଶ୍ୱକପ ଦାବିଦାର ।
-ଡାନିଏଲ ଭିଟ୍ଟୋରୀ, ପୂର୍ବତନ ନ୍ୟୁଜିଲାଣ୍ଡ ଖେଳାଳି



## ସଂକ୍ଷେପରେ

### ଭାରତୀୟ ହକି ଗୋଲକିପର କ୍ୟାମ୍ପରେ ଓଡ଼ିଶାର ସାହିଲ



ନୂଆଦିଲ୍ଲୀ,୩୦।୬(ପିଟି): ଭାରତୀୟ ହକି ଗୋଲକିପର ପି.ଆର. ଶ୍ରୀଜେଶ ଓ କ୍ରିଷ୍ଣା ବାହାଦୂର ପାଠକଙ୍କ ଭଳି ଦେଶର ଅନ୍ୟ ଗୋଲକିପରମାନଙ୍କ ଲାଗି ଏକ ସ୍ୱତନ୍ତ୍ର କ୍ୟାମ୍ପ୍ ଆୟୋଜନ କରାଯିବ। ନେଦରଲାଣ୍ଡସର ଲୋକପ୍ରିୟ ହକି ଗୋଲକିପର ଟ୍ରେନର ଡେନିସ ଭାନ୍ ଡେ ପୋଲଙ୍କ ତତ୍ତ୍ୱାବଧାନରେ ବେଙ୍ଗାଲୁରୁସ୍ଥିତ ସାଇ କେନ୍ଦ୍ରଠାରେ ୭ ଦିନିଆ କ୍ୟାମ୍ପ୍ ଚାଲିବ। ସେଠାରେ ଭାରତୀୟ ଦଳର ମୁଖ୍ୟ କୋଚ୍ ଗ୍ରାହମ ରିଡ୍ ମଧ୍ୟ ଉପସ୍ଥିତ ରହିବେ। ଏହା ଚଳିତ ବର୍ଷର ପ୍ରଥମ ଗୋଲକିପର କ୍ୟାମ୍ପ୍। ଏହି କ୍ୟାମ୍ପ୍ ଲାଗି ଓଡ଼ିଶାର ଯୁବ ଗୋଲକିପର ସାହିଲ କୁମାର ନାୟକ ମନୋନୀତ ହୋଇଛନ୍ତି। ଏହା କେବଳ ବର୍ତ୍ତମାନର ଗୋଲକିପର ନୁହେଁ, ଆଗାମୀ ଯୁବ ଗୋଲକିପରଙ୍କୁ ଫାଇଦା ଦେବ। ଏହା ଦ୍ୱାରା ଆମ ଗୋଲକିପରଙ୍କୁ ବିଶ୍ୱସ୍ତରୀୟ ଟ୍ରେନିଂ ମିଳିବ ବୋଲି ରିଡ୍ କହିଛନ୍ତି। ଡେନିସ ନେଦରଲାଣ୍ଡସର ଡ୍ରିଜଭର ଗୋଲି ଏକାଡେମୀଠାରେ ଦେଶର ଯୁବ ଗୋଲକିପର ଓ ବିଦେଶୀ ଦଳକୁ ଟ୍ରେନିଂ ପ୍ରଦାନ କରନ୍ତି। ସେ କାନାଡାର ମହିଳା ଦଳ ସହ ଜଡ଼ିତ ରହିଥିବାବେଳେ ଚାଇନା ଓ ପାକିସ୍ତାନରେ କାର୍ଯ୍ୟ କରିସାରିଛନ୍ତି।

### ଜାତୀୟ ଜୁନିୟର କ୍ୟାମ୍ପରେ ୫ ଓଡ଼ିଆ

ନୂଆଦିଲ୍ଲୀ,୩୦।୬(ପିଟି): ବେଙ୍ଗାଲୁରୁସ୍ଥିତ ସାଇ କେନ୍ଦ୍ରଠାରେ ଆଗାମୀ ଜାତୀୟ ଜୁନିୟର ପୁରୁଷ କୋଚିଂ କ୍ୟାମ୍ପ୍ ଲାଗି ହକି ଇଣ୍ଡିଆ (ଏଚ୍ଆଇ) ପକ୍ଷରୁ ରବିବାର ୩୩ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ୫ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ସାହିଲ କୁମାର ନାୟକ(ଗୋଲକିପର), ସୁମନ ବେକ, ପ୍ରତାପ ଲାକ୍ରା, ନବୀନ କୁଜୁର (ଡିଫେଣ୍ଡର) ଓ ଗ୍ରେଗୋରୀ ଖେସ୍ (ମିଡ୍ଫିଲ୍ଡର)। ୪ ସପ୍ତାହ ଧରି ଚାଲିବାକୁ ଥିବା ଏହି କ୍ୟାମ୍ପ୍ ଜୁଲାଇ ୨୭ରେ ଶେଷ ହେବ। ଏହି କ୍ୟାମ୍ପର ଲକ୍ଷ୍ୟ ହେବ ମୁଖ୍ୟ ଖେଳାଳିଙ୍କ ଫିଟ୍ନେସ୍ ବଜାୟ ରଖିବା, ଭବିଷ୍ୟତରେ ହେବାକୁ ଥିବା ଟୁର୍ନାମେଣ୍ଟ ଲାଗି ବିଭିନ୍ନ କମ୍ବିନେଶନକୁ ଖେଳାଇବା। ଏହି କ୍ୟାମ୍ପ୍ ଲାଗି ଘୋଷିତ ଦଳରେ ଗତଥର ଭଲ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ସ୍ଥାନ ମିଳିଛି। ଆହୁରି ଟ୍ରେନିଂ ଦ୍ୱାରା ସେମାନେ ନିଜ ଗତି, ଫିଟ୍ନେସ ଓ ଷ୍ଟ୍ରାଟେଜି ଉପରେ କାର୍ଯ୍ୟ କରିବାକୁ ସୁଯୋଗ ପାଇବେ ବୋଲି ଭାରତୀୟ ହକି ଦଳର ହାଇ ପରଫର୍ମାନ୍ସ ଡିରେକ୍ଟର ଡେଭିଡ୍ ଜନ କହିଛନ୍ତି।

# ଶ୍ରୀଲଙ୍କା ଲାଗି କର ବା ମର ସ୍ଥିତି

ଚେଷ୍ଟର-ଲି-ଷ୍ଟ୍ରିଟ୍,୩୦।୬(ପି.ଟି.)

ଚଳିତ ଆଇସିସି ବିଶ୍ୱକପ୍ରେ ଗାଣିତିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଶ୍ରୀଲଙ୍କାର ସେମିଫାଇନାଲ ଆଶା ଏବେ ମଧ୍ୟ ଉଜ୍ଜୀବିତ ରହିଛି। ସୋମବାର ଶ୍ରୀଲଙ୍କା ତା'ର ପରବର୍ତ୍ତୀ ମ୍ୟାଚ୍ରେ ସେମି ଦୌଡ଼ରୁ ବାଦ୍ ପଡିସାରିଥିବା ୱେଷ୍ଟଇଣ୍ଡିଜକୁ ଭେଟିବ। ସ୍ଥାନୀୟ ରିଭରସାଇଡ ଗ୍ରାଉଣ୍ଡରେ ଟୁର୍ନାମେଣ୍ଟର ୩୯ତମ ମ୍ୟାଚ୍ରେ ଏହି ଦୁଇ ଦଳ ମୁହାଁମୁହିଁ ହେବେ। ୱେଷ୍ଟଇଣ୍ଡିଜ ସେମି ଦୌଡ଼ରୁ ବାଦ୍ ପଡିସାରିଥିବାରୁ ଶ୍ରୀଲଙ୍କା ପାଇଁ ଅଧିକ ଗୁରୁତ୍ୱ ବହନ କରୁଛି। ସେମି ଆଶା ଉଜ୍ଜୀବିତ ରଖିବାକୁ ହେଲେ ଶ୍ରୀଲଙ୍କାକୁ ଏହି ମ୍ୟାଚ୍ ଜିତିବା ଅପରିହାର୍ଯ୍ୟ ହୋଇ ପଡିଛି। ଫଳରେ ଶ୍ରୀଲଙ୍କା କର ବା ମର ପରିସ୍ଥିତିର ସମ୍ମୁଖୀନ ହୋଇଛି। ଇଂଲଣ୍ଡକୁ ୨୦ ରନରେ ପରାସ୍ତ କରିବା ପରେ ଅସ୍ଥିର ପ୍ରଦର୍ଶନ କରିଆସୁଥିବା ଶ୍ରୀଲଙ୍କାକୁ ବଳ ମିଳିଛି। ତେବେ ଏହାର ପରବର୍ତ୍ତୀ ମ୍ୟାଚ୍ରେ କିନ୍ତୁ ଦକ୍ଷିଣ ଆଫ୍ରିକାଠାରୁ ପରାସ୍ତ ହୋଇଥିଲା। ଫଳରେ ଶ୍ରୀଲଙ୍କାର ସେମିଫାଇନାଲ ଆଶାକୁ ଶକ୍ତ ଧକ୍କା ଲାଗିଥିଲା।

୧୯୯୬ରେ ବିଶ୍ୱକପ୍ ଟାଇଟଲ ହାସଲ କରିଥିବା ଶ୍ରୀଲଙ୍କା ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳି ୨ ବିଜୟ, ୩ ପରାଜୟ ସହ ଓ ୨ଟି ବିନା ଫଳାଫଳ ସହିତ ୬ ପଏଣ୍ଟ ପାଇ ସପ୍ତମ ସ୍ଥାନରେ ରହିଛି। ତେଣୁ ଶ୍ରୀଲଙ୍କାକୁ ତା'ର ବାକିଥିବା ୨ଟି ମ୍ୟାଚ୍ରେ ବିଜୟୀ ହେବାକୁ ପଡିବ। କେବଳ ସେତିକି ନୁହଁ ଇଂଲଣ୍ଡ ଓ ପାକିସ୍ତାନ ମ୍ୟାଚ୍ଗୁଡିକ ଫଳାଫଳ ଉପରେ ମଧ୍ୟ ଶ୍ରୀଲଙ୍କାର ଭାଗ୍ୟ ନିର୍ଭର କରିବ। ଦକ୍ଷିଣ ଆଫ୍ରିକାଠାରୁ ୯ ଉଇକେଟରେ ପରାସ୍ତ ହେବା ପରେ ଶ୍ରୀଲଙ୍କାର ବ୍ୟାଟିଂ ଦୁର୍ବଳତା ପୁଣିଥରେ ପଦାରେ ପଡିଛି। ୱେଷ୍ଟଇଣ୍ଡିଜର ବୋଲିଂ ଉଚ୍ଚକୋଟୀର ହୋଇଥିବାରୁ ଅଧିନାୟକ ଦିମୁଥ କରୁଣାରତ୍ନେ ଦଳର ବ୍ୟାଟିଂ ପ୍ରଦର୍ଶନରେ ସୁଧାର ଆଣିବାକୁ ପ୍ରୟାସ କରିବେ। କେବଳ ସେତିକି ନୁହଁ ବୋଲିଂରେ ମଧ୍ୟ ଶ୍ରୀଲଙ୍କାକୁ ସୁଧାର ଆଣିବାକୁ ପଡିବ। ଚିକେନ ଫକ୍ସ କାରଣରୁ ଦ୍ରୁତ ବୋଲର ନୂଆନ ପ୍ରଦୀପ ଦଳରୁ ବାଦ୍ ପଡିଛନ୍ତି। ଅଭିଜ୍ଞ ଲସିଥ ମାଲିଙ୍ଗା ନେତୃତ୍ୱରେ ଶ୍ରୀଲଙ୍କା ବୋଲିଂ ବିଭାଗ ଚମକ ଦେଖାଇବ ବୋଲି ଆଶା କରାଯାଉଛି।

ଅପରପକ୍ଷରେ ସେମି ଦୌଡ଼ରୁ ବାଦ୍ ପଡିସାରିଥିବା ଜାସନ ହୋଲ୍ଡରଙ୍କ ନେତୃତ୍ୱାଧୀନ ୱେଷ୍ଟଇଣ୍ଡିଜ ବିଜୟ ସହ ସାନ୍ତ୍ୱନା ହାସଲ କରିବା ପାଇଁ ପ୍ରୟାସ କରିବ। ୱେଷ୍ଟଇଣ୍ଡିଜ୍ କିନ୍ତୁ ପୂରା ଦମ୍ରେ ଟୁର୍ନାମେଣ୍ଟରେ ପ୍ରବେଶ କରିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷ ଅଭ୍ୟାସ ମ୍ୟାଚ୍ରେ ଏହି ଦଳ ୪୨୧ ରନ କରିଥିଲା। ପୁଣି ପ୍ରଥମ ମ୍ୟାଚ୍ରେ ପାକିସ୍ତାନକୁ ମାତ୍ର ୧୦୫ ରନରେ ଅଲଆଉଟ କରିବା ସହ ୭ ଉଇକେଟରେ ବିଜୟ ହାସଲ କରି ୱେଷ୍ଟଇଣ୍ଡିଜ ଦମ୍ଦାର ଆରମ୍ଭ କରିଥିଲା। କିନ୍ତୁ ଏହାପରଠାରୁ ୱେଷ୍ଟଇଣ୍ଡିଜ୍ର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ଦଳ କ୍ରମାଗତ ୫ଟି ପରାଜୟ ବରଣ କରିଛି। କେତୋଟି ବିଭାଗରେ ଦଳ ପ୍ରଦର୍ଶନ କରିଥିଲା। ତେବେ ଅଳ୍ପକେ ଦଳ କେତୋଟି ବିଜୟ ସୁଯୋଗ ମଧ୍ୟ ହାତଛଡ଼ା କରିଥିଲା। ପଏଣ୍ଟ ତାଲିକାର ସର୍ବନିମ୍ନ ତଥା ଦଶମସ୍ଥାନରେ ଥିବା ଆଫଗାନିସ୍ତାନ ଉପରେ ରହି ୱେଷ୍ଟଇଣ୍ଡିଜ୍ ନବମ ସ୍ଥାନରେ ରହିଛି। ଦଳ ଏପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୫ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ମାତ୍ର ୩ ପଏଣ୍ଟ ହାସଲ କରିଛି। ଏବେ ୱେଷ୍ଟଇଣ୍ଡିଜକୁ କିଛି ହରାଇବାର ନାହିଁ। ତେଣୁ ଦଳ ଉପରେ ଚାପ ନାହିଁ କହିଲେ ଭୁଲ ହେବ ନାହିଁ। କ୍ରିସ୍ ଗେଲ, କାର୍ଲୋସ ବ୍ରାଥୱେଟ ଓ ସାଇ ହୋପ୍ଙ୍କ ଭଳି ଦର୍ଦ୍ଦର୍ଷ ବ୍ୟାଟ୍ସମ୍ୟାନ ଜୋରଦାର ବ୍ୟାଟିଂ ବଳରେ ୱେଷ୍ଟଇଣ୍ଡିଜ ପୁଣି ଏକ ବଡ଼ ସ୍କୋର ହାସଲ କରିବ ବୋଲି ଆଶା କରାଯାଉଛି। ବିଜୟ ସହ ବିଶ୍ୱକପ ଅଭିଯାନ ଶେଷ କରିବୁ ବୋଲି ୱେଷ୍ଟଇଣ୍ଡିଜ ହେଡ କୋଚ୍ ଫ୍ଲୟଡ ରେଇଫର କହିଛନ୍ତି। ଏହି ମ୍ୟାଚ୍ରେ ପାଗ ସଫା ରହିବ। ବର୍ଷା ସମ୍ଭାବନା ମଧ୍ୟ କ୍ଷୀଣ। ସେତେଟା ଗୁରୁତ୍ୱ ନ ଥିଲେ ମଧ୍ୟ ଏହି ମ୍ୟାଚ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।


ଶ୍ରୀଲଙ୍କା କ୍ରିକେଟ୍ ଦଳର ଖେଳାଳିମାନେ।

**ଆଜିର ମ୍ୟାଚ୍**
ଶ୍ରୀଲଙ୍କା
ବନାମ
ୱେଷ୍ଟ.ଇଣ୍ଡିଜ୍
ସ୍ଥାନ
ଚେଷ୍ଟର-ଲି-ଷ୍ଟ୍ରିଟ
ସମୟ
ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଆଜିଠାରୁ ୱିମ୍ବଲଡନ୍

ଲଣ୍ଡନ, ୩୦।୬(ଏଏଫ୍ପି)

ଚଳିତ ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ୱିମ୍ବଲଡନ ସୋମବାରଠାରୁ ସ୍ଥାନୀୟ ଅଲ୍ ଇଂଲଣ୍ଡ ଲନ୍ ଟେନିସ କ୍ଲବଠାରେ ଆରମ୍ଭ ହେବାକୁ ଯାଉଛି। ଏହି ସମ୍ମାନଜନକ ପ୍ରତିଯୋଗିତାର ଏହା ହେବ ୧୩୩ତମ ସଂସ୍କରଣ। ସର୍ବିୟା ଟେନିସ ତାରକା ନୋଭାକ ଜୋକୋଭିଚ୍ ପୁରୁଷ ବିଭାଗର ଡିଫେଣ୍ଡିଂ ଚାମ୍ପିୟନ ରହିଥିବାବେଳେ ମହିଳାରେ ଆଞ୍ଜେଲିନା କର୍ବର ମହିଳା ବିଭାଗରେ ଟାଇଟଲ୍ ଜିତିଥିଲେ। ପୁରୁଷ ବିଭାଗରେ ଏକ ନମ୍ବର ସିଡ୍ ମାନ୍ୟତା ପାଇଥିବା ଜୋକୋଭିଚ୍ ଏଠାରେ ନିଜର ୫ମ ଟାଇଟଲ ହାସଲ ପାଇଁ କୋର୍ଟକୁ ଓହ୍ଲାଇବେ। ପ୍ରଥମ ରାଉଣ୍ଡ ମୁକାବିଲାରେ ଜୋକୋଭିଚ୍ ସୋମବାର ଜର୍ମାନୀର ଫିଲିପ୍ କୋହଶ୍ରେଇବରଙ୍କୁ ଭେଟିବେ। ସେହିଭଳି ୨ୟ ସିଡ୍ ମାନ୍ୟତା ପାଇଥିବା ସୁଇଜରଲାଣ୍ଡର ରୋଜର ଫେଡରର ଚଳିତ ବର୍ଷ ଯଦି ଚାମ୍ପିୟନ ହୁଅନ୍ତି ତେବେ ଏହା ତାଙ୍କର କ୍ୟାରିୟରର ୨୧ତମ ତଥା ୯ମ ୱିମ୍ବଲଡନ ଟ୍ରଫି ହେବ। ସେହିଭଳି ୩୮ ବର୍ଷୀୟ ଫେଡରର ବୟୋଜ୍ୟେଷ୍ଠ ଖେଳାଳିଭାବେ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବାର ସୁଯୋଗ ମଧ୍ୟ ରହିଛି। ସ୍ପାନିଶ ତାରକା ରାଫାଲ ନାଡାଲ ମଧ୍ୟ ଟାଇଟଲ୍ ଦୌଡ଼ରେ ରହିଛନ୍ତି। ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ନୂତନ ଭାବେ ବିଶ୍ୱର ଏକ ନମ୍ବର ସ୍ଥାନ ହାସଲ କରିଥିବା ଅଷ୍ଟ୍ରେଲିଆର ଆସ୍ଲେ ବାର୍ଟି, ନାଓମି ଓସାକା, ଭେଟେରାନ ଆମେରିକୀୟ ଖେଳାଳି ସେରେନା ୱିଲିୟମ୍ସ ପ୍ରମୁଖ ଟାଇଟଲ୍ ଦାବିଦାର ରହିଛନ୍ତି। ୩୭ ବର୍ଷୀୟ ସେରେନା ୭ଥର ଏହି ସମ୍ମାନଜନକ ଟ୍ରଫି ଜିତିବାରେ ସଫଳ ହୋଇଛନ୍ତି।

# ଭର୍ଷ୍ଟାପେନ ଚାମ୍ପିୟନ



ସ୍ପିଏଲବର୍ଗ (ଅଷ୍ଟ୍ରିଆ), ୩୦।୬ (ଏଏଫ୍ପି)

ରବିବାର ଏଠାରେ ଅନୁଷ୍ଠିତ ଫର୍ମୁଲା ୱାନ ରେସ୍ ଅଷ୍ଟ୍ରିଆନ ଗ୍ରାଁ ପ୍ରି ପ୍ରତିଯୋଗିତାରେ ରେଡ୍ ବୁଲ୍ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ ଚାମ୍ପିୟନ ହୋଇଛନ୍ତି। ରେସ୍ ଆରମ୍ଭରୁ ଖରାପ ପ୍ରଦର୍ଶନ କରିଥିଲେ ମଧ୍ୟ ଅନ୍ତିମ ୨ ଲ୍ୟାପ୍ରେ ଫେରାରିର ଚାର୍ଲସ ଲେକ୍ଲର୍କଙ୍କୁ ପଛରେ ପକାଇ ଭର୍ଷ୍ଟାପେନ ବାଜିମାତ୍ କରିନେଇଥିଲେ। ୨୧ ବର୍ଷୀୟ ବେଲଜିଆନ ଡ୍ରାଇଭର ଭର୍ଷ୍ଟାପେନଙ୍କ କ୍ୟାରିୟରର ଏହା ୬ଷ୍ଠ ବିଜୟ ଥିଲା। ୭୧ ଲ୍ୟାପ୍ ବିଶିଷ୍ଟ (ପ୍ରତି ଲ୍ୟାପ୍= ୪.୩୧୮ କି.ମି.) ଏହି ରେସ୍କୁ ସେ ମୋଟ୍ ଏକ ଘଣ୍ଟା ୨୨ ମିନିଟ୍ ୧.୮୨୨ ସେକେଣ୍ଡରେ ଅତିକ୍ରମ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଫେରାରୀର ଚାର୍ଲସ ଲେକ୍ଲର୍କ +୨.୭୨୪ ସେକେଣ୍ଡ ଅଧିକ ସମୟ ନେଇ ୨ୟ ଓ ମର୍ସିଡିଜ ଡ୍ରାଇଭର ଭାଲଟେରି ବୋଟାସ (+୧୮.୯୬୦) ୩ୟ ସ୍ଥାନରେ ରହିଥିଲେ। ଏହି ବିଜୟ ସହ ଭର୍ଷ୍ଟାପେନ ମର୍ସିଡିଜର ଅପରାଜେୟ ଧାରାରେ ରୋକ୍ ଲଗାଇବାରେ ସଫଳ ହୋଇଛନ୍ତି। ଅନ୍ୟତମ ମର୍ସିଡିଜ ଡ୍ରାଇଭର ତଥା ପାଞ୍ଚଥରର ଚାମ୍ପିୟନ ଲୁଇସ ହାମିଲଟନ ତାଲିକାର ୫ମ ସ୍ଥାନରେ ରହି ରେସ୍ ଶେଷ କରିଥିଲେ।

# ଫିଫା ମହିଳା ବିଶ୍ୱକପ୍: ସେମିରେ ସ୍ୱିଡେନ

ପ୍ୟାରିସ୍,୩୦।୬

ଏକଦା ମ୍ୟାଚ୍ରେ ପଛୁଆ ଥିବା ସ୍ୱିଡେନ୍ ୨-୧ ଗୋଲରେ ଶକ୍ତିଶାଳୀ ଜର୍ମାନୀକୁ ହରାଇ ଚଳିତ ଫିଫା ମହିଳା ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ଲାଗି ସୋଫିଆ ଜ୍ୟାକବସନ ଓ ଷ୍ଟିନା ବ୍ଲାକଷ୍ଟେନିସ ଗୋଲ ସ୍କୋର କରିଥିଲେ। ମ୍ୟାଚ୍ ଆରମ୍ଭରୁ ଉଭୟ ଦଳ ମଧ୍ୟରେ କଡ଼ା ସଂଘର୍ଷ ହୋଇଥିଲା। ୧୬ତମ ମିନିଟ୍ରେ ଲିନା ମାଗୁଲଙ୍କ ବାଇସାଇକେଲ କିକ୍ ଜରିଆରେ ଗୋଲ ଦେଇ ଜର୍ମାନୀକୁ ୧-୦ ଗୋଲରେ ଅଗ୍ରଣୀ ଆଣିଦେଇଥିଲେ। ହେଲେ ଏହାର ୬ ମିନିଟ୍ ପରେ ଜ୍ୟାକବସନଙ୍କ ଗୋଲ ଯୋଗୁ ମ୍ୟାଚ୍ ବରାବର ସ୍ଥିତିକୁ ଚାଲିଆସିଥିଲା। ଫଳରେ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଦଳୀୟ ସ୍କୋର ୧-୧ ଗୋଲରେ ବରାବର ଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ବ୍ଲାକଷ୍ଟେନିସ (୪୮ତମ ମିନିଟ୍)ଙ୍କ ଗୋଲ ବଳରେ ସ୍ୱିଡେନ୍ ମ୍ୟାଚ୍ରେ ଅଗ୍ରଣୀ ହାସଲ କରିଥିଲା। ଏହା ପରଠାରୁ ଉଭୟ ଦଳର ଖେଳାଳିଙ୍କୁ ବହୁ ସୁଯୋଗ ମିଳିଥିଲା, ହେଲେ କୌଣସି ଖେଳାଳି ସ୍କୋର ଲାଇନ୍କୁ ପ୍ରଭାବିତ କରିପାରି ନ ଥିଲେ। ଏଥିସହ ବିଶ୍ୱକପ୍ର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ସ୍ୱିଡେନ ସେମିଫାଇନାଲରେ ନେଦରଲାଣ୍ଡକୁ ଭେଟିବ।


ଉତ୍କଳ କରାଟେ ସ୍କୁଲରେ ରବିବାର ଅନୁଷ୍ଠିତ ବେଲ୍ଟ ଟେଷ୍ଟରେ ଅଂଶଗ୍ରହଣ କରିଥିବା କରାଟେକାମାନେ କୋଚ୍ ଓ କର୍ମକର୍ତ୍ତାଙ୍କ ସହ।

# ଉରୁଗୁଏକୁ ବିଦାକଲା ପେରୁ

ସାଲ୍ଭାଡର (ବ୍ରାଜିଲ), ୩୦।୬ (ଏଏଫ୍ପି)

ପେରୁଠାରୁ ଶୁଟଆଉଟ୍(୫-୪) ଜରିଆରେ ପରାଜୟ ବରଣ କରି ଉରୁଗୁଏ ଚଳିତ କୋପା ଆମେରିକା ଫୁଟ୍ବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛି। ଧାର୍ଯ୍ୟ ସମୟ ସୁଦ୍ଧା ମ୍ୟାଚ୍ଟି ଗୋଲଶୂନ୍ୟ ରହିଥିଲା। ଉରୁଗୁଏ ଲାଗି ଗିଓର୍ଗିଆନ ଡେ ଆରାକାଷ୍ଟେ, ଏଡିନ୍ସନ କଭାନି ଓ ଲୁଇସ୍ ସୁଆରେଜ ଗୋଲ ଦେଇଥିଲେ। ହେଲେ ଲାଇନ୍ସମ୍ୟାନ ପ୍ରତ୍ୟାଖ୍ୟାନ କରିଥିଲେ। ଅତିରିକ୍ତ ସମୟରେ ମଧ୍ୟ କୌଣସି ଖେଳାଳି ଗୋଲ କରିପାରି ନ ଥିଲେ। ଶୁଟ୍ଆଉଟ୍ରେ ବାର୍ସିଲୋନା ଫରୱାର୍ଡ ସୁଆରେଜଙ୍କ ଶଟ୍କୁ ପେରୁ ଗୋଲ୍କିପର ପେଡ୍ରୋ ଗାଲେସେ ରୋକିଦେଇଥିଲେ, ଯାହାକି ପେରୁ ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ପେରୁ ଲାଗି ଏଡିସନ ଅନ୍ତିମ ଗୋଲ ଦେଇଥିଲେ। ଚଳିତ ଟୁର୍ନାମେଣ୍ଟର ଶୁଟ୍ଆଉଟ୍ରେ ଶେଷ ହୋଇଥିବା ଏହା ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍। ଏଥିପୂର୍ବରୁ ବ୍ରାଜିଲ ଓ ଚିଲି ପେନାଲ୍ଟି ରାଉଣ୍ଡରେ ଯଥାକ୍ରମେ ପାରାଗୁଏ ଓ କଲମ୍ବିଆକୁ ହରାଇଥିଲେ। କେବଳ ଆର୍ଜେଣ୍ଟିନା ଏକମାତ୍ର ଦଳ ଭାବେ ଧାର୍ଯ୍ୟ ସମୟରେ ଗୋଲ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ଲିଓନେଲ ମେସିଙ୍କ ଦଳ ୨-୦ ଗୋଲରେ ଭେନିଜୁଏଲାକୁ ହରାଇଥିଲା। ଉଲ୍ଲେଖଥାଉ କି, ଗତ ୪ଟି ସଂସ୍କରଣରେ ତୃତୀୟ ଥର ପାଇଁ ପେରୁ ଟୁର୍ନାମେଣ୍ଟର ସେମିରେ ପ୍ରବେଶ କରିଛି। ପେରୁ ତା'ର ସେମିଫାଇନାଲ ମୁକାବିଲାରେ ଚିଲିକୁ ଭେଟିବ।



ପରାଜୟ ପରେ ଉରୁଗୁଏର ଷ୍ଟାର ଖେଳାଳି ଲୁଇସ୍ ସୁଆରେଜ୍(ବାମ) କାନ୍ଦି ପକାଉଛନ୍ତି।

### ସେମିଫାଇନାଲ ଲାଇନ୍ଅପ୍ ଚୂଡ଼ାନ୍ତ

ଏକ ରୋମାଞ୍ଚକ ମ୍ୟାଚ୍ରେ ଶୁଟ୍ଆଉଟ୍ରେ ଉରୁଗୁଏକୁ ପରାସ୍ତ କରିବା ପରେ ପେରୁ ଚଳିତ କୋପା ଆମେରିକା ଫୁଟ୍ବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଏଥିସହ ଟୁର୍ନାମେଣ୍ଟର ସେମିଫାଇନାଲ ଲାଇନ୍ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଜୁଲାଇ ୩ରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍ରେ ଆୟୋଜକ ବ୍ରାଜିଲ ଟାଇଟଲ ଦାବିଦାର ଆର୍ଜେଣ୍ଟିନାକୁ ଭେଟିବ। ସେହିଭଳି ଏହାପର ଦିନ ଖେଳାଯିବାକୁ ଥିବା ଅନ୍ୟ ଏକ ସେମିଫାଇନାଲରେ ଚିଲି ଓ ପେରୁ ପରସ୍ପରକୁ ଭେଟିବେ। ଜୁଲାଇ ୮ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ସ୍କୁଲ ଚେସ୍: ହର୍ଷିତ ଚାମ୍ପିୟନ

ଭୁବନେଶ୍ୱର, ୩୦।୬(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ ଆସୋସିଏଶନ(ଓଏସସିଏ) ଓ ଟିଏଏସ ଇନ୍ସପିରେଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ସ୍କୁଲ ଓପନ ଚେସ ଚାମ୍ପିୟନଶିପରେ କଟକର ହର୍ଷିତ ରଞ୍ଜନ ସାହୁ ଚାମ୍ପିୟନ ହୋଇଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ମ୍ୟାଚରେ ହର୍ଷିତ ପୂରା ୭ ପଏଣ୍ଟ ହାସଲ କରି ଏହି ସଫଳତା ପାଇଛନ୍ତି। କୀର୍ତ୍ତି ଅନୁରାଗ ପ୍ରତିହାରୀ ଓ ଦୀପ୍ତିମୟୀ ସାହୁ ୬ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧାର୍ଥ ଭୂୟାଁ ୫.୫ ଏବଂ ଅଞ୍ଜଳି ମିଶ୍ର, ଅଭିଜ୍ଞାନ ମହାନ୍ତି, ସେକ୍ ଇଜାଜ୍ ଅହମଦ, ନିଖିଲ ସାହୁ, ଆୟୁଷ ଆର୍ଯ୍ୟନ ମହାପାତ୍ର ଏବଂ ଓମ୍ ପ୍ରକାଶ ଗଡ଼ନାୟକ ୫ ପଏଣ୍ଟ ଲେଖାଏ ହାସଲ କରି ଟପ୍-୧୦ ଫିନିଶ୍ କରିଛନ୍ତି। ବିଏମ୍ସି ଡେପୁଟି ମେୟର କେ. ଶାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟିଏଏସ ଇନ୍ସପିରେଶନର ପରିଚାଳନା ନିର୍ଦ୍ଦେଶକ ତରଙ୍ଗ କୁମାର ମହାନ୍ତି, ଗେମ୍ସ ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଟ୍ରଫି ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଜୁଲାଇ ୧/୨୦୧୯ Bhubaneswar, Monday, July 1/2019




## ସଂକ୍ଷେପରେ

### ମଦ ପାଇଁ ଟଙ୍କା ନ ଦେବାରୁ ଯୁବକଙ୍କୁ ଆକ୍ରମଣ

**ବାଲିଅନ୍ତା,୩୦।୬(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଧୀନ ଟୋଲକପଡ଼ା ଛକରେ ରବିବାର ଅପରାହ୍ଣରେ ମଦ ପିଇବାକୁ ଟଙ୍କା ନ ଦେବାରୁ ଜଣେ ଯୁବକଙ୍କୁ ଆକ୍ରମଣ ହୋଇଛି। ଏ ନେଇ ଆହତ ଯୁବକ ବ୍ରହ୍ମେଶ୍ୱରପାଟଣା ପ୍ରଶାନ୍ତ ଦାସ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ପ୍ରଶାନ୍ତ ଏହି ଥାନା ଅଧୀନ ଅନ୍ଧୋଟି ଗ୍ରାମରେ ଥିବା ତାଙ୍କ ସାଙ୍ଗ ଘରୁ ଚାଲି ଚାଲି ଫେରୁଥିଲେ। ଏହି ସମୟରେ ଟୋଲକପଡ଼ା ଛକରେ ୫ଜଣ ଯୁବକ ଏକ ଅଟୋରେ ଆସି ତାଙ୍କୁ ଅଟକାଇଥିଲେ। ମଦ ପିଇବା ପାଇଁ ପ୍ରଶାନ୍ତଙ୍କୁ ୮୦୦ ଟଙ୍କା ମାଗିଥିଲେ। ପ୍ରଶାନ୍ତ ସେମାନଙ୍କୁ ଜାଣି ନଥିବାରୁ ଟଙ୍କା ଦେବାକୁ ମନା କରିଥିଲେ। ଏଥିରେ ଯୁବକମାନେ ଉତ୍‌କ୍ଷିପ୍ତ ହୋଇ ଲୁହାରଡ ଓ ବ୍ୟାଟରେ ପ୍ରଶାନ୍ତଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଏହା ଦେଖି ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

### ୩ ମହଲାରୁ ଖସି ବୃଦ୍ଧା ମୃତ

**ଭୁବନେଶ୍ୱର,୩୦।୬ (ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ପଟିଆ ସାଇ ମନ୍ଦିର ନିକଟ ବି.କେ. ରିସିଡେନ୍ସିର ୩ ମହଲା ଛାତରୁ ପଡି ରବିବାର ସକାଳେ ଜଣେ ବୃଦ୍ଧା ଖସି ପଡି ମୃତ୍ୟୁ ଘଟିଛି। ମୃତ ବୃଦ୍ଧା ଜଣଙ୍କ ହେଲେ ଶୁଭାସିନୀ ଉଦ୍‌ଗାତା(୮୨)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ଏ ନେଇ ପୋଲିସ ଏକ ଯୁଡି କେସ୍ କରି ତଦନ୍ତ କରୁଛି। ପୋଲିସ ସୂଚନା ଅନୁଯାୟୀ, ରବିବାର ସକାଳେ ବୃଦ୍ଧା ଜଣଙ୍କ ବାଲକୋନୀରେ ବୁଲାବୁଲି କରୁଥିଲେ। ଏହି ସମୟରେ ଅସାବଧାନତା ବଶତଃ ତାଙ୍କ ଗୋଡ ଖସି ଯିବାରୁ ତଳେ ପଡି ଯାଇଥିଲେ। ତାଙ୍କର ମୁଣ୍ଡ, ଛାତି ମାଡ ହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା।

### ୧୮ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଭୁବନେଶ୍ୱର, ୩୦।୬(ବ୍ୟୁରୋ):** କାରଗିଲ ବସ୍ତି ଅଞ୍ଚଳରେ ବେଆଇନ ବ୍ରାଉନସୁଗାର କାରବାର ଚଳାଇଥିବା ଅଭିଯୁକ୍ତଙ୍କୁ କ୍ୟୁଏଟି (କୁଇକ ଆକ୍ସନ ଟିମ୍) ଓ ଏୟାରପୋର୍ଟ ଥାନା ପୋଲିସ ମିଳିତ ଚଢ଼ାଉ କରି ଗିରଫ କରିଛି। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୧୮ ଗ୍ରାମ ବ୍ରାଉନସୁଗାର ସହ ୧୧୨୦ ଟଙ୍କା ଓ ମୋବାଇଲ ଫୋନ ଜବତ କରିଛି। ସେ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଅଞ୍ଚଳର ଦିଲୀପ ମହାପାତ୍ର (୨୫)। ପୋଲିସ ସୂଚନା ମୁତାବକ, ଅଭିଯୁକ୍ତ ଦିଲୀପ ରାଜଧାନୀରେ ବିଭିନ୍ନ ସ୍ଥାନରେ ଛୋଟ ମୋଟ ବେପାରୀଙ୍କୁ ବ୍ରାଉନସୁଗାର ଯୋଗାଇଥା'ନ୍ତି। କିଛିଦିନ ତଳେ ସେ କ୍ୟୁଏଟି ନଜରକୁ ଆସିବା ପରେ ପୋଲିସ ତାଙ୍କ ଗତିବିଧି ଉପରେ ନଜର ରଖିଥିଲା। ଅଭିଯୁକ୍ତ ଦିଲୀପ କାରଗିଲ ବସ୍ତିକୁ ବ୍ରାଉନସୁଗାର ଆଣି ଆସୁଥିବା ଖବର ମିଳିବା ପରେ କ୍ୟୁଏଟି ଏବଂ ପୋଲିସ ଜାଲ ବିଛାଇଥିଲେ। ରବିବାର ସନ୍ଧ୍ୟାରେ ଅଭିଯୁକ୍ତ କାରଗିଲ ବସ୍ତିକୁ ପଶୁଥିବା ବେଳେ କ୍ୟୁଏଟି ଏବଂ ପୋଲିସ ଟିମ୍ ତାଙ୍କୁ ମାଡ଼ି ବସିବା ସହ ପକେଟରୁ ୧୮ ବ୍ରାଉନସସୁଗାର ଜବତ କରାଯାଇଥିଲା। ପୋଲିସ ନଂ. ୧୦୫/୧୯ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଛି। ଚୋରା ବ୍ୟବସାୟ କରାବାରରେ ତାଙ୍କ ସମ୍ପର୍କ ଜାଣିବା ନେଇ ପଚରାଉଚରା ଜାରି ରହିଥିବା ଏୟାରପୋର୍ଟ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି।

## ଖୋର୍ଦ୍ଧାରେ ଏସ୍‌ଟିଏଫ୍‌ର ଏନ୍‌କାଉଣ୍ଟର ଘଟଣା

# ଦୁଇ ମୋଷ୍ଟ ୱାଣ୍ଟେଡ୍‌ଙ୍କୁ ଧରିବାକୁ ଚଢ଼ାଉ ଜୋର୍‌ଦାର

- ସହଯୋଗୀ ଜନ୍ ଗିରଫ, ବନ୍ଧୁକ ସହ ୨ ଗୁଳି ଜବତ
- ଘରୋଇ ହସ୍ପିଟାଲ ଓ କ୍ଲିନିକ୍ ଉପରେ ନଜର
- ଗୁଳି ବିନିମୟବେଳେ ଏସ୍‌ଟିଏଫ୍ ଟିମ୍‌ର ୩ ଆହତ

**ଭୁବନେଶ୍ୱର,୩୦।୬ (ବ୍ୟୁରୋ)**

ଖୋର୍ଦ୍ଧା ଏଲ୍‌ଆଇସି ପଡ଼ିଆରେ ଶନିବାର ରାତିରେ ଚଢ଼ାଉ ସମୟରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ ସହ ଅପରାଧୀ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷରୁ ଗୁଳିବର୍ଷା ପରେ ପଛଘୁଞ୍ଚା ଦେଇଥିଲା ପୋଲିସ୍‌ର ମୋଷ୍ଟ ୱାଣ୍ଟେଡ୍ ଥିବା ସଞ୍ଜୟ ଓ ଅନିଲ ଗ୍ୟାଙ୍ଗ୍। ହେଲେ ଅନ୍ୟମାନେ ଖସି ଯାଇଥିବାବେଳେ ପୋଲିସ ଜଣଙ୍କୁ କାବୁ କରିଥିଲା। ତେବେ ଗୁଳି ବାଜିବା ପରେ ସଞ୍ଜୟ ପ୍ରଧାନ ଓ ଅନିଲ ବରାଳ ସହଯୋଗୀଙ୍କ ସହ ଘଟଣାସ୍ଥଳରୁ ଖସି ଯାଇଥିବା ସନ୍ଦେହ କରି ଏସ୍‌ଟିଏଫ୍ ପକ୍ଷରୁ ଆଖପାଖ ଅଞ୍ଚଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ତଲାସି କରାଯାଇଥିଲା। ରବିବାର ମଧ୍ୟ ସେମାନଙ୍କୁ ଧରିବାକୁ ଚଢ଼ାଉ ଜୋର୍‌ଦାର କରାଯାଇଛି। ଆହତ ହୋଇଥିବାରୁ ସେମାନେ ନିଶ୍ଚିତ ଚିକିତ୍ସା ପାଇଁ ହସ୍ପିଟାଲକୁ ଯାଇପାରନ୍ତି। ଏପରିକି ସେମାନେ କୌଣସି ଡାକ୍ତରଙ୍କୁ ଧମକାଇ ଘରକୁ ଡାକି ଚିକିତ୍ସିତ ହୋଇପାରନ୍ତି। ତେଣୁ ବିଭିନ୍ନ ହସ୍ପିଟାଲ, ନର୍ସିଂହୋମ ଓ କ୍ଲିନିକ୍ ସମେତ ଆଡ୍ଡାସ୍ଥଳ ଉପରେ ଏସ୍‌ଟିଏଫ୍ ନଜର ରଖିଛି। ସାମାନ୍ୟ ସୁରାକ ମିଳିଲେ ଚଢ଼ାଉ କରାଯାଇ ଗିରଫ କରିବାକୁ ଯୋଜନା କରିଛି ଏସ୍‌ଟିଏଫ୍।

ଅନ୍ୟପକ୍ଷରେ ଏନ୍‌କାଉଣ୍ଟରବେଳେ ଧରାପଡିଥିବା ସଞ୍ଜୟ ଗ୍ୟାଙ୍ଗର ଅନ୍ୟତମ ସହଯୋଗୀ ଜନ୍ ଖୁଣ୍ଟିଆଙ୍କୁ ପଚରାଉଚରାବେଳେ ପୋଲିସକୁ ବହୁ ତଥ୍ୟ ମିଳିଛି। ତାଙ୍କ ଘର କଟକ ଚାରିବାଟିଆ ହୋଇଥିବାବେଳେ ସେ ପୁରୁଣା ଭୁବନେଶ୍ୱର କପିଳେଶ୍ୱରର ମାଉସୀ ଘରେ ରହୁଥିଲେ। ଖୋର୍ଦ୍ଧାର ଅଜୟ ପ୍ରଧାନଙ୍କ ଆସ୍ଥା ଫର୍ଟି କାଉଣ୍ଟରରେ କାମ କରୁଥିଲେ। ସଞ୍ଜୟ ଗ୍ୟାଙ୍ଗ୍‌ରେ ମିଶି ବ୍ରାଉନସୁଗାର କାରବାର କରୁଥିଲେ ବୋଲି ସେ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏନ୍‌କାଉଣ୍ଟର ପରେ ସେମାନେ ବ୍ୟବହାର କରୁଥିବା କାରକୁ ପୋଲିସ ଜବତ କରିବା ସହ ତାହା ଭିତରୁ ଏକ ବନ୍ଧୁକ, ଦୁଇଟି ଗୁଳି ଓ ଏକ ରକ୍ତଭିଜା ଗାମୁଛାକୁ ଜବତ କରିଥିଲା। ଏନେଇ ଏସ୍‌ଟିଏଫ୍ ଇନ୍ସପେକ୍ଟର ଖୋର୍ଦ୍ଧା ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ.୧୮୭/୧୯ ଦଫା ୩୩୨, ୩୫୩, ୩୦୭, ୩୪ ଓ ୨୫ ଏବଂ ୨୭ ଆର୍ମ୍ସ ଆକ୍ଟ ଲଗାଇ ଜନ୍‌ଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି। ସେହିଭଳି ଖୋର୍ଦ୍ଧା ଆଦର୍ଶ ଥାନାର କେସ୍ ନଂ.୧୭୯/୧୯ରେ ମଧ୍ୟ ଜନ୍‌ଙ୍କୁ ଜାମିନ ମିଳିନାହିଁ। ଜନ୍‌ଙ୍କ ନାମରେ ଖଣ୍ଡଗିରି ଏବଂ ଖୋର୍ଦ୍ଧା ଥାନାରେ ଲୁଟ୍, ହତ୍ୟା ଧମକ, ଆର୍ମ୍ସ ଆକ୍ଟ ଭଳି ଏକାଧିକ ମାମଲା ରହିଛି। ଖୋର୍ଦ୍ଧାରେ ସଞ୍ଜୟ ଓ ଅନିଲ ବ୍ରାଉନ ସୁଗାର ବେପାର କରିବା ସହ ବେଆଇନ ପଥର ଖଣିରୁ କିଭଳି ଚୋରା ଚାଲାଣ କରୁଥିଲେ ତାହାର ଗୁମର ଖୋଲିଛନ୍ତି ଜନ୍।

ଜନ୍‌ଙ୍କ ବୟାନ ଆଧାରରେ ପୋଲିସ କହିଛି ଯେ, ଖୋର୍ଦ୍ଧାରେ ସଞ୍ଜୟଙ୍କ ସହ ଅନ୍ୟ ୪ଜଣ ମିଶି ବ୍ରାଉନସୁଗାର ବ୍ୟବସାୟ କରନ୍ତି। ସଞ୍ଜୟ ବିଶେଷକରି ସ୍କୁଲ ପିଲା ଓ କଲେଜ ପିଲାଙ୍କୁ ଟାର୍ଗେଟ କରିଥାନ୍ତି। ସେ କଲେଜ ଓ ହାଇସ୍କୁଲ ଆଗରେ ରହି ପ୍ରଥମେ ଛାତ୍ରମାନଙ୍କ ସହ ମିଶିଥାନ୍ତି। ଧୀରେ ଧୀରେ ଛାତ୍ରମାନଙ୍କୁ ଫସାଇ ନିଜ ର୍‍ୟାକେଟରେ ସାମିଲ୍ କରିବା ସହ ବ୍ରାଉନସୁଗାର ବ୍ୟବସାୟ ବଢ଼ାଇଥାନ୍ତି। ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗର କେତେଜଣ ଅଧିକାରୀ ଏବଂ କର୍ମଚାରୀଙ୍କୁ ମୋଟା ଅଙ୍କର ଅର୍ଥ ଦେଇ ସହଯୋଗ ହାସଲ କରନ୍ତି।

ସଞ୍ଜୟ ନାମରେ ଏସ୍‌ଟିଏଫ୍‌ରେ କେସ୍ ନଂ.୬/୧୯ ରହିଛି। ସେହିପରି ସଞ୍ଜୟ ଓ ଅନିଲଙ୍କ ନାମରେ କେସ୍ ନଂ.୭/୧୯ ରହିଛି। ଉଭୟଙ୍କୁ ଧରିବାକୁ ଏସ୍‌ଟିଏଫ୍ କିଛିଦିନ ହେବ ଯୋଜନା କରିଥିଲା। ଶନିବାର ରାତିରେ ଏଲ୍‌ଆଇସି ପଡିଆରେ ସଞ୍ଜୟ, ଅନିଲ, ମନୋରଞ୍ଜନ ଏବଂ ଜନ୍ କାରରେ ବସି ବ୍ରାଉନ ସୁଗାର ବ୍ୟବସାୟ କରିବା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରୁଥିବା ନେଇ ସୂଚନା ପାଇବା ପରେ ଏସ୍‌ଟିଏଫ୍ ଟିମ୍ ସେଠାରେ ଚଢାଉ କରିଥିଲା। ହେଲେ ସଞ୍ଜୟ ଏସ୍‌ଟିଏଫ୍ ଟିମ୍‌କୁ ଦେଖି ଗୁଳି ଚଳାଇଥିଲେ। ଏସ୍‌ଟିଏଫ୍ ପକ୍ଷରୁ ସେମାନଙ୍କ ଉପରକୁ ବାରମ୍ବାର ଗୁଳି କରାଯାଇଥିଲା। ମନୋରଞ୍ଜନଙ୍କ ଗୋଡ଼ରେ ଗୁଳି ବାଜିଥିବାବେଳେ ଅନ୍ୟକେତେଜଣ ଆହତ ହୋଇଥିଲେ। ଅନ୍ଧାର ସୁଯୋଗରେ ସେମାନେ ନିକଟ ଜଙ୍ଗଲରେ ପଶି ଖସିଯାଇଥିଲେ ବୋଲି ଥିବା ଗିରଫ ହୋଇଥିବା ଜନ୍‌ଙ୍କଠାରୁ ପୋଲିସ ଜାଣିବାକୁ ପାଇଛି। ଗୁଳି ବିନିମୟରେ ଏସ୍‌ଟିଏଫ୍‌ର ୩ଜଣ ସଦସ୍ୟ ଆହତ ହୋଇଥିବା ଜଣାପଡିଛି।

### ଯୁବକଙ୍କୁ ଗୁଳିମାଡ଼, ୨ଅଟକ

**ପୁରୀ ଅଫିସ, ୩୦।୬:** ସମୁଦ୍ରକୂଳ ଥାନା ସ୍ୱର୍ଗଦ୍ୱାର ମାଛ ମାର୍କେଟରେ ଶୁକାନ୍ତ ସାହୁଙ୍କୁ ଗୁଳିମାଡ ଘଟଣାରେ ରବିବାର ପୋଲିସ ୨ଜଣଙ୍କୁ ଥାନାରେ ଅଟକ ରଖିଛି। ଆହତ ସୁକାନ୍ତଙ୍କ ମା'ଙ୍କ ଅଭିଯୋଗ କ୍ରମେ ପୋଲିସ ୯୪/୧୯ରେ ମାମଲା ରୁଜୁ କରିଛି। ପୋଲିସ ରବିବାର ଘଟଣାସ୍ଥଳ ପରିଦର୍ଶନ କରି ଖୋଳତାଡ଼ ଆରମ୍ଭ କରିଛି। ଏଥିରେ ସଂପୃକ୍ତି ନେଇ ଦୁଇଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଥିବା ଥାନା ଅଧିକାରୀ ଗୌରାଙ୍ଗ ପୃଷ୍ଟି କହିଛନ୍ତି। ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି। ପ୍ରକାଶ ଯେ, ଶନିବାର ରାତିରେ ସୁକାନ୍ତ ମାଛ ମାର୍କେଟ ସ୍ଥିତ ନିଜ ଘରେ ବସି ଟିଭି ଦେଖୁଥିଲେ। ଏହି ସମୟରେ ଦୁଇ ଯୁବକ ବାଇକରେ ଆସି ତାଙ୍କୁ ଘରୁ ଡାକିଥିଲେ। ସୁକାନ୍ତ ବାହାରକୁ ଆସିବା କ୍ଷଣି ତାଙ୍କୁ ଗୁଳିମାଡ କରି ଫେରାର ହୋଇଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

## ୨ରେ ନବଯୌବନ ଦର୍ଶନ

# ଭିତରକାଠରୁ ସାହାଣମେଲା, ପରିମାଣିକ ଦର୍ଶନ

**ପୁରୀ ଅଫିସ, ୩୦।୬**

ଆସନ୍ତା ୨ ତାରିଖରେ ନବଯୌବନ ଦର୍ଶନ। ଅଣସର ପରେ ପ୍ରଥମ କରି ଭକ୍ତଙ୍କୁ ଦର୍ଶନ ଦେବେ ଚତୁର୍ଦ୍ଧାବିଗ୍ରହ। ଏହାପରେ ଜୁଲାଇ ୪ ତାରିଖରେ ଅନୁଷ୍ଠିତ ହେବ ରଥଯାତ୍ରା। ତେବେ ନବଯୌବନ ଦର୍ଶନ ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଥାଏ। ତେଣୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଛି ବୋଲି ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି। ରବିବାର ମୁଖ୍ୟ ପ୍ରଶାସକ ଗଣମାଧ୍ୟମକୁ କହିଛନ୍ତି ଯେ, ମହାପ୍ରଭୁଙ୍କ ରଥଯାତ୍ରା ଲାଗି ସମସ୍ତ ପ୍ରକାର ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଛି। ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଠିକ୍ ଭାବେ ଚାଲିଛି।



ଠାକୁରଙ୍କ ନୀତିକାନ୍ତି ବି ନିର୍ଘଣ୍ଟ ସମୟରେ କରାଯାଉଛି। ୨ ତାରିଖରେ ନବଯୌବନ ଦର୍ଶନ। ଏହିଦିନ ଅପରାହ୍ନ ସାଢେ ୨ଟାରୁ ସାଢେ ୩ଟା ମଧ୍ୟରେ ପରିମାଣିକ ଦର୍ଶନ ଏବଂ ଅପରାହ୍ନ ସାଢେ ୩ଟାରୁ ସାଢେ ୪ଟା ମଧ୍ୟରେ ସର୍ବସାଧାରଣ ବା ସାହାଣମେଳା ଦର୍ଶନ ହେବ। ଗତବର୍ଷ ପରିମାଣିକ ଟିକେଟ ମୂଲ୍ୟ ୫୦ ଟଙ୍କା ରହିଥିଲା। ହେଲେ ଏଥର ପରିଚାଳନା କମିଟି ନିଷ୍ପତ୍ତି ପ୍ରକାରେ ୧୦୦ ଟଙ୍କା ରଖାଯାଇଛି। ପରିମାଣିକ ଟିକେଟଧାରୀ ଦକ୍ଷିଣ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିବେ। ସେହିପରି ସାହାଣମେଲା ଦର୍ଶନ ପାଇଁ ଭକ୍ତମାନେ ସିଂହଦ୍ୱାର ଦେଇ ପ୍ରବେଶ କରି ଅନ୍ୟ ତିନିଦ୍ୱାର ଦେଇ ବାହାରିବେ। ସାହାଣମେଲା ଦର୍ଶନ ମାତ୍ର ଘଣ୍ଟାଏ ରହିଥିବାରୁ ବହୁ ଭକ୍ତ ଦର୍ଶନରୁ ବଞ୍ଚିତ ହୋଇପାରନ୍ତି ପ୍ରଶ୍ନରେ ମୁଖ୍ୟ ପ୍ରଶାସକ କହିଥିଲେ ଯେ, ସେଦିନ ସ୍ଥିତି ଦେଖି ଯଦି ହୁଏ ସମୟ ବୃଦ୍ଧି କରାଯିବ।

### ପଥର ଖଣି ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଜଟଣୀ,୩୦।୬(ଡି.ଏନ.ଏ)**

ମାଙ୍କଡ଼ାପଥର ଖଣି ପାଣିରେ ବୁଡ଼ି ପ୍ରସନ୍ନ କୁମାର ଭୁଜବଳ(୩୨)ଙ୍କ ରବିବାର ସକାଳେ ମୃତ୍ୟୁ ଘଟିଛି। ଜଟଣୀ ଥାନା ଅନ୍ତର୍ଗତ ନିରଞ୍ଜନପୁର ଗ୍ରାମରେ ମୃତ ଯୁବକଙ୍କ ଘର। ଗ୍ରାମ ନିକଟରେ ଥିବା ଗଭୀର ମାଙ୍କଡ଼ାପଥର ଖଣିକୁ ପ୍ରସନ୍ନ ଶୌଚ ହେବାକୁ ଯାଇଥିବା ବେଳେ ଏପରି ଘଟିଥିବା କୁହାଯାଇଛି। ଖବରପାଇ ଜଟଣୀ ଓ ଭୁବନେଶ୍ୱରରୁ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପାଣି ମଧ୍ୟରୁ ମୃତଦେହ ବାହାର କରିଥିଲେ।




# ନନ୍ଦନକାନନ: ବିଲୁଆ, କଳାହଂସ ମୃତ

**ବାରଙ୍ଗ,୩୦।୬(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ରବିବାର ସକାଳେ ଏକ ମାଈ ବିଲୁଆ ଡାକ୍ତରଖାନାରେ ମୃତ୍ୟୁ କରିଛି। ଗତ ୨୦ତାରିଖରେ ବିଲୁଆଟି ରହୁଥିବା ୨୩ନଂ ଏନକ୍ଲୋଜର ମଧ୍ୟରେ ଅସୁସ୍ଥ ହୋଇପଡିଥିଲା। ଖବରପାଇ ଜନ୍ତୁ ବିଭାଗର କର୍ମଚାରୀମାନେ ବିଲୁଆଟିକୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ସତ୍ତ୍ୱେ ରବିବାର ସକାଳେ ମରିପଡିଥିବାର ଡାକ୍ତରଖାନା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଏହି ବିଲୁଆଟିକୁ ୨୦୧୫ ଡିସେମ୍ବର ୧୬ତାରିଖରେ ଏରୋଡିମ ଫିଲ୍ଡଠାରୁ ଉଦ୍ଧାର କରାଯାଇ ନନ୍ଦନକାନନକୁ ଅଣାଯାଇଥିଲା। ନନ୍ଦନକାନନକୁ ଆସିବାପରଠାରୁ ବିଲୁଆଟି ବଂଶବୃଦ୍ଧିରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲା। ବୟସ୍କାଧିକ ଯୋଗୁ ତା' ଶରୀର ରୁମ ଉପୁଡିବା ସହ ରୁଗ୍ଣ ହୋଇଯାଇଥିଲା। ବିଲୁଆର ମୃତ୍ୟୁ ପରେ ଏମାନଙ୍କ ସଂଖ୍ୟା ହ୍ରାସପାଇ ୩ରେ ପହଞ୍ଚିଛି। ସେଥିମଧ୍ୟରେ ୨ମାଈ ଓ ଗୋଟିଏ ଅଣ୍ଡିରା ରହିଛି। ସେହିଭଳି ବିହଙ୍ଗସରଣୀର ୭୫ ବି ଏନକ୍ଲୋଜର ରବିବାର ସକାଳେ ପାଣିରେ ଏକ



ମୃତ ବିଲୁଆ।

କଳାହଂସ ମରି ଭାସୁଥିବାର କର୍ମଚାରୀମାନେ ଦେଖି ଉଦ୍ଧାର କରିଛନ୍ତି। ତେବେ ଏହି ପକ୍ଷୀର ମୃତ୍ୟୁର କାରଣ ଜଣାପଡି ନଥିବାବେଳେ କଳାହଂସ ସଂଖ୍ୟା ହ୍ରାସ ପାଇଁ ୨ରେ ପହଞ୍ଚିଛି।

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ପାପକୁ ସ୍ୱୀକାର କରିବା ମାତ୍ରେ ହିଁ ଲୋକ ମୁକ୍ତି ପଥରେ ଚାଲିବା ପାଇଁ ବଳ ପାଇଥାଏ।
-ମାର୍ଟିନ ଲୁଥର



## ସଂକ୍ଷେପରେ

### ଯୋଗଦେଲେ ନୂଆ ମାଜିଷ୍ଟ୍ରେଟ୍

**ନରସିଂହପୁର,୩୦।୬(ଡି.ଏନ.ଏ.):** ନରସିଂହପୁର ସ୍ଥିତ ଜୁଡିସିଆଲ କୋର୍ଟରେ କାର୍ଯ୍ୟରତ ମାଜିଷ୍ଟ୍ରେଟ ମାନସ ରଞ୍ଜନ ସାମନ୍ତରାୟଙ୍କ ବଦଳି ହେବା ପରେ ନୂତନ ମାଜିଷ୍ଟ୍ରେଟଭାବେ ପ୍ରତିଶ କୁମାର ରଥ ଯୋଗ ଦେଇଛନ୍ତି। ଗତ ୨୨ ତାରିଖରେ ମାଜିଷ୍ଟ୍ରେଟ ସାମନ୍ତରାୟଙ୍କ କୋରାପୁଟ ଜିଲା ବୋରିଗୁମାର ନୂତନ କୋର୍ଟକୁ ବଦଳି ହୋଇଛି। ମାଜିଷ୍ଟ୍ରେଟ ରଥ କେନ୍ଦ୍ରାପଡ଼ାରୁ ଆସି ଏଠାରେ ଅବସ୍ଥାପିତ ହୋଇଛନ୍ତି।

### ନରସିଂହପୁର ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା

**ନରସିଂହପୁର,୩୦।୬(ଡି.ଏନ.ଏ.):** ନରସିଂହପୁର ବ୍ଲକ ଅଞ୍ଚଳର ଖବରଦାତାଙ୍କ ଏକ ବୈଠକ ରବିବାର ଖାରୋଡସ୍ଥିତ ମହାକାଳୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନରସିଂହପୁର ପ୍ରେସ୍ କ୍ଲବ ଗଠନ କରାଯିବା ସହିତ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସର୍ବସମ୍ମତି କ୍ରମେ ଦେବୀପ୍ରସାଦ ରଥ ସଭାପତି, ଭୂପେନ କୁମାର ଦାଶ ସମ୍ପାଦକ, ସୁରେଶ ମହାନ୍ତି ଉପସଭାପତି, ଦିବ୍ୟଲୋଚନ ମହାନ୍ତି କୋଷାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। କ୍ଲବ ଉପଦେଷ୍ଟା ଭାବେ ବିପିନ ବିହାରୀ ପଣ୍ଡା, ପ୍ରମୋଦ କୁମାର ରାଉତ, ଦିଲୀପ କୁମାର ପଣ୍ଡା କାର୍ଯ୍ୟ ସମ୍ପାଦନା କରିବାକୁ ନିଷ୍ପତ୍ତି ହୋଇଛି। ଖବରଦାତା ଦେବଦତ୍ତ ମଳୟ କୁମାର ବରାଳ, ରମେଶ ଚନ୍ଦ୍ର ପାଢ଼ୀ, ଅଜୟ ପଣ୍ଡା, ମନମୋହନ ସାହୁ, ପ୍ରଦୀପ ନାୟକ, ବିଶ୍ୱନାଥ ଜେନା, ଅଜୟ ସାହୁ, ବିଜୟ ସୁବୁଦ୍ଧି, ସଞ୍ଜୟ ପଟ୍ଟନାୟକ, ସୁବାସ ଚନ୍ଦ୍ର ନାୟକ, ପ୍ରମୋଦ ଉପାଧ୍ୟାୟ, ଶାନ୍ତନୁ କୁମାର ଗାଆଣ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପରିମଳ ସମ୍ପର୍କିତ କର୍ମଶାଳା

**କଟକ ଅଫିସ,୩୦।୬:** ଓଡ଼ିଶା ଜଳ ଯୋଗାଣ ଓ ସ୍ୱେରେଜ ବୋର୍ଡ, ସାମାଜିକ ସଙ୍ଗଠନ ଉତ୍କଳ ସେବକ ସମାଜର ମିଳିତ ଆନୁକୂଲ୍ୟରେ ଖବରକାଗଜ ବିତରକ ଓ ରାସ୍ତାକଡ଼ରେ କ୍ରୟବିକ୍ରୟ କାର୍ଯ୍ୟରେ ଲିପ୍ତ ଥିବା ୪୦ ଜଣ ବ୍ୟକ୍ତିଙ୍କୁ ନେଇ ଗାନ୍ଧୀଭବନଠାରେ ପରିମଳ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସେବକ ସମାଜର ସମ୍ପାଦକ ଅମୀୟ ଭୂଷଣ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜାପାନ ଆନ୍ତର୍ଜାତିକ ସହାୟକ ସଂସ୍ଥାର ପ୍ରତିନିଧି ଶ୍ୟାମଳ କିଶୋର ଦାସ ଓ ଡା. ସ୍ମୃତିରଞ୍ଜନ ରଥ ଯୋଗଦେଇ ପ୍ରତ୍ୟେକ ସ୍ତରରେ ଜନସଚେତନତା ସୃଷ୍ଟି ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଇଂ. ଅନ୍ୱୟ ଅଭିନବ ଓଡ଼ିଶା ସମନ୍ୱିତ ପରିମଳ ଉନ୍ନତୀକରଣ ପ୍ରକଳ୍ପର ସଫଳତା ପାଇଁ କଟକ ସହର ଜନସାଧାରଣଙ୍କର ସାହାଯ୍ୟ ଓ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଧୁନିକ ଜ୍ଞାନକୌଶଳର ଉପଯୋଗ କରି କଟକ ସହରରେ ନିର୍ମାଣ କରାଯାଉଥିବା ସ୍ୱରେଜ ସିଷ୍ଟମ, ପମ୍ପିଂ ଷ୍ଟେଶନ, ସିୱେଜ ଟ୍ରିଟମେଣ୍ଟ ପ୍ଲାଣ୍ଟର ଉପକାରିତା ଉପରେ ଏହି କର୍ମଶାଳାରେ ଆଲୋଚନା କରାଯାଇଥିଲା। ପାଇଖାନା, ଗାଧୁଆ ଘର ଓ ରୋଷେଇ ଘରୁ ବାହାରୁଥିବା ବର୍ଜ୍ୟଜଳ ନିଷ୍କାସନ ପାଇଁ ସ୍ୱେରେଜ ସିଷ୍ଟମ ସହିତ ସଂଯୋଗ ନିତ୍ୟାନ୍ତ ଆବଶ୍ୟକ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଦିଲ୍ଲୀପ କୁଅଁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ଅନନ୍ତ ସାହୁ, ଅଶ୍ୱିନୀ ପାଣି, ପ୍ରମୋଦ କୁମାର ଓଝା ପରିଚାଳନା କରିଥିଲେ। ଶ୍ରାବଣୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ଗୋସେବକଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

**ପୁରୁଣା ଭୁବନେଶ୍ୱର, ୩୦।୬ (ଡି.ଏନ.ଏ.)-** କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଲୋକ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ଦେବାକୁ ଯାଇ ୫ଟି ଭାଷାରେ ଓଜସ୍ୱିନୀ ଭାଷଣ ଦେଇଥିଲେ। ଗୋଟିଏ ପରେ ଗୋଟିଏ ଘଟଣାରେ ସେ ଚର୍ଚ୍ଚାକୁ ଆସୁଥିବା ବେଳେ ରବିବାର ହଠାତ୍ ଭୀମଟାଙ୍ଗିରେ ପହଞ୍ଚିଥିଲେ। ସେଠାରେ ସେ ରାଷ୍ଟ୍ରଶକ୍ତି ଗୋସେବା ଟ୍ରଷ୍ଟ ସଦସ୍ୟଙ୍କୁ ଭେଟିଥିଲେ। ସଦସ୍ୟଙ୍କ ଭିତରେ ଦୁର୍ଘଟଣାରେ ଆହତ ହୋଇଥିବା ରାଜେଶ ପୃଷ୍ଟି ଏବଂ ଚିନ୍ମୟ ପାତ୍ର, ସୋମ୍ୟ ଭୂତିଆଙ୍କ ଭଳି ଅନ୍ୟ ସଦସ୍ୟଙ୍କ ସହ ମିଶି ସେବା ମନୋବୃତ୍ତି ପାଇଁ ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସେହିଭଳି ଭାଜପା ନେତା ବାବୁ ସିଂ, ପୂର୍ବତନ କର୍ପୋରେଟର ସୁବାସିନୀ ପୃଷ୍ଟି, ବାସୁଦେବ ମିଶ୍ର ପ୍ରମୁଖ କର୍ମୀଙ୍କ ସହ ଦଳୀୟ ସଙ୍ଗଠନ ମଜଭୁତ ପାଇଁ ଆଲୋଚନା କରିଥିଲେ।

■ ସରୁନି ବରପୁଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ

# ୧୦ ବର୍ଷ ପରେ ବି ଅଧାଗଢ଼ା

■ସମସ୍ୟାରେ ଚାଷୀ, ବ୍ୟବସାୟୀ
■ବଢ଼ୁଛି ଜନ ଅସନ୍ତୋଷ
■ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

**ବାଙ୍କୀ, ୩୦।୬(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ଅଧୀନ ବରପୁଟ ହାଟଠାରେ ୧୦ବର୍ଷ ହେଲା ଏକ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ଚାଲିଛି। କିନ୍ତୁ ତାହା ଆଜି ପର୍ଯ୍ୟନ୍ତ ସରି ନ ପାରି ଅଧାଗଢ଼ା ଅବସ୍ଥାରେ ରହିଛି। ଫଳରେ ବେପାରୀ ଓ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କାର୍ଯ୍ୟ ଅଧା ହୋଇଥିବାରୁ ବିଗତ ଦିନରେ ଯେଉଁ କାମ ହୋଇଥିଲା ତାହା ମଧ୍ୟ ଏବେ ଭାଙ୍ଗିବା ଆରମ୍ଭ ହେଲାଣି। ଅନ୍ୟପକ୍ଷରେ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଯେଉଁ ଅନୁଦାନ ମଞ୍ଜୁର ହୋଇଥିଲା ସେଥିରୁ ୮୦ ପ୍ରତିଶତ ଖର୍ଚ୍ଚ ହୋଇ ସାରିଛି। ତେବେ ଆଗକୁ କିପରି ଏହି କାର୍ଯ୍ୟ ଶେଷ ହେବ ତାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶଯେ, ବରପୁଟଠାରେ ଦୁଇଦିନ ସାପ୍ତାହିକ ହାଟ ହୋଇଥାଏ। ଏହି ହାଟକୁ ଆଖପାଖ ଅଞ୍ଚଳର ପଥୁରୀପଡ଼ା, ପଶାଣିଆ, ଅନ୍ଧାରୁଆ, କିଆପଲ୍ଲା, ବ୍ରହ୍ମପୁରା, ନୂଆଗାଁ, ଭେଡ଼ା ଦୁର୍ଗାପୁର ଆଦି ଅଞ୍ଚଳର ଚାଷୀ ସେମାନଙ୍କ ପନିପରିବା ବିକ୍ରି କରିବାକୁ ଆସିଥାନ୍ତି। ମାର୍କେଟ କମ୍ପ୍ଲେକ୍ସ ନ ଥିବାରୁ ସେମାନେ ପନିପରିବାକୁ ରାସ୍ତା କଡରେ ବିକ୍ରି କରନ୍ତି। ଯଦ୍ୱାରା ରାସ୍ତା ଜାମ୍ ହୋଇ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥାଏ। ସେହିପରି ବିଭିନ୍ନ ବ୍ୟବସାୟୀ ମଧ୍ୟ ସମାନ ଅସୁବିଧା ଭୋଗ କରନ୍ତି। ଏ ସବୁ ସମସ୍ୟାର ସମାଧାନ ନିମନ୍ତେ ବାଙ୍କୀ ବ୍ଲକ ପ୍ରଶାସନ ପକ୍ଷରୁ ଏକ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏଥିନିମନ୍ତେ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏପରି କି ନିଜେ ବ୍ଲକ୍ ପ୍ରଶାସନ ପ୍ରକଳ୍ପ ନିର୍ମାଣର ଦାୟିତ୍ୱ ନେଇଥିଲା। ଏହା ସତ୍ତ୍ୱେ ନିର୍ମାଣ କାର୍ଯ୍ୟ ସରି ପାରୁନାହିଁ। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ସାମାଜିକ କର୍ମୀ ଜୟପ୍ରକାଶ ମିଶ୍ର, ମା' ମହାବେରଣା ବ୍ୟବସାୟୀ ସଂଘ ସଭାପତି ନିରଞ୍ଜନ ମିଶ୍ର, ସମ୍ପାଦକ ଗଣେଶ୍ୱର ପୃଷ୍ଟି, କୋଷାଧ୍ୟକ୍ଷ ବେଣୁଧର ପ୍ରଧାନ, ସଭ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ, ବାମନ ଚରଣ ପାତ୍ର, ରବିନାରାୟଣ ପାଣିଗ୍ରାହୀ ଓ ପ୍ରଶନ୍ନ ପଣ୍ଡା ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ବାଙ୍କୀ ବିଡିଓ ପ୍ରଭାତ କୁମାର ସାହୁଙ୍କୁ ପଚାରିବାରେ ସେ କହିଥିଲେ, କେଉଁ କାରଣ ପାଇଁ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଅଟକିଛି ତାହାର ଅନୁସନ୍ଧାନ କରାଯିବ। ଏହାପରେ ଶୀଘ୍ର କାର୍ଯ୍ୟ ସାରିବାକୁ ପଦକ୍ଷେପ ନିଆଯିବ।



ବରପୁଟ ମାର୍କେଟ କମ୍ପ୍ଲେକ୍ସ ଅଧାଗଢ଼ା ହୋଇ ପଡ଼ିରହିଛି।

## ଜିଆରଏସ୍ଙ୍କୁ ଆକ୍ରମଣ ଅଭିଯୋଗ

**ମାହାଙ୍ଗା/ଲଳିତଗିରି,୩୦।୬(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅଧୀନ ଗୋପାଳପୁର ପଞ୍ଚାୟତର ଗ୍ରାମ ରୋଜଗାର ସେବକ(ଜିଆରଏସ)ଉଲ୍ଲାସ ଚନ୍ଦ୍ର ପ୍ରଧାନଙ୍କୁ ଆକ୍ରମଣ ହୋଇଛି। ଏ ନେଇ ସେ ଶନିବାର ମାହାଙ୍ଗା ଥାନରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ନଂ-୧୦୭/୧୯ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରଛି।

ସୂଚନା ଅନୁସାରେ, ଗତ ଶୁକ୍ରବାର ଜିଆରଏସ ପ୍ରଧାନ ଗ୍ରାମୀଣ ଗୃହ ନିର୍ମାଣ ତାଲିକାର ତଦନ୍ତ ପାଇଁ ଦୁଲ୍ଲାରପୁର ଗ୍ରାମକୁ ଯାଇଥିଲେ। ତଦନ୍ତ ସମୟରେ ଏହି ଗ୍ରାମର ସୁନୀଲ କାଣ୍ଡି ହଠାତ୍ ତାଙ୍କୁ ଗାଳିଗୁଲଜ କରିବା ସହ ତଦନ୍ତ ନ କରିବା ପାଇଁ ଧମକ ଦେଇଥିଲେ। ଫଳରେ ପରେ ସେ ପଞ୍ଚାୟତ କାର୍ଯ୍ୟାଳୟକୁ ଫେରି ଆସିଥିଲେ। ଏହାପରେ ଅପରାହ୍ନ ପ୍ରାୟ ୪ଟାରେ ପ୍ରଧାନ ଗୋପାଳପୁର ବଜାରକୁ ଜଳଖିଆ ଖାଇବାକୁ ଯାଉଥିବାବେଳେ ସୁନୀଲ ଏକ ଭୁଜାଲିରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିସହିତ ତାଙ୍କଠାରୁ ଟଙ୍କା ଓ ସୁନାଚେନ ଛଡାଇ ନେଇଥିଲେ। ଏପରି କି ତାଙ୍କ ଘରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେବା ପାଇଁ ଧମକ ଦେଇ ସେଠାରୁ ଚାଲି ଯାଇଥିଲେ ବୋଲି ଉଲ୍ଲାସ ଅଭିଯୋଗରେ ଦର୍ଶାଇଛନ୍ତି। ପ୍ରକାଶ ଯେ, ଏହି ଆକ୍ରମଣରେ ଉଲ୍ଲାସ ଗୁରୁତର ହୋଇଥିଲେ। ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ହୋଇ ଆସିବା ପରେ ସେ ଥାନାରେ ଅଭିଯୋଗ କରିଛନ୍ତି।

## ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ





ପାଠଚକ୍ର ସମ୍ମିଳନୀରେ ଯୋଗ ଦେଇଥିବା ଅତିଥି।

**ମାହାଙ୍ଗା, ୩୦।୬(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋପାଳପୁରସ୍ଥିତ ଶ୍ରୀଶ୍ରୀ ବୀରଭଦ୍ରେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ସ୍ଥାନୀୟ ଶ୍ରୀଅରବିନ୍ଦ ସୋସାଇଟ ସେଣ୍ଟର ଆନୁକୁଲ୍ୟରେ ଆଞ୍ଚଳିକ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ମଳୟ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିପିନବିହାରୀ କର, ମୁଖ୍ୟବକ୍ତା ଶିକ୍ଷୟିତ୍ରୀ ଅଞ୍ଜନା ପ୍ରଧାନ, ସମ୍ମାନିତ ଅତିଥି ମାତୃସାଧକ ରବି ନାରାୟଣ ଦାସ ପ୍ରମୁଖ ଯୋଗଦେଇ ଚୈତ୍ୟ ଜାଗରଣ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସମବେତ ଧ୍ୟାନ, ଦୁର୍ଗାସ୍ତୋତ୍ର ପାଠ, ମା' ବହିର ତୃତୀୟ ଅଧ୍ୟାୟ ପାଠ ସହିତ ଧ୍ୟାନ ଓ ପ୍ରାର୍ଥନା ପୁସ୍ତକ ଏବଂ ସାବିତ୍ରୀ ପଠନ କରାଯାଇଥିଲା। ଏହାପରେ କବୟିତ୍ରୀ ବିଦ୍ୟୁଲତା ପ୍ରଧାନଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ରାମଚନ୍ଦ୍ର ସାହୁ, ଜଗବନ୍ଧୁ ପ୍ରଧାନ, ତପନ ସ୍ୱାଇଁ ଓ ଜୟନ୍ତୀ ସାହୁ ପ୍ରମୁଖ କବିତା ପାଠ କରିଥିଲେ। କଲ୍ଲୋଳ ଚନ୍ଦ୍ର ମହାନ୍ତି, ଭାସ୍କର ମଲିକ, ଘନଶ୍ୟାମ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଗୌତମ ଚରଣ ଜେନା ବିବରଣୀ ପାଠ କରିଥିଲେ। ଶ୍ରୀକାନ୍ତ ରାଉତରାୟ ଧନ୍ୟବାଦ ଦେଇଥିଲେ।

■ ମଧୁବାବୁଙ୍କ ଜନ୍ମପୀଠରେ ବାଲେଶ୍ୱରର ଅଭିଯାତ୍ରୀ ଦଳ

# ଭାରତ ରତ୍ନ ପ୍ରଦାନ ପାଇଁ ଦାବି କଲେ



'ଆଜିର ଦିନରେ ମଧୁବାବୁଙ୍କ ଆଦର୍ଶର ଆବଶ୍ୟକତା' ସମ୍ପର୍କିତ ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥି ଓ ଅଭିଯାତ୍ରୀ ଦଳ।

**ସାଲେପୁର,୩୦।୬(ଡି.ଏନ.ଏ.)**

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ସହ ପରାଧୀନ ଭାରତକୁ ବ୍ରିଟିଶ୍ କବଳରୁ ଉଦ୍ଧାର କରିବା, ବିଖଣ୍ଡିତ ଓଡ଼ିଶାକୁ ଏକତ୍ରିକରଣ କରିବା, ଶିକ୍ଷା, ସାମାଜିକ ଓ ରାଜନୈତିକ ପୃଷ୍ଠଭୂମିକୁ ସମୃଦ୍ଧ କରିବାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅବଦାନ ଚିରସ୍ମରଣୀୟ ବୋଲି ରବିବାର ମଧୁବାବୁଙ୍କ ଜନ୍ମପୀଠ ସାଲେପୁର ବ୍ଲକ୍ ଅନ୍ତର୍ଗତ ସତ୍ୟଭାମାପୁରକୁ ତାଙ୍କ କର୍ମଭୂମି ବାଲେଶ୍ୱରରୁ ଆସିଥିବା ଅଭିଯାତ୍ରୀ ଦଳ ମତବ୍ୟକ୍ତ କରିଛନ୍ତି। ବାଲେଶ୍ୱର ଉତ୍କଳ ଗୌରବ ମଧୁସୂଦନ ସାଂସ୍କୃତିକ ପରିଷଦ ପକ୍ଷରୁ ଅଭିଯାତ୍ରୀଦଳ ମଧ୍ୟାହ୍ନରେ ସତ୍ୟଭାମାପୁରରେ ପହଞ୍ଚି ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ପରେ ମଧୁପୀଠ ପରିସରରେ ପରିଷଦ ପକ୍ଷରୁ 'ଆଜିର ଦିନରେ ମଧୁବାବୁଙ୍କ ଆଦର୍ଶର ଆବଶ୍ୟକତା' ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଏମ୍ପି ମହାମେଘବାହନ ଐରଖାରବେଳ ସ୍ୱାଇଁ ପୌରୋହିତ୍ୟ କରି ମଧୁବାବୁଙ୍କୁ ଭାରତରତ୍ନ ଉପାଧି ପ୍ରଦାନ ପାଇଁ ଦାବି କରିଥିଲେ। ଏ ନେଇ ସେ କେନ୍ଦ୍ର ସରକାରଙ୍କୁ ଅବଗତ କରିବେ ବୋଲି କହିଥିଲେ। ଆଲୋଚନାଚକ୍ରରେ କବି କାଳୀପ୍ରସାଦ ପଣ୍ଡା, ଖବରଦାତା ପ୍ରଭୁକଲ୍ୟାଣ ମହାପାତ୍ର, ଶିକ୍ଷାବିତ୍ ପ୍ରହ୍ଲାଦ ଚରଣ ମହାନ୍ତି, ସୀତାରାମ ମହାପାତ୍ର, ପ୍ରାଧ୍ୟାପକ ଡ. ହରିଶ୍ଚନ୍ଦ୍ର ବେହେରା, ପ୍ରାବନ୍ଧିକ ରମାକାନ୍ତ ବେହେରା, ତୁଷାରକାନ୍ତି ମହାପାତ୍ର, ଅରୁଣ ଜେନାଙ୍କ ସମେତ ବହୁ ମଧୁପ୍ରେମୀ ଯୋଗ ଦେଇଥିଲେ। ପରିଷଦ ସଭାପତି ପୁରୁଷୋତ୍ତମ ବିଶ୍ୱାଳ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଭିଯାତ୍ରୀଦଳକୁ କସ୍ତୁରବା ଗାନ୍ଧି ସ୍ମାରକନିଧି ଟ୍ରଷ୍ଟର ସନ୍ଧ୍ୟାରାଣୀ ମଲ୍ଲିକଙ୍କ ସହ ଅନ୍ୟମାନେ ସ୍ୱାଗତ କରିଥିଲେ। ପରେ ଅଭିଯାତ୍ରୀ ଦଳ କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ଜନ୍ମପୀଠ ପୁରୁଷୋତ୍ତମପୁର ଗ୍ରାମକୁ ଯାଇ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଅରୁଣ ଜେନା, ମନୋଜ ନାୟକ, ଗୌରାଙ୍ଗ ପାଣିଗ୍ରାହୀ, ବାଞ୍ଛାନିଧି ଦାଶ, ପ୍ରଜ୍ଞାପ୍ରାରମିତା ମହାନ୍ତି, ଉମେଶ ବାରିକ, ଡ. କୁଞ୍ଜବିହାରୀ ଦଳ, ଅଞ୍ଜଳି ପଣ୍ଡା, ଅରୁଣା ରାୟ, ରାଜଶ୍ରୀ ବେହେରା, ବନମାଳୀ ନାୟକ, ବାସନ୍ତୀଲତା ନାୟକ, ସୁରେନ୍ଦ୍ର ମିଶ୍ର, ନିରଞ୍ଜନ ପରିଡ଼ାଙ୍କ ସମେତ ପରିଷଦର ବହୁ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସିଏମ୍‌ସି: ସୁଧୁରୁନି ଜଣ୍ଡିସ ସ୍ଥିତି

**କଟକ ଅଫିସ, ୩୦।୬**

କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ ଜଣ୍ଡିସ ସ୍ଥିତି ସୁଧୁରୁନି। ଏବେ ପଟ୍ଟାପୋଲ, ସୂତାହାଟ, ଦର୍ଜିସାହି ଅଞ୍ଚଳର ଅଧିକାଂଶ ଘରେ ଜଣ୍ଡିସ୍ ଆକ୍ରାନ୍ତ ଥିବା ଜଣାପଡିଛି। ଏପରି କି ସୁତାହାଟ ଅଞ୍ଚଳରେ ଗୋଟିଏ ପରିବାରର ୩/୪ ଜଣ ଜଣ୍ଡିସରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଜଣ୍ଡିସ ଦିନକୁ ଦିନ ବଢିବାରେ ଲାଗିଥିବାବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସହରର କେତେକ ସ୍ଥାନର ଡ୍ରେନ୍ ନିକଟରେ ପାଣି ପାଇପ ଯାଇଛି। ହେଲ ପାଇପ ଲାଇନ୍ ବଦଳା ନ ଯିବା ଯୋଗୁ ଏହା ଫାଟି ଡ୍ରେନ୍‌ପାଣି ସହ ମିଶୁଛି। ଫଳରେ ଏହି ଦୂଷିତ ପାଣି ପିଇବା ଦ୍ୱାରା ଲୋକେ ଜଣ୍ଡିସରେ ଆକ୍ରାନ୍ତ ହେଉଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ହେଲେ ଏ ନେଇ ସିଏମସି ସ୍ୱାସ୍ଥ୍ୟ ଅଧିକାରୀ ଉମେଶ ପାଣିଗ୍ରାହୀ କହିଛନ୍ତି, ଜଣ୍ଡିସ ନିୟନ୍ତ୍ରଣ କରିବାକୁ ପଦକ୍ଷେପ ନିଆଯାଉଛି। ଡ୍ରେନେଜ୍‌ରେ ବ୍ଲିଚିଂ ପାଉଡର ପକାଯାଇ ସଫା କରାଯାଉଛି। ହାଲେଜିନ୍ ବଟିକା ଦିଆଯାଉଛି ଓ ଲିଫ୍‌ଲେଟ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ଜନସ୍ୱାସ୍ଥ୍ୟ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସୁଶାନ୍ତ କୁମାର ଘଡାଇ କହିଛନ୍ତି, ଜଣ୍ଡିସ୍ ହୋଇଥିବା ଅଞ୍ଚଳକୁ ଆମେ ପରିଦର୍ଶନ କରୁଛୁ। ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ଲାବୋରେଟୋରୀକୁ ପଠାଇଥିଲା। ରିପୋର୍ଟ ଆସିବା ପରେ ପାଣି ଯୋଗୁ ଜଣ୍ଡିସ ବ୍ୟାପୁ ନ ଥିବା ଜଣାପଡିଛି। ଅପରିଷ୍କାର ସ୍ଥାନରେ ବିକ୍ରି ହେଉଥିବା ଗୁପ୍‌ଚୁପ୍, ଚାଟ୍ ଭଳି ଚଟ୍‌ପଟି ଖାଦ୍ୟ ଖାଇବା ଯୋଗୁ ଜଣ୍ଡିସ ବ୍ୟାପୁଛି।

## ଋଣ ଅର୍ଥ ଆଦାୟ ନାଁରେ ଠକେଇ, ଜଣେ ଗିରଫ

**ଆଠଗଡ଼, ୩୦।୬(ସ୍ୱ.ପ୍ର.)**

ଆଠଗଡ଼ ଅଞ୍ଚଳରେ ଫାଇନାନ୍ସ କମ୍ପାନୀର ଋଣ ଅର୍ଥ ଆଦାୟ ନାଁରେ ଠକେଇ କରି ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ କଟକ ସି.ଡି.ଏ ଅଞ୍ଚଳର ମହମ୍ମଦ ତହମିଦ୍ ଆଜମୀ। ସୂଚନା ଅନୁସାରେ, ମହମ୍ମଦ ଏକ ଫାଇନାନ୍ସ କମ୍ପାନୀରୁ ୨ ଚକିଆ ଯାନ ପାଇଁ ଋଣ କରିଥିବା ଆଠଗଡ଼ ରାଧାଗୋବିନ୍ଦପୁରର ମନୋରଞ୍ଜନ ରାଉତ ଓ କେନ୍ତୋଲର ମାନସ କଅଁରଙ୍କଠାରୁ ବିନା ରସିଦ୍‌ରେ ଅର୍ଥ ଆଦାୟ କରିଥିଲେ। ପରେ ଉକ୍ତ ଅର୍ଥକୁ ପାଇନାନ୍ସ କମ୍ପାନୀରେ ଜମା ନ କରି ପୁନର୍ବାର ଶନିବାର ଆଠଗଡ ଆସି ଋଣ ଅର୍ଥ ଦାବି କରିଥିଲେ। ଏଥିରେ ସନ୍ଦେହ ହେବାରୁ ମନୋରଞ୍ଜନ ଓ ଅନ୍ୟମାନେ ତାଙ୍କୁ ଅଟକ ରଖିଥିଲେ। ପରେ କନ୍ତୋଲର ମାନସ ମଧ୍ୟ ରାଧାଗୋବିନ୍ଦପୁର ଆସି ସଂପୃକ୍ତ ଯୁବକଙ୍କ ଦ୍ୱାରା ଠକାମିର ଶିକାର ହୋଇଥିବା କହିଥିଲେ। ଏହାପରେ ମାନସ ଘଟଣା ସମ୍ପର୍କରେ ଆଠଗଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ଗ୍ରାମବାସୀଙ୍କ ଦ୍ୱାରା ଅଟକ ଥିବା ମହମ୍ମଦଙ୍କୁ ଥାନାକୁ ଆଣି ପଚରା ଉଚରା କରିବା ପରେ ରବିବାର ଗିରଫ କରିଥିଲା। ଏ ନେଇ ଏକ ମାମଲା ନଂ-୧୪୮/୧୯ରୁଜୁ କରାଯାଇ ମହମ୍ମଦଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବାଙ୍କୀ ରଥଯାତ୍ରା ପରିଚାଳନା କମିଟି ବୈଠକ

**ବାଙ୍କୀ,୩୦।୬(ସ୍ୱ.ପ୍ର.)**

ବାଙ୍କୀ ରଥଯାତ୍ରା ପରିଚାଳନା କମିଟି ବୈଠକ ରବିବାର ସ୍ଥାନୀୟ ବିଦ୍ୟାରତ୍ନ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଯୁଗଳ କିଶୋର ଭୂତ ଯୋଗଦେଇ ରଥଯାତ୍ରା ଓ ବାହୁଡା ଯାତ୍ରା କିପରି ଶୃଙ୍ଖଳିତ ଭାବେ ହେବ ସେ ସମ୍ପର୍କରେ ପ୍ରକାଶ କରିବା ସହିତ ଗତବର୍ଷର ଆୟ ବ୍ୟୟ ସମ୍ପର୍କିତ ବିବରଣୀ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ଠାକୁରଙ୍କ ସମସ୍ତ ନୀତି କାନ୍ତି ଠିକ୍ ସମୟରେ ହେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଇନ୍‌ଶୃଙ୍ଖଳା ପ୍ରତି ସ୍ଥାନୀୟ ପୋଲିସ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଛି। ଦିବା ୨ଟାରେ ରଥଟଣା ଆରମ୍ଭ ହେବାପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ ସନ୍ତୋଷ କୁମାର ରଣା, ଯୁଗୋଳ କିଶୋର ଭୂତ୍, ଶରତଚନ୍ଦ୍ର ବାରିକ୍, ବିଚିତ୍ରା ନନ୍ଦ ମହାପାତ୍ର, ପ୍ରମୋଦ ଚନ୍ଦ୍ର ମହାପାତ୍ର, ସମରେନ୍ଦ୍ର ମହାପାତ୍ର, ସୁବାସ ଚନ୍ଦ୍ର ପାଢୀ, ପ୍ରଶାନ୍ତ କୁମାର ମହାପାତ୍ର, ମନ୍ମଥ କୁମାର ମିଶ୍ର, କାହ୍ନୁଚରଣ ସିଂଙ୍କ ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ।



ବାଙ୍କୀ ରଥଯାତ୍ରା ପରିଚାଳନା କମିଟି ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତା ଓ ଅନ୍ୟମାନେ।

■ ବିଦ୍ୟାଳୟସ୍ତରୀୟ ଶିକ୍ଷାଜ୍ୟୋତି ସମ୍ମାନ ସମାବେଶ

# 'ସମତା ଭିତ୍ତିକ ସମାଜ ଗଠନ ପାଇଁ ଶିକ୍ଷା ଏକାନ୍ତ ଆବଶ୍ୟକ'

**ଆଠଗଡ଼, ୩୦।୬(ସ୍ୱ.ପ୍ର.)**

ଆଠଗଡ଼ ଫୋରମ-ଅଫ୍-ଏକାଡେମୀକ ପକ୍ଷରୁ ବିଦ୍ୟାଳୟସ୍ତରୀୟ ଶିକ୍ଷାଜ୍ୟୋତି ସମ୍ମାନ ସମାବେଶ ରବିବାର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଡା. ଦାମୋଦର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଖାଦ୍ୟଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ସମତା ଭିତ୍ତିକ ସମାଜ ଗଠନ ପାଇଁ ଶିକ୍ଷା ହିଁ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଏଥିସହିତ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଗଲେ ସେମାନଙ୍କ ବୌଦ୍ଧିକ ଜ୍ଞାନର ବିକାଶ ଘଟିବ ଓ ଶିକ୍ଷାରମାନ ବୃଦ୍ଧି ହେବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଆଠଗଡ ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ କୁମାର ନାୟକ ଓ ଟିଗିରିଆ ବ୍ଲକ ଶିକ୍ଷାଧିକାରୀ ଦୁର୍ଗାଚରଣ ନାୟକ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କଟକ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

ଏହି ଅବସରରେ ଚଳିତ ମାଟ୍ରିକ ପରୀକ୍ଷାରେ ଆଠଗଡ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍କୁଲରେ ଏ-୧, ଏ-୨, ବି-୧ ଓ ବି-୨ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ୭୦୩ ଛାତ୍ରୀଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏ-୧ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ୧୧ ଛାତ୍ରୀଛାତ୍ରୀଙ୍କୁ ଲାପଟପ୍ ପ୍ରଦାନ କରାଯାଇଥିଲା। ସେହିପରି ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୨ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପୁରସ୍କୃତ କରାଯାଇଥିଲା। ପରୀକ୍ଷା ସମେତ ଅନ୍ୟ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିବା ୯ଟି ସ୍କୁଲକୁ ମଧ୍ୟ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପାଞ୍ଚଗାଁ ଦଧିବାମନ ଜୀଉ ବିଦ୍ୟାପୀଠର ଆଦ୍ୟାଶା ପ୍ରିୟଦର୍ଶିନୀ ସାହୁ ଓ ସୋନାଲୀ ବେହେରାଙ୍କୁ ୧୦ ହଜାର ଟଙ୍କା, ୨ୟ ସ୍ଥାନ ଅଧିକାର କରିଥିବା ବିଶ୍ୱନାଥ ବିଦ୍ୟାପୀଠର ବିଶ୍ୱରଞ୍ଜନ ମହାପାତ୍ର ଓ ହରିହର ଚୌଧୁରୀ, ଯୁଗ୍ମ ୨ ସ୍ଥାନ ଅଧିକାର କରିଥିବା ଟିଗିରିଆ ସରକାରୀ ବାଳିକା ହାଇସ୍କୁଲର ଛାତ୍ରୀ ଗାର୍ଗୀ ପଣ୍ଡା ଓ ପ୍ରତିକ୍ଷା ମିଶ୍ରଙ୍କୁ ୭ହଜାର ଲେଖାଏ ଟଙ୍କା ଏବଂ ୩ୟ ସ୍ଥାନ ଅଧିକାର କରିଥିବା ତରଡିଙ୍ଗର ଏସ୍.ଏସ୍.କେ.ଏମ୍ ବିଦ୍ୟାପୀଠର ଭାଗ୍ୟଶ୍ରୀ ଦାସ ଓ ଜ୍ୟୋତିର୍ମୟୀ ଦାଶଙ୍କୁ ୫ହଜାର ଟଙ୍କା ଅର୍ଥରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଫୋରମ-ଅଫ୍-ଏକାଡେମୀକ ସମ୍ପାଦକ ଡ. ଶଶିଭୂଷଣ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଂଯୋଜକ ରାମଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଅନ୍ୟତମ ସଂଯୋଜକ ଲଳିତ ମୋହନ ନାୟକ ଧନ୍ୟବାଦ ଦେଇଥିଲେ।





ଅତିଥିଙ୍କ ଗହଣରେ ଶିକ୍ଷାଜ୍ୟୋତି ସମ୍ମାନ ସମାବେଶରେ ପୁରସ୍କୃତ ହୋଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟମାନେ।



❝ ପାପକୁ ସ୍ୱୀକାର କରିବା ମାତ୍ରେ ହିଁ ଲୋକ ମୁକ୍ତି ପଥରେ ଚାଲିବା ପାଇଁ ବଳ ପାଇଥାଏ।
- ମାର୍ଟିନ ଲୁଥର



## ସଂକ୍ଷେପରେ

### ପରିମଳ ସମ୍ପର୍କିତ କର୍ମଶାଳା

**କଟକ ଅଫିସ,୩୦।୬:** ଓଡ଼ିଶା ଜଳ ଯୋଗାଣ ଓ ସ୍ୱେରେଜ ବୋର୍ଡ, ସାମାଜିକ ସଙ୍ଗଠନ ଉତ୍କଳ ସେବକ ସମାଜର ମିଳିତ ଆନୁକୂଲ୍ୟରେ ଖବରକାଗଜ ବିତରକ ଓ ରାସ୍ତାକଡ଼ରେ କ୍ରୟବିକ୍ରୟ କାର୍ଯ୍ୟରେ ଲିପ୍ତ ଥିବା ୪୦ ଜଣ ବ୍ୟକ୍ତିଙ୍କୁ ନେଇ ଗାନ୍ଧୀଭବନଠାରେ ପରିମଳ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସେବକ ସମାଜର ସମ୍ପାଦକ ଅମୀୟ ଭୂଷଣ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜାପାନ ଆନ୍ତର୍ଜାତିକ ସହାୟକ ସଂସ୍ଥାର ପ୍ରତିନିଧି ଶ୍ୟାମଳ କିଶୋର ଦାସ ଓ ଡା. ସ୍ମୃତିରଞ୍ଜନ ରଥ ଯୋଗଦେଇ ପ୍ରତ୍ୟେକ ସ୍ତରରେ ଜନସଚେତନତା ସୃଷ୍ଟି ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଇଂ. ଅନ୍ୱୟ ଅଭିନବ ଓଡ଼ିଶା ସମନ୍ୱିତ ପରିମଳ ଉନ୍ନତୀକରଣ ପ୍ରକଳ୍ପର ସଫଳତା ପାଇଁ କଟକ ସହର ଜନସାଧାରଣଙ୍କର ସାହାଯ୍ୟ ଓ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଧୁନିକ ଜ୍ଞାନକୌଶଳର ଉପଯୋଗ କରି କଟକ ସହରରେ ନିର୍ମାଣ କରାଯାଉଥିବା ସ୍ୱରେଜ ସିଷ୍ଟମ, ପମ୍ପିଂ ଷ୍ଟେଶନ, ସିୱେଜ ଟ୍ରିଟମେଣ୍ଟ ପ୍ଲାଣ୍ଟର ଉପକାରିତା ଉପରେ ଏହି କର୍ମଶାଳାରେ ଆଲୋଚନା କରାଯାଇଥିଲା। ପାଇଖାନା, ଗାଧୁଆ ଘର ଓ ରୋଷେଇ ଘରୁ ବାହାରୁଥିବା ବର୍ଜ୍ୟଜଳ ନିଷ୍କାସନ ପାଇଁ ସ୍ୱେରେଜ ସିଷ୍ଟମ ସହିତ ସଂଯୋଗ ନିତାନ୍ତ ଆବଶ୍ୟକ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଦିଲ୍ଲୀପ କୁଅଁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ଅନନ୍ତ ସାହୁ, ଅଶ୍ୱିନୀ ପାଣି, ପ୍ରମୋଦ କୁମାର ଓଝା ପରିଚାଳନା କରିଥିଲେ। ଶ୍ରାବଣୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ଭୀମଟାଙ୍ଗିରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କର୍ମୀଙ୍କ ସହ ମିଶିଲେ, ଗୋସେବକଙ୍କୁ ଭେଟିଲେ

**ପୁରୁଣା ଭୁବନେଶ୍ୱର,୩୦।୬ (ଡି.ଏନ.ଏ.):** କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଲୋକ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ଦେବାକୁ ଯାଇ ୫ଟି ଭାଷାରେ ଓଜସ୍ୱିନୀ ଭାଷଣ ଦେଇଥିଲେ। ଗୋଟିଏ ପରେ ଗୋଟିଏ ଘଟଣାରେ ସେ ଚର୍ଚ୍ଚାକୁ ଆସୁଥିବା ବେଳେ ରବିବାର ହଠାତ୍ ଭୀମଟାଙ୍ଗିରେ ପହଞ୍ଚିଥିଲେ। ସେଠାରେ ସେ ରାଷ୍ଟ୍ରଶକ୍ତି ଗୋସେବା ଟ୍ରଷ୍ଟ ସଦସ୍ୟମାନଙ୍କୁ ଭେଟିଥିଲେ। ସଦସ୍ୟଙ୍କ ଭିତରେ ଦୁର୍ଘଟଣାରେ ଆହତ ହୋଇଥିବା ରାଜେଶ ପୃଷ୍ଟି ଏବଂ ଚିନ୍ମୟ ପାତ୍ର, ସୋମ୍ୟ ଭୂତିଆଙ୍କ ଭଳି ଅନ୍ୟ ସଦସ୍ୟଙ୍କ ସହ ମିଶି ସେବା ମନୋବୃତ୍ତି ପାଇଁ ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସେହିଭଳି ଭାଜପା ନେତା ବାବୁ ସିଂ, ପୂର୍ବତନ କର୍ପୋରେଟର ସୁବାସିନୀ ପୃଷ୍ଟି, ବାସୁଦେବ ମିଶ୍ର ପ୍ରମୁଖ କର୍ମୀଙ୍କ ସହ ଦଳୀୟ ସଙ୍ଗଠନ ମଜଭୁତ ପାଇଁ ଆଲୋଚନା କରିଥିଲେ।

## ■ ବଢୁଛି ଚୋରି, ଲୁଟ୍, ଅପହରଣ

# ଚିନ୍ତା ବଢ଼ାଇଛି ପୋଲିସର ଅପାରଗତା

**କଟକ ଅଫିସ,୩୦।୬:** କଟକ ସହରରେ ଅଧିକାଂଶ ସମୟରେ ହତ୍ୟା, ଅପହରଣ, ଲୁଟ୍, ଚୋରି, ବୋମାମାଡ ଭଳି ବଡଧରଣର ଆପରାଧିକ ଘଟଣା ଘଟୁଛି। ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଦୁର୍ବୃତ୍ତମାନେ ଏଭଳି ଅପରାଧ ସହଜରେ ଘଟାଉଛନ୍ତି। ଓଡ଼ିଶା ପୋଲିସର ଗୁରୁତ୍ୱପୂର୍ଣ୍ଣ ପୋଲିସ ଜିଲା ମଧ୍ୟରୁ କମିଶନରେଟ ପୋଲିସ ଅନ୍ୟତମ। ଏଠାରେ ଦକ୍ଷ ଅଫିସରମାନଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି। ହେଲେ ଅପରାଧର ମାତ୍ରାକୁ ରୋକିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଫେଲ୍ ମାରିଛି କମିଶନରେଟ ପୋଲିସ। ଅଧିକାଂଶ ସ୍ଥାନରେ ପୋଲିସର ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଉନାହିଁ। ଥାନାକୁ ଅଭିଯୋଗ ଆସିଲେ କେବଳ ମାମଲା ରୁଜୁ କରି ଚୁପ୍ ବସୁଛି ପୋଲିସ। ବିଶେଷକରି ଛୋଟ ଛୋଟ ଚୋରି, ଲୁଟ୍ ଘଟଣାରେ ମଧ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହେଉଛି। ଚିନ୍ତା ବଢାଇଛି ପୋଲିସର ଅପାରଗତା। ଫଳରେ କଟକରେ ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକ ଓ ମହିଳା ପୋଲିସ ଉପରେ ବିଶ୍ୱାସ କରିପାରୁନାହାନ୍ତି। ଯାହାକୁ ନେଇ ପୋଲିସ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ନାବାଳିକାଙ୍କୁ ଅପହରଣ

କଟକ ସଦର ଥାନା ଅନ୍ତର୍ଗତ ଅନ୍ଧୋଟି ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଗତ ମେ ୨୦ ତାରିଖରେ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଥାନା ଅନ୍ତର୍ଗତ ଭାଣପୁର ଅଞ୍ଚଳର ଜଣେ ଯୁବକ ସମ୍ପୃକ୍ତ ନାବାଳିକାଙ୍କୁ ଅପହରଣ କରିଥିବା ନେଇ ତାଙ୍କ ବାପା ଅଭିଯୋଗ କରିଥିଲେ। ଏ ନେଇ ପୋଲିସ କେବଳ ଏକ ମାମଲା(ନଂ.୧୭୮/୧୯) ରୁଜୁ କରି ଦାୟିତ୍ୱ ସାରିଦେଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରିବା ତ ଦୂରର କଥା ସମ୍ପୃକ୍ତ ନାବାଳିକାଙ୍କୁ ମଧ ଉଦ୍ଧାର କରିପାରି ନ ଥିଲା। ଏ ପୋଲିସ ଏହି ମାମଲାକୁ ଗୁରୁତ୍ୱ ଦେଉ ନ ଥିବା ଜାଣିବା ପରେ ଘଟଣାର ୧୫ ଦିନ ପରେ ନାବାଳିକାଙ୍କ ବାପା କଟକ ଡିସିପି ଅଖିଳେଶ୍ୱର ସିଂ ଓ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତିଙ୍କୁ ଭେଟି ଅଭିଯୋଗ କରିଥିଲେ। ହେଲେ ସବୁ ପରେ ମଧ ଏପର୍ଯ୍ୟନ୍ତ ସେ ତାଙ୍କ ଝିଅକୁ ଫେରି ପାଇନାହାନ୍ତି।

### ବ୍ୟାଙ୍କ କର୍ମଚାରୀଙ୍କଠାରୁ ୧ ଲକ୍ଷ ୧୮ ହଜାର ଲୁଟ୍

ଚୌଦ୍ୱାର ଥାନା ଅଞ୍ଚଳରୁ ଗତ ମେ'ରେ ମଧୁସ୍ମିତା ସାମନ୍ତରାୟ ନାମ୍ନୀ ଜଣେ ବ୍ୟାଙ୍କ କର୍ମଚାରୀଙ୍କ ଠାରୁ ୧ ଲକ୍ଷ ୧୮ ହଜାର ଟଙ୍କା ଲୁଟ୍ ହୋଇଥିଲା। ମଧୁସ୍ମିତା ବ୍ୟାଙ୍କରୁ ଟଙ୍କା ନେଇ ଫେରୁଥିବାବେଳେ ଦୁର୍ବୃତ୍ତମାନେ ଏକ ବାଇକରେ ଆସି ତାଙ୍କଠାରୁ ଏହି ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ ମାମଲା ରୁଜୁ କରିଛି। ହେଲେ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ।



**ମାମଲା ରୁଜୁ କରି ଚୁପ୍ ବସୁଛି**

### ମହିଳାଙ୍କ ଠାରୁ ଲୁଟିନେଲେ ୧ଲକ୍ଷ ୧୩ ହଜାର

ଚୌଦ୍ୱାର ଥାନା ଅନ୍ତର୍ଗତ ନଖରା ଅଞ୍ଚଳର ରଶ୍ମିରେଖା ଦାସ ନାମ୍ନୀ ଜଣେ ମହିଳାଙ୍କ ଠାରୁ ଗତ ଜୁନ୍ ୪ ତାରିଖରେ ୧ ଲକ୍ଷ ୧୩ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଦିନ ଦ୍ୱିପ୍ରହରରେ ସେ ଚୌଦ୍ୱାର ଅଞ୍ଚଳରେ ଥିବା ଏକ ଘରୋଇ ବ୍ୟାଙ୍କରେ ଟଙ୍କା ଜମା କରିବାକୁ ଯାଉଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ଏକ ବାଇକ୍‌ରେ ଆସି ତାଙ୍କ ଟଙ୍କାବ୍ୟାଗ୍ ଛଡାଇ ନେଇ ପଳାଇଥିଲେ। ଏ ନେଇ ରଶ୍ମିରେଖା ଥାନାରେ ଅଭିଯୋଗ କରିଥିଲେ ମଧ ଏ ପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ।

### ଶର୍ଟର କାଟି ୮ ଲକ୍ଷର ସାମଗ୍ରୀ ଚୋରି

ମଧୁପାଟଣା ଥାନା ଅନ୍ତର୍ଗତ ପ୍ରମିଳା ମାର୍କେଟ କମ୍ପ୍ଲେକ୍ସରେ ଥିବା ଦୁଇଟି ବାଇକ ପାର୍ଟ୍ସ ଦୋକାନରୁ ଗତ ଜୁନ୍ ୫ ତାରିଖ ବିଳମ୍ବିତ ରାତିରେ ଚୋରି ହୋଇଥିଲା। ଦୁର୍ବୃତ୍ତମାନେ ଗୋଟିଏ ଦୋକାନର ଶର୍ଟର କାଟିଥିବାବେଳେ ଅନ୍ୟ ଏକ ଦୋକାନ କାନ୍ଥଭାଙ୍ଗି ୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରିକରି ନେଇଥିବା ଦୋକାନ ମାଲିକ ବିଚିତ୍ରାନନ୍ଦ ରାଉତରାୟ ଥାନାରେ ଅଭିଯୋଗ କରିଥିଲେ। ହେଲେ ଏହି ଘଟଣାରେ ମଧ ପୋଲିସ ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଗିରଫ କରିପାରିନାହିଁ।

### ଛାତ୍ରୀଙ୍କୁ ଅପହରଣ

ପୁରୀଘାଟ ଥାନା ଅନ୍ତର୍ଗତ ହନୁମାନ ଛକ ଅଞ୍ଚଳରୁ ଯୁକ୍ତ ୩ ପ୍ରଥମ ବର୍ଷ କଳାର ଜଣେ ଛାତ୍ରୀ ଗତ ଜୁନ୍ ୧୨ରେ ନିଖୋଜ ହୋଇଯାଇଥିଲେ। ସେ ସନ୍ଧ୍ୟାବେଳେ ଘରୁ ବଜାର ଯାଇଥିବା ବେଳେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜିଥିଲେ ମଧ ଛାତ୍ରୀଙ୍କ ସନ୍ଧାନ ମିଳି ନ ଥିଲା। କେହି ଦୁର୍ବୃତ୍ତ ସମ୍ପୃକ୍ତ ଛାତ୍ରୀଙ୍କୁ ଅପହରଣ କରି ନେଇଥିବା ନେଇ ତାଙ୍କ ପରିବାର ଲୋକ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ସମ୍ପୃକ୍ତ ଛାତ୍ରୀଙ୍କୁ ଏପର୍ଯ୍ୟନ୍ତ ଉଦ୍ଧାର କରିପାରିନାହିଁ।

### ମହିଳାଙ୍କୁ ଅପହରଣ କରି ଲୁଟ୍

ବିଡାନାସୀ ଥାନା ଅନ୍ତର୍ଗତ ସତୀଚଉରା ଅଞ୍ଚଳରୁ ଗତ ଜୁନ୍ ୧୫ରେ ସଞ୍ଜୁକ୍ତା ସାହୁ ନାମ୍ନୀ ଜଣେ ମହିଳାଙ୍କୁ ଦୁର୍ବୃତ୍ତମାନେ ଅପହରଣ କରିଥିଲେ। ପରେ ତାଙ୍କର ସମସ୍ତ ଅଳଙ୍କାର ଲୁଟିନେଇ ଆଠଗଡ ଜଙ୍ଗଲରେ ପକାଇ ଫେରାର ହୋଇଯାଇଥିଲେ। ଜଣେ ଟ୍ରାକ୍ଟର ଚାଳକ ସେହିଦିନ ରାତି ୩ଟାରେ ଜଙ୍ଗଲରୁ ସମ୍ପୃକ୍ତା ମହିଳାଙ୍କୁ ଉଦ୍ଧାର କରି ପୋଲିସକୁ ଜଣାଇଥିଲେ। ସଞ୍ଜୁକ୍ତା ବକେୟା ଅର୍ଥ ପାଇବା ପାଇଁ ଦୁର୍ବୃତ୍ତମାନଙ୍କ ସହ ଯାଇଥିଲେ। ହେଲେ ସେମାନେ ତାଙ୍କୁ ବାଟରେ ଆଖୁରସରେ ନିଶାଦ୍ରବ୍ୟ ମିଶାଇ ପିଇବାକୁ ଦେଇଥିଲେ। ଫଳରେ ସେ ଅଚେତ୍ ହୋଇଯିବାରୁ ଦୁର୍ବୃତ୍ତମାନେ ତାଙ୍କଠାରୁ ଅଳଙ୍କାର ଲୁଟ୍ କରିଥିଲେ। ଏ ନେଇ ସଞ୍ଜୁକ୍ତାଙ୍କ ସ୍ୱାମୀ କୈଳାସ ଚନ୍ଦ୍ର ସାହୁ ବିଡାନାସୀ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ଟେର୍ ପାଇପାରିନାହିଁ।

### ବ୍ୟାଙ୍କରୁ ଚୋରି ଉଦ୍ୟମ

ମଙ୍ଗଳାବାଗ ଥାନା ଠାରୁ ମାତ୍ର ୫୦୦ ମିଟର ଦୁରରେ ଥିବା ଭାରତୀୟ ଷ୍ଟେଟବ୍ୟାଙ୍କ୍‌ରୁ ଦୁର୍ବୃତ୍ତମାନେ ଚୋରି ପାଇଁ ଉଦ୍ୟମ କରିଥିଲେ। ଗୁରୁବାର ବିଳମ୍ବିତ ରାତିରେ ବ୍ୟାଙ୍କର ଗ୍ରୀଲ୍ ତାଡିବା ପରେ କବାଟ ତାଲା ଭାଙ୍ଗି ଭିତରେ ପଶିଥିଲେ। ପରେ ବ୍ୟାଙ୍କର ଲକର ରୁମ୍ ଭାଙ୍ଗିବାକୁ ଉଦ୍ୟମ କରୁଥିବାବେଳେ ସାଇରନ ବାଜି ଉଠିଥିଲା। ଫଳରେ ସେମାନେ ପଳାଇ ଯାଇଥିଲେ। ତେବେ ଏ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ଶୁକ୍ରବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କୁ ଧରିବା ପାଇଁ ସହଜ ହେବା ଉଦ୍ଦେଶ୍ୟରେ ବ୍ୟାଙ୍କ ପକ୍ଷରୁ ସିସିଟିଭି ଫୁଟେଜ୍ ମଧ ପୋଲିସକୁ ଦିଆଯାଇଛି। ହେଲେ ଘଟଣାକୁ ଦୁଇ ଦିନ ବିତି ଯାଇଥିଲେ ମଧ ପୋଲିସ ଅଭିଯୁକ୍ତଙ୍କୁ ବିଷୟରେ କୌଣସି ସୂଚନା ପାଇପାରି ନାହିଁ।

### ଅପରାଧ କରିଥିବା ବ୍ୟକ୍ତି ନିଶ୍ଚିନ୍ତ ଗିରଫ ହେବେ



ଏତେ ସଂଖ୍ୟାରେ ଲୁଟ୍ ହୋଇନାହିଁ। କିଛିମାତ୍ରାରେ ଅପରାଧ ଘଟିଥିବାବେଳେ କେତେକ କ୍ଷେତ୍ରରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଯେଉଁ ମାମଲାରେ ପୋଲିସ ଅଭିଯୁକ୍ତଙ୍କୁ ଧରିପାରିନାହିଁ, ତାହା ଉପରେ ତଦନ୍ତ ଚାଲିଛି। ଯିଏ ଅପରାଧ କରିଛନ୍ତି, ସେମାନେ ନିଶ୍ଚିନ୍ତ ଗିରଫ ହେବେ।

**ଅଖିଳେଶ୍ୱର ସିଂ, ଡିସିପି**

### ସହରର ପ୍ରବେଶ, ପ୍ରସ୍ଥାନ ପଟ ରାସ୍ତାରେ ସିସିଟିଭି ଲଗାଯାଉ

କେବଳ ଏହି କେତେକ ଘଟଣା ନୁହେଁ ଏଭଳି ବହୁ ଆପରାଧିକ ଘଟଣା ଘଟୁଥିଲେ ମଧ ତାହା ଲୋକାଲୋଚନକୁ ଆସିପାରୁନାହିଁ। ଏପିରି କି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ପୋଲିସ ନ ଧରିବା ପର୍ଯ୍ୟନ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏ ସମ୍ପର୍କରେ କୌଣସି ସୂଚନା ମଧ ଦେଉନାହିଁ। ଫଳରେ ଧରିପାରୁ ନ ଥିବା ଘଟଣାଗୁଡିକ ଚାପି ହୋଇ ରହିଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ଦୁଇମାସ ମଧ୍ୟରେ ବାଇକ୍, ମୋବାଇଲ ଭଳି ଛୋଟ ଛୋଟ ଚୋରି ଘଟଣାକୁ ଛାଡିଦେଲେ କଟକରେ ୧୫ରୁ ଅଧିକ ଲୁଟ୍ ଓ ୩୦ରୁ ଉର୍ଦ୍ଧ୍ୱ ବଡ ଧରଣର ଚୋରି ହୋଇଛି। ସେହିପରି ନାବାଳିକାଙ୍କୁ ମିଶାଇ ୩ ଜଣ ଯୁବତୀଙ୍କୁ ଅପହରଣ ଓ ଜଣେ ମହିଳାଙ୍କୁ ଅପହରଣ ପରେ ଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି। ପ୍ରତିଦିନ ଏଭଳି ଅଭିଯୋଗ ଥାନାକୁ ଆସୁଛି। ସେଥିମଧ୍ୟରୁ କିଛି ମାତ୍ରାରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ବାହାବା ନେଉଛି। ହେଲେ ଅଧିକାଂଶ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହେଉଛି। ଯାହାକୁ ନେଇ ପୋଲିସ ଉପରେ ସାଧାରଣ ଲୋକେ ଭରସା କରିପାରୁନାହାନ୍ତି। ଏ ନେଇ ଜଣେ ଅବସରପ୍ରାପ୍ତ ବରିଷ୍ଠ ପୋଲିସ ଅଧିକାରୀ ନିଜର ପରିଚୟ ଗୋପନ ରଖି କହିଛନ୍ତି, କଟକରେ ଅପରାଧ ବଢୁଥିବାବେଳେ ଅଭିଯୁକ୍ତଙ୍କୁ ପୋଲିସ ସେହିମାତ୍ରାରେ ଧରିପାରୁ ନାହିଁ। ଦୁର୍ବୃତ୍ତମାନେ ସହଜରେ ଅପରାଧ ଘଟାଇ ସହର ବାହାରକୁ ପଳାଇ ଯାଉଛନ୍ତି। ସହରରେ ସିସିଟିଭି ବ୍ୟବସ୍ଥା ନ ଥିବାରୁ ଅଭିଯୁକ୍ତଙ୍କୁ ଧରିବା କଷ୍ଟକର ହେଉଛି। ସହରର ପ୍ରବେଶ ଏବଂ ପ୍ରସ୍ଥାନ ପଟ ରାସ୍ତାରେ ସିସିଟିଭି ଲଗାଗଲେ ଅଭିଯୁକ୍ତଙ୍କୁ ଧରିବା ସହଜ ହେବ।

## କାର୍ଯ୍ୟାଦେଶ ପ୍ରଦାନବେଳେ ଧରାପଡ଼ିଲା ଜାଲ୍ ଜମିପଟ୍ଟା

**କଟକସଦର,୩୦।୬(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ମୌଜା ଅଞ୍ଚଳରେ ଜୁନ ମାସରୁ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଉକ୍ତ ଅଞ୍ଚଳର ଏକ ଦେବ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ବିଭାଗୀୟ ତତ୍ତ୍ୱାବଧାନରେ କାର୍ଯ୍ୟାଦେଶ ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଏଥିପାଇଁ କାଗଜପତ୍ର ଯାଞ୍ଚବେଳେ ଫାଇଲରେ ଥିବା ଜମି ପଟ୍ଟାଟି ଜାଲ ବୋଲି ଜଣାପଡିଛି। ତେଣୁ ଏହି ପଟ୍ଟାଟି ଦେଇଥିବା ଜଣେ ଜଣାଶୁଣା ରାଜନେତାଙ୍କୁ ପଚରାଉଚୁରା ପାଇଁ ଡକାଯାଇଥିଲା। ଇତି ମଧ୍ୟରେ ୧୫ଦିନ ବିତିଯାଇଥିଲେ ସୁଦ୍ଧା ସମ୍ପୃକ୍ତ ନେତାଜଣଙ୍କ ଆଉ ବ୍ଲକ ଅଫିସ ମାଡୁ ନାହାନ୍ତି। ଏପରି କି ଏଭଳି ଅନେକ ଜାଲ ଜମିପଟ୍ଟା ବଳରେ ପୂର୍ବରୁ ୨୩ଟି ପଞ୍ଚାୟତରେ ବହୁ ନିର୍ମାଣ କାର୍ଯ୍ୟ କରାଯାଇଛି। ତେଣୁ ଏହି ଦେବସ୍ଥଳୀର ନିର୍ମାଣ କାର୍ଯ୍ୟ ନ ଅଟକାଇ ଆଗେଇ ନେବା ପାଇଁ ଫୋନରେ ଯନ୍ତ୍ରୀମାନଙ୍କୁ ସମ୍ପୃକ୍ତ ନେତା ପରାମର୍ଶ ଦେବା କଥାଟି ଏବେ ଆଲୋଚନାର ବିଷୟ ହୋଇଛି। ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ବ୍ଲକ କର୍ତ୍ତୃପକ୍ଷ ଦୁଇ ପ୍ରକାର ନିୟମ କରିଥିବା ନେଇ ଧରିତ୍ରୀରେ ୧୧।୬।୧୯ରେ ଖବର ପ୍ରକାଶ ପାଇଥିଲା। ଏହାପରେ ତତ୍କାଳୀନ କଟକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି କଟକ ସଦର ବିଡିଓଙ୍କୁ ଜମିଜମା ରେକର୍ଡ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏବଂ କମ୍ପ୍ୟୁଟର ଦ୍ୱାରା ଭୂଲେଖ ୱେବସାଇଟରୁ ଜମିପଟ୍ଟା ମିଳାଇବା ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ମହାନ୍ତି ବ୍ଲକ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜମିଜମା ରେକର୍ଡର ଯାଞ୍ଚକୁ କଡାକଡ଼ି କରାଯାଇଛି।

**ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ**



କଟକ ଗୌରୀଶଙ୍କର ପାର୍କଠାରୁ ଗଙ୍ଗାମନ୍ଦିର ଯିବା ରାସ୍ତାରେ ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଥିବା ବିଦ୍ୟୁତ୍ ତାର।

## ସିଏମ୍‌ସି: ସୁଧୁରୁନି ଜଣ୍ଡିସ ସ୍ଥିତି

**କଟକ ଅଫିସ, ୩୦।୬**

କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ ଜଣ୍ଡିସ ସ୍ଥିତି ସୁଧୁରୁନି। ଏବେ ପଟ୍ଟାପୋଲ, ସୁତାହାଟ, ଦର୍ଜିସାହି ଅଞ୍ଚଳର ଅଧିକାଂଶ ଘରେ ଜଣ୍ଡିସ୍ ଆକ୍ରାନ୍ତ ଥିବା ଜଣାପଡିଛି। ଏପରି କି ସୁତାହାଟ ଅଞ୍ଚଳରେ ଗୋଟିଏ ପରିବାରର ୩/୪ ଜଣ ଜଣ୍ଡିସରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଜଣ୍ଡିସ ଦିନକୁ ଦିନ ବଢିବାରେ ଲାଗିଥିବାବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସହରର କେତେକ ସ୍ଥାନର ଡ୍ରେନ୍ ନିକଟରେ ପାଣି ପାଇପ ଯାଇଛି। ହେଲେ ପାଇପ ଲାଇନ୍ ବଦଳା ନ ଯିବା ଯୋଗୁ ଏହା ଫାଟି ଡ୍ରେନ୍‌ପାଣି ସହ ମିଶୁଛି। ଫଳରେ ଏହି ଦୂଷିତ ପାଣି ପିଇବା ଦ୍ୱାରା ଲୋକେ ଜଣ୍ଡିସରେ ଆକ୍ରାନ୍ତ ହେଉଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସିଏମସି ସ୍ୱାସ୍ଥ୍ୟ ଅଧିକାରୀ ଉମେଶ ପାଣିଗ୍ରାହୀ କହିଛନ୍ତି, ଜଣ୍ଡିସ ନିୟନ୍ତ୍ରଣ କରିବାକୁ ପଦକ୍ଷେପ ନିଆଯାଉଛି। ଡ୍ରେନେଜ୍‌ରେ ବ୍ଲିଚିଂ ପାଉଡର ପକାଯାଇ ସଫା କରାଯାଉଛି। ହାଲୋଜିନ୍ ବଟିକା ଦିଆଯାଉଛି ଓ ଲିଫ୍‌ଲେଟ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ଜନସ୍ୱାସ୍ଥ୍ୟ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁଶାନ୍ତ କୁମାର ଘଡାଇ କହିଛନ୍ତି, ଜଣ୍ଡିସ୍ ହୋଇଥିବା ଅଞ୍ଚଳକୁ ଆମେ ପରିଦର୍ଶନ କରୁଛୁ। ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ଲାବୋରେଟୋରିକୁ ପଠାଇଥିଲା। ରିପୋର୍ଟ ଆସିବା ପରେ ପାଣି ଯୋଗୁ ଜଣ୍ଡିସ ବ୍ୟାପୁ ନ ଥିବା ଜଣାପଡିଛି। ଅପରିଷ୍କାର ସ୍ଥାନରେ ବିକ୍ରି ହେଉଥିବା ଗୁପ୍‌ଚୁପ୍, ଚାଟ୍ ଭଳି ଚଟ୍‌ପଟି ଖାଦ୍ୟ ଖାଇବା ଯୋଗୁ ଜଣ୍ଡିସ ବ୍ୟାପୁଛି।

## କଂଗ୍ରେସ ପକ୍ଷରୁ ପୌର ନିର୍ବାଚନ ବୈଠକ

**କଟକ ଅଫିସ,୩୦।୬**

କଟକ ମହାନଗର ନିଗମ (ସିଏମ୍‌ସି)ରେ ପୌର ନିର୍ବାଚନକୁ ନେଇ ତାରିଖ ଘୋଷଣା ହୋଇ ନ ଥିଲେ ମଧ ବିଭିନ୍ନ ଦଳ ପକ୍ଷରୁ ଏକପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କଂଗ୍ରେସ ପକ୍ଷରୁ ରବିବାର ଶହୀଦ ଭବନଠାରେ ପୌର ନିର୍ବାଚନକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ଦଳୀୟ କର୍ମୀମାନଙ୍କୁ ପୌର ନିର୍ବାଚନ ପ୍ରସ୍ତୁତି କିପରି ରହିବ ସେ ନେଇ ପରାମର୍ଶ ଦେଇଥିଲେ। ଗତ ସାଧାରଣ ନିର୍ବାଚନରେ ଓଡ଼ିଶାରେ ନବୀନ ଏବଂ ଭାରତ ବର୍ଷରେ ମୋଦି ଲହର ସୃଷ୍ଟି ହୋଇଥିବା ବେଳେ ଐତିହାସିକ କଟକ ସହରର ସଚେତନ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବୀ ଓ ବିଭିନ୍ନ ବର୍ଗର ଲୋକେ ନିର୍ବାଚିତ କରିଥିବାରୁ ମୋକିମ କୃତଜ୍ଞତା ଜଣାଇଥିଲେ। ଆଗାମୀ ସମସ୍ତ କର୍ମୀ ଅକ୍ଳାନ୍ତ ପରିଶ୍ରମ କରିବା ସହ ପୌର ନିର୍ବାଚନରେ ବିଜୟୀ ହୋଇ ସିଏମ୍‌ସି ଅକ୍ତିଆର କରିବାକୁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ସାଧାରଣ ଜନତାଙ୍କୁ କୌଣସି କ୍ଷେତ୍ରରେ ଅବହେଳାର ସମ୍ମୁଖୀନ ହେବାକୁ ଦିଆଯିବ ନାହିଁ ବୋଲି ମୋକିମ କହିଥିଲେ। ଏ ନେଇ ସମସ୍ତ କଂଗ୍ରେସ କର୍ମୀ, ମହିଳା କଂଗ୍ରେସ ଓ ଯୁବ କଂଗ୍ରେସ କର୍ମୀମାନେ ସାହିବସ୍ତିର ଲୋକଙ୍କ ସହିତ ସମ୍ପର୍କ ବଢାଇବା ପାଇଁ ଗୁରୁତ୍ୱ ଦେବାକୁ ମୋକିମ କହିଥିଲେ। ପ୍ରାରମ୍ଭରେ ବିଧାୟକ ମୋକିମଙ୍କୁ କର୍ମୀମାନେ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ବରିଷ୍ଠ କଂଗ୍ରେସ ନେତା ତଥା ସିନେ ପ୍ରଯୋଜକ କେଶବ ଚନ୍ଦ୍ର ରାଉତଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପଶାୟତ ସଭା ପରିଚାଳନା କରିଥିଲେ। ଏଥିରେ ସାବିତ୍ରୀ ଚୌଧୁରୀ, ଗିରିବାଳା ବେହେରା, ବିଶ୍ୱଜିତ ଦାସ, ସୂର୍ଯ୍ୟକାନ୍ତ ରାଉତ, ସନ୍ତୋଷ ବଳ, ଆକାଶ ଭୂୟାଁ, କାଶୀନାଥ ମଲ୍ଲିକ, ଯୁବନେତା ମହମ୍ମଦ ଅଲ୍ଲୀ, କଟକ ଲୋକସଭା ଯୁବ କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କା ଓ ମାନସ ପରିଡ଼ାଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ।



ବୈଠକରେ ବିଧାୟକ ମହମ୍ମଦ ମୋକିମ ଉଦ୍‌ବୋଧନ ଦେଉଛନ୍ତି।

## ଅସରାଏ ବର୍ଷାରେ କଟକ ବେହାଲ

**କଟକ ଅଫିସ,୩୦।୬**

ଅସରାଏ ବର୍ଷାରେ କଟକ ସହର ବେହାଲ ହୋଇପଡିଛି। ଗତ ଶନିବାର ହୋଇଥିବା ବର୍ଷାରେ ସହରର ବିଭିନ୍ନ ସ୍ଥାନରେ ପାଣି ଜମି ରହିଥିଲା। ଫଳରେ ସହରବାସୀ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ନଭେମ୍ବର ପୂର୍ବରୁ ଡ୍ରେନେଜ ସଫେଇ କାର୍ଯ୍ୟ ଆରମ୍ଭ ହୋଇଥିବା ନେଇ ବାରମ୍ବାର କୁହାଯାଉଛି। ହେଲେ ଏ ପର୍ଯ୍ୟନ୍ତ ଡ୍ରେନେଜ ସଫେଇ ଶେଷ ହୋଇନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ଡ୍ରେନ୍‌ରେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମି ରହୁଛି। ରବିବାର ସିଏମ୍‌ସି କମିଶନର ଅନନ୍ୟା ଦାସ ସହରର ରକ୍ସିଲେନ୍, ଦୋଳମୁଣ୍ଡାଇ, ଖାନ୍‌ନଗର ସ୍ଲୁଇସ ଗେଟ୍, ସଙ୍ଗମ ସିନେମା ହଲ୍ ରୋଡ୍, ମହତାବ ରୋଡ ସମେତ ଅନ୍ୟାନ୍ୟ ଅଞ୍ଚଳ ପରିଦର୍ଶନ କରି ବର୍ଷାଜଳ ନିଷ୍କାସନ ହେବା ପାଇଁ କେଉଁ ଜାଗାରେ ସମସ୍ୟା ଉପୁଜୁଛି ତାହା ଦେଖିଥିଲେ। ସହରରେ ଡ୍ରେନେଜ ସମସ୍ୟା ଯୋଗୁ ବର୍ଷାଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ଏ ନେଇ ଅଭିଯୋଗ ହେବା ପରେ ସିଏମ୍‌ସି କମିଶନର ବିଭିନ୍ନ ଅଞ୍ଚଳ ବୁଲି ଦେଖିବା ସହ ଡ୍ରେନେଜର କେଉଁ ଜାଗାରେ ପାଣି ଜମି ରହୁଛି, ଆବର୍ଜନା କଢା ହୋଇଛି କି ନାହିଁ ତାହାର ତଦାରଖ କରିବା ସହ ଏହାର ସମାଧାନ ପାଇଁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡ୍ରେନେଜର ଯେଉଁ ସ୍ଥାନରେ ସ୍ଲାବ ଭାଙ୍ଗି ଯାଇଛି ସେଠାରେ ନୂତନ ସ୍ଲାବ ପକାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ଅନନ୍ୟା କହିଛନ୍ତି, ତୁରନ୍ତ ଡ୍ରେନେଜ ସମସ୍ୟାକୁ ଦୂର କରି ଲୋକଙ୍କୁ ଜଳ ସମସ୍ୟାରୁ ମୁକ୍ତ କରିବା ନିମନ୍ତେ ସିଏମ୍‌ସି ସମସ୍ତ ପ୍ରକାର ପ୍ରସ୍ତୁତି ଜାରି ରଖିଛି। ଆଗାମୀ ବର୍ଷାକୁ ଯେପରି ମୁକାବିଲା କରାଯାଇପାରିବ ସେ ନେଇ ସିଏମ୍‌ସି ପ୍ରସ୍ତୁତ ରହିଛି। ଡ୍ରେନେଜର ଯେଉଁ ଛୋଟ ମୋଟ ସମସ୍ୟା ଲାଗି ରହିଛି ତାହା ତୁରନ୍ତ ସମାଧାନ କରାଯିବ। ବର୍ଷାଦିନରେ ଯେପରି ଲୋକେ ପାଣି ସମସ୍ୟାରୁ ନିବୃତ୍ତ ରହିବେ ସେ ନେଇ ଚେଷ୍ଟା ଜାରି ରହିଛି। ରବିବାର ବିଭିନ୍ନ ଅଞ୍ଚଳ ପରିଦର୍ଶନବେଳେ କମିଶନରଙ୍କ ସମେତ ସିଏମ୍‌ସି ଡେପୁଟି କମିଶନର ଦେବାଶିଷ ମହାନ୍ତି, ଇଞ୍ଜିନିୟର ଡି.ଆର୍. ତ୍ରିପାଠୀ, ସ୍ୱାସ୍ଥ୍ୟ ବିଭାଗ ଟିମ୍ ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।





ରକ୍ସିଲେନ୍ ଅଞ୍ଚଳରେ ଜମି ରହିଥିବା ବର୍ଷାଜଳ। ଡ୍ରେନେଜ ଅବ୍ୟବସ୍ଥା ଅନୁଧାନ କରୁଛନ୍ତି ସିଏମ୍‌ସି କମିଶନର ଓ ଅନ୍ୟ ଅଧିକାରୀ।

■ ବିଭିନ୍ନ ଅଞ୍ଚଳ ବୁଲିଲେ ସିଏମ୍‌ସି କମିଶନର

■ ସମସ୍ୟା ସମାଧାନ ପାଇଁ କର୍ମଚାରୀଙ୍କୁ ନିର୍ଦ୍ଦେଶ



ପାପକୁ ସ୍ୱୀକାର କରିବା ମାତ୍ରେ ହିଁ ଲୋକ ମୁକ୍ତି ପଥରେ ଚାଲିବା ପାଇଁ ବଳ ପାଇଥାଏ।
-ମାର୍ଟିନ ଲୁଥର



## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

**ଟାଙ୍ଗୀ(ଖୋର୍ଦ୍ଧା), ୩୦।୬(ଡି.ଏନ୍.ଏ.):** ୧୬ ନଂ ଜାତୀୟ ରାଜପଥସ୍ଥିତ ଟାଙ୍ଗୀ ଥାନା ଅନ୍ତର୍ଗତ କଇଥପଲା ଛକଠାରେ ରବିବାର ଏକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତ କାରଚାଳକଙ୍କ ପରିଚୟ ମିଳି ନ ଥିବାବେଳେ ଛତ୍ରପୁରର କନିଷ୍ଠ ଏମ୍‌ଭିଆଇ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସେମାନେ ଏକ ହୁଣ୍ଡାଇ କାର୍‌ରେ ଭୁବନେଶ୍ୱରରୁ ଛତ୍ରପୁର ଫେରୁଥିଲେ। ତେବେ ଏକ ମାଲବାହୀ ଟ୍ରକ୍‌ଟି ଆଗରେ ଯାଉଥିବାବେଳେ ହଠାତ୍ ବ୍ରେକ୍ ଦେବାରୁ କାର୍‌ଟି ଏହା ପଛରେ ପିଟି ହୋଇଯାଇଥିଲା। ଫଳରେ କାର୍‌ଚାଳକଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତକଙ୍କୁ ଉଦ୍ଧାର କରିବା ସହ ୨ ଗୁରୁତରଙ୍କୁ ଟାଙ୍ଗୀ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହଯୋଗରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ଶିଳ୍ପପତିଙ୍କ ବିୟୋଗରେ ସ୍ମୃତିଚାରଣ



**ବୋଲଗଡ଼,୩୦।୬(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଅଞ୍ଚଳର ବିଶିଷ୍ଟ ଶିଳ୍ପପତି ରାମଚନ୍ଦ୍ର ସୁବୁଦ୍ଧିଙ୍କ ବିୟୋଗରେ ଶନିବାର ସନ୍ଧ୍ୟାରେ ରାଜସୁନାଖଳା ନିକଟସ୍ଥ କାରଖାନା ପରିସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅରୁଣ କୁମାର ସାହୁ, ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଚିଲିକା ବିଧାୟକ ତଥା ବେଗୁନିଆର ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଚିଲିକା ପୂର୍ବତନ ବିଧାୟକ ରଘୁନାଥ ସାହୁ, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ତିଳୋତ୍ତମା, ରବୀନ୍ଦ୍ର କୁମାର, ଶୁଭେନ୍ଦୁ, ସୁରେନ୍ଦ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ସୁବୁଦ୍ଧିଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

### ଶିବିରରେ ୧୧୭ ୟୁନିଟ୍ ରକ୍ତ ସଂଗ୍ରହ



**ଜଟଣୀ,୩୦।୬(ଡି.ଏନ.ଏ.) :** ଜଟଣୀର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଶ୍ରୟ ପକ୍ଷରୁ ରବିବାର ଏହାର ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଖୋର୍ଦ୍ଧା ରକ୍ତଭଣ୍ଡାରର ଡାକ୍ତର ଓ କର୍ମଚାରୀ ଉପସ୍ଥିତ ରହି ୧୧୭ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ସମେତ ଭାରତ ସ୍କାଉଟ୍ସ ଓ ଗାଇଡ୍‌ସର ଅନେକ ସ୍ୱେଚ୍ଛାସେବୀ ରକ୍ତଦାନ କରିବା ସହ ଶିବିର ପରିଚାଳନାରେ ସହାୟତା କରିଥିଲେ। ଆୟୋଜକ ଆଶ୍ରୟର ଚେୟାରମ୍ୟାନ ବେଣୁଧର ଦାସ, ସମ୍ପାଦକ ରଞ୍ଜନ ସ୍ୱାଇଁ, ପ୍ରଦୀପ ପଟ୍ଟନାୟକ, ଶିବବ୍ରତ ପଟ୍ଟନାୟକ, ବାଲାଜୀ ପଣ୍ଡା, ସୁରଜିତ ମହାନ୍ତି ଓ ଅନ୍ୟ ସଦସ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା।

### ଲାପଟପ୍ ଫେରିପାଇଲେ ଯୁବକ

**ପୁରୀ ଅଫିସ, ୩୦।୬:** ଆରପିଏଫ୍ ପୋଲିସର ବଦାନ୍ୟତାରୁ ଜଣେ ଯାତ୍ରୀ ଲାପଟପ୍ ଫେରିପାଇଛନ୍ତି। ରବିବାର ପୁରୀ ଆରପିଏଫ୍ ପୋଲିସ ତାଙ୍କୁ ଲାପଟପ୍ ହସ୍ତାନ୍ତର କରିଛନ୍ତି। ଏଲ୍.ବାଲକୃଷ୍ଣ ହାୱଡା-ପୁରୀ ଏକ୍ସପ୍ରେସରେ ଭୁବନେଶ୍ୱର ଆସୁଥିଲେ। ଭୂଲ ବଶତଃ ସେ ନିଜର ଲାପଟପ୍ ଟ୍ରେନ୍‌ରେ ଛାଡି ଦେଇଥିଲେ। ଏନେଇ ସେ ରେଲୱେ ହେଲପ୍ ଲାଇନରେ ଅଭିଯୋଗ କରିଥିଲେ। ଏହି ସମୟରେ ଉକ୍ତ ଟ୍ରେନରେ ଡ୍ୟୁଟି କରୁଥିବା ଆରପିଏଫ୍ ଏସ୍‌ଆଇ ଏକେ.ବାରିକ ଲାପଟପ୍ ପାଇଥିଲେ। ଲାପଟପ୍ ବ୍ୟାଗରେ ରହିଥିବା ଠିକଣା ଏବଂ ନମ୍ବରକୁ ସର୍ଚ୍ଚ କରିବା ବେଳେ ପୋଲିସ ଲାପଟପ୍ ହଜିଥିବା ଯୁବକଙ୍କ ସମ୍ପର୍କରେ ସୂଚନା ପାଇଥିଲେ। ରବିବାର ଆରପିଏଫ୍ ଥାନା ଅଧିକାରୀ ଅନିଲ ସିଂଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ଡକାଇ ତାଙ୍କୁ ଲାପଟପ୍ ହସ୍ତାନ୍ତର କରିଥିଲେ।

■ ଟାର୍ଗେଟରେ ଖଣି ମାଫିଆ, ନିଶା ବେପାରୀ

# ଏସ୍‌ଟିଏଫ୍‌ର ଏନ୍‌କାଉଣ୍ଟର ପରେ ସମସ୍ତେ ଛାନିଆ

**ଖୋର୍ଦ୍ଧା ଅଫିସ,୩୦।୬**

**ଚାନ୍ଦା ନେଇ ପୋଲିସ, ପ୍ରଶାସନ, ଅବକାରୀ ବିଭାଗ ଚୁପ୍**

ପୋଲିସ, ପ୍ରଶାସନ ଓ ଅବକାରୀ ବିଭାଗ ଚାନ୍ଦା ନେଇ ଖୋର୍ଦ୍ଧା ଜିଲାରେ ଖଣିମାଫିଆ ଓ ନିଶା ବେପାରୀଙ୍କର କାରବାରକୁ ଅବାଧରେ ଚଳାଇ ଆସୁଛନ୍ତି। ବ୍ୟବସାୟରେ ସମସ୍ତଙ୍କର ଲାଭ ହେଉଥିଲା। ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିଲେ। ମାଙ୍କଡା, ଗ୍ରାନାଇଟ୍ ପଥର ଖଣି ହେଉ କି ବ୍ରାଉନସୁଗାର, ଗଞ୍ଜେଇ, ମଦ ପରି ନିଶାଦ୍ରବ୍ୟ ସବୁ କ୍ଷେତ୍ରରେ ଚଢ଼ାଉ ନ କରି ପୋଲିସ, ପ୍ରଶାସନ ଓ ଅବକାରୀ ବିଭାଗ ଚୁପ ରହିଥିଲା। ମଝିରେ ମଝିରେ ଲୋକ ଦେଖାଣିଆ ଚଢ଼ାଉ କରି କେବଳ ଭାବମୂର୍ତ୍ତି ରକ୍ଷା କରୁଥିଲା। ଏଭଳିସ୍ଥିତିରେ ବେଆଇନ ଖଣି ଓ ନିଶା ବ୍ୟବସାୟୀମାନଙ୍କ ଉପରେ ରୋକ୍ ଲଗାଇଛି ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ) ଟିମ୍। ଏସ୍‌ଟିଏଫ ଟାର୍ଗେଟରେ ଖଣି ମାଫିଆ ଓ ନିଶା ବେପାରୀ ଆସିବା ପରେ ଧୀରେ ଧୀରେ କାରବାର ବନ୍ଦ ହେବା ଆରମ୍ଭ ହୋଇଛି। ମେ ୩୧ରେ ଖୋର୍ଦ୍ଧା ଅଞ୍ଚଳର ଖଣି ଉପରେ ଚଢ଼ାଉ ପରେ ବେଆଇନ ଖଣି ଖନନ କେତେକାଂଶରେ ବନ୍ଦ ହୋଇଛି। ଏସ୍‌ଟିଏଫ ଶନିବାର ଖଣି ଓ ନିଶା ବ୍ୟବସାୟୀଙ୍କୁ ଟାର୍ଗେଟ କରି ଏନ୍‌କାଉଣ୍ଟର କରିବାରେ ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟମାନେ ଖସିଯିବାରେ ସକ୍ଷମ ହୋଇଥିଲେ। ପରେ ପୋଲିସ, ପ୍ରଶାସନ ଓ ଅବକାରୀ ବିଭାଗକୁ ଝଟ୍‌କା ଲାଗିଛି। ନିଶା ବ୍ୟବସାୟୀ ହଠାତ୍ ବ୍ୟବସାୟର ତରିକା ବଦଳାଇ ଦେଇଛନ୍ତି। ଖୋର୍ଦ୍ଧା ସହରର ଗଳିକନ୍ଦିରେ ଘୂରି ବୁଲୁଥିବା ବ୍ରାଉନସୁଗାର ଛୋଟ ବେପାରୀମାନେ ଏବେ ପୃଥକ୍ ହୋଇ ବୁଲିବା ଆରମ୍ଭ କରିଛନ୍ତି। ବଡ ବ୍ୟବସାୟୀମାନେ ଲୁକ୍କାୟିତ ସ୍ଥାନକୁ ଆଦରି ନେଇଛନ୍ତି। ଜଣେ ଜଣେ ଛୋଟ ବ୍ୟବସାୟୀଙ୍କ ପାଖରେ ୧ରୁ ୨ଟି ବ୍ରାଉନସୁଗାର ପୁଡିଆ ରହୁଛି। ବ୍ରାଉନସୁଗାର ଖୋଜିଲେ ଉତ୍ତର ମିଳୁଛି ଦରକାର ଥିଲା କି। ଖାଇବା ପାଇଁ ରଖିଥିଲି। ନିଅନ୍ତୁ, ଦରକାର ହେଲେ ପୁଣି ଆଣି ଦେବି। ମଦ, ଗଞ୍ଜେଇ ବେପାରୀମାନେ ସ୍ୱଳ୍ପ ପରିମାଣର ମାଲ୍ ରଖି ବିକିବା ଆରମ୍ଭ କରିଛନ୍ତି। ମୋଟାମୋଟି ଭାବେ ଏସ୍‌ଟିଏଫର ଚଢ଼ାଉ, ଏନ୍‌କାଉଣ୍ଟର ଖଣି ଓ ନିଶା ବେପାରୀ ଛାନିଆ ହୋଇପଡିଛନ୍ତି।

ମାଇନିଂ ପ୍ଲାନ ଓ ପରିବେଶ ମଞ୍ଜୁରୀ ନ ଥାଇ ଖୋର୍ଦ୍ଧା ଜିଲାରେ ବେଆଇନ ଭାବେ ୪୨ ଗ୍ରାନାଇଟ୍ ପଥର ଖଣି ଖନନ ଚାଲିଥିଲା। ଅଭିଯୋଗ, ପ୍ରତିବାଦ, ବିକ୍ଷୋଭ, ଧାରଣା, ପିଆଇଏଲ ପରେ ବି ସୁଫଳ ମିଳୁ ନ ଥିଲା। ମୋଟା ଅଙ୍କର ଲାଞ୍ଚ କାରବାର କରାଯାଇ ଜଗନ୍ନାଥ ମହାପ୍ରଭୁଙ୍କ ମୁଣ୍ଡିଆକୁ ମାଟିରେ ମିଶାଇ ଦିଆଗଲାଣି। ଅଭିଯୋଗ କଲେ ମାଡ ମାରି, ବୋମା ପକାଇ, ଆକ୍ରମଣ କରି, ଟଙ୍କା ଦେଇ ମୁହଁ ବନ୍ଦ କରି ଦିଆଯାଉଥିଲା। ଖୋର୍ଦ୍ଧା ଜିଲାର ଖୋର୍ଦ୍ଧା, ବେଗୁନିଆ, ଟାଙ୍ଗୀ ତହସିଲରେ ଥିବା ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ୭୩ଟି ଖଣିରୁ ୪୨ ମୁଣ୍ଡିଆ କିଛିମାସ ତଳେ ନିଲାମ ହୋଇଥିଲା। ନିଲାମଧାରୀ ମାଇନିଂ ପ୍ଲାନ ଓ ପରିବେଶ ମଞ୍ଜୁରୀ କାଗଜାତ ନ ଆଣି, ମୁଣ୍ଡିଆ ଖନନ ପାଇଁ ଅନୁମତି ନ ଥାଇ ଟେଣ୍ଡର ପରେ ବେଆଇନ ଭାବେ ବ୍ଲାଷ୍ଟିଂ କରି ଚାଲିଥିଲେ। ଏଭଳିସ୍ଥଳେ ମେ ୩୧ରେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଥିଲା। ଦୁର୍ଦ୍ଧାନ୍ତ ପଥର ମାଫିଆ ଖୋର୍ଦ୍ଧା ଆଦର୍ଶ ଥାନା କୁମାରବସ୍ତର ସଞ୍ଜୟ ପାଇକେରା(୪୫)ଙ୍କୁ ଗିରଫ କରିବା ପରେ ବେଆଇନ ଖଣି ଖନନ ଉପରେ ଲଗାମ ଲାଗିବା ଆରମ୍ଭ ହୋଇଥିଲା। ମାଫିଆମାନେ ଚଢ଼ାଉ ଭୟରେ ଖଣି ବନ୍ଦ କରି ଦେଇ ଲୁଚିଥିଲେ। ଏସ୍‌ଟିଏଫ୍ ଟିମ୍‌ର ବାରମ୍ବାର ଚଢ଼ାଉ ଫଳରେ ୬ ଖଣି ଲିଜ୍ ଦେବା ପ୍ରଶାସନର କାର୍ଯ୍ୟ ସନ୍ଦେହ ଘେରକୁ ଟାଣି ଆଣିଥିଲା। ଏବେ ନିଶା ବେପାରୀଙ୍କ ଉପରେ ଏସ୍‌ଟିଏଫ୍ ଟିମ୍ କିପରି ଚଢ଼ାଉ କରୁଛି, କ'ଣ ପଦକ୍ଷେପ ନେଉଛି ସମସ୍ତଙ୍କ ନଜର। କାରଣ ସହରବାସୀ ଆମ ପୋଲିସ କାର୍ଯ୍ୟକ୍ରମରେ ନିଶା ବେପାରୀଙ୍କ ଉପରେ କିଛିଦିନ ତଳେ ଅଭିଯୋଗ କରି ସୁଫଳ ପାଇ ନ ଥିଲେ।



ଦୁର୍ଘଟଣାରେ ଆହତ ଗୋସେବା ସଦସ୍ୟଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ।

■ ଭୀମଟାଙ୍ଗିରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ

## କର୍ମୀଙ୍କ ସହ ମିଶିଲେ, ଗୋସେବକଙ୍କୁ ଭେଟିଲେ

**ପୁରୁଣା ଭୁବନେଶ୍ୱର, ୩୦।୬ (ଡି.ଏନ.ଏ.)**

କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଲୋକ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ଦେବାକୁ ଯାଇ ୫ଟି ଭାଷାରେ ଓଜସ୍ୱିନୀ ଭାଷଣ ଦେଇଥିଲେ। ଗୋଟିଏ ପରେ ଗୋଟିଏ ଘଟଣାରେ ସେ ଚର୍ଚ୍ଚାକୁ ଆସୁଥିବା ବେଳେ ରବିବାର ହଠାତ୍ ଭୀମଟାଙ୍ଗିରେ ପହଞ୍ଚିଥିଲେ। ସେଠାରେ ସେ ରାଷ୍ଟ୍ରଶକ୍ତି ଗୋସେବା ଟ୍ରଷ୍ଟ ସଦସ୍ୟମାନଙ୍କୁ ଭେଟିଥିଲେ। ସଦସ୍ୟଙ୍କ ଭିତରେ ଦୁର୍ଘଟଣାରେ ଆହତ ହୋଇଥିବା ରାଜେଶ ପୃଷ୍ଟି ଏବଂ ଚିନ୍ମୟ ପାତ୍ର, ସୋମ୍ୟ ଭୂତିଆଙ୍କ ଭଳି ଅନ୍ୟ ସଦସ୍ୟଙ୍କ ସହ ମିଶି ସେବା ମନୋବୃତ୍ତି ପାଇଁ ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସେହିଭଳି ଭାଜପା ନେତା ବାବୁ ସିଂ, ପୂର୍ବତନ କର୍ପୋରେଟର ସୁବାସିନୀ ପୃଷ୍ଟି, ବାସୁଦେବ ମିଶ୍ର ପ୍ରମୁଖ କର୍ମୀଙ୍କ ସହ ଦଳୀୟ ସଙ୍ଗଠନ ମଜଭୁତ ପାଇଁ ଆଲୋଚନା କରିଥିଲେ।

## ଭୁଷଣ୍ଡପୁରରେ ଘୋଷଯାତ୍ରାର ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିବା ଜନସାଧାରଣ।

**ଟାଙ୍ଗୀ(ଖୋର୍ଦ୍ଧା), ୩୦।୬(ଡି.ଏନ୍.ଏ.)**

ଚିଲିକା ଉପକୂଳ ଭୁଷଣ୍ଡପୁରରେ ଦାରୁବ୍ରହ୍ମ ଘୋଷଯାତ୍ରା ପାଇଁ ଶେଷ ପ୍ରସ୍ତୁତି ବୈଠକ ରବିବାର କାର୍ଯ୍ୟକାରୀ ସଭାପତି ଉଲ୍ଲାସ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶାନ୍ତିଶୃଙ୍ଖଳାର ସହ ରଥଯାତ୍ରା ସମ୍ପନ୍ନ ନିମନ୍ତେ ଟାଙ୍ଗୀ ବ୍ଲକ ପ୍ରଶାସନ ପକ୍ଷରୁ ସହଯୋଗର ଦୃଢ଼ ପ୍ରତିଶ୍ରୁତି ନେଇ ସଭାରେ ଆଲୋଚନା ହୋଇଥିଲା। ଶ୍ରୀଗୁଣ୍ଡିଚାଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟରେ ପୋଲିସ ବିଭାଗ ଓ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଥିବା ବୈଠକରେ ସୂଚନା ମିଳିଥିଲା। ବାବା ବିଜୟ ଦାଶ, ତ୍ରିନାଥ ସେଠୀ, ରବୀନ୍ଦ୍ର କୁମାର ସାମନ୍ତରାୟ, ସରପଞ୍ଚ ନବ କିଶୋର ନାୟକ, ସମିତି ସଭ୍ୟ ରାଜ କିଶୋର ନାୟକ, ବରିଷ୍ଠ ଆଇନଜୀବୀ ଅନୀଲ କୁମାର ପଟ୍ଟନାୟକ, ପ୍ରଫୁଲ୍ଲ ପଟ୍ଟନାୟକ, ବାଇଧର ମହାରଣା, ସୌରଭ କୁମାର ଦାସ ମହାପାତ୍ର, ଅଜୟ ମହାରଣା, ସୁରେଶ ବେହେରା, ସଂଗ୍ରାମ ପଟ୍ଟନାୟକ, କୃପାସିନ୍ଧୁ ବେହେରା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

ଲୁଟ୍ ମୋବାଇଲ୍ ଫୋନ୍ ସହ ବାଇକ ଜବତ

## ଜେଲ୍ ଗଲେ ୨ ଅଭିଯୁକ୍ତ

**ଭୁବନେଶ୍ୱର, ୩୦।୬(ବ୍ୟୁରୋ)**

ରାଜମହଲ ଛକରେ ଜଣେ ମହିଳାଙ୍କଠାରୁ ମୋବାଇଲ ଫୋନ୍ ଲୁଟ କରି ଫେରାର ଥିବା ଦୁଇ ଅଭିଯୁକ୍ତଙ୍କୁ କ୍ୟାପିଟାଲ ଥାନା ପୋଲିସ ରବିବାର ଗିରଫ କରିଛି। ସେମାନଙ୍କ ନିକଟରୁ ଲୁଟ୍ ମୋବାଇଲ ଫୋନ୍ ସହ ଏକ କଳା ପଲ୍‌ସର ଜବତ କରିଛି। ଗିରଫ ଅଭିଯୁକ୍ତମାନ ହେଲେ ପୁରୀ ଜିଲା କଣାସ ଥାନା ଅଞ୍ଚଳର ସୁମନ୍ତ ବେହେରା(୨୪) ଓରଫ ରାଜା ବେହେରା ଓ ନୟାଗଡ ଜିଲା ଓଡଗାଁ ଥାନା ଅଞ୍ଚଳର ସଞ୍ଜୟ ନାୟକ(୧୯)। ସୂଚନା ମୁତାବକ, ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆର୍‌ସି ଭିଲେଜରେ ରହୁଥିବା ଶକୁନ୍ତଳା ଓଝା ଗତ ୨୫ ତାରିଖରେ ମାର୍କେଟିଂ କରିବାକୁ ୧ ନମ୍ବର ହାଟ ଆସିଥିଲେ। ରାଜମହଲ ଛକ ନିକଟରେ ସେ ଯାଉଥିବାବେଳେ ଦୁଇ ଅଭିଯୁକ୍ତ ଏକ କଳା ପଲସରରେ ପଛରୁ ଆସି ମୋବଇଲ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଶକୁନ୍ତଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୩୪/୧୯ରେ ଏକ ମାମଲା ରୁଜୁ କରି ସିସିଟିଭି ଫୁଟେଜ ଯାଞ୍ଚ ସହ ଲୁଟ୍ ମୋବାଇଲ ଫୋନ୍ ନମ୍ବରକୁ ଟ୍ରାକ ଆରମ୍ଭ କରିଥିଲା। ରବିବାର ପୋଲିସ ସାଲିଆ ସାହି ଅଞ୍ଚଳରେ ଚଢଉ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ପଚରାଉଚରା କରି କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ଶ୍ରୀମନ୍ଦିର, ଜଗନ୍ନାଥଙ୍କ ସୁରକ୍ଷାରେ ଖୋର୍ଦ୍ଧା ପାଇକ ଓ ଗଜପତି ଆଲୋଚନାଚକ୍ର




ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

**ଖୋର୍ଦ୍ଧା ଅଫିସ, ୩୦।୬**

କଳା ବିନୋଦ ଚେତନା ପରିଷଦ ପକ୍ଷରୁ ଜିଲା ସଂସ୍କୃତି ଭବନରେ ରବିବାର ଆୟୋଜିତ ମାସିକ ସଂସ୍କୃତି ଚର୍ଚ୍ଚାରେ ଶ୍ରୀମନ୍ଦିର ଓ ଜଗନ୍ନାଥଙ୍କ ସୁରକ୍ଷାରେ ଖୋର୍ଦ୍ଧା ପାଇକ ଓ ଗଜପତି ପ୍ରସଙ୍ଗରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ପ୍ରଫୁଲ୍ଲ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଶିଷ୍ଟ ଗବେଷକ ପ୍ରଫେସର ଧ୍ରୁବ ଚରଣ ଜୟସିଂ ପାଇକରାୟ ଓ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଯୋଗଦେଇ କହିଥିଲେ, ଓଡ଼ିଶାର ଗଜପତିଙ୍କୁ ଠାକୁର ରାଜା ଓ ଉତ୍କଳର ଗଜପତି କୁହାଯାଏ। ଆଫଗାନ୍ ଆକ୍ରମଣକାରୀଙ୍କ କବଳରୁ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କୁ ଉଦ୍ଧାର କରିଥିବାରୁ ଏହି ଦୁଇ ଉପାଧି ସମଗ୍ର ଭାରତବର୍ଷର ହିନ୍ଦୁରାଜାମାନେ ପାଇଥିଲେ। ଭୋଇ ବଂଶର ରାଜା ରାମଚନ୍ଦ୍ର ଦେବ ଠାକୁର ରାଜା ଓ ଉତ୍କଳର ଗଜପତି ଉପାଧି ପାଇଥିଲେ। ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଜାଗା ଘର, ଆଖଡା ଘର, ଜଳ ବାହିନୀ, ପଦାତିକ ବାହିନୀ ପ୍ରମୁଖ ବ୍ୟବସ୍ଥା କରାଯାଇଥିଲା । ଏବେ ମଧ୍ୟ ପୁରୀ ସହରରେ ତାପଙ୍ଗ ଆଖଡା, ଗୁରୁଜଙ୍ଗ ଆଖଡା ନାମରେ ଦୁଇ ଜାଗାଘର ଦୃଷ୍ଟିଗୋଚର ହେଉଛି । ଖୋର୍ଦ୍ଧା ପାଇକବାହିନୀ ଓ ଗଜପତି ବର୍ଷବର୍ଷ ଧରି ସୁରକ୍ଷା ଯୋଗାଇ ଆସୁଥିଲେ । ପରେ ନୀଳାଦ୍ରି ଜଗଦେବ ଓ ବିକ୍ରମ ଚମ୍ପତିଙ୍କ ନେତୃତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇ ଯାଇଛି ।

## ୨୮ ବରିଷ୍ଠ ଐତିହାସିକ, ଲେଖକଙ୍କୁ ସମ୍ବର୍ଦ୍ଧିତ କଲା କାପୋକ୍

**ଭୁବନେଶ୍ୱର,୩୦।୬(ବ୍ୟୁରୋ)**

କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ(କାପୋକ) ତରଫରୁ ସୂଚନା ଭବନସ୍ଥିତ ଗୀତ ଗୋବିନ୍ଦ ସଦନରେ ରବିବାର ଲେଖକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। 'ଶିଶୁପାଳଗଡ ଦି ଲଷ୍ଟ୍ ସିଟି' ପୁସ୍ତକରେ ତଥ୍ୟଭିତ୍ତିକ ପ୍ରବନ୍ଧ ଲେଖିଥିବା ରାଜ୍ୟର ୨୮ଜଣ ବରିଷ୍ଠ ତଥା ଜଣାଶୁଣା ଐତିହାସିକ, ଲେଖକ, ଲେଖିକା ଓ କବିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ କବି ଡ. ହୁସେନ ରବି ଗାନ୍ଧୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜ୍ଞାନ ଓ କାରିଗରି କୌଶଳ, ସାଧାରଣ ଉଦ୍ୟୋଗ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଓଡିଶାର କଳା, ସଂସ୍କୃତି ଓ ଇତିହାସ ସହ ଐତିହ୍ୟର ସୁରକ୍ଷା ନିମନ୍ତେ ସରକାର ନେଇଥିବା ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। କାପୋକ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ 'ଶିଶୁପାଳଗଡ ଦି ଲଷ୍ଟ୍ ସିଟି' ଏକ ତଥ୍ୟଭିତ୍ତିକ ଐତିହାସିକ ଓ ଶିକ୍ଷଣୀୟ ପ୍ରବନ୍ଧ ପୁସ୍ତକ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। କାପୋକ ସଂପାଦକ ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭିକ ସଭାପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଡ. ସନ୍ଦିପ କୁମାର ରାଉତ ଓ ସୁଭ୍ରାଂଶୁ ଶେଖର ସାହୁ ଯନ୍ତ୍ର ସଂଗୀତ ପରିବେଷଣ କରିଥିଲେ। ଏହାପରେ ଉପସ୍ଥିତ କବିଙ୍କ ଦ୍ୱାରା ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା।

## ବଡ଼ଦାଣ୍ଡକୁ ଅବରୋଧ କଲେ କାର୍ଯ୍ୟାନୁଷ୍ଠାନ

**ପୁରୀ ଅଫିସ, ୩୦।୬**

ଆସନ୍ତା ୪ ତାରିଖରେ ରଥଯାତ୍ରା। ପୁରୀକୁ ଦେଶ ବିଦେଶରୁ ଲକ୍ଷ ଲକ୍ଷ ଭକ୍ତ ଆସିବେ। ତେଣୁ ସହରକୁ ଆବର୍ଜନାମୁକ୍ତ ଏବଂ ବଡ଼ଦାଣ୍ଡକୁ ଅବରୋଧମୁକ୍ତ ରଖିବା ଲାଗି ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। ଏଥିଲାଗି ପଦକ୍ଷେପ ମଧ୍ୟ ଆରମ୍ଭ କରିଛି। ବଡ଼ଦାଣ୍ଡରୁ ଉଠା କ୍ୟାବିନ, ଖଟ, ଠେଲାଗାଡି ଆଦି ହଟାଇବାକୁ ରବିବାରଠାରୁ ପୌରସଂସ୍ଥା ପକ୍ଷରୁ ଅଭିଯାନ ଆରମ୍ଭ ହୋଇଯାଇଛି। ଏପରି କି ସାହି, ଗଳିକନ୍ଦିରେ ନଳା ଉପରେ ପକାଯାଇଥିବା କ୍ୟାବିନ ମଧ୍ୟ ହଟାଯିବାକୁ ନିଷ୍ପତ୍ତି ନିଷ୍ପତ୍ତି ହୋଇଛି। ଯାତାୟାତ ଏବଂ ଟ୍ରାଫିକ ସମସା ଅଭିଯୋଗ ଉପରେ ଜିଲାପାଳ ବଲୱନ୍ତ ସିଂ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ତାଗିଦ ସତ୍ତ୍ୱେ ଅବମାନନା କଲେ ଦୋକାନ ସାମଗ୍ରୀ ଜବତ ସହ ଜରିମାନାର ମଧ୍ୟ ବ୍ୟବସ୍ଥା କରାଯାଇଛି। ଗଳିକନ୍ଦିରେ ଗୃହନିର୍ମାଣ ସାମଗ୍ରୀ ରଖି ଯାତାୟାତରେ ସମସ୍ୟା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ନିଆଯାଇଛି।



ବିଧାୟକ ଜିତୁ ମିତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଖୋର୍ଦ୍ଧା ବିଧାୟକ ଜିତୁ ମିତ୍ରଙ୍କୁ ସମ୍ବର୍ଦ୍ଧନା

**ଟାଙ୍ଗୀ(ଖୋର୍ଦ୍ଧା), ୩୦।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଦୀକ୍ଷିତପଡ଼ାର ମସଜିଦ୍ ପ୍ରାଙ୍ଗଣରେ ମୁସଲିମ୍ ସମ୍ପ୍ରଦାୟ ତରଫରୁ ଖୋର୍ଦ୍ଧା ବିଧାୟକ ଜିତୁ ମିତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଉକ୍ତ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ଜେନା, ଖୋର୍ଦ୍ଧା ଜିଲା ପରିଷଦ ପୂର୍ବତନ ସଭାପତି ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ବ୍ଲକ ବିଜେଡି ସଂଖ୍ୟାଲଘୁ ସଭାପତି ହାଜି ଅବଦୁଲ୍ ରଜାକ ଖାଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ମିତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାରେ ଶେଖ୍ ବରଖତୁଲ୍ଲା ଅଧ୍ୟକ୍ଷତା କରିଥିଲେ। ଶେଖ୍ ସଉକତ ଅଲ୍ଲୀ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅତିଥିଙ୍କ ଦ୍ୱାରା ୫ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯାଇଥିଲା । ସେଖ୍ ମଜିଦ୍, ସେକ୍ ବରଖତୁଲ୍ଲା, ସେଖ୍ ଜହୁର, ସେଖ୍ ଅଲ୍ଲୀ, ସେଖ୍ ଜବାର, ମହମ୍ମଦ ନୁର, ଦୁଖା ଖାଁ, ଜାକରି ଶାହା, ସେଖ୍ ଉଦରତ ଓ ସେଖ ମୁକତାର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ସରକାରୀ ନିର୍ଦ୍ଦେଶନାମାକୁ ଉଲ୍ଲଂଘନ ଅଭିଯୋଗ

**ଟାଙ୍ଗୀ(ଖୋର୍ଦ୍ଧା),୩୦।୬(ଡି.ଏନ୍.ଏ.)**

**ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସରକାରୀ ନୀତିନିୟମ ଓ ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି ବୋଲି କୁହାଯାଉଥିଲେ ମଧ୍ୟ ଏଭଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଏହାର କୌଣସି ପ୍ରଭାବ ପଡୁ ନ ଥିବା ଅଭିଯୋଗ ହେଉଛି। ଉଲ୍ଲେଖଯୋଗ୍ୟ କି, ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ପରେ ଆବେଦନର ୧ ସପ୍ତାହ ମଧ୍ୟରେ ମୃତ୍ୟୁ ପ୍ରମାଣପତ୍ର ମିଳିବାର ସରକାରୀ ନିୟମ ରହିଛି। ତେବେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାହା କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହେଉଛି । ମାସ ମାସ ବିତି ଯାଉଥିଲେ ମଧ୍ୟ ମୃତ୍ୟୁ ପ୍ରମାଣପତ୍ର ଦିଆଯାଉ ନ ଥିବା ଲୋକେ କହିଛନ୍ତି। ଏପରି କାହିଁକି କରାଯାଉଛି ବୋଲି ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଚାରିବାରୁ ସେ ନିଜ ନାମ ଗୋପନ ରଖି ଭାରପ୍ରାପ୍ତ ମେଡିକାଲ ଅଫିସର ଦସ୍ତଖତ କରୁ ନ ଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହେଉଛି ବୋଲି କହିଥିଲେ । ରାଜ୍ୟ ସରକାରଙ୍କର ନିରାମୟ ଯୋଜନାକୁ ମଧ୍ୟ ଏଠାରେ ଉଲ୍ଲଂଘନ କରାଯାଉଥିବା ଦେଖାଯାଉଛି । ଉକ୍ତ ଯୋଜନା ଅନୁସାରେ ରୋଗୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦିନରାତି ୨୪ ଘଣ୍ଟା ଔଷଧ ବିତରଣର ବ୍ୟବସ୍ଥା ରହିଛି । ମାତ୍ର ଏଠାରେ ଲିପିବଦ୍ଧ ବିଜ୍ଞାପନ ଉପରେ ଆଉ ଗୋଟିଏ ବ୍ୟାନର ମାରି ସକାଳ ୮ରୁ ୧୨ଟା ଓ ଅପରାହ୍ନ ୪ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଔଷଧ ପ୍ରଦାନ କରାଯିବ ବୋଲି ଉଲ୍ଲେଖ ରହିଛି । ଏହି ଘଟଣା ସମ୍ପର୍କରେ ମେଡିକାଲ ଅଫିସର ଡା. ଜିତେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରୁ ଆବଶ୍ୟକ କର୍ମଚାରୀ ନ ଥିବାରୁ ଏପରି କରାଯାଉଥିବା ସେ ମତ ପ୍ରକାଶ କରିଥିଲେ। ଏହି ସଂଶୋଧିତ ନିୟମ ସମ୍ପର୍କରେ ସାହୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣିଥିବା ମଧ୍ୟ ପ୍ରକାଶ କରିଥିଲେ ।




ନିରାମୟ କେନ୍ଦ୍ରରେ ୨୪ ଘଣ୍ଟା ଔଷଧ ବିତରଣ ହୋର୍ଡିଂ ଉପରେ ଆଉ ଏକ ବ୍ୟାନର ଲଗିଛି।



ପାପକୁ ସ୍ୱୀକାର କରିବା ମାତ୍ରେ ହିଁ ଲୋକ ମୁକ୍ତି ପଥରେ ଚାଲିବା ପାଇଁ ବଳ ପାଇଥାଏ।
-ମାର୍ଟିନ ଲୁଥର



## ଅନ୍ୟ ଅଞ୍ଚଳର ଖବର

### ଭୀମଟାଙ୍ଗିରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କର୍ମୀଙ୍କ ସହ ମିଶିଲେ, ଗୋସେବକଙ୍କୁ ଭେଟିଲେ

ପୁରୁଣା ଭୁବନେଶ୍ୱର,୩୦। ୬ (ଡି.ଏନ.ଏ.): କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଲୋକ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ଦେବାକୁ ଯାଇ ୫ଟି ଭାଷାରେ ଓଜସ୍ୱିନୀ ଭାଷଣ ଦେଇଥିଲେ। ଗୋଟିଏ ପରେ ଗୋଟିଏ ଘଟଣାରେ ସେ ଚର୍ଚ୍ଚାକୁ ଆସୁଥିବା ବେଳେ ରବିବାର ହଠାତ୍ ଭୀମଟାଙ୍ଗିରେ ପହଞ୍ଚିଥିଲେ। ସେଠାରେ ସେ ରାଷ୍ଟ୍ରଶକ୍ତି ଗୋସେବା ଟ୍ରଷ୍ଟ ସଦସ୍ୟମାନଙ୍କୁ ଭେଟିଥିଲେ। ସଦସ୍ୟଙ୍କ ଭିତରେ ଦୁର୍ଘଟଣାରେ ଆହତ ହୋଇଥିବା ରାଜେଶ ପୃଷ୍ଟି ଏବଂ ଚିନ୍ମୟ ପାତ୍ର, ସୋମ୍ୟ ଭୃତିଆଙ୍କ ଭଳି ଅନ୍ୟ ସଦସ୍ୟଙ୍କ ସହ ମିଶି ସେବା ମନୋବୃତ୍ତି ପାଇଁ ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସେହିଭଳି ଭାଜପା ନେତା ବାବୁ ସିଂ, ପୂର୍ବତନ କର୍ପୋରେଟର ସୁବାସିନୀ ପୃଷ୍ଟି, ବାସୁଦେବ ମିଶ୍ର ପ୍ରମୁଖ କର୍ମୀଙ୍କ ସହ ଦଳୀୟ ସଙ୍ଗଠନ ମଜଭୁତ ପାଇଁ ଆଲୋଚନା କରିଥିଲେ।

### ୨୮ ବରିଷ୍ଠ ଐତିହାସିକ, ଲେଖକଙ୍କୁ ସମ୍ବର୍ଦ୍ଧିତ କଲା କାପୋକ୍

ଭୁବନେଶ୍ୱର,୩୦।୬(ବ୍ୟୁରୋ): କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ(କାପୋକ) ତରଫରୁ ସୂଚନା ଭବନସ୍ଥିତ ଗୀତ ଗୋବିନ୍ଦ ସଦନରେ ରବିବାର ଲେଖକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। 'ଶିଶୁପାଳଗଡ ଦି ଲଷ୍ଟ୍ ସିଟି' ପୁସ୍ତକରେ ତଥ୍ୟଭିତ୍ତିକ ପ୍ରବନ୍ଧ ଲେଖିଥିବା ରାଜ୍ୟର ୨୮ଜଣ ବରିଷ୍ଠ ତଥା ଜଣାଶୁଣା ଐତିହାସିକ, ଲେଖକ, ଲେଖିକା ଓ କବିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ କବି ଡ. ହୁସେନ ରବି ଗାନ୍ଧୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜ୍ଞାନ ଓ କାରିଗରି କୌଶଳ, ସାଧାରଣ ଉଦ୍ୟୋଗ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଓଡିଶାର କଳା, ସଂସ୍କୃତି ଓ ଇତିହାସ ସହ ଐତିହ୍ୟର ସୁରକ୍ଷା ନିମନ୍ତେ ସରକାର ନେଇଥିବା ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। କାପୋକ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ 'ଶିଶୁପାଳଗଡ ଦି ଲଷ୍ଟ୍ ସିଟି' ଏକ ତଥ୍ୟଭିତ୍ତିକ ଐତିହାସିକ ଓ ଶିକ୍ଷଣୀୟ ପ୍ରବନ୍ଧ ପୁସ୍ତକ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। କାପୋକ ସଂପାଦକ ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭିକ ସଭାପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଡ. ସନ୍ଦିପ କୁମାର ରାଉତ ଓ ସୁଭ୍ରାଂଶୁ ଶେଖର ସାହୁ ଯନ୍ତ୍ର ସଂଗୀତ ପରିବେଷଣ କରିଥିଲେ। ଏହାପରେ ଉପସ୍ଥିତ କବିଙ୍କ ଦ୍ୱାରା ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା।

### ଦୁଇ କାର, ବାଇକ୍‌କୁ ଧକ୍କା ଦେଲା ହାଇୱା

ପୁରୁଣା ଭୁବନେଶ୍ୱର,୩୦। ୬ (ଡି.ଏନ.ଏ.)- ଧଉଳି ଥାନା ଅଧୀନ ୩୧୬ ନଂ. ପୁରୀ-ଭୁବେନଶ୍ୱର ଜାତୀୟ ରାଜପଥରେ ରବିବାର ପୂର୍ବାହ୍ନରେ ଏକ ବାଲିବୋଝେଇ ହାଇୱା ରାସ୍ତାରେ ଥିବା ଦୁଇଟି କାର ଓ ବାଇକ୍‌କୁ ଧକ୍କା ଦେଇଥିଲା। ସୌଭାଗ୍ୟବଶତଃ କାର ଚାଳକ ରାସ୍ତାପାର୍ଶ୍ୱରେ କାର ରଖି ଶୌଚ ହେବାକୁ ଯାଇଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିଗୁଡିକୁ ଜବତ କରିବା ସହ ହାଇୱା ଚାଳକଙ୍କ ବିରୋଧରେ କୌଣସି ମାମଲା ରୁଜୁ କରି ନ ଥିବା ଜଣାପଡିଛି।

### ଜେଲ୍ ଗଲେ ୨ ଲୁଟେରା

ଭୁବନେଶ୍ୱର, ୩୦।୬(ବ୍ୟୁରୋ)- ରାଜମହଲ ଛକରେ ଜଣେ ମହିଳାଙ୍କଠାରୁ ମୋବାଇଲ ଫୋନ୍ ଲୁଟ କରି ଫେରାର ଥିବା ଦୁଇ ଅଭିଯୁକ୍ତଙ୍କୁ କ୍ୟାପିଟାଲ ଥାନା ପୋଲିସ ରବିବାର ଗିରଫ କରିଛି। ସେମାନଙ୍କ ନିକଟରୁ ଲୁଟ୍ ମୋବାଇଲ ଫୋନ୍ ସହ ଏକ କଳା ପଲ୍‌ସର ଜବତ କରିଛି। ଗିରଫ ଅଭିଯୁକ୍ତମାନ ହେଲେ ପୁରୀ ଜିଲା କଣାସ ଥାନା ଅଞ୍ଚଳର ସୁମନ୍ତ ବେହେରା(୨୪) ଓରଫ ରାଜା ବେହେରା ଓ ନୟାଗଡ ଜିଲା ଓଡଗାଁ ଥାନା ଅଞ୍ଚଳର ସଞ୍ଜୟ ନାୟକ(୧୯)। ସୂଚନା ମୁତାବକ, ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆର୍‌ସି ଭିଲେଜରେ ରହୁଥିବା ଶକୁନ୍ତଳା ଓଝା ଗତ ୨୫ ତାରିଖରେ ମାର୍କେଟିଂ କରିବାକୁ ୧ ନମ୍ବର ହାଟ ଆସିଥିଲେ। ରାଜମହଲ ଛକ ନିକଟରେ ସେ ଯାଉଥିବାବେଳେ ଦୁଇ ଅଭିଯୁକ୍ତ ଏକ କଳା ପଲସରରେ ପଛରୁ ଆସି ମୋବଇଲ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଶକୁନ୍ତଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୩୪/୧୯ରେ ଏକ ମାମଲା ରୁଜୁ କରି ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା।

# ଦିନକ ପରେ ହୁଏ ରଥଟଣା

କାକଟପୁର, ୩୦ ।୬(ଡି.ଏନ୍.ଏ.)



**ଭିନ୍ନ ଏକ ରଥଯାତ୍ରା**

ଜଗତର ନାଥ ଜଗନ୍ନାଥ, ପ୍ରତ୍ୟେକ ଓଡ଼ିଆର ସେ ପ୍ରାଣପ୍ରିୟ ଠାକୁର, ତାଙ୍କ ଲୀଳା ବିଚିତ୍ର, ଭକ୍ତ ପାଇଁ ସେ ଅଟକି ଯାନ୍ତି ବଡ଼ଦାଣ୍ଡରେ। ରଥଯାତ୍ରାକୁ ଆଉ ରହିଲା ୪ଦିନ। ଏଥିପାଇଁ କେବଳ ଶ୍ରୀକ୍ଷେତ୍ର ପୁରୀ ନୁହେଁ ଯେଉଁଠାରେ ଜଗନ୍ନାଥ ମନ୍ଦିର ରହିଛି ଏବଂ ରଥଯାତ୍ରା ପାଳନ ହେଉଛି ସେଠାରେ ମଧ୍ୟ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ଶ୍ରୀକ୍ଷେତ୍ରରେ ରଥଯାତ୍ରା ଦିନ ରଥଟଣା ହେଉଥିବାବେଳେ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ବନ୍ତିଳୋ ଗ୍ରାମରେ ଗୋଟିଏ ଦିନ ପରେ ରଥଟଣା ହୋଇଥାଏ। କାହିଁ କେତେକାଳରୁ ଏହି ପ୍ରଥା ପ୍ରଚଳିତ ହୋଇଆସୁଛି।

ଗ୍ରାମବାସୀ ଚତୁର୍ଦ୍ଧା ମୂର୍ତ୍ତୀଙ୍କ ପାଇଁ ସୁନ୍ଦର ମନ୍ଦିର ନିର୍ମାଣ କରିଛନ୍ତି। ରଥଯାତ୍ରା ଦିନ ଚତୁର୍ଦ୍ଧା ବିଗ୍ରହଙ୍କୁ ମନ୍ଦିରରୁ ରଥକୁ ପହଣ୍ଡି କରି ନିଆଯାଇଥାଏ। ରଥ ଉପରେ ଠାକୁରମାନଙ୍କ ପୂଜା ନୀତି ଅନୁଷ୍ଠିତ ହୋଇ ପରଦିନ ରଥଟଣା ହୋଇଥାଏ। ଠାକୁରମାନେ ଘରଘର ଭୋଗଖାଇ ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚିଥାନ୍ତି। ଦିନକ ପରେ କାହିଁକି ରଥଟଣା ହୁଏ ସେ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ କାରଣ ଜଣାପଡିନାହିଁ। ତେବେ ଠାକୁରଙ୍କ ପୂଜକ ସୁରେନ୍ଦ୍ର ପାଢ଼ୀ କୁହନ୍ତି, ଠାକୁର ନିଜେ ଶ୍ରୀଗୁଣ୍ଡିଚା ପରଦିନ ରଥଟଣାହେବାକୁ ସ୍ୱପ୍ନାଦେଶ ଦେଇଥିଲେ। ସେହି ଦିନଠାରୁ ଗୋଟିଏ ଦିନ ପରେ ଏଠାରେ ରଥଟଣା ହୋଇଆସୁଛି। ଗ୍ରାମବାସୀ ନୃସିଂହ ମୁଦୁଲି ଓ ମାଧବଚନ୍ଦ୍ର ବାରିକ କୁହନ୍ତି, ଆମେ ଆମ ଜେଜେବାପାଙ୍କଠାରୁ ଶୁଣିଛୁ ଯେ, ଯେତେବେଳେ ଗ୍ରାମରେ ରଥଯାତ୍ରା ଉତ୍ସବ ପାଳନ କରିବାକୁ ସିଦ୍ଧାନ୍ତ ହେଲା ସେ ସମୟରେ କେତେଜଣ ଗ୍ରାମାବାସୀ ଅରାଜି ହେଲେ। କାରଣ ସେମାନେ ରଥଯାତ୍ରା ଦିନ ପୁରୀରେ କିଛି ବ୍ୟବସାୟ କରି ପରିବାର ଚଳାଉଥିଲେ। ବହୁ ବିଚାର ବିମର୍ଷ ପରେ ରଥଯାତ୍ରା ଉତ୍ସବ ପାଳନ କରାଯିବାକୁ ସ୍ଥିର ହେଲା। ଏ ସମ୍ପର୍କରେ ପୂର୍ବତନ ସରପଞ୍ଚ ନିର୍ମଳ ମଲ୍ଲ କୁହନ୍ତି, ସବୁ ସେଇ ମହାପ୍ରଭୁଙ୍କ ଇଚ୍ଛାରେ ଚାଲୁଛି। ଆମେ କେବଳ ତାଙ୍କଦ୍ୱାରା ପରିଚାଳିତ ହେଉଛୁ।

# ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ

ନିମାପଡ଼ା,୩୦ ।୬(ଡି.ଏନ୍.ଏ.)

ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନମଣ୍ଡଳୀସ୍ତରୀୟ ଏକ ସମ୍ବର୍ଦ୍ଧନା ସମାରୋହ ରବିବାର ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଗତ ବିଧାନସଭା ନିର୍ବାଚନରେ ଦଳର ବିଜୟ ତଥା ବିଜେଡି ପ୍ରାର୍ଥୀଙ୍କ ବିଜୟ ପାଇଁ ସହଯୋଗ ଓ ପରିଶ୍ରମ କରିଥିବା ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ସ୍ଥାନୀୟ ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀରରଞ୍ଜନ ଦାଶ ଉତ୍ତରୀୟ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା କରିଥିଲେ। ନିମାପଡ଼ା ନିର୍ବାଚନମଣ୍ଡଳୀର ୨୮୦ଟି ବୁଥର ୫୪୬ଜଣ କାର୍ଯ୍ୟକର୍ତ୍ତାଙ୍କ ସମେତ ୪୬ ଗ୍ରାମ ପଞ୍ଚାୟତର ଓ ନିମାପଡ଼ା ଏନଏସିର ୧୧ଟି ଓ୍ୱାର୍ଡର ସଭାପତି, ସମ୍ପାଦକ, କାର୍ଯ୍ୟକର୍ତ୍ତା, ପଞ୍ଚାୟତସ୍ତରୀୟ ନେତୃବୃନ୍ଦ, ସମସ୍ତ ପର୍ଯ୍ୟବେକ୍ଷକ, ଦଳୀୟ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ, ବହୁ ମହିଳା ଜନତା ଦଳ, ଛାତ୍ର ଓ ଯୁବନେତା ଦଳ ନେତୃବୃନ୍ଦ, ନିମାପଡ଼ା ବ୍ଲକ ବିଜେଡି ସଭାପତି, କାର୍ଯ୍ୟକର୍ତ୍ତା ସଭାପତି, ଗୋପ ବ୍ଲକ ବିଜେଡି ସଭାପତିଙ୍କ ସମେତ ପ୍ରାୟ ୧ହଜାର ଦଳୀୟ କର୍ମକର୍ତ୍ତାଙ୍କୁ ଏହି ସମାରୋହରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହିସମାରୋହରେ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଦାଶ ଯୋଗଦେଇ ଏ ବିଜୟ ମୋର ନୁହେଁ, ସମଗ୍ର ନିର୍ବାଚନମଣ୍ଡଳୀ ବାସୀଙ୍କର ବିଜୟ ବୋଲି କହିଥିଲେ। ଅନ୍ୟ ଅତିଥି ଭାବେ ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ନିମାପଡ଼ା ବ୍ଲକ ବିଜେଡି ସଭାପତି ପ୍ରସନ୍ନ ମହାନ୍ତି, କାର୍ଯ୍ୟକାରୀ ସଭାପତି ଅଶୋକ ସାହୁ, ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ ଯୋଗଦେଇଥିଲେ। ଏହାସହ ଏହି ସମାରୋହରେ ଗୋପ ବ୍ଲକ ବେଦପୁର ପଞ୍ଚାୟତର ସରପଞ୍ଚ ଶଙ୍ଖଲତା ମିଶ୍ର ଭାଜପା ଦଳ ତ୍ୟାଗ କରି ବିଜେଡିରେ ସାମିଲ ହୋଇଛନ୍ତି। ଦଳରେ ନୂତନ ଭାବେ ଯୋଗଦେଇଥିବା ସରପଞ୍ଚଙ୍କୁ ମନ୍ତ୍ରୀ ଦାଶ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ।



ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ।

# ଫୁଲରେ ସଜେଇ ହେବ ବଡ଼ଦେଉଳ, ଗୁଣ୍ଡିଚା ମନ୍ଦିର

■ ଫୁଲ ଦେବେ ଦିଲ୍ଲୀର ଭକ୍ତ
■ ସଜାଇବେ ୨୦୦ କାରିଗର

ପୁରୀ ଅଫିସ, ୩୦।୬:

ମହାପ୍ରଭୁଙ୍କ ସେବା ଭାଗ୍ୟରେ ଥିଲେ ମିଳେ। ଅନେକ ବ୍ୟକ୍ତି ଦାରୁଦିଅଁଙ୍କ ସେବା କରିବାକୁ ଇଚ୍ଛା କରୁଥିଲେ ମଧ୍ୟ ସୁଯୋଗ ପାଉ ନାହାନ୍ତି। ଆଉ ଯେଉଁମାନେ ଏହି ସୁଯୋଗ ପାଆନ୍ତି ସେମାନେ ନିଜକୁ ଧନ୍ୟ ମଣିଥାନ୍ତି। ତେବେ ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ସେବା କରିବାକୁ ଅନେକ ଆଗେଇ ଆସନ୍ତି। କିଏ ଝାଡୁମାରି ବଡ଼ଦାଣ୍ଡକୁ ସଫା କରିଥାନ୍ତି ତ ଆଉ କେହି ଭକ୍ତଙ୍କୁ ସେବା ଯୋଗାଇ ମହାପ୍ରଭୁଙ୍କ କରୁଣାପ୍ରାପ୍ତି ଆଶା କରିଥାନ୍ତି। ତେବେ ଏଥର ଜଣେ ଭକ୍ତ ମହାପ୍ରଭୁଙ୍କ ସେବା କରିବାକୁ ଆଗେଇ ଆସିଛନ୍ତି ସୁଦୂର ଦିଲ୍ଲୀରୁ। ସେ ରଥଯାତ୍ରା ସମୟରେ ବଡ଼ଦେଉଳ ଏବଂ ଗୁଣ୍ଡିଚା ମନ୍ଦିରକୁ ଫୁଲରେ ସଜାଇବା ପାଇଁ ଇଚ୍ଛା ରଖିଥିଲେ। ଶ୍ରୀମନ୍ଦିର ପ୍ରଶାସନ ତାଙ୍କୁ ଏଥିପାଇଁ ଅନୁମତି ଦେଇଥିବା ଜଣାପଡିଛି।

ପ୍ରତିବର୍ଷ ରଥଯାତ୍ରା ସମୟରେ ଶ୍ରୀମନ୍ଦିର, ଗୁଣ୍ଡିଚା ମନ୍ଦିର ଏବଂ ତିନିରଥକୁ ଫୁଲରେ ସଜା ଯାଇଥାଏ। ଶ୍ରୀମନ୍ଦିର ପ୍ରଶାସନ ଏହି ଫୁଲ ଯୋଗାଇଥାଏ। କିନ୍ତୁ ଏଥର ଦିଲ୍ଲୀର କେ.କେ. ଶର୍ମା ନାମକ ଜଣେ ଭକ୍ତ ଫୁଲ ଦେବା ପାଇଁ ଆଗ୍ରହ ପ୍ରକାଶ କରି ମନ୍ଦିର ପ୍ରଶାସନକୁ ଜଣାଇଥିଲେ। ପ୍ରଶାସନ ମଧ୍ୟ ତାଙ୍କୁ ଅନୁମତି ଦେଇଥିଲା। ରବିବାର ଶର୍ମା ଫୁଲ ଏବଂ ଏହାକୁ ସଜାଇବା ପାଇଁ ଲୋକ ଆଣି ପୁରୀରେ ପହଞ୍ଚିଛନ୍ତି। ଫୁଲ ଶ୍ରୀମନ୍ଦିର ପରିସରରେ ରଖାଯାଇଥିବା ବେଳେ ଶର୍ମା ମଧ୍ୟ ମୁଖ୍ୟ ପ୍ରଶାସକଙ୍କୁ ସାକ୍ଷାତ୍ କରିଛନ୍ତି। ପ୍ରାୟ ୨୦୦ ଲୋକ ଶ୍ରୀମନ୍ଦିର ଏବଂ ଶ୍ରୀଗୁଣ୍ଡିଚା ମନ୍ଦିରରେ ଫୁଲ ସଜାଇବାକୁ ଆସିଛନ୍ତି।

ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ରଥଯାତ୍ରା ଦିନ ସାତପାହାଚ, କୀର୍ତ୍ତନ ଚକଡ଼ା କାଣ୍ଟ, ଆନନ୍ଦ ବଜାର ଗୁମୁଟ, ବାଇଶିପାହାଚ ଦୁଇପାର୍ଶ୍ୱ, ସିଂହଦ୍ୱାର ଗୁମୁଟ, ସିଂହଦ୍ୱାର ପ୍ରଭୃତି ଜାଗାରେ ଫୁଲ ସଜାଯିବ। ସେହିପରି ଗୁଣ୍ଡିଚା ମନ୍ଦିରକୁ ସମ୍ପୂର୍ଣ୍ଣ ଭାବେ ଫୁଲରେ ସଜାଯିବ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

### ଲାପଟପ୍ ଫେରିପାଇଲେ ଯୁବକ

ପୁରୀ ଅଫିସ, ୩୦।୬:

ଆରପିଏଫ୍ ପୋଲିସର ବଦାନ୍ୟତାରୁ ଜଣେ ଯାତ୍ରୀ ଲାପଟପ୍ ଫେରିପାଇଛନ୍ତି। ରବିବାର ପୁରୀ ଆରପିଏଫ୍ ପୋଲିସ ତାଙ୍କୁ ଲାପଟପ୍ ହସ୍ତାନ୍ତରିତ କରିଛନ୍ତି। ମିଳିଥିବା ସୂଚନା ପ୍ରକାରେ ଏଲ୍.ବାଲକୃଷ୍ଣ ହାଓଡା-ପୁରୀ ଏକ୍ସପ୍ରେସରେ ଭୁବନେଶ୍ୱର ଆସୁଥିଲେ। ଭୁଲ ବଶତଃ ସେ ନିଜର ଲାପଟପ୍ ଟ୍ରେନ୍‌ରେ ଛାଡି ଦେଇଥିଲେ। ଏନେଇ ସେ ରେଲୱେ ହେଲପ୍ ଲାଇନ ୧୮୨ରେ ଅଭିଯୋଗ କରିଥିଲେ। ଏହି ସମୟରେ ଉକ୍ତ ଟ୍ରେନରେ ଡ୍ୟୁଟି କରୁଥିବା ଆରପିଏଫ୍ ଏସ୍‌ଆଇ ଏକେ.ବାରିକ ଏହି ଲାପଟପ୍ ପାଇଥିଲେ। ଲାପଟପ୍ ବ୍ୟାଗରେ ରହିଥିବା ଠିକଣା ଏବଂ ନମ୍ବରକୁ ସର୍ଚ୍ଚ କରିବା ସମୟର ପୋଲିସ ଲାପଟପ୍ ହଜିଥିବା ଯୁବକଙ୍କ ସମ୍ପର୍କରେ ସୂଚନା ପାଇଥିଲେ। ରବିବାର ଆରପିଏଫ୍ ଥାନା ଅଧିକାରୀ ଅନିଲ କୁମାର ସିଂଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ସଂପୃକ୍ତ ଯୁବକଙ୍କୁ ଥାନାକୁ ଡକାଇ ତାଙ୍କୁ ଲାପଟପ୍ ହସ୍ତାନ୍ତର କରିଥିଲେ।

# କବିତା ପାଠୋତ୍ସବ, ଆଲୋଚନା ଚକ୍ର

ପୁରୀ ଅଫିସ, ୩୦।୬:

ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦ ଆନୁକୁଲ୍ୟରେ ଶ୍ରୀ ଅଲାରନାଥଙ୍କ ମନ୍ଦିର ସମ୍ମୁଖ ଭାଗବତ ସୁରକ୍ଷା ସେବା ସମିତି ମଞ୍ଚରେ ରବିବାର ପୂର୍ବାହ୍ନରେ ଏକ ଅଣସର କବିତା ପାଠୋତ୍ସବ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ହରେକୃଷ୍ଣ ପ୍ରଧାନୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାସ୍କର ସୁଆର ମୁଖ୍ୟଅତିଥି, ବିଭୂଦତ୍ତ ଭିକାରୀଚରଣ ଜେନା, ନୀଳମଣି ସୁଆର, ବିଜୟ କୁମାର ଛାଟୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ରବିନ୍ଦ୍ରନାଥ ପଟ୍ଟନାୟକ ଏହାକୁ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଚାରୁଲତା ମିଶ୍ରଙ୍କ ସଂଯୋଜନାରେ କବିତା ପାଠ ଆୟୋଜିତ ହୋଇଥିଲା। କବି ରାଧାକୃଷ୍ଣ ପ୍ରଧାନୀ, ସୁରେଶ କୁମାର ପଟ୍ଟନାୟକ, ଗୁନ୍‌ଗୁନ୍ ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ।





ପୁରୀ ସଂସ୍କୃତି ଭବନଠାରେ ରବିବାର ଅଭିନୟନା ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ଡ୍ୟାନ୍ସ ଫେଷ୍ଟିଭାଲରେ ଜଣେ ଶିଳ୍ପୀ ନୃତ୍ୟ ପରିବେଷଣ କରୁଛନ୍ତି।

### ବଡ଼ଦାଣ୍ଡ ଅବରୋଧ କଲେ କାର୍ଯ୍ୟାନୁଷ୍ଠାନ

ପୁରୀ ଅଫିସ, ୩୦।୬:

ଆସନ୍ତା ୪ ତାରିଖରେ ରଥଯାତ୍ରା। ପୁରୀକୁ ଦେଶ ବିଦେଶରୁ ଲକ୍ଷ ଲକ୍ଷ ଭକ୍ତ ଆସିବେ। ତେଣୁ ସହରକୁ ଆବର୍ଜନାମୁକ୍ତ ଏବଂ ବଡ଼ଦାଣ୍ଡକୁ ଅବରୋଧମୁକ୍ତ ରଖିବା ଲାଗି ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। ଏଥିଲାଗି ପଦକ୍ଷେପ ମଧ୍ୟ ଆରମ୍ଭ କରିଛି। ବଡ଼ଦାଣ୍ଡରୁ ଉଠା କ୍ୟାବିନ, ଖଟ, ଠେଲାଗାଡି ଆଦି ହଟାଇବାକୁ ରବିବାରଠାରୁ ପୌରସଂସ୍ଥା ପକ୍ଷରୁ ଅଭିଯାନ ଆରମ୍ଭ ହୋଇଯାଇଛି। ଏପରି କି ସାହି, ଗଳିକନ୍ଦିରେ ନଳା ଉପରେ ପକାଯାଇଥିବା କ୍ୟାବିନ ମଧ୍ୟ ହଟାଯିବାକୁ ନିଷ୍ପତ୍ତି ନିଷ୍ପତ୍ତି ହୋଇଛି। ଯାତାୟାତ ଏବଂ ଟ୍ରାଫିକ ସମସା ଅଭିଯୋଗ ଉପରେ ଜିଲାପାଳ ବଲୱନ୍ତ ସିଂ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ତାଗିଦ ସତ୍ତ୍ୱେ ଅବମାନନା କଲେ ଦୋକାନ ସାମଗ୍ରୀ ଜବତ ସହ ଜରିମାନାର ମଧ୍ୟ ବ୍ୟବସ୍ଥା କରାଯାଇଛି। ଏପରି କି ଗଳିକନ୍ଦିରେ ଗୃହନିର୍ମାଣ ସାମଗ୍ରୀ ରଖି ଯାତାୟାତରେ ସମସ୍ୟା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ନିଆଯାଇଛି। ସହର ଏବଂ ବଡ଼ଦାଣ୍ଡରୁ ଅବରୋଧ ହଟାଇବା ପାଇଁ ସୋମବାର ସ୍କ୍ୱାଡ୍ ଚଢାଉ କରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଇନର ହୁଇଲ କ୍ଲବ ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ ଉତ୍ସବ

ପୁରୀ ଅଫିସ, ୩୦।୬:

ଇନର ହୁଇଲ୍ କ୍ଲବ ଶ୍ରୀଜଗନ୍ନାଥଧାମର ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ ଉତ୍ସବ ହଲିଡେ ରିସର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାୟପୁର ଇନର ହୁଇଲ ୩୨୬ର ଚେୟାରମ୍ୟାନ ଜାଗୃତି ଦୋଶୀ ଅଧ୍ୟକ୍ଷତା କରିଥିଲେ। ପ୍ରାକ୍ତନ ସଭାନେତ୍ରୀ ମଧୁସ୍ମିତା ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ନୂତନ ଭାବେ ହେବାକୁ ଥିବା ସଭାନେତ୍ରୀ ଝରଣା ନାୟକ ଓ ସମ୍ପାଦିକା ନିରୁପମା ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାକ୍ତନ ଓ ନୂତନ ସଭାନେତ୍ରୀଙ୍କ ମଧ୍ୟରେ ଦାୟିତ୍ୱ ବିନିମୟ କରାଯାଇଥିଲା। କ୍ଲବର ପତ୍ରିକା ଶକ୍ତିକୁ ଚେୟାରମ୍ୟାନ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ନୂତନ ସଭ୍ୟା ଜ୍ୟୋତ୍ସ୍ନାରାଣୀ ସାହୁ, ମିତାଲୀ ଦାସଗୁପ୍ତା, ଝିମିଲି ପଟ୍ଟନାୟକ, ଇନ୍ଦିରା ସୁବୁଦ୍ଧି, ପ୍ରତିମା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।





କାର୍ଯ୍ୟକ୍ରମରେ ଇନର ହୁଇଲ୍ କ୍ଲବ ଶ୍ରୀଜଗନ୍ନାଥଧାମର ସଦସ୍ୟାମାନେ।

# ଶିକ୍ଷକ ସଂଘର ଆଲୋଚନାଚକ୍ର

ପୁରୀ ଅଫିସ, ୩୦।୬:

ପ୍ରାଥମିକ ଶିକ୍ଷକ ସଂଘ ଓ ପ୍ରଗତିଶୀଳ ଶିକ୍ଷକ ଫୋରମ୍‌ର ମିଳିତ ଆନୁକୂଲ୍ୟରେ ଓଷ୍ଟା କାର୍ଯ୍ୟାଳୟରେ ଜାତୀୟ ଶିକ୍ଷାନୀତି ୨୦୧୯ ସମ୍ପର୍କରେ ଏକ ଆଲୋଚନା ଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ଓ ଗଣ ଶିକ୍ଷାର ବ୍ୟବସାୟକରଣ ଓ ଘରୋଇକରଣ ଲାଗି କେନ୍ଦ୍ର ସରକାର ଚକ୍ରାନ୍ତ କରୁଛନ୍ତି। ଏହାକୁ ଶିକ୍ଷକ ସଂଘ ତୀବ୍ର ବିରୋଧ କରିଛି। ଆୟୋଜିତ ଆଲୋଚନା ଚକ୍ରରେ ବରିଷ୍ଠ ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା କହିଲେ ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ ଜାତୀୟ ଶିକ୍ଷାନୀତିରେ ସେଭଳି କୌଣସି ବିଶେଷତା ନାହିଁ। ଅନ୍ୟପଟେ ଶିକ୍ଷାର ଘରୋଇକରଣ ଏବଂ ବ୍ୟବସାୟୀକରଣକୁ ରୋକିବା ଲାଗି ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ସରକାରୀ ସ୍କୁଲରେ ଶିକ୍ଷାବ୍ୟସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ସମଗ୍ର ଦେଶରେ ଶିକ୍ଷା ବ୍ୟବସ୍ଥାର ଅଧୋପତନ ହେବାକୁ ଲାଗିଛି। ହଜାର ହଜାର ଶିକ୍ଷକ ପଦବୀ ଖାଲି ପଡିଛି। ଏଥିପ୍ରତି ସରକାର କର୍ଣ୍ଣପାତ କରୁନାହାନ୍ତି। ଅନ୍ୟପଟେ ଯେଉଁ ଚିଠା ପ୍ରସ୍ତୁତ କରାଯାଇଛି। ତାହା କାର୍ଯ୍ୟକାରୀ ହେଲେ ଶିକ୍ଷା କ୍ଷେତ୍ରରେ ବିଭ୍ରାଟ ସୃଷ୍ଟି ହେବ। ଏହା ଉପରେ ସରକାର ତର୍ଜମା କରିବା ଆବଶ୍ୟକ। ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି, ଭିତ୍ତିଭୂମିର ବିକାଶ ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକତା ରହିଛି। କେନ୍ଦ୍ର ସରକାର ଯେପରି ଏକାଧିକ ଶିକ୍ଷା ଯୋଜନା ପ୍ରଣୟନ କରୁଛନ୍ତି, ତାହା ସଂଘୀୟ ବ୍ୟବସ୍ଥାର ବିରୋଧୀ। ଜାତୀୟ ଉତ୍ପାଦନର ୬ଭାଗ ଶିକ୍ଷା ପାଇଁ ଖର୍ଚ୍ଚ ଲାଗି ଯେଉଁ ପ୍ରସ୍ତାବ ପୂର୍ବରୁ ସୁପାରିଶ ହୋଇଥିଲା। ତାହା ଆଜି ମଧ୍ୟ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ନ ହେଲେ ଦେଶରେ ବିଶୃଙ୍ଖଳା ସୃଷ୍ଟି ହେବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା, ଓଷ୍ଟା ନେତା ଶଙ୍କର ସୁବୁଦ୍ଧି, ଶିକ୍ଷକ ନେତା ଶରତ ସେଠୀ, ମମତା ବେହେରା, ସୁଧାଂଶୁ ନାୟକ, ମହେଶ୍ୱର ମହାରଣା, ଖଗେଶ୍ୱର ଜେନା, ରାମକୃଷ୍ଣ ଜାଲି ଓ ବିପିନ୍ ମାଝି ପ୍ରମୁଖ ସାମିଲ ହୋଇଥିଲେ।

■ ଘରଭଙ୍ଗା ତଦନ୍ତ ପାଇଁ ଯାଇ ଅତିରିକ୍ତ ତହସିଲଦାର ହଟହଟା

# ଗାଁ ଭିତରକୁ ଛାଡ଼ିଲେନି ଶତାଧିକ ମହିଳା

ନିମାପଡ଼ା,୩୦ ।୬(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ରେଞ୍ଚଶାସନ ପଞ୍ଚାୟତର ବିଶ୍ୱାଳସାହି ଗ୍ରାମରେ ରବିବାର ବାତ୍ୟା କ୍ଷତିଗ୍ରସ୍ତ ଘରଭଙ୍ଗା ତଦନ୍ତ କରିବାକୁ ଯାଇ ଜଣେ ଅତିରିକ୍ତ ତହସିଲଦାର ହଟହଟା ହୋଇଛନ୍ତି। ଏପରିକି ଗ୍ରାମର ଶତାଧିକ ମହିଳା ଅତିରିକ୍ତ ତହସିଲଦାରଙ୍କୁ ଅଟକାଇବା ସହ ଗ୍ରାମ ଭିତରକୁ ଛାଡି ନ ଥିଲେ। ପ୍ରକାଶ ଯେ, ବାତ୍ୟାରେ ନିମାପଡ଼ା ବ୍ଲକ ଅଧୀନ ଅଞ୍ଚଳଗୁଡିକ ଅଧିକ କ୍ଷୟକ୍ଷତି ହୋଇଥିଲା। ଶତାଧିକରୁ ଉର୍ଦ୍ଧ୍ୱ ଲୋକ ବାସଗୃହ ହରାଇ ବେସାହାରା ହୋଇପଡିଥିଲେ। ଏ ନେଇ ବାତ୍ୟା ପରେ ରାଜସ୍ୱ ନିରୀକ୍ଷକ(ଆରଆଇ) ଓ ଅନ୍ୟ ସରକାରୀ କର୍ମଚାରୀଙ୍କ ସହ ବିଶ୍ୱାଳସାହି ଗ୍ରାମକୁ ଆସି ଘରଭଙ୍ଗା ତଦନ୍ତ କରିଥିଲେ। ଇତିମଧ୍ୟରେ ବାତ୍ୟା ଯିବାର ଓ ତଦନ୍ତ କରିବାର ବହୁଦିନ ବିତିଯାଇଥିଲେ ମଧ୍ୟ ନିମାପଡ଼ାର ଅନେକ ଅଞ୍ଚଳବାସୀ ଠିକ ଭାବେ ସହାୟତା ପାଇନାହାନ୍ତି। ଏହାସହ ତଦନ୍ତରେ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିବାପରେ ନିମାପଡ଼ା ତହସିଲର ଅତିରିକ୍ତ ତହସିଲଦାର ଲୋଚନ ଦାସ ରବିବାର ପୁନଃ ତଦନ୍ତ ପାଇଁ ବିଶ୍ୱାଳସାହି ଗ୍ରାମକୁ ଯାଇଥିଲେ। କିନ୍ତୁ ଶତାଧିକ ମହିଳା ସେମାନଙ୍କୁ ଅଟକାଇ ପୂର୍ବରୁ ତଦନ୍ତ ହୋଇଥିବା ରିପୋର୍ଟ କୁଆଡେ ଗଲା, କିଭଳି ତଦନ୍ତ ହୋଇଛି ବୋଲି ପ୍ରଶ୍ନ କରିଥିଲେ। ଫଳରେ ଅତିରିକ୍ତ ତହସିଲଦାର ପୂର୍ବ ରିପୋର୍ଟରେ ଅନିୟମିତତା ଥିବାର ଅଭିଯୋଗ ହେବା ଯୋଗୁ ପୁନଃ ଏହି ତଦନ୍ତ ହୋଇଛି ବୋଲି ମହିଳାମାନଙ୍କୁ ବୁଝାଇଥିଲେ। କିନ୍ତୁ ମହିଳାମାନେ ନିଜ ଜିଦ୍‌ରେ ଅଟଳ ରହିବାରୁ ବାଧହୋଇ ଅତିରିକ୍ତ ତହସିଲଦାର ବିନା ତଦନ୍ତରେ ନିରାଶ ହୋଇ ସେଠାରୁ ଫେରିଥିଲେ। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ଲୋଚନ ଦାସ କୁହନ୍ତି, ଶତାଧିକ ମହିଳା ମୋତେ ଅଟକାଇ ତଦନ୍ତ ପାଇଁ ଗ୍ରାମକୁ ନ ଛାଡିବାରୁ ମୁଁ ବିଶ୍ୱାଳସାହି ଗ୍ରାମରୁ ଫେରିଆସି ଅନ୍ୟ ଗ୍ରାମକୁ ତଦନ୍ତ ପାଇଁ ଯାଇଥିଲି ବୋଲି କହିଥିଲେ।